


# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୪ Vol. 22 No-164 13 SEPTEMBER 2025 SATURDAY, BHUBANESWAR ଶନିବାର, ୧୩ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







## ସଂକ୍ଷେପରେ...

### ଜଷ୍ଟିସ ସୁଶିଳା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ

କାଠମାଣ୍ଡୁ, ୧୨।୯: ନେପାଳରେ ହିଂସା ଥମିବା ପରେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ସୁଶିଳା କାର୍କିଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ସେ ଶୁକ୍ରବାର ରାତିରେ ଶପଥଗ୍ରହଣ କରିଛନ୍ତି। ଜେନ୍-ଜେଡ୍ ବୈଠକରେ ତାଙ୍କ ନାମ ସୁପାରିସ କରାଯାଇଥିଲା। ଅନ୍ୟପକ୍ଷରେ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ନେପାଳ ସଂସଦକୁ ଭଙ୍ଗ କରିଛନ୍ତି।

### ୨ ମାଓବାଦୀ ନିପାତ

ମାଲକାନଗିରି, ୧୨।୯ (ଭାସ୍କର ନ୍ୟୁଜ): ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ଜଣ ମାଓବାଦୀ ନିପାତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗୁରୁବାର ଛତିଶଗଡ଼ର ଗରିଆବନ୍ଧ ଜିଲ୍ଲାରେ ସୁରକ୍ଷାକର୍ମୀ ୧୦ ମାଓବାଦୀଙ୍କୁ ଗୁଳିକରି ହତ୍ୟା କରିଥିଲେ।


### ବଜ୍ରାଘାତରେ ୩ ମୃତ

ରାୟଗଡ଼ା, ୧୨।୯ (ଭାସ୍କର ନ୍ୟୁଜ): ରାୟଗଡ଼ା ସଦରବ୍ଲକ ବିଷ୍ଣୁଗୁଡ଼ାରେ ଚାଷଜମିରେ କାମ କରୁଥିବା ବଜ୍ରପାତ ଘଟିବାରୁ ୩ଜଣଙ୍କର ମୃତ୍ୟୁ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସେନ୍‌ସେକ୍ସ: ୮୧,୯୦୪.୭୦
ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୨।୯।୨୦୨୫ ର ମତାମତ**

ସାରର ଅଭାବ ନେଇ ଚାଷୀ ଆନ୍ଦୋଳନ କରିବା ଯଥାର୍ଥ ନୁହେଁ କି?




**ଆଜିର ପ୍ରସଙ୍ଗ**

ଓଏଏସ୍ ଟପ୍ପର ଲାଞ୍ଚ ନେବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସେପଟେ ଭାସୁଛି ଉତ୍ତର ଭାରତ
ଏପଟେ ଉତ୍ତର ଓଡ଼ିଶା,
ଚାଷବାସ ସବୁ ଚୂଲିକୁ ଗଲାଣି
ନିର୍ଘାତ ଛେଚୁଛି ବରଷା ।
ଏକା ଭଗବାନ ଭରସା,
ପୃଥ୍ୱୀ ଜଳାର୍ଣ୍ଣବ ତ୍ରାହି ତ୍ରାହି ଜୀବ
ବୁଡ଼ିଲାଣି ଜାଣ ବେଉସା !

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ସାରା ଦେଶରେ ବାଣ ବନ୍ଦ ଜରୁରି



- ବାଣ ଜନିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ
- ବାଣ ସୃଷ୍ଟି କରୁଛି ସାଂଘାତିକ ପ୍ରଦୂଷଣ
- କେବଳ ଦିଲ୍ଲୀପାଇଁ ସ୍ୱତନ୍ତ୍ର ଆଇନ ହୋଇପାରିବନି

ନୂଆଦିଲ୍ଲୀ, ୧୨।୯: ଦୀପାବଳି ଅବସରରେ ସାରା ଦେଶରେ ଫୁଟୁଥିବା ବିଷାକ୍ତ ବାଣ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ତେବେ ସାରା ଦେଶରେ ବାଣ ବନ୍ଦ ସପକ୍ଷରେ ସୁପ୍ରିମକୋର୍ଟ ଶନିବାର ମତ ରଖିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଦିଲ୍ଲୀ-ଏନସିଆର ଭଳି ସମଗ୍ର ଦେଶରେ ବାଣ ତିଆରି ଓ ଫୁଟାଇବା ବନ୍ଦ କରିବା ଜରୁରି। ଦେଶର ଅନ୍ୟ ସହରଗୁଡ଼ିକ ସାଂଘାତିକ ପ୍ରଦୂଷଣର ସାମ୍ନା କରୁଥିବାବେଳେ ବାଣ ବ୍ୟାନ ନିଷ୍ପତ୍ତି କେବଳ ଦିଲ୍ଲୀ-ଏନସିଆରରେ କାହିଁକି ଲାଗୁ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ-ଏନସିଆରରେ ବର୍ଷତମାମ ବାଣ ତିଆରି ଓ ଫୁଟାଇବା ଉପରେ ରୋକ୍ ଲଗାଯାଇଥିବାରୁ ଏହା ବିରୋଧରେ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଶନିବାର ସୁପ୍ରିମକୋର୍ଟରେ ହୋଇଥିଲା। ଶୁଣାଣି ସମୟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର.ଗବାଇ କହିଥିଲେ ଯେ ଯଦି ଦିଲ୍ଲୀ-ଏନସିଆରର ଲୋକମାନେ ବିଶୁଦ୍ଧ ବାୟୁପାଇଁ ହକ୍‌ଦାର, ତାହାହେଲେ ଅନ୍ୟ ସହରର ଲୋକମାନେ କାହିଁକି ଏହା ପାଇବେ ନାହିଁ। ଯଦି ବାଣ ଉପରେ କୌଣସି ନୀତି ପ୍ରଣୟନ କରାଯାଏ ତେବେ ଏହା ସମଗ୍ର ଦେଶରେ ଲାଗୁ କରାଯିବା ଉଚିତ୍। ଶୁଣାଣିବେଳେ ପ୍ରଧାନ ବିଚାରପତି ଆହୁରି କହିଥିଲେ ଯେ ଆମେ କେବଳ ଦିଲ୍ଲୀପାଇଁ ନୀତି ଆଣିପାରିବୁ ନାହିଁ। ଦିଲ୍ଲୀର ଲୋକମାନେ ଦେଶର ଆଭିଜାତ୍ୟ ସମ୍ପନ୍ନ ନାଗରିକ • ପୃଷ୍ଠା ୫ ଦେଖନ୍ତୁ



ନୂଆଦିଲ୍ଲୀରେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଉପସ୍ଥିତ ଅଛନ୍ତି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ

# ଆଜି ମଣିପୁର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୨।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତରେ ଯିବେ। ମଣିପୁର ହିଂସାପରେ ପ୍ରଥମ ଥରପାଇଁ ପ୍ରଧାନମନ୍ତ୍ରୀ ଏହି ଗସ୍ତ କରିବେ। ମଣିପୁରର ମୁଖ୍ୟସଚିବ ପୁନିତ ଗୋଏଲ ପ୍ରଧାନମନ୍ତ୍ରୀଙ୍କ ଗସ୍ତନେଇ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଶାନ୍ତି ଓ ବିକାଶର ପଥ ପ୍ରଶସ୍ତ କରିବ। ଶନିବାର ୧୨.୧୫ରେ ପ୍ରଧାନମନ୍ତ୍ରୀ ମିଜୋରାମର ରାଜଧାନୀ ଆଇଜଲରୁ ମଣିପୁରରୁ • ପୃଷ୍ଠା ୫ ଦେଖନ୍ତୁ

# ଶପଥ ନେଲେ ନୂତନ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୨।୯: ଦେଶର ନୂତନ ରାଷ୍ଟ୍ରପତି ଭାବେ ଶୁକ୍ରବାର ଶପଥଗ୍ରହଣ କରିଛନ୍ତି ସି.ପି.ରାଧାକ୍ରିଷ୍ଣନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ହରିଆଣା ମୁଖ୍ୟମନ୍ତ୍ରୀ ନାଏବସିଂ ସଇନୀ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଶ୍ରୀ ରାଧାକ୍ରିଷ୍ଣନ ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଗତ ୯ ତାରିଖରେ ହୋଇଥିବା ନିର୍ବାଚନରେ ତାଙ୍କୁ ମୋଟ ୪୫୨ ଖଣ୍ଡ ଭୋଟ ମିଳିଥିବାବେଳେ ଇଣ୍ଡିମେଣ୍ଟର ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ଖଣ୍ଡ ଭୋଟ ମିଳିଥିଲା। ଉପରାଷ୍ଟ୍ରପତି ହେବା ପୂର୍ବରୁ ଶ୍ରୀ ରାଧାକ୍ରିଷ୍ଣନ ମହାରାଷ୍ଟ୍ର ରାଜ୍ୟପାଳ ଥିଲେ। ସେ ଗୁରୁବାର ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଇଥିଲେ। ଶୁକ୍ରବାର ସକାଳ ୧୦.୧୦ ମିନିଟରେ ସେ ଶପଥ ନେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସେ ଜଣେ ସକ୍ରିୟ ସଦସ୍ୟ ସହ ତାମିଲନାଡୁର ବରିଷ୍ଠ ବିଜେପି ନେତାଭାବେ ବେଶ୍ ପରିଚିତ। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୧ ତାରିଖରେ ଉପରାଷ୍ଟ୍ରପତି ଥିବା ଜଗଦୀପ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ତେବେ ଉପରାଷ୍ଟ୍ରପତିଙ୍କ ଶପଥଗ୍ରହଣ ସମାରୋହରେ ଧନଖଡ଼ଙ୍କୁ ଦେଖିବାକୁ ମିଳିଥିଲା। ଦୀର୍ଘ ୫୩ଦିନ ଧରି ତାଙ୍କର ଦେଖା ମିଳିନଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ସି.ପି.ରାଧାକ୍ରିଷ୍ଣନ ଏନଡିଏର ପ୍ରାର୍ଥୀ ହୋଇଥିବାବେଳେ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ ଇଣ୍ଡିମେଣ୍ଟର ପ୍ରାର୍ଥୀଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ।


# ଲାଞ୍ଚ ନେଇ ବନ୍ଧା ହେଲେ ଓଏଏସ୍ ଟପ୍ପର



ବାମରା, ୧୨।୯ (ଭାସ୍କର ନ୍ୟୁଜ): ଯେତେଯାହା କଲେ ମଧ୍ୟ ସରକାରୀ ବାବୁଙ୍କ ଲାଞ୍ଚ ପ୍ରବୃତ୍ତି ମନରୁ ଯାଉନାହିଁ। ତେବେ ଶୁକ୍ରବାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ୨୦୧୯ ଓଡ଼ିଶା ଟପ୍ପର ଅଶ୍ୱିନୀ ପଣ୍ଡା। ସେ ବାମରାର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସହ ତାଙ୍କ ଡ୍ରାଇଭର ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି। ବାମରା ବ୍ଲକ ସଦରମହକୁମା ଗୋବିନ୍ଦପୁରର ଭିକି ନାୟକ ନାମକ ଜଣେ ବ୍ୟକ୍ତି ଏକ ଜମି ମ୍ୟୁଟେସନ ଏବଂ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ। ହେଲେ ତହସିଲଦାର ଅଶ୍ୱିନୀ ପଣ୍ଡା ଲାଞ୍ଚ ମାଗୁଥିବା ନେଇ ଭିକି ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ତହସିଲଦାର ଶ୍ରୀ ପଣ୍ଡା ତାଙ୍କ ଡ୍ରାଇଭର ପ୍ରବୀନ କୁମାରଙ୍କ ମାଧ୍ୟମରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଧରିଥିଲେ। ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଭିଜିଲାନ୍ସ ଟିମ୍ ତାଙ୍କ ପତ୍ନୀ ରହୁଥିବା ଭିଜିଲାନ୍ସ ଫ୍ଲାଟ୍‌ରେ ଚଢାଉ କରି ୪ଲକ୍ଷ ୭୩ ହଜାର ଟଙ୍କା ଜବତ କରିଥିବା ସୂଚନା ମିଳିଛି। ଏହି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

### ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର, ୧୨।୯ (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ବିଜୟ ଅମୃତ କୁଲାଙ୍ଗେଙ୍କୁ ରାଜ୍ୟ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସାସେବା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଆଇଏଏସ୍ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜାତି/ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପି.ଅନ୍ୱେଷା ରେଡ୍ଡୀଙ୍କୁ ଆଇଜିଆର କଟକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।



ପୁରୁଣାକଟକ(ଭାସ୍କର ନ୍ୟୁଜ): କଟକ ସଦର ଥାନାରେ କିଛି ଦିନ ତଳେ ନିଯୁକ୍ତି ପାଇଥିବା ନବଗତ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କୁ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଉଭରାୟ ପୁଷ୍ପତୋଡା ସୌଜନ୍ୟମୂଳକ ଭାବେ କର୍ମକର୍ତ୍ତାମାନେ ସାକ୍ଷାତ କରି ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏକ ପଟେ ଫଟୋ ପ୍ରଦାନ କରିଛନ୍ତି । ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଠିକ୍ ନ୍ୟାୟ ମିଳିବ ଏବଂ ସଦର ଥାନା ଅଞ୍ଚଳରେ ଅଛନ ଭଳି କଲୁଆଣ ବିଷ୍ଣୁସାମନ୍ତରାୟ ରିହ୍ୱାରେ ଟ୍ରକ୍ କାର୍ଯ୍ୟାକ୍ଷାନ ଭ୍ରଷଣ କରିବାକୁ ଦାବି କରିବା ସହିତ ଏହି ଥାନା ଅଞ୍ଚଳରେ ପୁରୁଣାକଟକ - ନିଆଳି ରାସ୍ତା, ମହିଷପାଦ - ଗୋବିନ୍ଦପୁର ରାସ୍ତା, ପ୍ରତାପନଗରୀ କାଛକୁଟ୍ରା ରାସ୍ତା, ଗୁଣ୍ଡ କେନାଲ, ଶଙ୍କରପୁର, ଲେଙ୍କାଁ, କୋଟକୋଳ ରାସ୍ତା, ଗୋପାଳପୁର ଚୁକଲେଙ୍କା ନଇ ବନ୍ଧ ରାସ୍ତା, କଲିକତା- କଲିପାଟଣା ରାସ୍ତା, ନାଗବଲି ବମ୍ବୁଟ ରାସ୍ତା, ବଡବରିଲୋଲୁ ଗଙ୍ଗେଶ୍ୱର ରାସ୍ତା, କୁରାଙ୍ଗପ୍ରଧାନରୁ ଶୁଦ୍ଧାନନ୍ଦ ଇଞ୍ଜିନିୟରିଂ କଲେଜ ରାସ୍ତା ପ୍ରଭୃତି ଅଞ୍ଚଳକୁ ଥାନା ତରଫରୁ ଅଧିକରୁ ଅଧିକ ପାଟ୍ରୋଲିଂ କରିବା ପାଇଁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏବକୁ ସମ୍ବେଦନଶୀଳ ବିଷୟ ପ୍ରତି ଥାନା ଅଧିକାରୀ ଆପ୍ରାଣ ଚେଷ୍ଟା କରି ସଦର ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଆଲୋଚନାରେ ପରିଷଦର ସଭାପତି ପ୍ରଭାତ ଚନ୍ଦ୍ର ନାୟକ, ସଭାପତି ଲଳିତ କୁମାର ଦାଶ, ସମ୍ପାଦକ ଅମିତ କୁମାର ପଣ୍ଡା, ଧନେନ୍ଦ୍ର ସାହୁ, ଶଶିଭୂଷଣ ଦାସ, ପ୍ରଣବ ମହାରଣା, ଗଣେଶ ସାହୁ, ଅଜୟ କୁମାର ବେହେରା, ନିରଞ୍ଜନ ମହାନ୍ତି, ଧନେଶ୍ୱର ବେହେରା, ମୁରଲୀଧର ନାୟକ, ଅଶିଷ ରଞ୍ଜନ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଅଶୋକ କୁମାର ରଥ, ସତ୍ୟରଞ୍ଜନ ଦାସ ମହାପାତ୍ର, ଦେବାଶିଷ ଦାସ, ବାବୁଲି ଭୋଇ, ଅଶିଷ ସାହୁ, ହେମନ୍ତ କୁମାର ମଲ୍ଲିକ, ଚିନ୍ମୟ ମହାରଣା, ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ସୁବର୍ଣ୍ଣରେଖା ନଦୀରୁ ବାଲି ଚୋରାଚାଲାଣ ଅଭିଯୋଗ

ସାରସକଣା(ଭାସ୍କର ନ୍ୟୁଜ): ସାରସକଣା ବ୍ଲକ ଅନ୍ତର୍ଗତ ଶର୍ଷ ଗ୍ରାମ ନିକଟରେ ବହି ଯାଉଥିବା ସୁବର୍ଣ୍ଣରେଖା ନଦୀ ତଟରୁ ବାଲି ଚୋରାଚାଲାଣ ବୃଦ୍ଧି ପାଇଁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରୁଛନ୍ତି । ରାତିସାରା ହାଇୱାରେ ଏବଂ ଟ୍ରାକ୍ଟରରେ ବାଲି ବୁହାଯିବା ଏକ ଚିରାଚରିତ ଅଭ୍ୟାସରେ ପରିଣତ ହୋଇଗଲାଣି । ବାଲି ମାଫିଆମାନେ କାହାକୁ ଖାତିର କରୁନାହାନ୍ତି । ଯିଏ ବିରୋଧ କଲା ତାକୁ ଧମକ ମଧ ଦେଉଛନ୍ତି । ଏହି ଚୋରାବାଲି ଝାଡ଼ଖଣ୍ଡ ଓ ବେଙ୍ଗଲକୁ ମଧ ଚାଲାଣ ଚାଲିଛି ଓ ମାଫିଆମାନେ ମୋଟା ଅଙ୍କର ଅର୍ଥ ପାଉଛନ୍ତି । ରାତିସାରା ଯାନ, ବାହନ ଚାଲିବା ବେଳକୁ ରାସ୍ତାର ଅବସ୍ଥା ମରଣଫନ୍ଦା ପାଲଟିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ମୁଖ୍ୟତଃ ତହସିଲଦାର କଡାକଡି ବ୍ୟବସ୍ଥାକୁ ଜନସାଧାରଣ ସ୍ୱାଗତ କରିବେ ବୋଲି ପ୍ରକାଶ କରୁଛନ୍ତି ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରିବ ବିଜେପି କୃଷକ ମୋର୍ଚ୍ଚା

କେନ୍ଦୁଝର(ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ୧୫ ଦିନ ଧରି ସେବା ପକ୍ଷ ପାଳିବ ବିଜେପି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ସାରା ଭାରତରେ ସେବା ପକ୍ଷରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ଆଜି କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟ ସଭା ଗୃହରେ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ବିଶେଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ହୋଇ କାର୍ଯ୍ୟକର୍ତ୍ତା ମାନଙ୍କୁ ଉଦବୋଧନ ଦେଇଥିଲେ । ଜିଲ୍ଲା ବିଜେପି ସଭାପତି ଶୁକଦେବ ମହନ୍ତ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାଗିରଥି ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ, ଶତ୍ରୁନାଥ ରାଉତ, ସୁବ୍ରତ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ଅଭିଯାନକୁ କେବଳ ସଫଳ ଜିଲ୍ଲାର ସମସ୍ତ ବୁଥ୍ ରେ କିଭଳି ବୃକ୍ଷ ରୋପଣ ହେବ ସେଥିପାଇଁ ମଣ୍ଡଳ ସ୍ତରରେ ଦାୟିତ୍ୱ ବଣ୍ଟନ କରିଥିଲେ । ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଜେଶ ସିଂ ମଞ୍ଚ ପରିଚାଳନା କରିଥିଲେ ।

## ୨ୟ ଦିନରେ ମା'କାଳିତ୍ରା ଟ୍ରକ ମାଲିକ ସଂଘର ଧାରଣା

# ଧାମରା ବନ୍ଦରରୁ ପରିବହନ ସୁଯୋଗ ଦାବି




ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗତା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ବୁଧବାର ଠାରୁ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ଧାରଣା ଗୁରୁବାର ଅବ୍ୟାହତ ରହିଛି । ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡ଼ିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି । ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡ଼ିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା'କାଳିତ୍ରା ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଛି । ଏହି ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ପୁଲିସ ଅଧିକ୍ଷକ, ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗତ ଜୁଲାଇ ୨୨ ତାରିଖରେ ସଂଘ ପକ୍ଷରୁ ଅନୁରୂପ ଧାରଣା ଦିଆଯାଇଥିଲା । ସାମଧାନ ପାଇଁ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଯୋଗୁଁ ସଂଘ ପକ୍ଷରୁ ପୁନର୍ବାର ଧାରଣା ଅନୁଷ୍ଠିତ ହୋଇଛି । ଧାମରା ବନ୍ଦରରୁ ମାଲ ପରିହନ କରି ଆସୁଥିବା ଟ୍ରକଗୁଡ଼ିକୁ ଏହି ରାସ୍ତା ଦେଇ ଛଡାଯିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ସଂଘ ସଭାପତି ଦିପ୍ତିନାରାୟଣ ରାଉତ, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ସ୍ୱୟମ୍ଭୁ ପ୍ରସାଦ ଦାସ, ସଞ୍ଜିବ କୁମାର ରାଉତ, ବଳରାମ ଦାସ, ଗୁରୁପ୍ରସାଦ ଗିରି, ଆକାଶ କୁମାର ପରିଡା, ଶକ୍ତିଧର ନାୟକ, ସୁଦାମ ଭାରତୀ, ଚିନ୍ମୟ ବେହେରା, ଗୋପାଳ ନାଥ, ଶିଶିର ପାତ୍ର, ଭରତ ଚନ୍ଦ୍ର ସାହୁ ପ୍ରମୁଖ ସଂଘର ଶତାଧିକ ସଦସ୍ୟମାନେ ଧାରଣା ଦେଇଥିଲେ । ସମାଧାନ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପୂଣ୍ୟତିଥି ପାଳିତ



ଡେରାବିଶ(ଭାସ୍କର ନ୍ୟୁଜ): ଭାଗବତପୁର ପଂଚାୟତ ଅନ୍ତର୍ଗତ ଲାୟନସ୍ ଦୟାନନ୍ଦ ସେବାଶ୍ରମ ପରିସରରେ ଏହାର ସଂସ୍ଥାପକ ସ୍ୱର୍ଗତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ୨୪ ତମ ବାର୍ଷିକ ପୂଣ୍ୟତିଥି ପାଳିତ ହୋଇଯାଇଛି। ଏଥିସହ ବିଶିଷ୍ଟ ବୈଦିକ ବିଦ୍ୱାନ ଗୁରୁକୁଳ ବେଦବ୍ୟାସ ରାଉରକେଲାର ପୂର୍ବତନ ଅଧକ୍ଷ ମିମାଂସକ ସନ୍ୟାସୀ ସ୍ୱର୍ଗତ ଡଃ ଦେବବ୍ରତାନନ୍ଦଙ୍କ ଗତ ମାସ ୪ ତାରିଖରେ ବିୟୋଗ ହୋଇଯାଇଥିବା ବେଳେ ତାଙ୍କ ବିୟୋଗରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ବାଇମୁଣ୍ଡି ସାହିତ୍ୟ ସଂସଦର ସଭାପତି ଦୀନବନ୍ଧୁ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦେବଯଜ୍ଞରେ ଯଜମାନ ଭାବେ ଘୃତାହୁତୀ ପ୍ରଦାନ କରିଥିଲେ । ସମ୍ମାନନୀୟ ଅତିଥିଭାବେ ସୁଦର୍ଶନ ମହାପାତ୍ର, ସଚ୍ଚିଦାନନ୍ଦ ବେହେରା, ଚିନ୍ମୟ ଦାସ, ଅଜୟ କୁମାର ଦାଶ, ନାରାୟଣ ପତି, ପ୍ରମୋଦ କୁମାର ସାହୁ, ନଗେନ୍ଦ୍ର ରାଉତ, ସମରେନ୍ଦ୍ର ନାୟକ, ଅଭୟ କୁମାର ପରିଡ଼ା, ଦୟାନିଧି ବଳ, ଶଶାଙ୍କ ଶେଖର ଓଝା ପ୍ରମୁଖ ଯୋଗଦେଇଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ଆର୍ଯ୍ୟସମାଜର ସଦସ୍ୟ ଶଶୀଭୂଷଣ ନାୟକ, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା, ଦୀପକ ରଞ୍ଜନ ଲେଙ୍କା, ମାନସ ରଞ୍ଜନ ଖୁଣ୍ଟିଆ, ଅଜୟ କୁମାର ରାଉତ, ଶ୍ରଦ୍ଧାଞ୍ଜଳି ରାଉତ, ପ୍ରଦୀପ୍ତ କୁମାର ସାହୁ, ବିଜୟ କୁମାର ବେହେରା, ବସନ୍ତ କୁମାର ଯେନା, ରବିନ୍ଦ୍ର ନାଥ ଯେନା, ବିଦ୍ୟାଧର ଯେନା, ନାରାୟଣ ସ୍ୱାଇଁ, ସୁଧାକର ନାୟକ ଦେବଯଜ୍ଞରେ ସହଯୋଗ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଓମ୍ ଧ୍ୱଜା ଉତ୍ତୋଳନ ପରେ ଉଭୟ ସନ୍ୟାସୀଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା । ଏହି ସମ୍ମୀଳନୀରେ ଆର୍ଯ୍ୟସମାଜୀ ବନ୍ଧୁ ଓ ସଜ୍ଜନମାନେ ବହୁ ସଂଖ୍ୟାରେ ଯୋଗଦେବାକୁ ମଦନ ମୋହନ ବେହେରା, ଶଶୀଭୂଷଣ ନାୟକ ସୁବାଷ ଖୁଣ୍ଟିଆ ପ୍ରମୁଖ ଅନୁରୋଧ କରିଥିଲେ । ଅନୁଷ୍ଠାନର ଉପସଭାପତି ହରେକୃଷ୍ଣ ବରାଳ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଉର୍ମିଳା ଆର୍ଯ୍ୟା, ବିଜୟଲକ୍ଷ୍ମୀ ସ୍ୱାଇଁ, ଶିକ୍ଷା ଭାରତୀ ଆର୍ଯ୍ୟା ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଯଜ୍ଞାନ୍ନ ଓ ଅନ୍ନଭୋଜନ ଦ୍ୱାରା ଆପ୍ୟାୟିତ କରିଥିଲେ ।

# ଓଡ଼ଗାଁ କଲେଜରେ ଛାତ୍ର ଅଶାନ୍ତି

- ଅଧାପକଙ୍କ ଅନୁଚିତ ବିଚାରର ପ୍ରତିବାଦ
- ଫାଟକ ବନ୍ଦକରି ଟାୟାରଜାଳି ବଦଳି ଦାବିକଲେ ବିଦ୍ୟାର୍ଥୀ



ଓଡ଼ଗାଁ (ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଛାତ୍ରଙ୍କୁ ଅସୌଜନ୍ୟମୂଳକ ମନ୍ତବ୍ୟ ସହ ଅପମାନ କରିବା ସହିତ ସର୍ବ ସମ୍ମୁଖରେ ଉଠ୍‌ବସ୍ କରିଥିବା ପ୍ରତିବାଦରେ ଓଡ଼ଗାଁ କଲେଜର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମୁଖ୍ୟ ଫାଟକ ଠାରେ ବସି ଟାୟାର ଜାଳି ଅଧାପକଙ୍କ ଅନୁଚିତ ଆଚରଣର ପ୍ରତିବାଦ ଜଣାଇଥିଲେ ।ଗୁରୁବାର ମଧାହ୍ନ ୧୨ ଠାରୁ ପ୍ରାୟ ୩ ଘଣ୍ଟା ଧରି କଲେଜ ଫାଟକ ବନ୍ଦ ରହିଥିଲା । ଖବର ପାଇ ଓଡ଼ଗାଁ ଆଇଆଇସି ଅଭୟ ବେହେରା ଏଏସଆଇ ମନୋରଞ୍ଜନ ଦେହୁରୀ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧକ୍ଷ ରାଜକିଶୋର ସାହୁ ଅନ୍ୟ ବିଭାଗୀୟ ମୁଖ୍ୟ ଅଧାପକଙ୍କ ଉପସ୍ଥିତିରେ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ । ଛାତ୍ରଙ୍କୁ ଅପମାନ ଦେଇଥିବା ସମ୍ପୃକ୍ତ ଅଧାପକ ଘଟଣା ସ୍ଥଳରେ ପହଁଚି ତାଙ୍କ ବ୍ୟବହାର ଯଦି ଛାତ୍ରଙ୍କୁ କଷ୍ଟ ଦେଇଥାଏ, ତେବେ ସେଥିପାଇଁ ସେ ଦୁଃଖିତ ବୋଲି କହିଥିଲେ । ୩ ମାସ ମଧରେ ସମ୍ପୃକ୍ତ ଅଧାପକଙ୍କୁ ଏଠାରୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଛାତ୍ରମାନେ ଧାରଣାରୁ ଓହରି ଯାଇଥିଲେ । ସୂଚନା ଥାଉକି ବୁଧବାର ଦିନ ରାଜନୀତି ବିଜ୍ଞାନ ଅଧାପକ ଜଣକ ଶ୍ରେଣୀ କକ୍ଷରେ ଶିକ୍ଷାଦାନ କରୁଥିବା ବେଳେ ଅନ୍ୟ ଶ୍ରେଣୀର ଜଣେ ଛାତ୍ର ଏହି କ୍ଲାସପରେ ତାଙ୍କର କ୍ଲାସ ହେବକି ନାହିଁ ପଚାରିବାରୁ ଅଧାପକ ରାଗିଯାଇ ଛାତ୍ରଙ୍କୁ ଇଆଡୁ ସିଆଡୁ ଅପମାନଜନକ ମନ୍ତବ୍ୟ ଦେବା ସହିତ ବସାଉଠା କରିଥିଲେ । ଛାତ୍ର ଜଣଙ୍କ ଏନେଇ ଗୁରୁବାର ଅଧକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଧାପକଙ୍କ ବଦଳି ଦାବି ଅଭିଯୋଗ ସମ୍ପର୍କରେ ସବ୍ କଲେକ୍ଟରଙ୍କୁ ଜଣାଇବା ନିମନ୍ତେ ଅଧକ୍ଷ କହିଥିଲେ । ଅନ୍ୟପକ୍ଷରେ ଅଭିଯୋଗ ସମ୍ପର୍କରେ ଅଧକ୍ଷ ଶାନ୍ତି କମିଟିରେ ଥିବା ୧୪ ବିଭାଗର ମୁଖ୍ୟଙ୍କ ସହିତ କୌଣସି ଆଲୋଚନାର ଶୁଣାଣି ହେବା ପୂର୍ବରୁ ଟାୟାର ଜାଳି ବିଭିନ୍ନ ନାରା ଦେଇ ଛାତ୍ରଛାତ୍ରୀ ମେଳି ବାନ୍ଧି ତାହାର ତୀବ୍ର ପ୍ରତିବାଦ ଜଣାଇଥିଲେ ।

## ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ସମ୍ବର୍ଦ୍ଧିତ

ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ କ୍ଲବ ସମ୍ମିଳନୀ କକ୍ଷରେ ବିଶ୍ୱ ସାକ୍ଷରତା ଦିବସ ପାଳନ ଅବସରରେ ରୋଟାରୀ କ୍ଲବ, ବାରିପଦା ଦ୍ୱାରା ଶିକ୍ଷକ ସୋମନାଥ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଓ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ସହିତ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀ କ୍ଲବ ତରଫରୁ ତାଙ୍କୁ ସମ୍ମାନଜନକ 'ନେସନ ବିଲଡର ଟିଚର' ଭାବେ ସମ୍ମାନିତ କରାଯାଇଛି ଓ ରୋଟାରୀ କ୍ଲବର ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ପି ଆର ଏମ ଭେଷଜ ମହାବିଦ୍ୟାଳୟର




ଅଧକ୍ଷା ପ୍ର. ଡକ୍ଟର ପ୍ରତିଭା ପଣ୍ଡା ଶ୍ରୀ ସିଂହଙ୍କୁ ସମ୍ମାନିତ କରିଥିଲେ ଓ ଅନ୍ୟ ମାନଙ୍କ ମଧରେ ଡକ୍ଟର ସୁଶାନ୍ତ କୁମାର ବସା, ଡଃ ପୁଷ୍ପା ପାତ୍ର, ରୋଟାରିଆନ ସନ୍ଦୀପ ଚାନ୍ଦ, ସୁବାଷ ସାହୁ, ଡଃ ଶଶାଙ୍କ ଶେଖର ପାଣିଗ୍ରାହୀ, ନିରୋଜ ପଣ୍ଡା, ଶ୍ୟାମଳ ପଟ୍ଟନାୟକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ /ଶିକ୍ଷୟିତ୍ରୀ, ଶିକ୍ଷାବିତ ଓ ସମାଜସେବୀ ଉପସ୍ଥିତ ଥିଲେ । ବର୍ତ୍ତମାନ କାର୍ଯ୍ୟରତ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ଶ୍ରୀ ସିଂହଙ୍କ ଦାନ ପ୍ରଶଂସନୀୟ ଓ ଖବର ପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସମେତ ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଛାତ୍ରାବାସର କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଓ ପ୍ରକାଶ ଥାଉକି ଶିକ୍ଷା, କ୍ରୀଡା, କଳା ସଂସ୍କୃତି, ରକ୍ତଦାନ, ବୃକ୍ଷରୋପଣ ଆଦି ମହାନ କାର୍ଯ୍ୟରେ ନିଜର ପାରଦର୍ଶିତା ପ୍ରତିପାଦନ କରି ସେ ବହୁବାର ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି ଓ ଆଉ ୬ ମାସ କାର୍ଯ୍ୟକାଳ ଥିବାବେଳେ ଦୀର୍ଘ ୩୪ ବର୍ଷର ଶିକ୍ଷକତା ଭିତରେ ନିଜର କାର୍ଯ୍ୟଶୈଳୀ ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷା ବିଭାଗରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



କରଞ୍ଜିଆ (ଭାସ୍କର ନ୍ୟୁଜ): ଗୁରୁବାର ଅପରାହ୍ନ ୫ଟା ସମୟ ରେ ଏଠାରୁ ୪ କି. ମି. ଦୂର କରଞ୍ଜିଆ ଠାକୁରମୁଣ୍ଡା ରାସ୍ତା ର କୁଦରସାହି ନିକଟରେ ଏକ ବାଇକ ଓ ସ୍କୁଟି ମଧରେ ଧକ୍କା ଲାଗିବାରୁ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି । ଘଟଣାରୁ ପ୍ରକାଶ ଯେ ଅପରାହ୍ନ ୫ ଟା ସମୟରେ ରଶମତଳା ଗ୍ରାମର ଦୀନବନ୍ଧୁ ଦେହୁରୀ ର ପୁଅ କମଳାକାନ୍ତ ଦେହୁରୀ ଥ୨୮) ନିଜ ବାଇକ ଯୋଗେ କାଦଡିହ ।ରୁ ନିଜ ଗ୍ରାମ ରସମତଳ ।କୁ ଫେରୁଥିଲେ, ଏହି ସମୟରେ କରଞ୍ଜିଆ ବ୍ଲକ ରେ କାଯ୍ୟ କରୁଥିବା ସିନିବା ମୁର୍ମୁ (୩୫)ନିଜ ଗ୍ରାମ ମିଲୁଡିହିଁ କୁ ସ୍କୁଟି ଯୋଗେ ଫେରୁଥିଲେ । କୁଦରସାହି ଛକ ନିକଟରେ ଦୁଇ ଯାନ ମଧରେ ଧକ୍କା ଲାଗିବାରୁ ଦୁଇଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ ।ଦୁଇଜଣ ଯାକ ଗୁରୁତର ହୋଇ ରାସ୍ତା ଉପରେ ପଡିରହିଥିଲେ ।କରଞ୍ଜିଆ ଥାନାକୁ ଖବର ହେବାରୁ ପୁଲିସ ଗାଡ଼ିରେ କରଞ୍ଜିଆ ହସ୍ପିଟାଲ କୁ ଆଣିଥିଲା ।ଡାକ୍ତରଖାନା ରେ କମଳା ଦେହୁରୀକୁ ମୃତ ଘୋଷଣା କରାଯାଇଥିଲା, ଗୁରୁତର ଚିନିବା ମୁର୍ମୁ କୁ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି ।

# ଶାରଦୀୟ ଦୂର୍ଗାପୂଜାକୁ ନେଇ ଶାନ୍ତିକମିଟି ବୈଠକ



ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀର ପ୍ରସିଦ୍ଧ ତଥା ପ୍ରମୁଖ ଶାରଦୀୟ ଦୂର୍ଗାପୂଜା ଏବଂ ପୂଜାମେଳାକୁ ନେଇ ପୁଲିସ ପ୍ରଶାସନର ଅଧକ୍ଷତାରେ ଏକ ଶାନ୍ତିକମିଟି ବୈଠକ ଆଜି ସ୍ଥାନୀୟ ଧର୍ମଶାଳା ପରିସରରେ ଆୟୋଜିତ ହୋଇଯାଇଛି । ଶାନ୍ତିକମିଟି ପ୍ରକାଶ କୁମାର ବେହେରା ଙ୍କ ଅଧକ୍ଷତାରେ ଆୟୋଜିତ ଶାନ୍ତିକମିଟି ବୈଠକରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଙ୍କ ସମେତ ଆଇଆଇସି ସସ୍ମିତା ମହାନ୍ତ, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା, ଟାଟାପାୱାର ପକ୍ଷରୁ ବେତନଟୀ ଉପଖଣ୍ଡ ଅଧିକାରୀ ଇଂ. ଶୁଭଦୀପ୍ତ ମିଶ୍ର, ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଇଂ. ଅରୋବିନ୍ଦ ମହାନ୍ତି, ଇଂ. ରବୀନ୍ଦ୍ର ମିଶ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସହକାରୀ ଅଧିକାରୀ ଇଂ. ଜ୍ୟୋଅତିରଞ୍ଜନ ନାୟକ ପ୍ରମୁଖ ଅଧିକାରୀଗଣ ମଞ୍ଚାସୀନ ଥିଲେ । ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ସଂଯୋଜନା ରେ ଆୟୋଜିତ ଶାନ୍ତିକମିଟି ବୈଠକରେ ବସଷ୍ଟାଣ୍ଡ ସାର୍ବଜନୀନ ଦୂର୍ଗାପୂଜାକମିଟି, ଆନନ୍ଦବଜାର ଦୂର୍ଗାପୂଜାକମିଟି, ବଙ୍ଗଳାଛକ ଦୂର୍ଗାପୂଜା କମିଟି, କଙ୍କାକାଳିଆ ଦୂର୍ଗାପୂଜା କମିଟି ସମେତ ବାହାନଡା ସାର୍ବଜନୀନ ଦୂର୍ଗାପୂଜା କମିଟି, ବାରମାଇଲ ଦୂର୍ଗାପୂଜା କମିଟି, ଦାନ୍ତିଆମୁହାଁ ଦୂର୍ଗାପୂଜା କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧରେ ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ସଠିଲ ପଞ୍ଚାୟତ ପକ୍ଷରୁ ପ୍ରାକ୍ତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ଦେବୀମଣି ସିଂ, ସଠିଲେ, ସମିତିସଭ୍ୟ କିଶୋର କୁମାର ନାୟକ, ବେତନଟୀ ସମିତିସଭ୍ୟ ରଣଜିତ ସିଂ, ଅବକାରୀ ଅଧିକାରୀ ପ୍ରଦୀପ କୁମାର ବେହେରା, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ସମେତ ଅଗ୍ନିଶମ ବିଭାଗର ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ଶାନ୍ତିକମିଟି ବୈଠକରେ ପ୍ରମୁଖତଃ ଶାନ୍ତିଶୃଙ୍ଖଳାର ସହିତ ପୂଜାକାର୍ଯ୍ୟ ସମ୍ପାଦନ ଏବଂ ସମସ୍ତ କମିଟି ମଧରେ ପାରସ୍ପରିକ ସମନ୍ୱୟ ରକ୍ଷାକରି କିଭଳି ଭସାଣୀଯାତ୍ରାକୁ ବାଧାମୁକ୍ତ ଏବଂ ଶୃଙ୍ଖଳିତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା । ସେହିଭଳି ରାସ୍ତାଘାଟ ମରାମତି, ଡ୍ରେନସଫେଇ, ଆଲୋକ ବ୍ୟବସ୍ଥା ସମେତ ସମସ୍ତ ପୂଜାମଣ୍ଡପରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ପାଇଁ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା । ଅଧିକ ଆଲୋକ ବ୍ୟବସ୍ଥା ସମେତ ସମସ୍ତ ପୂଜାମଣ୍ଡପରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ପାଇଁ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା । ଅଧିକ ପୁଲିସଫୋର୍ସ ମୁତୟନ ପୂର୍ବକ ଟ୍ରାଫିକ ନିୟନ୍ତ୍ରଣ, ଅପରାଧିକ କାର୍ଯ୍ୟକଳାପ ଉପରେ କଡାନଜର ରଖିବା ସମେତ ସର୍ବପରି ହଜାର ହଜାର ଲୋକଙ୍କର ଭିଡନିୟନ୍ତ୍ରଣ ଏବଂ ଶାତିଶୃଙ୍ଖଳାକୁ ପ୍ରାଥମିକତାଭିତ୍ତିରେ କାର୍ଯ୍ୟକରିବା ନେଇ ଆଲୋଚନା ହୋଇଥିଲା । ଶାନ୍ତିକମିଟି ବୈଠକରେ ଉପସ୍ଥିତ ସମସ୍ତ ସାର୍ବଜନୀନ ଦୂର୍ଗାପୂଜା କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟଙ୍କ ସମେତ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ସମସ୍ୟା, ଦାବି ଏବଂ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପରିଚାଳନାରେ ବେତନଟୀ ଥାନା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିବା ବେଳେ ଶାନ୍ତିକମିଟି ବୈଠକ ସଫଳ ସମପାନ ପରେ ଏସଡିପିଓ ମିନତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଧୁରୁନି ପାନୀୟ ଜଳ ସମସ୍ୟା

# ବର୍ଷବର୍ଷ ଧରି ନଦୀ ପାଣି ପିଉଛନ୍ତି ଗ୍ରାମବାସୀ

ଗୋପ (ଭାସ୍କର ନ୍ୟୁଜ): ବର୍ଷ ବର୍ଷ ଧରି ସୁଧୁରୁନି ପାନୀୟଜଳ ସମସ୍ୟା । ଫଳରେ କୁଶଭଦ୍ରା ନଦୀ ପାଣି ପିଉଛନ୍ତି ଗ୍ରାମବାସୀ । ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଞ୍ଚାୟତର ମାଳିଆତୁଠ ଗ୍ରାମରେ ।ଏନେଇ ବିଭିନ୍ନ ଦପ୍ତରରେ ବାରମ୍ବାର ଗ୍ରାମବାସୀ ମାନେ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ । ପଞ୍ଚାୟତ ତରଫରୁ ପାନୀୟ ଜଳ ଯୋଗାଣ କରାଯାଉଥିଲେ ମଧ ମାସକୁ ମାତ୍ର ଦୁଇରୁ ତିନି ଥର ଜଳ ଯୋଗାଣ କରାଯାଉ ଥିବା ଅଭିଯୋଗ ହୋଇଛି ।ବୁଧବାର ଗ୍ରାମର ମିଥୁନ ମାହାରୀଙ୍କ ନେତୃତ୍ୱରେ ୧୫ରୁ ଉର୍ଦ୍ଧ୍ୱ ଯୁବକ ଏହି ଘଟଣା ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସରକାର ପାନୀୟ ଜଳ ଯୋଗାଣ ଉପରେ ସଂପୂର୍ଣ୍ଣ ଫୋକସ୍ ଦେଉଥିବା ବେଳେ ତରକୋର ପଂଚାୟତବାସୀଙ୍କ ପାଇଁ ଏହା ହାସ୍ୟାସ୍ପଦ ହୋଇଛି । ଅଭିଯୋଗ ମୁତାବକ ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଂଚାୟତରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ପାନୀୟ ଜଳ ସମସ୍ୟା ଲାଗିରହିଛି । ଲୋକମାନେ କୁଶଭଦ୍ରା ନଦୀର ଦୂଷିତ ପାଣି ଉପରେ ଭରସା କରି ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି । ଏନେଇ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେଉଥିଲେ ମଧ କୌଣସି ସୁଫଳ ମିଳୁନି । ଏନେଇ ବୁଧବାର ଗୋପ ପଂଚାୟତ ସମିତି ବୈଠକରେ ମଧ ଉକ୍ତ ପଂଚାୟତ ସରପଞ୍ଚ ଅଭିଯୋଗ କରିଥିଲେ । ଯାହାକୁ ନେଇ ଆଜି ଗ୍ରାମରେ ପାନୀୟ ଜଳ ଯୋଗାଣ କରୁଥିବା ଟ୍ୟାଙ୍କର ସଠିକ ଭାବେ ଜଳ ଯୋଗାଣ କରୁନଥିବା ଅଭିଯୋଗ ହୋଇଛି । ଏପରିକି ଜଳ ଯୋଗାଣ କରାଯାଉଥିବା ଟ୍ୟାଙ୍କର ଓ ପାଇପ ସଫା କରାଯାଉ ନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ।ଅଭିଯୋଗ ପରେ ଗୋପ ବିଡିଓ ଛବିରାଣୀ ସାହୁ ଏହି ପଞ୍ଚାୟତରେ ବର୍ଷ ବର୍ଷ ଧରି ସମସ୍ୟା ଲାଗିରହିଛି ପଞ୍ଚାୟତ ଉନ୍ନୟନ ପାଣ୍ଠି ସବୁ ଜଳଯୋଗାଣ ରେ ଖର୍ଚ୍ଚ ହେଉଛି ଏବେ ପଞ୍ଚାୟତ ପାଣ୍ଠି ଶେଷ ହୋଇଛି ଫଳରେ ୭ ମାସ ଧରି ଜଳ ଯୋଗାଣ କରୁଥିବା ଟ୍ୟାଙ୍କରକୁ ପ୍ରାପ୍ୟ ଦିଆଯାଇ ନାହିଁ । ଏହି ପଞ୍ଚାୟତକୁ ଜଳ ଯୋଗାଣ ଲାଗି ପାଣ୍ଠି ଯୋଗାଇବାକୁ ଉଚ୍ଚ ପଦାଧିକାରୀଙ୍କୁ ପତ୍ର ଲେଖାଯାଇଛି ବୋଲି ବିଡିଓ ଶ୍ରୀମତୀ ସାହୁ କହିଥିବା ବେଳେ ଖୁବଶିଘ୍ର ଏହି ପଞ୍ଚାୟତକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ସାମିଲ କରାଯିବ ବୋଲି କହିଛନ୍ତି । ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ପରିଡା,ମିଟୁ ମହାରି,ସୁଶାନ୍ତ କୁମାର ବେହେରା,ପିଣ୍ଟୁ ମହାରି,ରଞ୍ଜିତ ମହାରି,ପ୍ରମୁଖ ଉପସ୍ଥିତ ଥିଲେ ।

**ବିଡ଼ିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**


# ୭ ଦିନ ଭିତରେ ଟ୍ରେଡ୍ ଲାଇସେନ୍ସ ନକଲେ ଦୋକାନ ସିଲ୍



ଓଡ଼ଗାଁ (ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଓଡଗାଁରେ ଥିବା ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କୁ ବାରମ୍ବାର ଅବଗତ କରିବା ସତ୍ତ୍ୱେ ଆଗାମୀ ୭ଦିନ ମଧରେ ସେମାନେ ଯଦି ନିଜ ନିଜର ଦୋକାନ ଓ ପ୍ରତିଷ୍ଠାନର ଟ୍ରେଡ ଲାଇସେନ୍ସ ନକରନ୍ତି ତେବେ ପୌର ଆଇନ ବଳରେ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକୁ ଏନ୍‌ଏସି ପକ୍ଷରୁ ସିଲ୍ କରିବା ସହିତ ଜରିମାନା ଆଦାୟ କରିବାର ପ୍ରାବଧାନ ରହିଛି । ଏକଥା ମନେରଖିବା ହେବ ମ୍ୟୁନିସିପାଲିଟ୍ ଧାରା ୨୯୦ ଅନୁଯାୟୀ ଟ୍ରେଡ୍ ଲାଇସେନ୍ସ ପ୍ରତ୍ୟେକ ବ୍ୟବସାୟୀଙ୍କ ପାଇଁ ବାଧତା ମୂଳକ । ଅନ୍ୟପକ୍ଷରେ ଓଡ଼ଗାଁ ଏନ୍‌ଏସି ଭାବେ କାର୍ଯ୍ୟ ଆରମ୍ଭ କରିବା ଠାରୁ ବାରମ୍ବାର ତାଗିଦ କଲେ ମଧ ବର୍ତ୍ତମାନ ସୁଦ୍ଧା ଅନେକ ଘର ମାଲିକ ଘରର ହୋଲଡିଙ୍ଗ୍ ଟ୍ୟାକ୍ସ ଦେଉନାହାନ୍ତି । ଏନ୍‌ଏସିର ଆୟ କମ୍ ରହୁଥିବାରୁ ମ୍ୟାଚିଙ୍ଗ ଫଣ୍ଡ ଆସୁନାହିଁ । ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏତଦବ୍ୟତୀତ ଏଥି ସହିତ ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଦୋକାନଗୁଡିକର ନାମ ଫଳକ ଓଡିଆରେ ଲେଖିଲେ ଟ୍ରେଡ ଲାଇସେନ୍ସ ୫ ପ୍ରତଶତ ରିହାତି ମିଳିବ । କିନ୍ତୁ ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟକାରୀ ନକଲେ ଧାର୍ଯ୍ୟ ସମୟ ପରଠାରୁ ଦୈନିକ ୫ ଶହ ଟଙ୍କା ଲେଖାଁଏ ଜରିମାନା ଅସୁଲ ହେବ ।ନଗରବାସୀଙ୍କୁ ଓଡ଼ଗାଁ ଏନ୍‌ଏସି ତରଫରୁ ଏନେଇ ସଚେତନ କରାଯାଉଥିବା ବେଳେ ନଗରବାସୀ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

**ଓଡ଼ିଆ ଭାଷାରେ ନାମ ଫଳକ ନଲେଖିଲେ ଦୈନିକ ୫ଶହ ଟଙ୍କା ଜରିମାନା**

# ଚାଷୀଙ୍କୁ ସାର ଯୋଗାଇବାକୁ ଆପ୍‌ର ଦାବି




ହିଞ୍ଜିଳିକାଟୁ (ଭାସ୍କର ନ୍ୟୁଜ): ହିଞ୍ଜିଳି ବ୍ଲକ୍ ଓ ପୌରାଞ୍ଚଳରେ ଥିବା ରାଜସ୍ୱ ଗ୍ରାମର ସମସ୍ତ ଚାଷୀ ମାନଙ୍କ ସକାଶେ ୟୁରିଆ ସାରର ଅଭାବ ରହିଛି । ଯେତିକି ପରିମାଣର ୟୁରିଆ ସାର ରାଜ୍ୟ ସରକାରଙ୍କ ପକ୍ଷରୁ ୟୁରିଆ ସାର ପେକ୍ସ ମାନଙ୍କୁ ଯୋଗାଇ ଦିଆଯାଉଛି,ତାହା ସମ୍ପୂର୍ଣ୍ଣ ଭାବେ ନିଅଣ୍ଟିଆ ରହିଛି । ତେଣୁ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିଲା ବେଳେ ଚାଷୀମାନଙ୍କର ୟୁରିଆ ସାର ଅଭାବ ପରିପୂର୍ଣ୍ଣ ହୋଇ ପାରିନାହିଁ । ସାର କ୍ରୟକୁ ନେଇ ଚାଷୀ ହତାଶ ହୋଇ ବିଭିନ୍ନ ସମବାୟ ସମିତିକୁ ଘୁରି ବୁଲୁଥିଲେ ମଧ ସର୍ବ ନିମ୍ନ ଚାହିଦାର ସାର ମିଳିବା ଦୂରର କଥା, ମୁଠାଏ ସାର ଦେଖିବା ମିଳୁନି । ଦିନକୁ ଦିନ ଅଭାବ ସାର ହେତୁ ଖରିପ୍ ଧାନ ଚାଷ ଦୁର୍ବଳ ହେବାକୁ ଯାଉଛି । କିଛି ସାର ବେପାରୀ ଅଘୋଷିତ ବିଭିନ୍ନ ଉପାୟ ଅବଲମ୍ବନ କରି କଳା ବଜାରରେ ସାର ବିକ୍ରି କରୁଛନ୍ତି । ଏଣୁ ରାଜ୍ୟ ସରକାର ବର୍ତ୍ତମାନ ପରିସ୍ଥିତିରେ ଧୁଆଁ ବାଣ ଛାଡ଼ିବା ପରିବର୍ତ୍ତେ ତୁରନ୍ତ ଚାଷୀ ମାନଙ୍କୁ ଜରୁରୀକାଳୀନ ଭିତ୍ତିରେ ସମବାୟ ସମିତି ମାଧ୍ୟମରେ ଚାଷୀ ମାନଙ୍କୁ ସାର ଯୋଗାଇ ଦେବା ପାଇଁ ଆମ୍ ଆଦମୀ ପାର୍ଟି ଦଳ ତରଫରୁ ଦାବି କରାଯାଇଛି । ଯଦି ଯଥାଶୀଘ୍ର ଚାଷୀଙ୍କ ସାର ସମସ୍ୟା ଦୂର ନହୁଏ ତେବେ ଆଗାମୀ ଦିନରେ ଆମ ଆଦମୀ ପାର୍ଟି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆମ ଆଦମୀ ପାର୍ଟି ପକ୍ଷରୁ ଚେତାବନୀ ଦିଆଯାଇଛି କ୍ଷ ଆଜିର ଏହି ଦାବୀ ପତ୍ର ପ୍ରଦାନ ବେଳେ ଆସିକା ଲୋକସଭା ଆବାହକ ତଥା ଆମ୍ ଆଦମୀ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଭଜରାମ ସାବତ, ଆସ୍କା ଲୋକସଭା କୃଷକ ଆବାହକ ଲଡୁ କିଶୋର ବିଶ୍ୱାସରାୟ , ଚାଷୀ ସୁବାସ ଗୌଡ଼, ଅନ୍ତର୍ଯ୍ୟାମୀ ସେଠୀ, ବିଦେଶୀ ଦାସ,ଭକ୍ତରାମ ଦାସ, ଶଙ୍କର ଦାସ , ଲିଙ୍ଗରାଜ ଗୌଡ଼ ପ୍ରମୁଖଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାସିଲାଦରଙ୍କୁ ଏକା ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି ।



କଟକ(ଭାସ୍କର ନ୍ୟୁଜ୍): ସାଂସ୍କୃତିକ ଅନୁଷ୍ଠାନ 'ଅଭିପ୍ସା' ପକ୍ଷରୁ ସ୍ୱର୍ଗତଃ କାହ୍ନୁଚରଣ ନାୟକଙ୍କ ସ୍ମୃତିରେ କାହ୍ନୁଚରଣ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବାଦାମବାଡ଼ି ନିଉ କଲୋନୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତାକୁ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂପାଦକ ପ୍ରକାଶ ଚନ୍ଦ୍ର ସିଙ୍ଗ, ସଂଗ୍ରାମ କେଶରୀ ନାୟକ, ଆକାଶ ବେହେରା ଓ ମଦନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

### ନଭେମ୍ବର ୫ରୁ ଐତିହାସିକ କଟକ ବାଲିଯାତ୍ରା

# ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ



କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ନଭେମ୍ବର ୫ ତାରିଖରୁ କଟକର ଐତିହାସିକ ବାଲିଯାତ୍ରା ଅନୁଷ୍ଠିତ ହେବ । କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ବାଲିଯାତ୍ରା ନଭେମ୍ବର ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହଠାରେ ଆଜି ଐତିହାସିକ ବାଲିଯାତ୍ରା କଟକ-୨୦୨୫ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ସହ ଜନସାଧାରଣଙ୍କ ଧନଜୀବନ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ତେବେ ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡିଆରେ କରାଯିବାକୁ ସ୍ଥିର କରାଯାଇଛି । ପୂର୍ବରୁ ୩୪ ଏକର ପରିମିତ ସ୍ଥାନରେ ବାଲିଯାତ୍ରା ଆୟୋଜିତ ହେଉଥିବାବେଳେ ଚଳିତ ବର୍ଷ କେବଳ ତଳ ପଡିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଆଣାଯାଉଛି । ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି । ଏଥିସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବାଲିଯାତ୍ରା କୋର କମିଟି ଗଠନ କରାଯାଇଥିବାବେଳେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ ଅଧ୍ୟକ୍ଷତାରେ ଜମି ଆବଣ୍ଟନ କମିଟି, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କମିଟି, ଅତିରିକ୍ତ ଜିଲ୍ଲାପାଳ ସାଧାରଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା ଓ ଟେଣ୍ଡର କମିଟି, ଉପଜିଲ୍ଲାପାଳ କଟକ ସଦରଙ୍କ ଅଧ୍ୟକ୍ଷତାରେ ଗଣମାଧ୍ୟମ ସମନ୍ୱୟ କମିଟି କାର୍ଯ୍ୟ କରିବ । ଆଇନ ଶୃଙ୍ଖଳା, ଗମନାଗମନ, ଯାତାୟତ, ଯାନବାହନ ନିୟନ୍ତ୍ରଣ, ଗାଡି ରହଣୀ ସ୍ଥଳ, ସ୍ୱଚ୍ଛତା, ବିଦ୍ୟୁତ୍ ଯୋଗାଣ, ପଡିଆ ସମତୁଲ କରିବା, ଖାଦ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ଆଦି ଦିଗରେ ଗତବର୍ଷର ଅଭିଜ୍ଞତାକୁ ଭିତ୍ତିକରି ଅଧିକ ଉନ୍ନତ ମାନର କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାଲିଯାତ୍ରାର ଅନ୍ତତଃ ୨୦ ଦିନ ପୂର୍ବରୁ ସମସ୍ତ ବିଭାଗ ନିଜ ନିଜର କାର୍ଯ୍ୟ ସମ୍ପନ୍ନ କରିବେ । ନୀଳନକ୍ସା ପ୍ରସ୍ତୁତ କରିନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନତା ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ । ଚଳିତବର୍ଷ ରାତି ୧୧ଟା ପର୍ଯ୍ୟନ୍ତ ବାଲିଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଚଳିତଥର ଓରମାସରେ ସୁରକ୍ଷାକୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଓରମାସରେ କେବଳ ସମ୍ମତି ହାସଲ କରିଥିବା ବ୍ୟବସାୟୀମାନଙ୍କୁ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ କରାଯିବ । କେବଳ ଓରମାସରେ ଗତ ବର୍ଷର ବିକ୍ରିବଟା ୫୦କୋଟିରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଚଳିତ ବର୍ଷ ୭୦ରୁ ୭୫ କୋଟିକୁ ବୃଦ୍ଧି କରାଯିବା ଲକ୍ଷ୍ୟ ରଖାଯାଇଛି । ଏଥିସହ ପାର୍କିଂ ସ୍ଥାନ ବୃଦ୍ଧି, ପଡିଆ ଓ ଏହାର ଆଖପାଖ ଅଂଚଳର ଉପଯୁକ୍ତ ଆଲୋକିକରଣ, କାର୍ତ୍ତିକେଶ୍ୱର ଭସାଣୀ ଆଦି ଉପରେ ଡିସିପି ଗୁରୁତ୍ୱ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କଟକ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଦ୍ୟାଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶାନ୍ତନୁ ମହାପାତ୍ରଙ୍କୁ ମିଳିଲା ଜୟକିରଣ ସମ୍ମାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ଜୟକିରଣ ଟ୍ରଷ୍ଟ' ପକ୍ଷରୁ ଜୟକିରଣ ସମ୍ମାନ ପ୍ରଦାନ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି, ବିଧାୟିକା ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଦୁଇଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂଜ୍ୟପୂଜା ମାଧ୍ୟମରେ ଓଡ଼ିଶାର ବରପୁତ୍ରମାନଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ପାଇଁ ଯୁବପିଢ଼ିଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସମାଜ ସେବୀ ଶାନ୍ତନୁ ମହାପାତ୍ରଙ୍କୁ ଜୟ କିରଣ ସମ୍ମାନ କରାଯାଇଥିଲା । ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ସମ୍ମାନ ବୀଣା ପାଣି ନାୟକଙ୍କୁ (ବିଶିଷ୍ଟ ଓଡିଶୀ କଣ୍ଠ ଶିଳ୍ପୀ) ସମ୍ମାନ କରାଯାଇଥିଲା । ଗୁରୁ ଗଙ୍ଗାଧର ପ୍ରଧାନ ସମ୍ମାନ ଗୁରୁ ମିନାକ୍ଷୀ ବେହେରା (ବିଶିଷ୍ଟ ଓଡିଶୀ ନୃତ୍ୟ ଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷର ସମ୍ମାନ ପ୍ରଦାନ ଉତ୍ସବ ମାଆ ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ହୋଇଥିବାରୁ ତାଙ୍କୁ ସମର୍ପିତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଟ୍ରଷ୍ଟି ସୁମିତ୍ରା ଜେନା ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମସ୍ତ ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ଇଂ. ଡକ୍ଟର ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ ।

## ମୋଦିଙ୍କ ଜନ୍ମ ଦିନରେ ଲାଗିବ ୭୫ ଲକ୍ଷ ଗଛ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୋଦିଙ୍କ ଜନ୍ମ ଦିନରେ ରାଜ୍ୟରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆସନ୍ତା ସେପ୍ଟେମ୍ବର ୧୭ ରେ ଗଛ ଲଗାଇବ ବନ ବିଭାଗ । ୧୫ ଲକ୍ଷ ଗଛ ବନ ବିଭାଗର ୧୦୦୦ ସାଇଟରେ ଲଗାଯିବ । ସେହିପରି ୩୫ ଲକ୍ଷ ଚାରା ରାଜ୍ୟର ସମସ୍ତ ପଂଚାୟତକୁ ବଣ୍ଟାସରିଛି । ଆମ୍ବ, ପଣସ ଭଳି ଉଭୟ ଓ ମଣିଷ ଓ ପଶୁ ଖାଇ ପାରୁଥିବା ଚାରା ପଞ୍ଚାୟତରେ ଲଗାଯିବ । କୃଷି ବିଭାଗ ୧୩ ଲକ୍ଷ, ସେଣ୍ଟ୍ରାଲ ଆର୍ମ ଫୋର୍ସ ୨ ଲକ୍ଷ ଚାରା ଲଗାଇବେ ବୋଲି ପିସିସିଏଫ ସୁରେଶ ପନ୍ତ ସୂଚନା ଦେଇଛନ୍ତି ।

### ନେପାଳରେ ଫସିଥିବା ୨୩ ଓଡ଼ିଆ ସୁରକ୍ଷିତ ଫେରିଲେ

## ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନେପାଳରେ ଚାଲୁଥିବା ଅଶାନ୍ତି ସମୟରେ ଫସିଥିବା ୨୩ ଓଡିଆ ନାଗରିକଙ୍କୁ ସଫଳ ଉଦ୍ଧାର କରି ସ୍ୱଦେଶ ଫେରାଇବା ସଂପର୍କରେ ତଥ୍ୟଦେଇ ସମସ୍ତ ସଂସ୍ଥା ଓ ଅଧିକାରୀମାନଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କର ସୋସିଆଲ୍ ମିଡିଆ ପୋଷ୍ଟରେ କହିଛନ୍ତି ଯେ, ଏହି ଅଭିଯାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ରାଜ୍ୟ ଓ କେନ୍ଦ୍ର ସରକାରର ବିଭିନ୍ନ ସଂସ୍ଥାଙ୍କ ସମନ୍ୱିତ ପ୍ରୟାସ ଫଳରେ ସମ୍ଭବ ହୋଇପାରିଛି । ସେ ବିଶେଷକରି ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଥିବା ଓଡିଶା ପରିବାର ନିର୍ଦ୍ଦେଶାଳୟ ଓ ନୂଆଦିଲ୍ଲୀସ୍ଥିତ ପିଆରସି କାର୍ଯ୍ୟାଳୟଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଯେଉଁ ସମସ୍ତ ଅଧିକାରୀ ଓ ସଂସ୍ଥା ମାନେ ଏହି ଅଭିଯାନକୁ ସଫଳ କରିବାରେ ଅବଦାନ ରଖିଛନ୍ତି, ମୁଁ ସେମାନଙ୍କୁ ହୃଦୟପୂର୍ବକ ଧନ୍ୟବାଦ ଜଣାଉଛି । ରାଜ୍ୟ ସରକାର ବିଶ୍ୱର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଓଡିଆ ଭାଇ-ଭଉଣୀମାନଙ୍କର ସୁରକ୍ଷା ଓ କଲ୍ୟାଣ ପ୍ରତି ପ୍ରତିବଦ୍ଧ ।

## ମହିଳା ଟ୍ରାଫିକ୍ କନଷ୍ଟେବଲ ନିଖୋଜ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଟ୍ରାଫିକ -୨ରେ କାର୍ଯ୍ୟରତ ମହିଳା କନେଷ୍ଟ ବଲ ଶୁଭମିତ୍ରା ସାହୁ ନିଖୋଜ ନେଇ ଅଭିଯୋଗ ହୋଇଛି । ସୂର୍ଯ୍ୟନଗରରୁ ନିଖୋଜ ଥିବା ନେଇ ପରିବାର ଲୋକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି । ଗତ ୬ତାରିଖରୁ ନିଖୋଜ ଅଛନ୍ତି ଶୁଭମିତ୍ରା । ହେଲେ କମିସନରେଟ ପୋଲିସ ପକ୍ଷରୁ କୌଣସି ସୂଚନା ପରିବାର ଲୋକଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି ।

## ମହିଳା କଂଗ୍ରେସର ସଦସ୍ୟତା ଅଭିଯାନ ସଭା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ମହିଳା କଂଗ୍ରେସ ଆନୁକୂଲ୍ୟରେ ଆରମ୍ଭ ହୋଇଛି ମହିଳା ସଦସ୍ୟତା ଗ୍ରହଣ ଅଭିଯାନ । ସଦସ୍ୟତା ଅଭିଯାନ ବର୍ତ୍ତମାନ ସାରା ଦେଶର ସମସ୍ତ ରାଜ୍ୟରେ ବେଶ ଜୋରସୋରରେ ଚାଲିଛି । ଏହି ପରିପେକ୍ଷୀରେ ପ୍ରଦେଶ ମହିଳା କଂଗ୍ରେସ ତରଫରୁ କଂଗ୍ରେସ ଭବନରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉଦ୍‌ବୋଧନ ଦେଇ କଂଗ୍ରେସର ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଜନନୀ ଆଗରେ ସମସ୍ତ ବ୍ରହ୍ମାଣ୍ଡ ନତମସ୍ତକ, ଜନନୀ ହେଉଛି ସୃଷ୍ଟିକର୍ତ୍ତା । ଦଳର ନାରୀଶକ୍ତି ଯଦି ନିଜକୁ ଉପଯୋଗ କରେ, ଆମେ କଂଗ୍ରେସକୁ ସବୁଠୁ ଶକ୍ତିଶାଳୀ ଦଳ କରିବା ସହ ଦେଶକୁ ମଧ୍ୟ ବିକଶିତ କରିବା ସମ୍ଭବ । ଆମକୁ ସଦସ୍ୟତା ଗ୍ରହଣ ତୃଣମୂଳ ସ୍ତରରୁ କରିବାକୁ ପଡ଼ିବ । ତେବେ ଯାଇ ଆମ ଦଳର ମୂଳଦୁଆ ଶକ୍ତିଶାଳୀ ହେବ । ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି, ମହିଳା କଂଗ୍ରେସ ସଦସ୍ୟତା ଗ୍ରହଣ ଅଭିଯାନ ପୂରା ଦମରେ ଚାଲିଛି । ପ୍ରତ୍ୟେକ ସଦସ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି ଏବଂ ଆମେ ଅତିଶୀଘ୍ର ଲକ୍ଷ୍ୟ ହାସଲ କରିବୁ ବୋଲି ପ୍ରକାଶ କରିଥିଲେ । ଏଆଇସିସି ପକ୍ଷରୁ ମିଡ଼ିଆ ଲିଙ୍କରେ କେମିତି ସଦସ୍ୟତା ଗ୍ରହଣ କରାଯାଏ ତାହା ପ୍ରଦର୍ଶିତ ସହ ସଭାନେତ୍ରୀ ସଦସ୍ୟତା ଅଭିଯାନରେ କଣ ସବୁ ଅସୁବିଧାର ସାମ୍ନା କରିବାକୁ ପଡୁଛି ସଦସ୍ୟାଙ୍କୁ ଜଣାଇବାକୁ ଅନୁରୋଧ କରିଥିଲେ ।

## ଇସ୍ତଫା ଦେବା ପରେ ସସପେଣ୍ଡ କରାଯାଇଛି: ପ୍ରଫୁଲ୍ଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡିରୁ ନିଲମ୍ବନ ପରେ ପ୍ରଫୁଲ୍ଲ ମଲ୍ଲିକ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ମୁଁ ଇସ୍ତଫା ଦେବା ପରେ ମୋତେ ସସପେଣ୍ଡ କରାଯାଇଛି । ଦଳକୁ ସୁରକ୍ଷିତ ଭାବେ ରଖିବା ପାଇଁ ଆହ୍ୱାନ୍ ନେଇଥାଇପାରନ୍ତି । ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କୁ ଜଣାଇଥିଲି । ବିଜେଡିର କୌଣସି ସାଂଗଠନିକ କାର୍ଯ୍ୟରେ ମୁଁ ଯୋଗ ଦେଉନଥିଲି । ଆଗକୁ ଚାଷୀ ଓ ଶ୍ରମିକଙ୍କ ପାଇଁ ସ୍ୱେଚ୍ଛାସେବୀ ଭାବେ କାମ କରିବି ।

### ସାର ନିଅଣ୍ଟ ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି

## ୧୫ରେ ରାଜଭବନ ଆଗରେ ବିଶାଳ ଗଣଧାରଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାର ଅଭାବକୁ ନେଇ ରାଜ୍ୟର କୃଷକ ସମାଜ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଶୁକ୍ରବାର ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବିକୁ ସମାଲୋଚନା କରି ସମବାୟ ବିଭାଗର ତଥ୍ୟ ଗଣମାଧ୍ୟମ ଆଗରେ ପ୍ରସ୍ତୁତ କରି ରାଜ୍ୟରେ ସାର ନିଅଣ୍ଟ ଥିବାର ପ୍ରମାଣ ଦେଇଛି ବିଜେଡି । ଏହାଛଡା ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆସନ୍ତା ୧୫ ତାରିଖରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସୂଚନା ଦେଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଶ୍ରୀ ଦାସବର୍ମା କହିଥିଲେ, ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକ ମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି । ଗତ କାଲି ରାଜ୍ୟର ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ । ପୂର୍ବରୁ ମଧ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ । କିନ୍ତୁ, ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ବିଭିନ୍ନ ଗଣମାଧ୍ୟମରେ ନିୟମିତ ଭାବରେ ପ୍ରକାଶ ପାଇ ଆସୁଛି । ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି ।

## ବିଏମ୍‌ସି ପକ୍ଷରୁ ରାଜଧାନୀରେ ଖାଦ୍ୟ ଯାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଖାଦ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଜାରି ରହିଛି । ଗତକାଲି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କିଟ୍, ଶୈଳଶ୍ରୀ ବିହାର ଅଞ୍ଚଳର ବିଭିନ୍ନ ଖାଦ୍ୟ ଦୋକାନ ଉପରେ ଚଢ଼ାଉ କରି ପ୍ରାୟ ୧୦ କେଜି ଖାଦ୍ୟ ନଷ୍ଟ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ନୋଟିସ ଜାରି କରିଛି ବିଏମ୍‌ସି ।

## ଅର୍ଚ୍ଚନା ନାଗ୍‌ଙ୍କ ଘର ଆଟାଚ୍ କଲା ଇଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅର୍ଚ୍ଚନା ନାଗ୍‌ଙ୍କ ଘର ଆଟାଚ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଅର୍ଚ୍ଚନାଙ୍କ ସତ୍ୟବିହାର ସ୍ଥିତ ଜି+୨ ବିଲ୍‌ଡିଂ ସହ ଆସବାବପତ୍ର ଆଟାଚ୍ ହୋଇଛି । ୨୦୨୨ ଅର୍ଥ କାରବାର ମାମଲାରେ ସମ୍ପୃକ୍ତି ନେଇ ମନି ଲଣ୍ଡରିଂ ଆକ୍ଟ ୨୦୦୨ ଅଧୀନରେ ଘର ଆଟାଚ୍ ହୋଇଥିବା ଜଣାପଡିଛି । ଆଟାଚ୍ ପୂର୍ବରୁ ଘର ଛାଡ଼ିବା ପାଇଁ ଇଡି ନିର୍ଦ୍ଦେଶ ଦେଇଥିଲା ।

## ଭେନୁଗୋପାଳଙ୍କୁ ବିପୁଳ ସ୍ୱାଗତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସଂସଦର ପବ୍ଲିକ ଆକାଉଣ୍ଟ କମିଟିର ଅଧ୍ୟକ୍ଷ କେ ସି ଭେନୁଗୋପାଳଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ଓଡ଼ିଶାକୁ ୩ ଦିନିଆ ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ପୁରୀରେ ହେବାକୁ ଥିବା ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଭେନୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନକୁ ରବିବାର ଅପରାହ୍ନ ୨ଟା ୩୦ରେ ଆସି ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟାମାନଙ୍କୁ ଉଦବୋଧନ ଦେବେ । ସୂଚନାଯୋଗ୍ୟ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ପିଏସି ବୈଠକରେ ସାଂସଦ ଓ ସମସ୍ତ ବିଧାୟକ ମଧ୍ୟ ଯୋଗଦେବେ । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଯୋଗଦେବେ । କୋଲକାତାରେ ଅନୁରୂପ ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ଭେନୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି ଶ୍ରୀଦାସ ଓ ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଅନୁରୂପ ଭାବେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ବିଧାୟକ ରମେଶ ଜେନା, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅମରେଶ ପରିଡ଼ା, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ମଧ୍ୟ ସ୍ୱାଗତ କରିଥିଲେ । ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଯୁବ କଂଗ୍ରେସ କର୍ମୀ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ ।

## ସାଇବର ଠକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କୋଟିଏ ଟଙ୍କାର ସାଇବର ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭୁବନେଶ୍ୱର ସାଇବର ପୋଲିସ । ଅଭିଯୁକ୍ତକୁ ମହମ୍ମଦ ସାଦବକୁ ଭୁବନେଶ୍ୱର ସାଇବର ପୋଲିସ ଉତରପ୍ରଦେଶର ବିଜିନୋରରୁ ଗିରଫ କରିଛି । ତା ନିକଟରୁ ମୋବାଇଲ ଫୋନ, ସିମ କାର୍ଡ, ଏକାଧିକ ଆକାଉଣ୍ଟ ଜବତ ହୋଇଛି । ଭୁବନେଶ୍ୱରରୁ ଏକାଧିକ ଲୋକଙ୍କ ଠାରୁ ଲିଙ୍କ୍ ପଠାଇ ମହମ୍ମଦ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା ।

### ନାବାଳିକା ଯୌନ ନିର୍ଯାତନା ମାମଲା

## ଆସାମୀକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ କଟକର ଆଡ୍‌ହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ୍ ସେସନ୍ (ଫାଷ୍ଟ୍ ଟ୍ରାକ୍ କୋର୍ଟ-୧) ଆସାମୀ ମଙ୍ଗଳବାଗ ଥାନା ଅଧିନସ୍ଥ କେଶରପୁରର ଏମ୍‌ଡି. ଆଜାରୁଦ୍ଦିନ୍‌କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହ କୋର୍ଟ ଆସାମୀକୁ ୧୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଜରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ସେହିପରି କୋର୍ଟ ପିଡିତାକୁ ୧ ଲକ୍ଷ ଟଙ୍କାର କ୍ଷତିପୁରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୨ ମସିହା ମଇ ୨୪ରେ ଘଟଣା ଘଟିଥିବା ବେଳେ ମଇ ୨୮ରେ ବିଡାନାସୀ ଥାନାରେ ଏତଲା ରୁଜୁ କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନାଙ୍କ ପ୍ରଥମ ଏମ୍ସ ଭୁବନେଶ୍ୱର ଗସ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏକ ପ୍ରମୁଖ ବ୍ରାଣ୍ଡ୍ ପାଲଟିଛି ଏମ୍ସ ଭୁବନେଶ୍ୱର । ଚିକିତ୍ସା ବିଜ୍ଞାନ, ରୋଗୀସେବା ଏବଂ ଗବେଷଣା କ୍ଷେତ୍ରରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବିଶ୍ୱାସ ଜିଣିବାରେ ସଫଳ ହୋଇଛି । ତେବେ ରାଷ୍ଟ୍ରୀୟସ୍ତରରେ ଦକ୍ଷତା ବିକାଶ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ଉତ୍ପ୍ରେରକ ଭାବେ କାର୍ଯ୍ୟକରିବ । ନୂତନ ଭାବେ ଏହି ମର୍ଯ୍ୟାଦାଜନକ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧ୍ୟକ୍ଷ ଭାବେ ମନୋନୀତ ହେବା ପରେ ଏମ୍ସକୁ ପ୍ରଥମ ଗସ୍ତରେ ଆସି ଏପରି ମତବ୍ୟକ୍ତ କରିଛନ୍ତି ଡ. ଅନୀତା ସକ୍ସେନା । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନକ୍ଷେତ୍ରରେ ଏମ୍ସ ଭୁବନେଶ୍ୱରର ବ୍ୟାପକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ଏମ୍ସ ଭୁବନେଶ୍ୱରର ନୂତନ ଅଧ୍ୟକ୍ଷ ଡ. ଅନୀତା ସକ୍ସେନା । ଚାରି ଦଶନ୍ଧିର ବୃତିଗତ ଉତ୍କର୍ଷତା ସହିତ ସମଗ୍ର ଦେଶରେ ସୁପରିଚିତ ସଫଳ ଶିଶୁ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅନୀତା ସକ୍ସେନାଙ୍କୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସ୍ୱାଗତ କରିଥିଲେ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ଜଣାଇବା ସହିତ ତାଙ୍କ ଅନୁଭବ ଏବଂ ପାରଦର୍ଶୀ ମାର୍ଗଦର୍ଶନରେ, ଏମ୍ସ ଭୁବନେଶ୍ୱର ଗବେଷଣା, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉତ୍କର୍ଷତାରେ ଅଧିକ ମାଇଲଖୁଣ୍ଟ ହାସଲ କରିବାନେଇ ଆଶା ପ୍ରକଟ କରିଛନ୍ତି । ଏହି ପରିଦର୍ଶନ ସମୟରେ ଏମ୍ସ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସୌଭାଗ୍ୟ କୁମାର ଜେନା, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂ, ଅଧୀକ୍ଷଣ ଯନ୍ତ୍ରୀ ଆର ପି ଟପ୍ପୋଙ୍କ ସମେତ ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକା ତଥା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

## ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ବିଜେଡିର ପ୍ରଫୁଲ୍ଲ ମଲ୍ଲିକ ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଥିବା ଅଭିଯୋଗରେ ଦଳ ତାଙ୍କୁ ନିଲମ୍ବନ କରିଛି । ଯେତେବେଳେ ମଲ୍ଲିକ ଅପ୍ରତ୍ୟକ୍ଷ ଭାବେ ଦଳର ଅଧ୍ୟକ୍ଷ ଓ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେତାବନୀ ଦେଇଥିଲେ ଯେ, ଯଦି ଦଳ 'ଠିକ୍ ଭାବରେ କାମ ନକରେ', ତେବେ ସେ ଇସ୍ତଫା ଦେଇପାରନ୍ତି କହିବା ପରେ ଗ୍ରହଣ କରାଯାଇଛି । ବିଜେଡି ପକ୍ଷରୁ ଜାରି ହୋଇଥିବା ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବ ନିର୍ବାଚିତ ବିଧାୟକ, କାମାଖ୍ୟାନଗର, ଜିଲ୍ଲା ଢେଙ୍କାନାଳଙ୍କୁ ବିଜୁ ଜନତା ଦଳରୁ ଦଳ ବିରୋଧୀ କାର୍ଯ୍ୟକଳାପ ନେଇ ତୁରନ୍ତ ପ୍ରଭାବରେ ନିଲମ୍ବନ କରାଯାଉଛି । ନବୀନ ପଟ୍ଟନାୟକ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିବା ସମୟରେ ମଲ୍ଲିକ ସମ୍ପ୍ରତି ଦଳର କାର୍ଯ୍ୟପ୍ରଣାଳୀ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭାବେ ଭୂମିକା ନିଭାଇବାରେ ବିଫଳ ହୋଇଛି ଓ ତାଙ୍କର ଦଳୀୟ ମୂଲ୍ୟବୋଧ ଠାରୁ ଭ୍ରଷ୍ଟ ହୋଇଯାଇଛି । ଗୁରୁବାର ପ୍ରଫୁଲ ମଲ୍ଲିକଙ୍କ ଅଭିଯୋଗ କରିଥିଲେ ଯେ, ଦଳ ଗଠନକୁ ମଜବୁତ କରିବାକୁ ପିଏସି ଓ ଅନୁଶାସନ କମିଟି ଗଠନ ଭଳି କିଛି ପ୍ରସ୍ତାବ ଗ୍ରହଣ କରାଯାଇଥିବା ବେଳେ ସେ ଦେଇଥିବା ଅନ୍ୟ ସୁପାରିଶଗୁଡିକ ଅନେକ ସମୟ ଅଣଦେଖା କରାଯାଇଛି । ମଲ୍ଲିକ କହିଥିଲେ ଯେ, 'ମୁଁ ବର୍ତ୍ତମାନ କୌଣସି ଦଳୀୟ କାର୍ଯ୍ୟକଳାପରେ ଅଂଶ ନେଉନି, କାରଣ ବିଜେଡି ଠିକ୍ ଭାବରେ କାମ କରୁନାହିଁ । ମୁଁ ବର୍ତ୍ତମାନ ସାମାଜିକ କାର୍ଯ୍ୟ କରିବି । ଏପର୍ଯ୍ୟନ୍ତ ମୁଁ କୌଣସି ବିକଳ୍ପ ନିଷ୍ପତ୍ତି ନେଇନାହିଁ, ତେବେ ଯଦି ଦଳ ଠିକ୍ ଭାବରେ କାମ କରିବ, ମୁଁ ଏହା ସହିତ ରହିବି, ନହେଲେ ସାମାଜିକ ସଂଗଠନମାନେ ସହିତ ଯୋଡ଼ିହୋଇଯିବି ।'

## ୩ଜଣ ସରକାରୀ ଅଧିକାରୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଞ୍ଚ ଏବଂ ଦୁର୍ନୀତି ମାମଲାରେ ୩ଜଣ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ବାମରା ତହସିଲଦାର ଓଏଏସ୍ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଲ୍ୟାଣ୍ଡ ମ୍ୟୁଟେସନ କେସରେ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ସେହିଭଳି ଲେବର କାର୍ଡ ଇସ୍ୟୁ କରାଇ ଦେବାକୁ କହି ଗରିବ ଶ୍ରମିକ ମାନଙ୍କ ଠାରୁ ୬୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଡିଏଲଓ ଚିତ ରଞ୍ଜନ ରାଉତଙ୍କୁ ଭିଜିଲାନ୍ସ ଗିରଫ କରିଛି । ଏହା ବ୍ୟତୀତ ମୟୁରଭଞ୍ଜ ପିଇଓ ପୁଷ୍ପିତା ମହାକୁଡ଼ଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି । ବରିଷ୍ଠ ନାଗରିକଙ୍କ ପେନସନ ଟଙ୍କାକୁ ଆତ୍ମସାତ ଘଟଣାରେ ସେ ଗିରଫ ହୋଇଛନ୍ତି ।

## ଦୁର୍ଗାପୂଜା ପାଇଁ ୧୩ରେ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା




କଟକ,(ଭାସ୍କର ନ୍ୟୁଜ୍): ଆସନ୍ତା ଦୁର୍ଗାପୂଜା ନିମନ୍ତେ ଦୁର୍ଗାପୂଜା କମିଟିଗୁଡିକ ବିଭିନ୍ନ ଅନୁମତି ହାସଲ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସରେ ଆଉ ଗୋଟିଏ ଦିନ ପାଇଁ କାର୍ଯକ୍ଷମ ରହିବ । ଏହା ସକାଳ ୯ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୫ ଘଟିକା ୩୦ ମିନିଟ ପର୍ଯ୍ୟନ୍ତ ଚାଲିବ । ପ୍ରକାଶଥାଉକି ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋରେ କେତେକ ପୂଜା କମିଟି ବିଭିନ୍ନ କାରଣରୁ ଏନଓସି ହାସଲ କରିପାରିନଥିବାରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ପୂଜା କମିଟିଗୁଡ଼ିକ ସିଙ୍ଗଲ ୱିଣ୍ଡୋ ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ପୂଜା କମିଟିଗୁଡ଼ିକର ଅନୁରୋଧ ଅନୁଯାୟୀ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଉ ଗୋଟିଏ ଦିନ ସିଙ୍ଗଲ ୱିଣ୍ଡୋ କାର୍ଯକ୍ଷମ ରହିବାକୁ ସମ୍ମତି ପ୍ରଦାନ କରିଥିଲେ । ଗତ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସିଙ୍ଗଲ ୱିଣ୍ଡୋରେ ୧୧୭ଟି ପୂଜା କମିଟି ଏନଓସି ହାସଲ କରିଛନ୍ତି । ଅନୁମତି ହାସଲ କରିନଥିବା ସମସ୍ତ ପୂଜା କମିଟି ଶନିବାର କାର୍ଯ୍ୟକ୍ଷମ ହେଉଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରୁ ଅନୁମତିପତ୍ର ହାସଲ କରିନେବାକୁ କୁହାଯାଇଛି ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



## ରାଜ୍ୟରେ ସାର ସଙ୍କଟ ଦୂର ପାଇଁ ତତ୍ପରତା

# ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଚଳିତ ଖରିଫ୍ ଋତୁରେ ଚାଷୀଙ୍କୁ ସାର ଯୋଗାଣ କ୍ଷେତ୍ରରେ ଗୁରୁତର ସଙ୍କଟ ମୁଣ୍ଡ ଟେକିଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ରାଜ୍ୟରେ ସାର ଯୋଗାଣ ସ୍ଥିତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବାସ୍ତବ କ୍ଷେତ୍ରରେ ଏ ବର୍ଷ ଓଡ଼ିଶାରେ ସାରର କୌଣସି ଅଭାବ ନଥିବା ସତ୍ତ୍ୱେ କେତେକ ଅସାଧୁ ବ୍ୟବସାୟୀ ଓ ମହଜୁଦକାରୀ ଜାଣିଶୁଣି କୃତ୍ରିମ ଅଭାବ ସୃଷ୍ଟି କରିଥିବାର ଏହି ବୈଠକ ପରେ ସ୍ପଷ୍ଟ ହୋଇଛି। ସେଭଳି କଳାବଜାର, ବେଆଇନ ମହଜୁଦ୍ କିମ୍ବା ନକଲି ସାର ଯୋଗାଣ ନେଇ କୌଣସି ଅଭିଯୋଗ ଆସିଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାରତ ଭଳି କୃଷି ପ୍ରଧାନ ଦେଶରେ ଖରିଫ୍ ଫସଲ ଅମଳ ପାଇଁ ପ୍ରଚୁର ଜଳ ସହିତ ଉନ୍ନତ ବିହନ, ସାର ଓ କୀଟନାଶକ ଔଷଧର ଜରୁରି ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଚଳିତବର୍ଷ ମୌସୁମୀ ଅନୁକୂଳ ରହି ଭଲ ବର୍ଷା ହେଉଥିବାରୁ ଖରିଫ୍ ଧାନ ଅମଳ ଆଶାଜନକ ହେବ ବୋଲି ଆକଳନ କରାଯାଉଥିବା ବେଳେ ବିନା ମେଘରେ ବଜ୍ରପାତ ଭଳି ବିଭିନ୍ନ ସ୍ଥାନରେ ସାରର ଗୁରୁତର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜ୍ୟର ଅନେକ ସ୍ଥାନରେ ୟୁରିଆ ସାର ଅଭାବ ଉତ୍କଟ ହେବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପ୍ରଚୁର ସାର ମହଜୁଦ୍ ଥିବା ସତ୍ତ୍ୱେ କଳାବଜାରୀମାନେ ଜାଣିଶୁଣି ଏହି କୃତ୍ରିମ ସଙ୍କଟ ସୃଷ୍ଟି କରିଛନ୍ତି। ୟୁରିଆ ସାର ଦର ବସ୍ତା ପିଛା ୨୬୮ ଟଙ୍କା ଥିବା ସ୍ଥଳେ ଏବେ କଳାବଜାରରେ କେଉଁଠି ୫୭୦ ଟଙ୍କା ତ ଅନ୍ୟ କେଉଁଠି ୬୦୦ଟଙ୍କାରେ ବିକ୍ରି ହେଉଛି ଏବଂ ଅନ୍ୟ ଉପାୟ ନପାଇ ଚାଷୀମାନେ ଚଢ଼ା ଦର ଦେଇ ତାହା କିଣୁଛନ୍ତି। ୟୁରିଆ, ଗ୍ରୋମର ଓ ଡିଏପି ସାରକୁ ଅସାଧୁ ବ୍ୟବସାୟୀ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି। ରାଜ୍ୟର ଅଧିକାଂଶ ସମବାୟ ସମିତିରେ ସାର ନମିଳିବାରୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। କୃଷି ବିଶେଷଜ୍ଞଙ୍କ ମତରେ ରାଜ୍ୟରେ ଏବେ ଧାନଗଛ ବଢ଼ିବାର ସମୟ ଏବଂ ଠିକ୍ ଏତିକି ବେଳେ ଧାନ ବିଲରେ ସାର ଦିଆଯିବା ଏକାନ୍ତ ଜରୁରି। ମାତ୍ର ସାର ମିଳୁନଥିବାରୁ ଧାନଗଛ ସବୁ ହଳଦିଆ ପଡ଼ିବାକୁ ଆରମ୍ଭ କଲାଣି। ଥରେ ଏହା ହଳଦିଆ ପଡ଼ିଲେ ଗଛ ଆଉ ବଢ଼ିବାର ସମ୍ଭାବନା ନଥାଏ। ଏହା ଫଳରେ ଅଧିକ ଧାନ ଅମଳ ହେବାର ଆଶା ମଧ୍ୟ ମଉଳି ଯାଏ। ସାର ସଙ୍କଟ ଯୋଗୁଁ ଚାଷୀମାନେ ହତାଶ ହେବା ସଙ୍ଗେ ସଙ୍ଗେ ପ୍ରତିଦିନ ଡିଲର ଓ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି। କେତେକ ସ୍ଥାନରେ ଅସନ୍ତୁଷ୍ଟ ଚାଷୀମାନେ ସାର ବୋଝେଇ ଟ୍ରକ୍‌କୁ ଅଟକାଇ ଜବରଦସ୍ତ ସାର ନେଇ ଯାଉଥିବାର ଦେଖାଯାଉଛି। କୋରାପୁଟ ଜିଲ୍ଲାର ଜୟପୁର ଓ ବରଗଡ଼ରେ ଏଭଳି ଘଟଣା ନଜରକୁ ଆସିଛି। ବରଗଡ଼ରେ ପ୍ରାୟ ଏକମାସ ଧରି ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଚାଲିବା ପରେ ବିକ୍ଷୁବ୍ଧ ଚାଷୀଙ୍କୁ ତୁରନ୍ତ ସାର ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ଏହି ପ୍ରସଙ୍ଗକୁ ନେଇ ଏବେ ରାଜନୀତି ଜୋର ଧରୁଥିବା ବେଳେ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଚାଷୀଙ୍କ ପଞ୍ଜିକରଣ ଅବଧି ବଢ଼ାଇବାକୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇ ନଥିବାର ଅଭିଯୋଗ ହୋଇଛି। ଚଳିତ ମାସରେ ୮୦ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଚାଷୀଙ୍କୁ ଯୋଗାଇ ଦିଆଯିବ ଏବଂ ଏହା ମାର୍କଫେଡ୍ ଜରିଆରେ ହିଁ ଚାଷୀଙ୍କୁ ମିଳିବ ବୋଲି ସମବାୟ ମନ୍ତ୍ରୀ ନିକଟରେ ପ୍ରକାଶ କରିଛନ୍ତି। ସେହିପରି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ବୟାନ ଅନୁଯାୟୀ ରାଜ୍ୟରେ ସାରର କୌଣସି ଅଭାବ ନଥିବାବେଳେ ଏହା ପହଞ୍ଚିବାରେ ବିଳମ୍ବ ଘଟିଛି। ଏବେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଏହି ସମସ୍ୟାର ସମାଧାନର କ୍ଷେତ୍ରରେ ଅନେକାଂଶରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ସରଳତା ହେଉ ସୁରକ୍ଷାର କବଚ



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୭୮୪୬୯୨୧୪୦୦

ଗୋଟିଏ ଗାଁରେ ଗୋଟିଏ ସ୍ତ୍ରୀଲୋକଟିଏ ରହୁଥିଲା। ପରଘରେ କାମ କରି ନିଜର ପ୍ରତିପୋଷଣ କରି ବଞ୍ଚୁଥିଲା। ତା'ର ପଡ଼ିଶା ଘରେ ଆଉ ଗୋଟିଏ ସ୍ତ୍ରୀଲୋକ ମଧ୍ୟ ରହୁଥିଲା। ସେହି ଦୁଇ ସ୍ତ୍ରୀଲୋକଙ୍କର କେବେ ପଡ଼େ ନାହିଁ। ପରସ୍ପର ସବୁବେଳେ ଅନ୍ୟର ଅହିତ କଥା ଚିନ୍ତା କରିଥାଆନ୍ତି। ସବୁବେଳେ ଅନ୍ୟର କିପରି କ୍ଷତି ହେବ ସେହି ରୁଗ୍ଣ ମାନସିକତା ସେମାନଙ୍କୁ ଘାରି ରହିଥାଏ। ଥରେ ଗ୍ରାମ ଠାକୁରାଣୀ ପ୍ରଥମ ସ୍ତ୍ରୀର ଭାବପୂର୍ଣ୍ଣ ଆରାଧନାରେ ପ୍ରସନ୍ନ ହୋଇ ତାକୁ ବର ମାଗିବାକୁ କହିଲେ। କିନ୍ତୁ ସର୍ତ୍ତ ରଖିଲେ ଯେ ଯାହା ମାଗୁଚୁ ମାଗ କିନ୍ତୁ ତୁମକୁ ଯାହା ମିଳିବ ତୁମ ପଡ଼ିଶା ଘରର ସ୍ତ୍ରୀଲୋକଙ୍କୁ ତାହାର ଦୁଇଗୁଣା ମିଳିବ। ତେଣୁ ତୁମେ ଭାବିଚିନ୍ତି ବର ମାଗ। ଠାକୁରାଣୀଙ୍କର ସର୍ତ୍ତ ବଡ଼ ବିଚିତ୍ର ଥିଲା। ସ୍ତ୍ରୀଲୋକଟି ବଡ଼ ଅଡୁଆରେ ପଡ଼ିଗଲା। ମନେ ମନେ ବିଚାର କଲା, ମୁଁ ଯେତିକି ପାଇବି ମୋର ବଇରୀ ତା'ର ଦୁଇଗୁଣ ପାଇବ। ଏହା କେମିତି ସମ୍ଭବ ହେବ। ଯଦିବି ସେ ଦୁଇଗୁଣା ପାଇବ ତାହାକୁ ମୁଁ ବା କିପରି ସହି ପାରିବି ? ଏହିପରି ତାହାର ଭାବନା ଭାବନାରେ ବିତିଗଲା। ମନେ ମନେ ଭାବିଲା ଯାହା ହେଉ ଏତେଦିନେ ଗୋଟାଏ ସୁଯୋଗ ମିଳିଛି ତାକୁ ଭଲ କରି ପାନେ ଦେବି। ତେଣୁ ସେ ଠାକୁରାଣୀଙ୍କୁ କହିଲା- ମାଆ ମୋର ଦୁଇଟି ଆଖି ଅଛି। ଆପଣ ଯଦି ପାରିବେ ମୋର ଗୋଟିଏ ଆଖିକୁ ଫୁଟାଇ ଦେଇ ମୋତେ ଅନ୍ଧ କରିଦିଅନ୍ତୁ। ଏତକ କହି ମନେ ମନେ ବହୁତ ଖୁସି ହେଉଥିଲା। ଯାହା ହେଉ ଆର ସ୍ତ୍ରୀ ଲୋକର ଦୁଇଟା ଆଖି ଫୁଟିଯିବ। ଆଉ ସେ ଅନ୍ଧୁଣୀ ହୋଇଯିବ। ଏହାପରେ ଠାକୁରାଣୀ ତଥାସ୍ତୁ କରି ଅନ୍ତର୍ଦ୍ଧାନ ହୋଇଗଲେ। ଦେଖାଗଲା ସେହି ସ୍ତ୍ରୀର ଗୋଟିଏ ଆଖି ଓ ଆର ସ୍ତ୍ରୀର ଦୁଇଟିଯାକ ଆଖି ଫୁଟିଗଲା। ଏହା ହିଁ ହେଉଛି ଆତ୍ମଘାତି ଚିନ୍ତା ଓ ଚେତନାର ସ୍ପଷ୍ଟ ପ୍ରତିଫଳନ।

ବନ୍ଧୁଗଣ ! ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଆଜିର ମଣିଷ ଯେତେ ଶିକ୍ଷିତ ଓ ସଫଳ ହେଲେ ମଧ୍ୟ ତା'ର ପାପ ଚିନ୍ତାଧାରାରୁ ମୁକୁଳି ପନାରୁନାହିଁ। ପ୍ରତି ମୁହୂର୍ତ୍ତରେ ସେ କହୁଛି ଘର ପଛକେ ପୋଡ଼ି ଯାଉ କିନ୍ତୁ ମୂଷାଟିଏ ମରିବା ଦରକାର। ଏହି ଆଧୁନିକ ମାୟାବୀ ମଣିଷ କେବଳ ନିଜର ସୁଖ ସମୃଦ୍ଧି କଥା ଅହରହ ଚିନ୍ତା କରୁଛି। ତା'ର ଚିନ୍ତା ଓ ଚେତନା ଏତେ ପରିମାଣରେ କଳୁଷିତ ହୋଇ ପଡ଼ିଛି ଯେ ସେ ପ୍ରତି ମୁହୂର୍ତ୍ତରେ ସମାଜର ଅହିତକଥା ଚିନ୍ତା କରୁଛି। କାହାକୁ ହୃଦୟରୁ ଭଲ ପାଇବା ତ ଦୂରର କଥା ଭଲ କଥା ପଦିଏ ହେଲେ ହୋଇ ପାରୁନାହିଁ। କ୍ରୁର କଥାରେ ଅନ୍ୟ ମଣିଷ ହୃଦୟରେ କ୍ଷତଟିଏ ସୃଷ୍ଟି ହେଉଛି। ଆମେ କାହାର ଭଲ ତ ଚିନ୍ତା କରି ପାରୁନୁ, ଅଥଚ ପ୍ରତି ମୁହୂର୍ତ୍ତରେ ଅନ୍ୟର କ୍ଷତି କରିବାକୁ ଯେମିତି ପ୍ରତିଶ୍ରୁତିବଦ୍ଧ ହେଉଛୁ। କିଭଳି ପାଖ ପଡ଼ୋଶୀର ଅପୂରଣୀୟ କ୍ଷତି ଘଟାଇ ପାରିବୁ ସେ ବିଷୟରେ ଅହରହ ଚିନ୍ତା କରି କଳେ ବଳେ କୌଶଳେ ଚାହୁଁ ଶତ୍ରୁର ଲୋତକଭରା ଚକ୍ଷୁ। ଜୀବନର ଅନ୍ତିମ ପ୍ରହର ଯେ ମୁଠାଏ ପାଉଁଶ ଏ କଥାକୁ ପାଶୋରି ଯାଇ କ୍ଷମତା ମୋହରେ ଅନ୍ଧ ହୋଇ ଔଦ୍ଧତ୍ୟ ଓ ଅହଂକାରକୁ ପ୍ରଦର୍ଶନ କରି କିଭଳି କାହାକୁ ନିର୍ଯ୍ୟାତନା ଓ ଅପମାନ ଦେଇ ନିଜର ପୈଶାଚିକ ଆନନ୍ଦକୁ ପ୍ରାପ୍ତ କରିହେବ ସେ କଳା ଆମକୁ ବେଶ୍ ଜଣା। ଆତ୍ମଘାତି ଚିନ୍ତନର ମାରାତ୍ମକ ବ୍ୟାଧି ଧୀରେ ଧୀରେ ଆମ ସମାଜରେ ବୃଦ୍ଧିପାଇ ସମଗ୍ର ବିଶ୍ୱକୁ ମଧ୍ୟ ବ୍ୟାପୀ ଗଲାଣି କହଲେ ଭୁଲ ହେବନି। ଆଜିର ମଣିଷ କ୍ରୋଧ, ହିଂସା, ଈର୍ଷା, ଅସହିଷ୍ଣୁତା ଭଳି ଆତ୍ମଘାତି ଚିନ୍ତାର ବଳୟରେ ଏଭଳି କବଳିତ ହୋଇଛି ଯେ ସେ ପ୍ରତି ମୁହୂର୍ତ୍ତରେ କହୁଛି- "ମୁଁ ମଲେ ପଛେ ମରେ, ତୁ କିନ୍ତୁ ମର।" କହିବାର ତାତ୍ପର୍ଯ୍ୟ ହେଉଛି ଯେ ସ୍ୱାମୀ ପଛକେ ମରୁ, ସଉତୁଣୀ ବିଧବା ହେଉ।" ନିଜ ଭିତରେ ଥିବା ଅମୃତର ସନ୍ଧାନ ନକରି ବିଷ ଚିନ୍ତନକୁ ଆବୋରି ନେଇଛୁ। ଆଜି ଦେଶ ଦେଶ ମଧ୍ୟରେ ମଧ୍ୟ ସେହି ବିସ୍ତାରବାଦୀ ଚିନ୍ତାଧାରା ବୃଦ୍ଧିପାଇ ଆଣବିକ ଅସ୍ତ୍ରର ଘୋର ପ୍ରତିଯୋଗୀତା ଚାଲିଛି। ଜଳପଥ, ଆକାଶପଥ, ସ୍ଥଳପଥ, ସବୁଠି ଯୁଦ୍ଧର ଘନଘଟା କଳା ବାଦଲ ଛାଇ ଯାଇଛି। ଆଜିର ସଭ୍ୟ ଶିକ୍ଷିତ ମଣିଷ ଭୁଲି ଯାଇଛି ଯେ ଏହି ଆତ୍ମଘାତି ଚିନ୍ତନ ଆଣବିକ ଅସ୍ତ୍ରଠାରୁ ମଧ୍ୟ ମାନବ ସମାଜର ବହୁଳ ଭାବରେ କ୍ଷତି କରିଥାଏ। ବିକାଶ ପରିବର୍ତ୍ତେ ମାନବ ସମାଜକୁ ବିନାଶ କରି ଧ୍ୱଂସ କରିଦିଏ। ଭଲ ପାଇବା ପରି ଦିବ୍ୟଗୁଣ ଠାରୁ ଏ ଆଧୁନିକ ମଣିଷ ଧୀରେ ଧୀରେ ଦୂରେଇ ଯାଉଛି। ଏଇଠି ମନେପଡ଼େ ସେବା ତ୍ୟାଗ ମମତାର ପ୍ରତିମୂର୍ତ୍ତି ମଦର ଟେରେସାଙ୍କ କଥା, ଯିଏ କହୁଥିଲେ ଯଦି ସମଗ୍ର ଜୀବନ ଅନ୍ୟର ଦୋଷ ତ୍ରୁଟି ଦେଖିବାରେ ଆମେ ବିନିଯୋଗ କରିବା ତେବେ ମଣିଷକୁ ଭଲ ପାଇବା ପାଇଁ ଆଉ ଆମ ପାଖରେ ସମୟ ନଥିବ। ଆମେ ଏତେ ପରିମାଣରେ ସ୍ୱାର୍ଥପର ହୋଇ ଯାଇଛୁ ଯେ ଯେଉଁ ନିୟୁକ୍ଲିୟସ ଆବିଷ୍କାର କରି ଭୟଙ୍କର କର୍କଟ ରୋଗର ନିରାକରଣ କରି ଗର୍ବ ଅନୁଭବ କରିଥିଲୁ ଆଜି ସେହି ନିୟୁକ୍ଲିୟସ ବିସ୍ଫୋରକ ବୋମା ତିଆରି କରି ପୃଥିବୀକୁ ଧ୍ୱଂସ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇ ଯାଇଛୁ। ନିଜେ ପଛକେ ମରିବୁ, ସମସ୍ତଙ୍କୁ ମଧ୍ୟ ମାରିବୁ। କିଏ କହିବ ଏହି ଆତ୍ମଘାତି ଚିନ୍ତନ ଦିନେ ଏହି ମଣିଷ ସମାଜକୁ ଧ୍ୱଂସ ସ୍ତୂପରେ ସଜାଇ ନ ଦେବ ? ରୁକ୍ଷ ମରୁଭୂମି ପରି ପାଲଟି ଯାଇଛି ଆମର ଚିନ୍ତା ଓ ଚେତନା, ହଜି ଯାଇଛି ତ୍ୟାଗ, ତିତିକ୍ଷା, ସହନଶୀଳତା, ସମ୍ବେଦନଶୀଳତା।

ଆମେ ଭୁଲି ଯାଉଛୁ ଯେ ବିଶ୍ୱାସ ଓ ପ୍ରେମ ହିଁ ଆମ ଅସ୍ତିତ୍ୱର ଭିତ୍ତିଭୂମି। ବଞ୍ଚିବାର ସନ୍ଧି, ସମାସ ଓ ବ୍ୟାକରଣ। ତେଣୁ ବନ୍ଧୁଗଣ ! ଆମ ଚିନ୍ତନକୁ ସବୁବେଳେ ସୁସ୍ଥ ରଖିବା ଆବଶ୍ୟକ। ଭଲ ଚିନ୍ତା କରିବା ଦ୍ୱାରା ଭାବନା ଶୁଦ୍ଧ ଓ ପରିମାର୍ଜିତ ହୋଇଥାଏ। ଭାବ ମଧ୍ୟ ବିଶୁଦ୍ଧ ହୁଏ, ଚିନ୍ତନ ମଧ୍ୟ ପ୍ରଶସ୍ତ ହୁଏ ଓ ଚେତନାରେ ଶୁଦ୍ଧତା ଆସେ। ସେଇଥିପାଇଁ ତ ଭକ୍ତକବି ମଧୁସୂଦନ ରାଓ ତାଙ୍କ କବିତାରେ ଲେଖିଲେ, –

"ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି
ଏ ଜୀବନ ଅନିଶ୍ଚିତ
କେଜାଣି କାହାର ଆଜି ମୃତ୍ୟୁକାଳ
ହୋଇଯିବ ଉପସ୍ଥିତ ।।"

ଯଦି ଆମ ଚିନ୍ତାରେ ଶୁଦ୍ଧତା ଥିବ, ତେବେ ଆମେ ହିଁ ସଦ୍‌ଗତିର ଅଧିକାରୀ ହୋଇ ପାରିବା।

ଥରେ ଜଣେ ମହାତ୍ମା ଯୀଶୁଙ୍କୁ ପ୍ରଶ୍ନ କରିଥିଲେ, "ଈଶ୍ୱରଙ୍କ ସାମ୍ରାଜ୍ୟରେ ଆମେ କିପରି ପ୍ରବେଶ କରି ପାରିବା ?" ସେଦିନ ଯୀଶୁ ଗୋଟିଏ ଛଳ ଛଳ ହସ ହସି ଏକ କୋମଳ ଶିଶୁ ଆଡ଼କୁ ଇଙ୍ଗିତ କରି ଉତ୍ତର ଦେଇଥିଲେ, "ଯାହାର ମନ ଏହି ଶିଶୁ ଭଳି ସରଳ, କୋମଳ ଓ ପବିତ୍ର, ସେ ହିଁ ଈଶ୍ୱରଙ୍କ ସାମ୍ରାଜ୍ୟରେ ପ୍ରବେଶ କରିପାରିବ।" ଜଗତଜନନୀ ଶ୍ରୀମା ମଧ୍ୟ ସେହି କଥା କହିଥିଲେ ଯେ ସରଳତା ହିଁ ଆମର ରକ୍ଷା କବଚ। ଛଳନା, କପଟତା ମଣିଷକୁ ଉତ୍ତେଜନାରେ ଭରି ଦେଇ ତା'ର ଚିନ୍ତାଧାରାକୁ କଳୁଷିତ କରିଦିଏ। ଥରେ ଗୁରୁଦେବ ଶ୍ରୀ ତୁଳସୀ ଶିଷ୍ୟ ସନ୍ଥମାନଙ୍କୁ ପ୍ରଶ୍ନ କଲେ, ବୟସ ବୃଦ୍ଧି ହେବା କ୍ଷଣି କେଉଁ ତତ୍ତ୍ୱର ବିକାଶ ହୋଇଥାଏ ଏବଂ କେଉଁ ତତ୍ତ୍ୱର ହ୍ରାସ ପାଇଥାଏ ? ବଡ଼ ଆଶ୍ଚର୍ଯ୍ୟର କଥା ଜଣେ ସନ୍ଥ ଉତ୍ତର ଦେଲେ- ମାନ୍ୟବର ! ବୟସ ବୃଦ୍ଧି ସହ ଜ୍ଞାନର ଓ ଅନୁଭବର ବିକାଶ ହୁଏ ଏବଂ ସରଳତା ହ୍ରାସ ହୁଏ। ହଁ ବନ୍ଧୁଗଣ ! ଆମ ବୟସ ବୃଦ୍ଧି ହେବା ସହ ଆମ ଛଳନା ମଧ୍ୟ ବୃଦ୍ଧି ପାଉଛି। କିନ୍ତୁ କଥା ଓ କାର୍ଯ୍ୟ ଭିତରେ ପ୍ରଭେଦ ନରହିବା ହିଁ ସରଳତା।" ଏହି ସରଳତା ଦ୍ୱାରା ଆମେ ଅକ୍ଲେଶରେ ଅନ୍ୟ ହୃଦୟରେ ଘରଟିଏ ତିଆରି କରିପାରିବା। ଆଜିର ଶିଶୁ ମଧ୍ୟ ଆଉ ଆଗ ପରି ସରଳ ହୋଇ ରହିନାହିଁ। ଥରେ ମା' ତାଙ୍କର ଛୋଟ ପୁଅକୁ କହିଲେ, "ବାପାରେ ! ରୋଷେଇ ଘରେ ଯେଉଁ ଖାଦ୍ୟ ଡ଼ବାସବୁ ରହିଛି ସେଥିରେ ତୁମେ କେଉଁଥିରେ କ'ଣ ଅଛି, ତାକୁ ଡବା ଉପରେ ଲେଖି ଚିଟ୍‌ଟିଏ ଲଗାଇ ଦିଅ। ପିଲାଟି ମଧ୍ୟ ସେହି କାର୍ଯ୍ୟ କଲା। ତା' ପରେ ମା' ଯେତେବେଳେ ରୋଷେଇ ଘରକୁ ଗଲେ ଦେଖିଲେ ଯେ ଲୁଣ ଡ଼ବା ଖୋଲିବାରୁ ଚିନି ବାହାରିଲା। ଏମିତି କାହିଁକି ଭୁଲ ହେଲା ବୋଲି ପିଲାଟିକୁ ପଚାରିବାରୁ ପିଲାଟି କହିଲା, "ମାଁ ! ମୁଁ ଜାଣି ଜାଣି ଏଭଳି ଭୁଲ କରିଛି। କାହିଁକି ନା, ପିମ୍ପୁଡ଼ିଟିକୁ ମୁଁ ଠକିବା ଉଦ୍ଦେଶ୍ୟରେ ଏପରି କରିଛି। ଏଥିରୁ ବୁଝା ପଡୁଛି ଯେ ସରଳ ପିଲାଟି ମଧ୍ୟ ଧୀରେ ଧୀରେ ଜଟିଳ ଆଡ଼କୁ ଆଗ୍ରସର ହେଉଛି।" ଏହା ହିଁ ଆମ ଚିନ୍ତାର କାରଣ। ଏପରି ବି ଦେଖାଯାଏ ଯେ ଯିଏ ସରଳ ହୁଏ ସିଏ ପ୍ରତାରଣାର ଶିକାର ମଧ୍ୟ ହୋଇଥାଏ। ଏଇଠୁ ବୁଝା ପଡୁଛି ଆମେ କାହାକୁ ଠକୁଛେ। ଆମେ ନିଜେ ହିଁ ନିଜକୁ ଠକି ଚାଲିଛେ। ପ୍ରତାରଣା କରି ଚାଲିଛେ। ନିଜ ପାଇଁ ଅଧପତନର ମାର୍ଗ ପ୍ରଶସ୍ତ କରିଛୁ, ମିଛରେ ଯଦିଓ ଆତ୍ମତୃପ୍ତି ଲାଭ କରୁଛୁ, ଭିତରେ ଭିତରେ ଆମେ କିନ୍ତୁ ଖୁବ୍ ଅନୁତପ୍ତ।

ସବୁଠୁ ଦୁଃଖର କଥା ହେଉଛି ଆଜି ଆମେ ପକ୍ଷୀପରି ଆକାଶରେ ଉଡ଼ି ପାରୁଛୁ, ମାଛ ପରି ପାଣିରେ ପହଁରି ପାରୁଛୁ, ଚନ୍ଦ୍ର ପୃଷ୍ଠରେ ତାରା ମେଳରେ ଫୁଲ ବଗିଚା ତିଆରି କରିବାର ସ୍ୱପ୍ନ ଦେଖୁଛୁ ଅଥଚ ମଣିଷ ଭଳି ମଣିଷ ମେଳରେ ରହି ମଣିଷକୁ ଆନ୍ତରିକତାର ସହିତ ପ୍ରତାରଣାହୀନ, ଛଳନାହୀନ ଭାବେ ଭଲ ପାଇବାର କଳାକୁ ଶିଖି ପାରିଲୁ ନାହିଁ। ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କ'ଣ ଅଛି ? ଯଦି ଆମେ ଆମ ଚିନ୍ତା ଚେତନାରେ ଆତ୍ମଘାତି ଚିନ୍ତାଧାରାକୁ ପରିତ୍ୟାଗ କରି ଶୁଦ୍ଧତାକୁ ଆପଣେଇ ନେଇ ପରସ୍ପରକୁ ଶ୍ରଦ୍ଧା କରିପାରିବା ତେବେ ଆମେ ଏକ ସୁନ୍ଦର ସୁସ୍ଥ ସମାଜ ଓ ବିଶ୍ୱ ଗଢ଼ିବାକୁ ସକ୍ଷମ ହୋଇ ପାରିବା, ଏଥିରେ ସନ୍ଦେହ ନାହିଁ।

# ଅହିଂସା ଜୀବନ ଧର୍ମଃ



ଡକ୍ଟର ସିପ୍ରା ମଲ୍ଲିକ
ପ୍ରାକ୍ତନ ବିଧାୟିକା, କେନ୍ଦ୍ରାପଡ଼ା
ମୋ: ୯୯୩୭୭୭୪୨୨୧

ସମସ୍ତ ମାନବୀୟ ଗୁଣ ମଧ୍ୟରେ ଅହିଂସା ସର୍ବୋତ୍ତମ। ଭାରତୀୟ ଇତିହାସରେ ଶ୍ରେଷ୍ଠ ତଥା ସର୍ବାଧିକ ଚର୍ଚ୍ଚିତ, ଆଚରିତ ଓ ଅନୁସରିତ ଅହିଂସା। ଭାରତୀୟ ଧର୍ମ ଧାରଣାରେ 'ସତ୍ୟ' ହିଁ ସାକ୍ଷାତ ଈଶ୍ୱର ରୂପେ ବିବେଚନା କରାଯାଏ ଏବଂ 'ସତ୍ୟ' ର ଉପଲବ୍ଧ ବା ଈଶ୍ୱର ପ୍ରାପ୍ତି ପାଇଁ ସର୍ବୋତ୍କୃଷ୍ଟ ମାର୍ଗ ହିଁ ଅହିଂସା। ଅହିଂସା ବିନମ୍ରତାର ଚରମ ସ୍ଥିତି। ଆତ୍ମଶୁଦ୍ଧି ଓ ଆତ୍ମଶକ୍ତି ବିନା ଅହିଂସା ଆଚରଣ ଏକ ଦିବାସ୍ୱପ୍ନ ମାତ୍ର। ମନୁଷ୍ୟ, ପ୍ରକୃତି, ପରିବେଶ ପଶୁପକ୍ଷୀ, ପ୍ରାଣୀଜଗତ, ସମଗ୍ର ସୃଷ୍ଟି ପ୍ରତି ପ୍ରଗାଢ଼ ପ୍ରେମ ହିଁ ଅହିଂସାର ଆଧାର। କାହା ପ୍ରତି ଦ୍ରୋହ ବା ଦ୍ୱେଷ ଆଚରଣ ନକରି କେବଳ ସୁଖ ପ୍ରଦାନର ପ୍ରୟାସ ହିଁ ଅହିଂସାର ପ୍ରୟୋଗ। ଋକ୍‌ବେଦ ଉଦ୍‌ଘୋଷଣା କରେ "ବିଶ୍ୱଦେବସ୍" ବା ଦେବଗଣଙ୍କ ସ୍ୱଭାବ ମଧ୍ୟ "ଅଦ୍ରୁହଃ'' ବା ଦ୍ରୋହରହିତ, ଦ୍ୱେଷରହିତ' ହିଂସାଶୂନ୍ୟ"।

"ବିଶ୍ୱେ ଦେବାସୋ ଅସ୍ରିଧ
ଏହିମାୟାସୋ ଅଦ୍ରୁହଃ ମେଧଂ ଜୁଷନ୍ତ ବହ୍ନୟଃ"
(*ଋକବେଦ, ତୃତୀୟସୂକ୍ତ, ୯ ମନ୍ତ୍ର,*)

ପ୍ରାକ୍ ଐତିହାସିକ ଯୁଗରୁ ପ୍ରାଚୀନ ମାନବ ଭିତରେ ଦୁଇଟି ପ୍ରାକୃତିକ ପ୍ରବୃତ୍ତି ହିଂସା ଓ ଅହିଂସା 'ସ୍ୱଭାବ' ଭାବେ ବିଦ୍ୟମାନ ଥିଲା। ପାହାଡ଼, ପର୍ବତ, ଅରଣ୍ୟରେ ଯାଯାବର ଜୀବନ ବିତଉଥିବା ସମୟରେ ସ୍ୱାଭାବିକ ଭାବେ ହିଂସା ଓ ଅହିଂସା ଆଚରଣ କରି ପରିବେଶ, ପ୍ରକୃତି ଓ ଜୀବନର ସୁରକ୍ଷା କରୁଥିଲା ଆଦି ମାନବ। କୃଷିକର୍ମ କରି ସ୍ଥାୟୀ ବସତି ସ୍ଥାପନ ପରେ ସଭ୍ୟତା, ସମାଜ, ସଂସ୍କୃତି ଆଦି ମାଧ୍ୟମରେ ତା'ର ଜୀବନଶୈଳୀ ପରିବର୍ତ୍ତିତ ହୋଇଛି। ହୁଏତ ହିଂସାର ମାତ୍ରା ବୃଦ୍ଧି ପାଇଛି ଜୀବନରେ ପରସ୍ପର ଦ୍ୱେଷ, ଦ୍ରୋହ ବା ଯୁଦ୍ଧ ଇତ୍ୟାଦି ଦ୍ୱାରା। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ 'ଅହିଂସା'ର ମନ୍ତ୍ର ପ୍ରସାରିତ ହେଇଛି 'ଧର୍ମ' ମାଧ୍ୟମରେ।

"ମା ବୋ ଘ୍ନତମ୍ ମା ସପ୍ତଂ ପ୍ରତି ,
ଭୋସେ ଦେବ ଯନ୍ନଂ"
(*ଋଗ୍‌ବେଦ, ୪,୧,୫, ସୂକ୍ତ*)

"ହିଂସା ବଦଳରେ ହିଂସା ,
ଅଭିଶାପ ବଦଳରେ ଅପଶବ୍ଦ ,
ଷଡଯନ୍ତ୍ର ବଦଳରେ ଚକ୍ରାନ୍ତ କରନାହିଁ ,
ବଂର ଶୁଭାଶୀଷ ପ୍ରାଦାନ କର".... ୧

ଯଜ୍ଞରେ 'ଅହିଂସା'ର ଆବଶ୍ୟକତା ଉପରେ ବ୍ରାହ୍ମଣ ଗ୍ରନ୍ଥଗୁଡିକରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। (୩,୭,୯୮,- ତୈତିରୀୟ ବ୍ରାହ୍ମଣ) ଉପନିଷଦ୍ କାଳରେ ସତ୍ୟ ଓ ଅହିଂସା ଉଭୟକୁ ପରସ୍ପର ପରିପୂରକ ଭାବେ ଗ୍ରହଣ କରାଯାଇଛି।(୧୩,୧୭,୪, ୮,୧୫,୧ ଛାନ୍ଦୋଗ୍ୟ ଉପନିଷଦ୍) ବୃହଦ୍ ଆରଣ୍ୟକ ଉପନିଷଦ)। ବୃହଦ୍ ଆରଣ୍ୟକ ଉପନିଷଦରେ "କରୁଣା" ଅହିଂସାର ପରିଣିତି ବା ପରିମାଣ ଭାବେ ଗ୍ରହଣ କରାଯାଇଛି (୫,୨,୩- ବୃହଦ୍ ଆରଣ୍ୟକ ଉପନିଷଦ) ଭାରତୀୟ ଧର୍ମଶାସ୍ତ୍ର ପୁରାଣ 'ପୃଷ୍ଠାରେ ଅହିଂସା ବିଶେଷ ସ୍ଥାନ ଅଧିକାର କରେ। ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟପୁରାଣରେ ଅହିଂସା "ସନାତନ ଧର୍ମ" ଭାବେ ଅଭିହିତ ଓ ପ୍ରଶଂସିତ। ଏପରିକି ପତଞ୍ଜଳି ଯୋଗ ସୂତ୍ରରେ ମଧ୍ୟ ଅହିଂସା ଶ୍ରେଷ୍ଠ ନିୟମ ଭାବେ ପରିଗଣିତ ଏବଂ (୨.୩୦)ପ୍ରତ୍ୟେକ ଯୋଗ ଶିକ୍ଷାର୍ଥୀ ଏହି ନିୟମକୁ ଜୀବନ ଧାରଣା କର୍ମରେ ପ୍ରୟୋଗ କରିବା ଉଚିତ୍।

ଅତଏବ ପ୍ରାୟ ଖ୍ରୀପୂ ପଞ୍ଚମ ଶତାବ୍ଦୀରେ ଭାରତୀୟ ପ୍ରାଚୀନ ସଭ୍ୟତାର ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ ଯେଉଁ ସମୟରେ ଉତ୍ତର ବୈଦିକ ସଭ୍ୟତା ଏକ ବିଶେଷ ସମୟ ଦେଇ ଗତି କରୁଥିଲା, ଯେଉଁ ସମୟରେ ଯାଯାବର, ପଶୁପାଳକ କୃଷକ ଜୀବନଶୈଳୀରୁ ଜନପଦ, ଜୀବନକୁ ରୂପାନ୍ତରିତ ହେଉଥିଲା, କର୍ମକାଣ୍ଡ ନୁହେଁ ପରମଜ୍ଞାନର ଧାରା ପ୍ରବାହିତ ହେଉଥିଲା। କେବଳ ଧାର୍ମିକ ନୁହେଁ ସାମାଜିକ, ରାଜନୈତିକ, ଅର୍ଥନୈତିକ ଅଭ୍ୟୁଦୟ ସଂଘଟିତ ହେଉଥିବା ବେଳେ ସାଧାରଣ ଜନତାର ସ୍ୱର ଶାଣିତ ହୋଇଥିଲେ ବୈଦିକ କର୍ମକାଣ୍ଡ, ଯଜ୍ଞରେ ହିଂସାର ଚରମସୀମା, ପଶୁବଳି, ମେଧଯଜ୍ଞ, ଚର୍ତୁଃବର୍ଣ୍ଣ ବ୍ୟବସ୍ଥା, ଏସବୁର ବିରୁଦ୍ଧରେ। ଏବଂ ଏହି ଅସନ୍ତୋଷର ଅଗ୍ନି ମଧ୍ୟରୁ ସୃଷ୍ଟି ହୋଇଥିଲା ଅନେକ ନୂତନ ଚିନ୍ତାଧାରା ଯାହା ପରବର୍ତ୍ତୀ ସମୟରେ ଜୈନଧର୍ମ ଓ ବୌଦ୍ଧଧର୍ମ ରୂପେ ପ୍ରସିଦ୍ଧି ଲାଭ କଲା।

ଉତ୍ତର ବୈଦିକ ଯୁଗର 'ଚରମ ହିଂସା' ବିରୁଦ୍ଧରେ ଜୈନଧର୍ମର ଚରମ ଅହିଂସା ବା ସଂପୂର୍ଣ୍ଣ ଅହିଂସାର ସୃଷ୍ଟି। ନିଜକୁ ଅସୀମ କଷ୍ଟ ଦେଇ ଅହିଂସା ପାଳନ କରିବା ଏବଂ କୌଣସି ପ୍ରାଣୀ ପ୍ରତି 'ପ୍ରତି ହିଂସା'ର ଆଚରଂ କରିବା ନାହିଁ ଏକଥା ମହାବୀର ତାଙ୍କ ଉପଦେଶରେ ଉଦ୍‌ଘୋଷଣା କରିଛନ୍ତି। ନିଜକୁ ଅସୀମ କଷ୍ଟ ଦେଇ ସଂପୂର୍ଣ୍ଣ ଅହିଂସାର ପାଳନ କରିବା ଅତ୍ୟନ୍ତ ପୀଡାଦାୟୀ ଥିଲା। ଏହି ପରିସ୍ଥିତିରେ ବୌଦ୍ଧଧର୍ମର ଉଦ୍ଭବ ଯାହା ମାନବ ଜୀବନ ଓ ଅହିଂସା ମଧ୍ୟରେ ସେତୁତୁଲ୍ୟ। ବୁଦ୍ଧଙ୍କର ଅଷ୍ଟାଙ୍ଗ ମାର୍ଗ ଅବଲମ୍ବନ କରୁଥିବା ବୌଦ୍ଧମାନେ ଏକ ପରମିତ ଜୀବନ ବଞ୍ଚୁଥିଲେ। ଅତଏବ ଲୋଭ, ମୋହ ଶୋଷଣରୁ କ୍ଷାନ୍ତ ରହୁଥିଲେ। ତାହା ହିଁ ଅହିଂସାର ଜୀବନ ଥିଲା। ପ୍ରାଚୀନ ଭାରତ ଅହିଂସାର ଅନେକ ପ୍ରୟୋଗର ସାକ୍ଷୀ। ଜୀବନରେ ହିଂସାର ସମ୍ୟକ ପ୍ରୟୋଗ ପାଇଁ 'ଧର୍ମ' ହିଁ ପ୍ରମୁଖ ମାଧ୍ୟମ ସାଜିଛି। ବୁଦ୍ଧଙ୍କ ପରି ଗାନ୍ଧିଙ୍କ ସତ୍ୟ, ଅହିଂସା ଉପରେ ଅଖଣ୍ଡ ବିଶ୍ୱାସ ଥିଲା।

ଆଧୁନିକ ବିଶ୍ୱରେ ସତ୍ୟ ଓ ଅହିଂସାର ପ୍ରବର୍ତ୍ତକ ଭାବେ ସର୍ବାଗ୍ରେ ଆସେ ମାହାତ୍ମା ଗାନ୍ଧୀଙ୍କର ନାମ। ବିଶ୍ୱକୁ ସତ୍ୟ ଉପରେ ପ୍ରତିଷ୍ଠିତ ରାଜନୀତି ଓ ଅହିଂସା ଆଧାରିତ ରଣନୀତି, ଉଭୟ ଗାନ୍ଧିଜୀଙ୍କର ଅବଦାନ। ଗାନ୍ଧିଜୀଙ୍କ ଉଦାହରଣ ପ୍ରେମ ଓ ଅହିଂସାର। ତାଙ୍କର ଜୀବନ ଥିଲା ସତ୍ୟର ପ୍ରୟୋଗଶାଳା। ସତ୍ୟ ଓ ଅହିଂସାକୁ ମନ ବଚନ ଓ କାର୍ଯ୍ୟରେ ପ୍ରୟୋଗ କରିଥିଲେ ଗାନ୍ଧିଜୀ। "ବସୁଧୈବ କୁଟୁମ୍ବକମ୍" ଏହି ପ୍ରସିଦ୍ଧ ମନ୍ତ୍ରକୁ ଗାନ୍ଧିଜୀ ଶକ୍ତି ଭାବରେ ପ୍ରୟୋଗ କରିଥିଲେ। ଜାତି, ଦେଶ, ବର୍ଣ୍ଣର ସୀମା ପାର କରି ପ୍ରତ୍ୟେକ ମଣିଷକୁ ଭଲପାଇବା ହିଁ ଅହିଂସା ଓ ସତ୍ୟାଗ୍ରହ। ଦକ୍ଷିଣ ଆଫ୍ରିକା ତଥା ଭାରତ ବର୍ଷରେ ଇଂରେଜମାନଙ୍କୁ ଗାନ୍ଧିଜୀ ଅହିଂସା ଓ ପ୍ରେମ ବଳରେ ହିଁ ଜୟ କରିପାରିଥିଲେ। ଗାନ୍ଧିଜୀଙ୍କ ଅନୁସାରେ "A system that is born in violence will end in violence" ଅର୍ଥାତ୍ ଶାସନରେ ହିଂସା ଆଚରଣ କଲେ ତା'ର ପ୍ରତିକ୍ରିୟା ମଧ୍ୟ ହିଂସକ ହେବ। ସାଧନ ଯଦି ସତ୍ୟ ଓ ଅହିଂସା ହୁଏ, ତେବେ ସାଧ୍ୟ ବି ସୁନ୍ଦର ଏବଂ ଅହିଂସା ହୋଇପାରିବ।

ଗାନ୍ଧିଜୀଙ୍କର ତିନୋଟି ଜନ ଆନ୍ଦୋଳନ, ୧୯୨୦ ରୁ ୧୯୨୨ ଅସହଯୋଗ ଆନ୍ଦୋଳନ, ୧୯୩୧ ରୁ ୧୯୩୨ ଆଇନୀ ଅମାନ୍ୟ ଆନ୍ଦୋଳନ ଏବଂ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ। ଏହି ତିନୋଟି ଆନ୍ଦୋଳନ ଅହିଂସାର ଅଗ୍ନିପରୀକ୍ଷା ଥିଲା। କଂଗ୍ରେସ୍ର ବିଶେଷ ଅଧିବେଶନ ୧୯୨୦ ସେପ୍ଟେମ୍ବର ମାସରେ କଲିକତାରେ ବସିଥିବାବେଳେ ଅସହଯୋଗ ଆନ୍ଦୋଳନ ଅହିଂସା ସହ ପାଳନ କରିବାକୁ ଆହ୍ୱାନ ଦେଲେ ଗାନ୍ଧିଜୀ। ଅହିଂସାର ଶକ୍ତିକୁ ବୁଝାଇବାକୁ ଯାଇ ବାପୁଜୀ କାହିଲେ "ଅହିଂସା ହିଂସାଠାରୁ ଅସଂଖ୍ୟ ଗୁଣ ଶକ୍ତିଶାଳୀ ମୁଁ ଭାରତବର୍ଷର ଶକ୍ତିକୁ ମହତ୍ତର ଲକ୍ଷ୍ୟ ପୂରଣରେ ନିୟୋଜିତ କରିବାକୁ ଚାହେଁ। ଆମ ହୃଦୟରୁ ଆସୁଥିବା କ୍ଷମା ଆମ ଅର୍ନ୍ତଶକ୍ତିର ପରିଚୟ ଦେବ। ଉଦାର କ୍ଷମା ଆମ ଭିତରେ ଶକ୍ତିର ତରଙ୍ଗ ସୃଷ୍ଟି କରିବ। 'ଜଗତ'କୁ ଭାରତ ବହୁ ମୂଲ୍ୟବାନ ଅବଦାନ ଦେଇ ପାରିବ।"

ଗାନ୍ଧୀଜୀ ଅନୁଭବ କରୁଥିଲେ ଯଦି ଅହିଂସାର ମାର୍ଗରେ ଦେଶକୁ ଆଗେଇ ନ ନିଅନ୍ତି ତେବେ ଚର୍ତୁଦିଗରେ ହିଂସାକାଣ୍ଡ ଘଟାଇବାକୁ ହିଂସାବାଦୀମାନେ ଅପେକ୍ଷା କରି ରହିଛନ୍ତି। ଭାରତ ବର୍ଷର ନିରନ୍ନ ନିରକ୍ଷର, ଅବହେଳିତ ଜନତା ପ୍ରଥମେ ଗାନ୍ଧୀଜୀଙ୍କ ସମର୍ଥନରେ ଠିଆ ହେଲେ ଓ ସହଯୋଗ କଲେ, ଗାନ୍ଧୀଙ୍କର ଅସହଯୋଗ- ଅହିଂସା ଯୁଦ୍ଧର ସୈନିକମାନେ ପ୍ରସ୍ତୁତ ହୋଇଗଲେ। ଭାରତୀୟ ଜନ ସମୁଦାୟଙ୍କର ଅକୁଣ୍ଠ ସମର୍ଥନ ଦେଖି ନେତାମାନେ ମଧ୍ୟ ସହଯୋଗର ହାତ ବଢେଇବାକୁ ବାଧ୍ୟ ହେଲେ। ଦଳିତ, ଆଦିବାସୀ, ମହିଳା, ମୁସଲମାନ ସମୁଦାୟ ଜନଶକ୍ତିକୁ ପ୍ରସ୍ତୁତ କେଲେ ଗାନ୍ଧୀଜୀ। ବାର୍ଦ୍ଦୋଲୀର ୪ ହଜାର ନରନାରୀ ଅହିଂସା ଭାବେ ଆଇନ ଅମାନ୍ୟ କରିବାକୁ ଶପଥ ନେଲେ। ୧୯୨୨ ଫେବୃୟାରୀ ୫ ତାରିଖରେ 'ଚୈରୀ ଚୈରା' ଠାରେ ଯେଉଁ ଅଭାବନୀୟ ଘଟଣା ଘଟିଲା ସେଥିପାଇଁ ସ୍ଥଗିତ ରହିଲା ଆନ୍ଦୋଳନ ଓ ଅନଶନରେ ବସିଲେ ଗାନ୍ଧୀଜୀ। ଅସହଯୋଗ ଆନ୍ଦୋଳନକୁ ଅହିଂସା ମାର୍ଗରେ ପରିଚାଳିତ କଲା ପରି ସାମର୍ଥ୍ୟ ଓ ଶୃଙ୍ଖଳା କଂଗ୍ରେସ ଦଳର ନାହିଁ ବୋଲି ସେ ବୁଝି ପାରିଲେ। ଏଥିପାଇଁ କଠୋର ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ସ୍ଥିର କଲେ ଗାନ୍ଧୀଜୀ। ପୁନଶ୍ଚ ୧୯୨୮ ଫେବୃୟାରୀରୁ ବାର୍ଦ୍ଦୋଲୀ ଆନ୍ଦୋଳନ ଆରମ୍ଭ ହେଲା। ୮୮ ହଜାର କୃଷକ ଅହିଂସ ଭାବେ ସବୁ ଦମନ ସହ୍ୟ କରିଥିଲେ। ଠିକ୍ ସେହିପରି ଲବଣ ସତ୍ୟାଗ୍ରହ। 'ଲୁଣ ମାରିବା' ମାଧ୍ୟମରେ ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରବଳ ଜନ ଆନ୍ଦୋଳନ ଅହିଂସାର ଆଉ ଏକ ଅଗ୍ନି ପରୀକ୍ଷା। ପୋଲିସ୍‌ର ମରଣାନ୍ତକ ଆକ୍ରମଣର ସାମ୍ନା ଜନତା ଅହିଂସା ଭାବେ କହିଲେ। ନିରସ୍ତ୍ର ସତ୍ୟଗ୍ରହୀଙ୍କ ଉପରେ ନିମର୍ମ ପ୍ରହାର ବେଳେ ଶୁଭୁଥିଲା-

"ହାମ୍ଲା ଚାହେ ଯୈସା ହୋଗା, ହାତ୍ ହମାରା ନେହିଁ ଉଠେଗା"

ନାରା ଭିତରେ ଭିତରେ ପ୍ରଚଣ୍ଡ ହିଂସାର ସମ୍ମୁଖରେ ଚରମ ଅହିଂସା ଦୃଢ଼ ଭାବେ ଦଣ୍ଡାୟମାନ। ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ନେତୃତ୍ୱ ନେଇଥାନ୍ତି। କୁଜଙ୍ଗ ରାଣୀ କାଳିଆପାଟ ଠାରେ ଲୁଣ ମାରିବାକୁ ଆସିଥିଲେ। ଗାନ୍ଧୀଜୀଙ୍କ ଅହିଂସା ୪ଟି ଦୃଢ ସ୍ତମ୍ଭ ଉପରେ ଆଧାରିତ-ସତ୍ୟ, ଆନ୍ତରିକ ପବିତ୍ରତା, ଉପବାସ ବ୍ରତ ଓ ନିର୍ଭିକତା। ଅହିଂସା ଏପରି ଏକ ଅତୁଳନୀୟ ଉଚ୍ଚତମ ଆତ୍ମଶକ୍ତି ଯାହା ବିଶ୍ୱରେ ପ୍ରବର୍ତ୍ତିତ ହେଲେ ପୃଥିବୀ ମଧ୍ୟ ରୂପାନ୍ତରିତ ହୋଇପାରିବ।

ଉତ୍କଳ ପ୍ରଦେଶ ଗଠନ ପାଇଁ ଭାଷାଭିତ୍ତିକ ଆନ୍ଦୋଳନ ପଛରେ ବି ଅହିଂସା, ସତ୍ୟ, ତ୍ୟାଗ ହିଁ କାର୍ଯ୍ୟ କରିଛି। ବିହାର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡୋଶୀ ରାଜ୍ୟର ନେତାମାନଙ୍କ ହୃଦୟକୁ ପରିବର୍ତ୍ତିତ କରି 'ଅଖଣ୍ଡ ଓଡ଼ିଶା'ର ସ୍ୱପ୍ନକୁ ସାକାର କରାଯାଇପାରିଛି। ଗାନ୍ଧୀ, ଗୋପବନ୍ଧୁ, ନେହେରୁ ଆଦି ନେତୃବୃନ୍ଦ ଓଡ଼ିଶାର ଦାବିକୁ ସମର୍ଥନ କଲେ। ବ୍ୟାସକବି ଫକିରମୋହନଙ୍କ ସାହିତ୍ୟ ମାଧ୍ୟମରେ ଓଡ଼ିଶା ଭାଷାର ପୁର୍ନଜାଗରଣ ମଧ୍ୟ ବହୁ ଭାବେ ସହାୟ ହେଲା ଓଡ଼ିଶା ରାଜ୍ୟ ଗଠନରେ।

ଋଷିପ୍ରାଣ ବିନୋଦା ଭାବେଙ୍କର 'ଭୂଦାନ' ଆନ୍ଦୋଳନ ଅନ୍ୟ ଏକ ଉଦାହରଣ। ଏହି ଆନ୍ଦୋଳନ ଦ୍ୱାରା ପ୍ରାୟ ୪୦ଲକ୍ଷ ଏକର ଜମି ଭୂଦାନ କରିବାକୁ ସମକ୍ଷ ହୋଇପାରିଥିଲେ ଯାହା ଦଳିତ, ଭୂମିହୀନ, ବାସହୀନ, ଜନତାଙ୍କ ମଧ୍ୟରେ ବଣ୍ଟନ କରାଯାଇ ପାରିଥିଲା। ଓଡ଼ିଶାର ପ୍ରାୟ ୨ ଲକ୍ଷ ଏକର ଜମି 'ଭୂଦାନ'ରେ ଅର୍ନ୍ତଭୁକ୍ତ ହୋଇପାରିଥିଲେ। ସାମାଜିକ ଅହିଂସାର ଏହା ଏକ ଉଦାହରଣ। *(କ୍ରମଶଃ...)*

# ମାନସିକ ଅବସାଦ ବଢ଼ାଉଛି ଡୁମ୍‌ସ୍କ୍ରୋଲିଂ



ରେଣୁବାଳା ମହାପାତ୍ର
ଅନୁଗୋଳ

ଇଣ୍ଟରନେଟ ଆଧୁନିକ ସମାଜ ଓ ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଜ୍ଞାନର ଅଗ୍ରଗତି ଦ୍ୱାରା ସଭ୍ୟତାର ବିକାଶ ହେଉଛି ସତ କିନ୍ତୁ ଇଣ୍ଟରନେଟର ମାୟା ଜାଲରେ ଆମେ ସମସ୍ତେ ଛନ୍ଦି ହୋଇ ଗୋଟିଏ ବିପଦପୂର୍ଣ୍ଣ ଜୀବନକୁ ସ୍ୱାଗତ କରୁଛେ। ଦିନକୁ ଦିନ ସମାଜ ଡିଜିଟାଲ ଆଡ଼କୁ ଗତି କରୁଛି। ସମ୍ପ୍ରତି ମୋବାଇଲ ଫୋନ ସବୁଠୁ ବଳି ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ଅଙ୍ଗ ହୋଇଯାଇଛି। ସକାଳୁ ଉଠିବା ଠାରୁ ରାତି ଶୋଇବା ପର୍ଯ୍ୟନ୍ତ ମୋବାଇଲ ଆମ ଜୀବନରେ ଆବିଭାଜ୍ୟ ଅଂଶ ହୋଇଯାଇଛି। ତେଣୁ ସାଧାରଣ ଭାବରେ ସକାଳୁ ନ୍ୟୁଜ ଟିକେ ଶୁଣିବା ପାଇଁ ମୋବାଇଲ ଖୋଲିଲେ ତାହା ସ୍ୱତଃ ଯାଇ ଫେସବୁକ୍, ଇନଷ୍ଟାଗ୍ରାମ, ସୋସିଆଲ ମିଡ଼ିଆ, ୟୁ ଟ୍ୟୁବ୍, ରିଲ୍‌ସରେ ଶେଷ ହେଉଛି। ତେଣୁ ମୋବାଇଲ୍ ଧରି ଅନବରତ ଭାବରେ କୌଣସି କଣ୍ଟେଣ୍ଟ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଆଜିର ପୀଢ଼ି ଡୁମ୍ ସ୍କ୍ରୋଲିଂ( Doom Scrolling)ର ଶିକାର ହେଉଛନ୍ତି।

ତେବେ ଏ ଡୁମ୍ ସ୍କ୍ରୋଲିଂ କ'ଣ ? ଏହା ହେଉଛି ଏକ ମାନସିକ ଅବସ୍ଥା ବା ମୋବାଇଲ୍ ପ୍ରତି ମାନସିକ ଦୁର୍ବଳତା ଯେଉଁଠାରେ ଜଣେ ବ୍ୟକ୍ତି ଅବିରତ ଭାବେ ଖରାପ ବା ନେଗେଟିଭ ସମାଚାର, ଭିଡିଓ, ସୋସିଆଲ ମିଡ଼ିଆ ପୋଷ୍ଟ, ବିପଦଜନକ ଘଟଣାବଳୀ ଆଦି ଗୁଡ଼ିକୁ ମାତ୍ରାଧିକ ଭାବରେ ପଢ଼ି ଥାଆନ୍ତି ଓ ଦେଖି ଥାଆନ୍ତି, ଯାହା ତାଙ୍କର ମାନସିକ ସ୍ୱାସ୍ଥ୍ୟକୁ କ୍ଷତି କରିଥାଏ।

ମୋବାଇଲରେ ମୃତ୍ୟୁ, କ୍ରାଇମ୍, ଚୋରି, ଡକାୟତି, କ୍ରାଇମ୍ ପେଟ୍ରୋଲ, ହରର ଫିଲ୍ମ, ବନ୍ୟା, ବାତ୍ୟା ଭଳି ଖବରକୁ ବାରମ୍ବାର ଦେଖିବା, ସୁସାଇଡ ବା ଦୁର୍ଘଟଣା ଭଳି କୌଣସି ଖବର ପ୍ରତି ଆକର୍ଷିତ ହେବା, କିମ୍ବା ଏହିଭଳି କୌଣସି ଗୋଟିଏ ଖବର ଜାଣିବା ପାଇଁ ବିଭିନ୍ନ ୱେବସାଇଟରୁ ତଥ୍ୟ ସଂଗ୍ରହ କରିବା ବା ସେ ଘଟଣା ପାଇଁ ଅତ୍ୟଧିକ ଆଗ୍ରହ ପ୍ରକାଶ କରିବା ଏହାର ଲକ୍ଷଣ।

କୌଣସି କଣ୍ଟେଣ୍ଟ ପଢ଼ିବା ପାଇଁ ଯେପରି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥାଏ, ଡୁମ୍ ସ୍କ୍ରୋଲିଂ ରେ ସେପରି କିଛି ଉଦ୍ଦେଶ୍ୟ ନଥାଏ। ଧ୍ୟାନ ଆକର୍ଷଣ କଲା ପରି କଣ୍ଟେଣ୍ଟ, ଭିଡିଓ, ରିଲ୍ସ କେବଳ ଅଭ୍ୟାସଗତ ପରିବର୍ତ୍ତନ ଆଣେ ନାହିଁ, ଏହା ଏକ ସ୍ନାୟବିକ ପୁନାର୍ବିନ୍ୟାସ ମଧ୍ୟ।ଆଜିର ଯୁବ ପିଢ଼ି ଦିନକୁ ୬/୭ ଘଣ୍ଟା ଏହିଭଳି କଣ୍ଟେଣ୍ଟ ଦେଖିବାରେ ଅତିବାହିତ କରୁଛନ୍ତି। ଏହା ସେମାନଙ୍କ ମନୋସ୍ଥିତି ଉପରେ ଗଭୀର ପ୍ରଭାବ ପକାଇ ଚିନ୍ତା, ଅବସାଦ ଆଡ଼କୁ ଟାଣି ନେଉଛି। ଏସବୁ ଭିଡିଓ ଦେଖିବା ଦ୍ୱାରା ADHD (Attention Deficit/ Hyperactivity Disorder) ପରି ବ୍ୟତିକ୍ରମ ଦେଖା ଯାଉଛି । ଶରୀରରେ ସ୍ନାୟବିକ ହର୍ମୋନ୍ ଡୋପାମାଇନ୍ କ୍ଷରଣକୁ ସକ୍ରିୟ କରିଦେଉଛି, ଯାହାକି ନିଶାଖୋର୍ ବ୍ୟକ୍ତି ବିଶେଷଙ୍କ ପାଖରେ ଅଧିକ ମାତ୍ରାରେ ଦେଖାଦେଇଥାଏ। ପ୍ରତି ସ୍କ୍ରୋଲିଂରେ ଏଇ ହର୍ମୋନ୍ ପୁଣି ପରବର୍ତ୍ତୀ ସ୍କ୍ରୋଲିଂ କରିବା ପାଇଁ ମସ୍ତିଷ୍କକୁ ସିଗନାଲ୍ ଦେଇଥାଏ। ଧୀରେ ଧୀରେ ବ୍ୟକ୍ତିଟି ସେଇ ଆପତ୍ତିଜନକ ଭିଡିଓ ଦେଖି ଦେଖି ନିଜର ହିତାହିତ ଜ୍ଞାନ ମଧ୍ୟ ଭୁଲିଯାଏ ଓ ଅବସାଦର ଶିକାର ହୋଇ ନିଜର ଚିନ୍ତା କରିବା ଶକ୍ତି ହରାଇ ବସେ। ଫଳସ୍ୱରୁପ ବ୍ୟକ୍ତି ଜଣକ ଅସହାୟ ହୋଇପଡେ। ଅସୀମ ଜ୍ଞାନ ଥିବା ଏଭଳି ଗୋଟିଏ ଉପକରଣକୁ ଆଜିର ଯୁବପିଢୀ, ଛୋଟପିଲା, ବୁଢ଼ା ସମସ୍ତେ ଅଶ୍ଳୀଳ ମନୋରଞ୍ଜନ ପାଇଁ ବ୍ୟବହାର କରିବା ଅତ୍ୟନ୍ତ ଦୁଃଖଦାୟକ।

ଡୁମ୍ ସ୍କ୍ରୋଲିଂ ଦ୍ୱାରା ବ୍ୟକ୍ତିଟିଏ ଶାରୀରିକ ଓ ମାନସିକ ଭାବରେ ଦୁର୍ବଳ ହୋଇ ଅନବରତ ଭାବରେ ସ୍କ୍ରିନ୍‌କୁ ତଳ ଉପର କରି ଦେଖିବା ଦ୍ୱାରା ମନ ଚଞ୍ଚଳ ହୋଇ ନିଦ୍ରାହୀନତା ଦେଖାଯାଏ। ନେଗେଟିଭ କଣ୍ଟେଣ୍ଟ, କ୍ରାଇମ୍ ଓ ନିରବଚ୍ଛିନ୍ନ ଭାବରେ ଡାଟା ଗ୍ରହଣ ଯୋଗୁଁ ସ୍ମରଣ ଶକ୍ତି ହ୍ରାସ ପାଏ। ଅତ୍ୟଧିକ ସମୟ ଗୋଟିଏ ପ୍ରକାର ପୋଷ୍ଚରରେ ବସି ମୋବାଇଲ ସ୍କ୍ରୋଲିଂ କରିବା ଦ୍ୱାରା ବେକ ସମସ୍ୟା, ସ୍ପଣ୍ଡିଲିସିସ, କହୁଣି ସମସ୍ୟା, ଅତ୍ୟଧିକ ଓଜନ ବୃଦ୍ଧି, ହାଇ କୋଲେଷ୍ଟ୍ରୋଲ, ହାଇପର୍ ଟେନ୍‌ସନ୍ , ନିଦ୍ରାହୀନତା ପରି ଲକ୍ଷଣ ଦେଖାଯାଏ। ପିଲାଟି ବା ବ୍ୟକ୍ତି ଜଣକ ନିଜ ପରିବାର, ସାଙ୍ଗସାଥୀ ସମସ୍ତଙ୍କ ପାଖରୁ ଦୂରେଇ ଯାଇ ମାନସିକ ଚିନ୍ତାଗ୍ରସ୍ତ ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ।

ଡୁମ୍ ସ୍କ୍ରୋଲିଂ(Doom Scrolling) ଏକ ଅଦୃଶ୍ୟ ଜାଲ ଭଳି, ଯାହା ଆମର ପ୍ରତିଦିନର ଶାନ୍ତିକୁ ଧ୍ୱଂସ କରିଥାଏ। ନେଗେଟିଭ ଖବର, ଅଜଣା ଭୟ ଓ ଅସୁରକ୍ଷିତତା ମନକୁ ଆବଦ୍ଧ କରି ରଖିଥାଏ ଓ ଆମ ମସ୍ତିଷ୍କକୁ ନିଜ ହିସାବରେ ନିୟନ୍ତ୍ରଣ କରିଥାଏ। ତେଣୁ ଏହାକୁ ଚିହ୍ନି ନିୟନ୍ତ୍ରଣ କରିପାରିଲେ ଆମେ ଏକ ଶାରୀରିକ ଓ ମାନସିକ ଭାବରେ ସ୍ୱାସ୍ଥ୍ୟ ସମ୍ପନ୍ନ ଜୀବନ ଗଠନ କରିପାରିବା। ଏଥିପାଇଁ ଆମକୁ କିଛି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ତେଣୁ ପ୍ରଥମେ ଆମେ ଆମର ଡିଜିଟାଲ ଦୈନନ୍ଦିନତାକୁ ସୁନିୟୋଜିତ କରିବା ଅର୍ଥାତ ସ୍କ୍ରିନ୍ ଦେଖାରୁ ବିରତ ରହିବା, ତା'ର ସମୟ ସୀମିତ କରିବା, ସକାରାତ୍ମକ ବିଷୟବସ୍ତୁ ପାଠ କରିବା ଏବଂ ବାସ୍ତବିକ ଜୀବନର ଖୁସି, ମନୋରଞ୍ଜନ ଓ ପରିବାର ସହିତ ସମୟ ବିତେଇବା ଦ୍ୱାରା ବାସ୍ତବ ଦୁନିଆର ଆନନ୍ଦ ସହିତ ଆମେ ପରିଚିତ ହେବା, ବିଭିନ୍ନ ପୁସ୍ତକ ଅଧ୍ୟୟନ କରିବା, ପ୍ରହେଳିକା ସମାଧାନ ପରି ମେମୋରି ଗେମ୍ ଦ୍ୱାରା ଧ୍ୟାନ ନିବେଶ କ୍ଷମତା ବଢାଇ ପାରିବା। ତା'ପରେ ଦୈନିକ ସୀମା ନିର୍ଦ୍ଧାରଣ କରି ଓ ନିର୍ଦ୍ଦିଷ୍ଟ କିଛି ଆପ୍ ବ୍ୟବାହର କରି ସାମାଜିକ ଗଣମାଧ୍ୟମ ପାଇଁ ସମୟ ଉପଯୋଗ କରିବା। ଯେଉଁ ବିଷୟ ରେ ଆଗ୍ରହ ଅଛି, ସେ ବିଜ୍ଞାନ ହେଉ, ବା କଳା, ସାହିତ୍ୟ, ଡ୍ରଇଂ, ରଙ୍ଗୋଲି, ରୋଷେଇ – ନିଜ ଆଗ୍ରହକୁ ସୁହାଇଲା ଭଳି କ୍ରିଏଟରଙ୍କୁ ଫୋଲୋ କରିବା, ଯଦ୍ୱାରା ଆମର ଅନଲାଇନ ସମୟ ମଧ୍ୟ ବ୍ୟର୍ଥ ହେବନାହିଁ।

ସଂଯମ, ସଚେତନତା ଓ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ଆମେ ଡୁମ୍ ସ୍କ୍ରୋଲିଂ(Doom scrolling )ରୁ ମୁକ୍ତି ପାଇପାରିବା। ତେଣୁ ଆମେ ଅନାବଶ୍ୟକ ଅଭ୍ୟାସ ଗୁଡ଼ିକୁ ଛାଡ଼ି ସକାରାତ୍ମକ ଚିନ୍ତାଧାରା ରଖିବା ଦରକାର। ତେବେ ଯାଇ ଭବିଷ୍ୟତରେ ଏକ ମର୍ଯ୍ୟାଦାପ୍ରାପ୍ତ ଓ ନିୟନ୍ତ୍ରିତ ବ୍ୟବସ୍ଥା ସାରା ବିଶ୍ୱରେ ଏକ ଶୃଙ୍ଖଳିତ ମାନବ ସମାଜକୁ ନିର୍ମାଣରେ ସହାୟକ ହୋଇପାରିବ, ଯଦି ମନୁଷ୍ୟ ପୂର୍ଣ୍ଣତଃ ମର୍ଯ୍ୟାଦା ସମ୍ପନ୍ନ ହୋଇ ମୋବାଇଲ୍ ର ବ୍ୟବାହର କରିବ, ତେବେ ଏହା ତା'ପାଇଁ ଆଶୀର୍ବାଦ ଭାବେ ପ୍ରମାଣିତ ହୋଇପାରେ।



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସଦର ବନାଞ୍ଚଳ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ ଡାଳିମାପୁର ଗାଁରେ ୨୯ ଟିକିଆ ହାତୀପଲ ପୋଶି ଉତ୍ପାତ କରୁଛନ୍ତି। ଗତକାଲି ସଲରାପେଣ୍ଟ ଦେଇ ମଦରଙ୍ଗାଯୋଡି ଜିଆଣି ଜଙ୍ଗଲରୁ ହାତୀପୋଲ ଅତିକ୍ରମ କରି ଡାଳିମାପୁର ଡ୍ୟାମ ପାଣି ଭିତର ଦେଇ ଗାଁ ମୁହାଁ ହୋଇଥିଲେ। ଡାଳିମାପୁର ଅଙ୍ଗନୱାଡିକେନ୍ଦ୍ର ପାଚେରୀ ଓ ମମତା ଗୃହ କବାଟ ଗୋଡରେ ମାରି ଭାଙ୍ଗି ଦେଇଛନ୍ତି। ପରେ ପାତ୍ର ସାହି ଦେଇ ଯାଉଥିବା ବେଳେ ସୁରେଖା ଦାସ(୫୬) ଝିଅ ତିଳତ୍ତମା ଦାସ(୩୦), ନାତୀ ଯସରାଜ ପାତ୍ର(୭)ହାତୀଙ୍କୁ ପଦାକୁ ବାହାରି ଦେଖୁଥିବା ବେଳେ ଏକ ଦନ୍ତା ଗୋଡଡାଇଥିଲା। ଫଳରେ ସମସ୍ତେ ଘର ଭିତରକୁ ପଶି ଯାଇଥିଲେ ହେଁ ଦନ୍ତାହାତୀ ପକ୍କାଘର କାନ୍ଥ ମୁଣ୍ଡିଆ ମାରି ଭାଙ୍ଗି ଦେଇଥିଲା। ଇଟାକାନ୍ଥ ଉପରେ ପଡିଯିବା ଯୋଗୁଁ ୩ ଗୁରୁତର ହୋଇଥିବା ବେଳେ ଆବାସପତ୍ର ଓ ଧାନ ଚାଉଳ ନଷ୍ଟ ହୋଇଯାଇଛି। ଗୁରୁତରଙ୍କୁ ଗ୍ରାମବାସୀ କେନ୍ଦୁଝର ଧରଣୀଧର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଗାଁ ରାସ୍ତା ଅତିକ୍ରମ କରି ଧାନ କିଆରେ ପଶି ଦୁଇଘଣ୍ଟା ଧରି ଧାନ ଖାଇଥିଲେ। ସକାଳେ ପୁଣି ଜିଆଣି ଜଙ୍ଗଲ ମୁହାଁ ହୋଇଛନ୍ତି। ଧାନଫସଲକୁ ସରକ୍ଷା ଦେବା ପାଇଁ ସ୍ଥାନୀୟ ସଲରାପେଣ୍ଟ, ମଦରଙ୍ଗାଯୋଡି, ଡାଳିମାପୁର, କେନ୍ଦୁପୋଶି, ବରଦାପାଳ, ଟିକରପଡା, ରତମରା, ବୁରୁଡିସାହି ଆଦି ଗାଁର ବହୁ ସଂଖ୍ୟକ ଜନସାଧାରଣ ନିଆଁ ଜାଳି ଠେଙ୍ଗାବାଡି ଧରି ହାତୀଙ୍କୁ ଘଉଡାଇବାକୁ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ।



ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ବିବାଦ

# ସରକାରୀ କଳର ଅପବ୍ୟବହାର ଅଭିଯୋଗ ଭିତ୍ତିହୀନ: ଶିଳ୍ପମନ୍ତ୍ରୀ



ଜଗତସିଂହପୁର/ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପରେ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ବିବାଦ ତୀବ୍ର ହେବାରେ ଲାଗିଛି । ସଂଘରେ ଦୀର୍ଘ ଦିନ ଧରି ଏକଚାଟିଆ ଭାବେ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଥିବା ବେଳେ ଏହା ବିରୁଦ୍ଧରେ ପ୍ରତିବାଦ କରିଛନ୍ତି ସଂଘର ଅନେକ ସଦସ୍ୟ । ତେବେ ଏହି ପରିପ୍ରେକ୍ଷୀରେ ସଂଘର ବହୁ ସଭ୍ୟ ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ସହଯୋଗ ଲୋଡି ସଂଘରେ ଗଣତନ୍ତ୍ରଭ ପ୍ରତିଷ୍ଠା କରି ନିର୍ବାଚନ କରିବାକୁ ସହଯୋଗ ଲୋଡ଼ିଥିଲେ । ତେବେ ଶ୍ରମିକ ନେତା ପ୍ରକାଶଙ୍କ ସହଯୋଗରେ ଗାଡି ମାଲିକମାନେ ସଂଘର ନିର୍ବାଚନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଅଭିଯୋଗକୁ ତର୍ଜମା କରି ଅତିରିକ୍ତ ଜିଲ୍ଲାପାଳ ସଂଘର କମିଟିକୁ ନିର୍ବାଚନ ପର୍ଯ୍ୟନ୍ତ ରଦ୍ଧ କରି ନିଜ ଅକ୍ତିଆରକୁ ନେଇଥିଲେ । ଯାହାକୁ ନେଇ ଗତ ବୁଧବାର ଦିନ ବଡ଼ପଡ଼ିଆ ମାର୍କେଟ ଦୁର୍ଗା ମଣ୍ଡପରେ ଆୟୋଜିତ ସମ୍ମିଳନୀରେ ଟ୍ରକ ମାଲିକ ସଂଘର ସଦସ୍ୟ ବିଜୟ ସାହୁ, ଦେବେନ୍ଦ୍ର ଦାସ, ସରୋଜ ସ୍ୱାଇଁ, କପିଳେନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ବେହେରା, ପୁରୁଷୋତ୍ତମ ନାଥ ପ୍ରମୁଖ ସ୍ପଷ୍ଟ କରିଥିଲେ । ଅନ୍ୟପକ୍ଷରେ ସରକାରୀ କଳର ଅପବ୍ୟବହାର କରି ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘରେ ଅସ୍ଥିରତା ସୃଷ୍ଟି କରାଯାଉଥିବା ନେଇ ପାଲଟା ଅଭିଯୋଗ ଆଣିଛନ୍ତି ଜିଲ୍ଲା ଟ୍ରକ ସଂଘର ସମ୍ପ୍ରତି ସଭାପତି ସନ୍ତୋଷ ପଟ୍ଟନାୟକ । ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା କହିଛନ୍ତି ଯେ ଗତ ୧୮ ବର୍ଷ ହେଲା ପ୍ରାୟ ୫ ଶହରୁ ଉର୍ଦ୍ଧ ଟ୍ରକ୍ ମାଲିକ ଶାନ୍ତିଶୃଙ୍ଖଳାର ସହିତ ପାରାଦୀପ ବନ୍ଦରରୁ ପଣ୍ୟ ପରିବହନ କରୁଛନ୍ତି । ପାରାଦୀପରେ ଥିବା ତିନୋଟି ଟ୍ରକ୍ ମାଲିକ ସଂଘ ମଧ୍ୟରେ ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ ମାତ୍ର ୧୫ ପ୍ରତିଶତ ପଣ୍ୟ ପରିବହନର ଅନୁମତି ପାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ । ହେଲେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ସଂଘରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସଂଘର କିଛି ମାଲିକଙ୍କୁ ନେଇ ପ୍ରଶାସନ ଜରିଆରେ ସଂଘର ରେଜିଷ୍ଟ୍ରେସନ ଅବଧି ସରିଛି ଏବଂ ନିର୍ବାଚନ ହେଉନାହିଁ ବୋଲି ମିଥ୍ୟା ଅଭିଯୋଗ କରି ବିଶୃଙ୍ଖଳା କରିବାକୁ ଚେଷ୍ଟା କରାଯାଇ ସଂଘରେ ଭାଇଚାରା ନଷ୍ଟ କରିବାର ଅପଚେଷ୍ଟା କରାଯାଉଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ମିଥ୍ୟା ଅଭିଯୋଗ କରି ୫ଶହରୁ ଅଧିକ ଟ୍ରକ୍ ମାଲିକଙ୍କ ପେଟକୁ ଲାତ ମାରିବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି । ଯାହାର ଜଡ଼ ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି ସଂଘ ବିବାଦ ସଂଘ ଭିତରେ । ମୋ ପାଖକୁ ଯେତେବେଳେ ଜିଲ୍ଲା ଟ୍ରକ ମାଲିକ ସଂଘର ଟ୍ରକ ମାଲିକ ମାନେ ଆସି ସଂଘରେ ଗଣତନ୍ତ୍ର ପ୍ରକ୍ରିୟାରେ ନିର୍ବାଚନ ପାଇଁ ଦାବି କରି ସହାୟତା ମାଗିଥିଲେ । ତେବେ ବର୍ତ୍ତମାନ ତାଙ୍କ ନାମରେ ଏବେ ଯେଉଁ ଅଭିଯୋଗ ଆସିଛି ତାହା ସେମାନଙ୍କର ବାଚାଳାମି ବୋଲି ମନ୍ତ୍ରୀ କହିଛନ୍ତି । ପାରାଦୀପରେ ଅନ୍ୟାୟ, ଦୁର୍ନୀତି, ଦାଦାଗିରି, ଭାଇଗିରି ଓ ମାଫିଆଗିରିର ବିରୋଧ କରି ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ମୁଁ ପୂରଣ କରୁଛି । ଏଥିରେ ସେଇମାନେ ପ୍ରତିକ୍ରିୟାଶୀଳ ଯେଉଁମାନେ ଉପରୋକ୍ତ ଗୋଷ୍ଠିରେ ସମ୍ପୃକ୍ତ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ପଷ୍ଟ କରିଛନ୍ତି ।

ମା' ମଙ୍ଗଳାଙ୍କ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି ଶେଷ

# ୧୪ରୁ ଷୋଡଶ ଉପଚାର ପୂଜା ଆରମ୍ଭ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି । ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତାଙ୍କ ପୌରୋହିତ୍ୟରେ ଟ୍ରଷ୍ଟ ସଦସ୍ୟ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାୟାଜ ଦୀକ୍ଷିତ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପଦେଷ୍ଟା କମିଟି ସଦସ୍ୟ କମଳ ଲୋଚନ ଦୀକ୍ଷିତ, ତୃଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ଷୋଡଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡା, ଖୋଲ ଦିନର ପାଳିଆ ସେବକ ପ୍ରମୁଖ ଯୋଗଦେଇ ଆସନ୍ତା ୧୪ ତାରିଖ ରବିବାର ମୂଳାଷ୍ଟମୀରୁ ମା'ଙ୍କର ଷୋଡଶଦିନାତ୍ମକ ପୂଜାନୀତି କିଭଳି ଭାବରେ ପାଳନ କରାଯିବ ସେଥିପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି । ମୂଳାଷ୍ଟମୀ ଦିନ ମା ଙ୍କର ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହେବା ସହିତ ୨୨ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମା'ଙ୍କର ନବଦିନାତ୍ମକ ପୂଜାନୀତି ପାଳନ କରାଯିବ । ୨୬ ତାରିଖ ପଞ୍ଚମୀ ଦିନ ତୀରକମାଣ ବେଶ, ଷଷ୍ଠୀ ଦିନ କାତିଖର୍ପର ବେଶ, ସପ୍ତମୀ ଦିନ ସିଂହବାହିନୀ ବେଶ, ଅଷ୍ଟମୀ ଦିନ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବା ସହ ନବମୀ ତିଥିରେ ଶାନ୍ତି ବେଶ ଅନୁଷ୍ଠିତ ହୋଇ ଦଶମୀରେ ହରଦୁର୍ଗା ଭେଟ କରାଯାଇ ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ଘଟିବ । ଏହି ପାର୍ବଣ ପୂଜା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ମାତୃଭକ୍ତମାନେ ମା'ଙ୍କର ସାନିଧ ଲାଭ କରିବା ପାଇଁ ଆସିବାକୁ ଥିବାବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଏନ୍‌ଏସି ଓ ପୋକା ବାଇଗଣ ମନ୍ତବ୍ୟ ନେଇ ପ୍ରମିଳା ଟ୍ରୋଲିଂର ଶିକାର



ବିଞ୍ଝାରପୁର (ଭାସ୍କର ନ୍ୟୁଜ): ବିଞ୍ଝାରପୁରକୁ ଏନ୍‌ଏସି ମାନ୍ୟତା ନ ମିଳିବା ନେଇ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ଏନ୍‌ଏସି ମାନ୍ୟତା ପାଇଁ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ ହେବ ବୋଲି ବିଜେଡ଼ି ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ଓ ବିକ୍ଷୋଭରେ ପ୍ରମିଳା ଚେତାବନୀ ଦେଇଛନ୍ତି । ସେହିପରି ବିଜେଡ଼ି ଛାଡ଼ି ବିଜେପିରେ ମିଶିଥିବା ନେତା ଓ କର୍ମୀଙ୍କୁ ସେ ପୋକା ବାଇଗଣ କହି ସମାଲୋଚନା କରିଛନ୍ତି । ପ୍ରମିଳାଙ୍କ ଏଭଳି ମନ୍ତବ୍ୟ ଯୋଗୁଁ ପ୍ରମିଳା ଟ୍ରୋଲିଂର ଶିକାର ହୋଇଛନ୍ତି । ସାମାଜିକ ଗଣମାଧ୍ୟମରେ ତାଙ୍କୁ ମିଛୁଆ ଓ ବିଞ୍ଝାରପୁରବାସୀଙ୍କୁ ସେ ବିଭିନ୍ନ କଥାରେ ଭୁଆଁ ବୁଲାଉଛନ୍ତି ବୋଲି ଟିପ୍ପଣୀ ଦେଖିବାକୁ ମିଳିଛି । ସେହିପରି ଯେଉଁମାନଙ୍କୁ ସେ ପୋକା ବାଇଗଣ କହିଛନ୍ତି ଅତୀତରେ ସେମାନଙ୍କଠାରୁ ମହୁ ଝରୁଥିଲା ବୋଲି ଟ୍ରୋଲରେ କୁହାଯାଇଛି । ସାମାଜିକ ଗଣମାଧ୍ୟମରେ ଏବେ ପ୍ରମିଳା ଟ୍ରୋଲିଂ ହେବାକୁ ବିରୋଧୀ ମାନଙ୍କ ଉପଯୋଗ କରୁଛନ୍ତି ।

## ନିମାପଡାରେ ଅଙ୍ଗନୱାଡି ସେବା ପ୍ରହସନ, ପାଣି ପାଇଁ ପିଲା ଡହଳ ବିକଳ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଅଙ୍ଗନୱାଡି ସେବା ବାଟବଣା ହୋଇଥିବା ବେଳେ ଛୋଟି ପିଲାଙ୍କ ପାଇଁ ସରକାର ଜାରି କରିଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନି । ବାରମ୍ବାର ସିଡିପିଓଙ୍କୁ ଭେଟି ଅଭିଯୋଗ ଦର୍ଶାଇଲେ ମଧ୍ୟ ଘଟଣା ଉପରେ କର୍ଣ୍ଣପାତ କରୁନାହାଁନ୍ତି । କେତେକ ଅଙ୍ଗନୱାଡି ରେଜିଷ୍ଟରରେ ପିଲାଙ୍କ ନାମ ଥିବା ବେଳେ ଅଧିକାଂଶ ପିଲା ଇଂଲିଶ ମିଡିୟମ୍‌ରେ ପଢୁଛନ୍ତି । ପିଲାଙ୍କ ନାମରେ ଆସୁଥିବା ଖାଦ୍ୟ କୁଆଡେ ଯାଉଛି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି । କେନ୍ଦ୍ରରେ ପିଇବା ପାଣିର ବ୍ୟବସ୍ଥା ନଥିବା ବେଳେ ନଳକୂପ ଦୀର୍ଘଦିନ ହେବ ନଷ୍ଟ ହୋଇଯାଇଛି । କେଶୁଆ ସାହି ଅଙ୍ଗନୱାଡି କେନ୍ଦ୍ର ପିଲାମାନେ ଖାଦ୍ୟ ପାଉଛନ୍ତି କି ନାହିଁ ଏହା ତଦନ୍ତ କରାଯାଉନି । ଅରିକ୍ଷଣରେ ଅଙ୍ଗନୱାଡି କେନ୍ଦ୍ର ନଥିବା ବେଳେ ପରଘର ବାରଣ୍ଡାରେ ପାଠ ପଢୁଛନ୍ତି । ଭୋଦର ଅଙ୍ଗନୱାଡି କେନ୍ଦ୍ରରେ ପିଇବା ପାଣି ବ୍ୟବସ୍ଥା ନଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୋଦର ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲରେ ନଳକୂପ ନଷ୍ଟ ହୋଇଯାଇଛି । କୋମଳମତି ପିଲାମାନେ ପିଇବା ପାଣିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।

## ଧାମନଗର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତୋତ୍ସବ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭା ମୁଖ୍ୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ଅଧ୍ୟାପକ ଲଳାଟେନ୍ଦୁ ମଲ୍ଲିକ ମୁଖ୍ୟବକ୍ତା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ସ୍ୱାଗତିକା ରାୟ ଓ ଡ. ଦେବାଶିଷ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠପଢା ଓ ଭବିଷ୍ୟତ ଜୀବନରେ କୃତକାର୍ଯ୍ୟ ପାଇଁ ସଫଳତାର ମନ୍ତ୍ର ଦେଇଥିଲେ । ମସ୍ତିଷ୍କର ସ୍ଥିରତା, ଶୃଙ୍ଖଳା ଓ ଆଗ୍ରହ ସହ ପଢ଼ିଲେ ନିଶ୍ଚିତ ଭବିଷ୍ୟତରେ ଲକ୍ଷ୍ୟ ହାସଲ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ସହ ଅତିଥି ପରିଚୟ ଓ ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଂଚାଳନ କରିଥିଲେ। ।

## ଇଫ୍‌କୋ ପାରାଦୀପ ୟୁନିଟ୍‌କୁ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର




ପାରାଦୀପ(ଭାସ୍କର ନ୍ୟୁଜ): ବିଶ୍ୱର ବୃହତ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ସଂସ୍ଥା ପାରାଦୀପ ୟୁନିଟକୁ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ୨୦୨୪-୨୫ ବର୍ଷ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବୃହତ ଉତ୍ପାଦନ କ୍ଷେତ୍ର ବର୍ଗରେ ସମ୍ମାନଜନକ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାରରେ ସମ୍ମାନିତ କରାଯାଇଛି। କୋଲକାତାର ଆଇଟିସି ସୋନାରରେ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀ ଅବସରରେ ରଞ୍ଜିତ କୁମାର ସ୍ୱାଇଁ, ଯୁଗ୍ମ ସାଧାରଣ ପରିଚାଳକ ଓ ଆଦିଲ ଖ୍ୱାକର, ଡେପୁଟି ମ୍ୟାନେଜର, ସହ-ଚେୟାରମ୍ୟାନ୍, ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ସବ୍ କମିଟି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଇଏସସି ଲିମିଟେଡ୍ ସ୍ନେହାସିସ୍ ସମାଦରଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ। ବିଶ୍ୱର ସର୍ବବୃହତ ଫସଫେଟିକ୍ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍, ପାରାଦୀପ ୟୁନିଟ୍ର କାର୍ଯ୍ୟଦକ୍ଷତା ବର୍ଷ ପାଇଁ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷତା ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର ହାସଲ କରି ପୁଣି ଶିଳ୍ପ ଉତ୍କର୍ଷତାରେ ମାନଦଣ୍ଡ ସ୍ଥାପନ କରିଛି। ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ପ୍ରଦାନ କରାଯାଇଥିବା ପୁରସ୍କାର ବୃହତ-ମାନ ଉତ୍ପାଦନ ବର୍ଗରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ଇଫକୋ ପାରାଦୀପ ୟୁନିଟ୍‌ର ଉତ୍କୃଷ୍ଟ ପ୍ରଦର୍ଶନକୁ ସୂଚିତ କରେ ।

## ଶକ୍ତି ସଂରକ୍ଷଣ ଓ ଧାରଣୀୟ ଭବନ ସଂହିତା ତାଲିମ ଶିବିର

ଯାଜପୁର(ଭାସ୍କର ନ୍ୟୁଜ): ଇଆଇସି ତଥା ପିସିଇଆଇ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା କୋଠା ସେଲ୍ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଇସିଏସବିସି ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲା ପରିଷଦ, ଯାଜପୁର ଟାଉନ୍ ଏବଂ ବ୍ୟାସନଗର ପୌରପାଳିକା, ଗ୍ରାମ୍ୟ ନିର୍ମାଣ ବିଭାଗ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ, ଇଡକୋ ଏବଂ ଶକ୍ତି ବିଭାଗର ଅଧିକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଲମ୍ବୋଧର ଖୁଣ୍ଟିଆ ଏବଂ ଡିଆଇପିଆର କାମିନୀ ରଞ୍ଜନ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ସମୀକ୍ଷା ମହାପାତ୍ର, ରାଜ୍ୟ ନିର୍ମାଣ ସଂସ୍ଥା ଓଡିଶା ଏବଂ କୋଠା ସେଲ୍ ପରାମର୍ଶଦାତା ତାରକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଇଂ ସମୀକ୍ଷା ମହାପାତ୍ର ଇସିଏସବିସି କୋଡ୍ ବିକାଶ ପାଇଁ ୟୁଏଲ୍‌ବି ସହ ସହଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଖୁଣ୍ଟିଆ ଶକ୍ତି ସଂରକ୍ଷଣ କୋଡ୍‌ର ସୁଗମ କାର୍ଯ୍ୟାନ୍ୱୟନ ପାଇଁ କୋଠା କ୍ଷେତ୍ରର ଅଂଶୀଦାରଙ୍କ ଦ୍ୱାରା ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ଶକ୍ତି ଦକ୍ଷତା ବ୍ୟୁରୋର ମାଷ୍ଟର ଟ୍ରେନର କୁମାର ବିପ୍ଳବଙ୍କ ନେତୃତ୍ୱରେ ତାଲିମ ଅଧିବେଶନ ହୋଇଥିଲା । ବାଣିଜ୍ୟିକ ଓ ଆବାସିକ କୋଡ୍ ପାଇଁ ଇସିଏସବିସି କୋଡ୍ ଉପରେ ବୈଷୟିକ ଅଧିବେଶନ, ବିସ୍ତୃତ ଅନୁପାଳନ ପ୍ରକ୍ରିୟା ଏବଂ ଶକ୍ତି ସିମୁଲେସନ୍ ସଫ୍ଟୱେର ଉପକରଣ ଉପରେ କର୍ମଶାଳା ପ୍ରଦର୍ଶିତ ହୋଇଥିଲା ।

## ଓଡ଼ିଆ ପୋଇ ସାହିତ୍ୟ ସଂପର୍କରେ ଆଲୋଚନାଚକ୍ର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଓଡ଼ିଆ ପୋଇ ସାହିତ୍ୟ' ସଂପର୍କରେ ଏକ ଆଲୋଚନାଚକ୍ର କେନ୍ଦ୍ରର ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତା ଭାବରେ ଡ.ମନସା ଶ୍ରୀଚନ୍ଦନ ରାୟ, ବରିଷ୍ଠ ଗବେଷିକା ଓଡ଼ିଆ ପୋଇ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ.ସଞ୍ଜୟ କୁମାର ବାଗ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଗବେଷକ ଡ.ଗୋବିନ୍ଦ ଚନ୍ଦ୍ର ପେଣ୍ଡୋଇ, ଡ.ଅମ୍ବରୀଶ ଶତପଥୀ, ଡ.ମିତାଲି ମଧୁସ୍ମିତା ମହାନ୍ତି, ଡ.ଜ୍ୟୋତିପ୍ରଭା ମହାନ୍ତି, ଡ.ହିମାଦ୍ରି ତନୟା ମିଶ୍ର, ରୂପଶ୍ରୀ ଧରଙ୍କ ସମେତ ବହୁ ଶିକ୍ଷାବିତ୍ ଓ ଗବେଷକ ଅଂଶଗ୍ରହଣ କରିଥିଲେ।

## ନୂଆଙ୍କ ନିଯୁକ୍ତିରେ ପୁରୁଣା ପ୍ରତିବନ୍ଧକ, ବ୍ଲକ୍ ଘେରିଲେ ଶତାଧିକ ମହିଳା



ନିମାପଡା(ଭାସ୍କର ନ୍ୟୁଜ): ସରକାର ବଦଳିଥିବା ବେଳେ ମିଶନଶକ୍ତି ମହିଳାଙ୍କ ପଦବୀ ବଦଳିବାରେ ବିଚାର ବିମର୍ଶ ଚାଲିଥିବା ବେଳେ ଏହାକୁ ନେଇ ଶତାଧିକ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ଅଚାନକ ବିକ୍ଷୋଭ କରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଯେଉଁ ମହିଳାମାନେ ପଂଚାୟତର ମିଶନ ଶକ୍ତିର ସଭାପତି ସଂପାଦିକା ସେହିମାନେ ରହିବା ପାଇଁ ଦାବି କରିଛନ୍ତି, ଯାହାଦ୍ୱାରା ଅନ୍ୟ ମହିଳାମାନେ ଏହି ଯୋଜନାରୁ ବାଦ୍ ପଡୁଛନ୍ତି । ସମସ୍ତ ମହିଳାଙ୍କ ଗୋଟିଏ ସ୍ୱର ଆମେ ପ୍ରଭାତୀ ପରିଡାଙ୍କୁ ଭୋଟ ଦେଇଛୁ । ଯଦି ପ୍ରଭାତୀ ପରିଡାଙ୍କୁ ସମସ୍ତେ ଭୋଟ ଦେଲେ ବିରୋଧି ବିଜେଡି କେଉଁଠାରୁ ଏତେ ଭୋଟ ଆଣିଲା ସଭାନେତ୍ରୀ ବଦଳିବାରେ ଭୋଟ ସହିତ କଣ ସଂପର୍କ ରହିଛି । ଯାହାକୁ ନେଇ ଏପରି ତୁମ୍ବି ତୋଫାନ ଦେଖାଦେଇଛି । କେତେକ ବିରୋଧି କର୍ମୀ ସେଠାରେ ପହଞ୍ଚି ଏହି ମହିଳା ବିକ୍ଷୋଭରେ ସାମିଲ ହୋଇଛନ୍ତି । ସୂଚନା ଅନୁଯାୟୀ ନିମାପଡା ବ୍ଲକ ଅଧିନରେ ଥିବା ୩୨ ପଂଚାୟତରେ ମିଶନଶକ୍ତି ମହିଳା ମା'ମାନେ ରହିଛନ୍ତି । ବିଜେଡି ସରକାର ଅମଳରୁ ସଭାପତି, ସଂପାଦିକା ଓ ଇସି ମେମ୍ବରମାନେ ପଦବୀରେ ରହିଥିବା ବେଳେ ସରକାର ବଦଳିବା ପରେ ବିଜେପି ସରକାରଙ୍କ ମହିଳା ଯୋଜନା କାର୍ଡ, ଶୁଣ ସୁଭଦ୍ରା, କୁହ ସୁଭଦ୍ରା, ସୁଭଦ୍ରା ସେତୁ ସୁଭଦ୍ରା ଯୋଜନାକୁ ନେଇ ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା ସରକାର କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି । ମହିଳାଙ୍କ ବିକାଶ ସରକାରଙ୍କ ମୂଳଲକ୍ଷ୍ୟ ଥିବା ବେଳେ ସଭାନେତ୍ରୀ, ସଂପାଦିକା ଓ ଇସି ମେମ୍ବରଙ୍କୁ ପରିବର୍ତ୍ତନ କରି ନୂଆ ମେମ୍ବେର ଚୟନ ପ୍ରକ୍ରିୟା ଚାଲିଥିବା ବେଳେ ପଞ୍ଚାୟତରେ ପୂର୍ବରୁ ଥିବା ମିଶନ ଶକ୍ତି ସଭାନେତ୍ରୀ ସଂପାଦିକା ଓ ଇସିମାନେ ସେହି ପଦବୀରେ ରହିବେ ବୋଲି ଦାବି କରି ଶୁକ୍ରବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶି ବିକ୍ଷୋଭ କରିଥିଲେ । ନିମାପଡା ପୋଲିସ୍ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀ, ନିମାପଡା ଥାନା ଅଧିକାରୀ ବାମଦେବ ସ୍ୱାଇଁ, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ସମେତ ପୋଲିସ୍ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ମହିଳାମାନେ ଏହି କଥା ନଶୁଣି ବିକ୍ଷୋଭ ଜାରି ରଖିଥିଲେ । ପରେ ପୋଲିସ୍ ବିଡିଓଙ୍କୁ ଡକାଇ ମହିଳାଙ୍କ ସହ ଆଲୋଚନା କରିଥିବା ବେଳେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା । ମାତ୍ର ପଞ୍ଚାୟତର ନୂତନ ମହିଳାଙ୍କୁ ସୁଯୋଗ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା କରୁଥିବା ବେଳେ କଣ ପାଇଁ ପୁରୁଣା ରହିବେ ବୋଲି ଅନେକ ମହିଳା ମଧ୍ୟ ପ୍ରଶ୍ନ କରିଛନ୍ତି । ବିଡିଓ ଡଃ ଅଭିଜିତ୍ ଷଡଙ୍ଗୀ କହିଛନ୍ତି, ମହିଳାଙ୍କ ଦାବି ରାଜ୍ୟ ସରକାରଙ୍କୁ ପଠାଯିବ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଆମ୍ଭେ କାର୍ଯ୍ୟକାରୀ କରିବୁ ।

## ପଥରପଦା ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିହୀନ କହିଲେ ପଞ୍ଚାୟତବାସୀ

କୋରେଇ(ଭାସ୍କର ନ୍ୟୁଜ): ରାଜ୍ୟରେ ନୂତନ ସରକାର ଭୂମିହୀନଙ୍କୁ ଖୁବ୍‌ଶୀଘ୍ର କିଭଳି ସରକାରୀ ଜମି ଯୋଗାଇଦେବେ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପ୍ରତ୍ୟେକ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ହିତାଧିକାରୀମାନେ ଆବେଦନ କରିବ ପାଇଁ ସୁବିଧା ଯୋଗାଇ ଦେଉଛନ୍ତି। କିନ୍ତୁ କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ଗ୍ରାମ ପଞ୍ଚାୟତରେ ଭୂମି ହିନ ହିତାଧିକାରୀ ମାନଙ୍କ ପାଇଁ ରାଜସ୍ୱ ନୀରିକ୍ଷକ ଙ୍କ କାର୍ଯ୍ୟାଳୟରେ ଅବେଦେନ୍ ହେଉଥିବା ବେଳେ ସରପଞ୍ଚ ମଧୁସ୍ମିତା ବାରିକ ବିଜେପି କର୍ମୀ ଲାଞ୍ଚ ନେଉଥିବା ସାମାଜିକ ଗଣମାଧ୍ୟମ ରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପଥରପଦା ପଞ୍ଚାୟତବାସୀମାନେ ଏହା ସମ୍ପୂର୍ଣ୍ଣ ମିଛ ଭିତ୍ତି ହିନ ବୋଲି କହିଛନ୍ତି। କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳୀୟ କର୍ମୀମାନେ ଆଦିବାସୀ ଲୋକଙ୍କୁ ପଟ୍ଟା ଆବେଦନରେ ସାହାଯ୍ୟ କରିଥିଲେ, କିନ୍ତୁ ଦୁଃଖର ବିଷୟ ସରପଞ୍ଚ ବର୍ଷେ ହେବ ପଞ୍ଚାୟତ ବା ପଞ୍ଚାୟତ କାର୍ଯ୍ୟାଳୟରେ ଦେଖା ମିଳୁ ନ ଥିବା ବେଳେ ନିଜର ଅପାରଗତାକୁ ଲୁଚେଇବା ପାଇଁ ସାମାଜିକ ଗଣମାଧ୍ୟମର ଆଶ୍ରୟ ନେଇଥିବା ପଥର ପଦା ବିଜେପି ସଭାପତି କହିଛନ୍ତି। ଯେଉଁମାନେ ମିଛ ଲାଞ୍ଚ ନେବା କଥା ସାମାଜିକ ଗଣମାଧ୍ୟମରେ କହିଥିଲେ ଉଭୟ ଯୁବକ ମଧ୍ୟ କହିଛନ୍ତି ନିଶାକ୍ତ ଅବସ୍ଥାରେ ଥିଲୁ ଯାହାଫଳରେ ଏମିତି କହିଥିବା ନିଜେ ସ୍ୱୀକାର କରିଛନ୍ତି।

## ଦଶରଥପୁର ବନ୍ୟାଞ୍ଚଳ ଅନୁଧ୍ୟାନ କଲା କଂଗ୍ରେସ ପ୍ରତିନିଧି ଦଳ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ଶାଖା କାଣୀ ନଦୀରେ ୧୦୦ ଫୁଟ ଘାଇ ସୃଷ୍ଟି ହୋଇ ବିପୁଳ କ୍ଷୟ କ୍ଷତି ଘଟିଛି। ଏହି ଆକସ୍ମିକ ବନ୍ୟା ପରିସ୍ଥିତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ପୂର୍ବତନ ସାଂସଦ ଅଂଚଳ ଦାସ ଓ କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଥିବା ଦଶରଥପୁର ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ଦଳିତ ସେଲ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ଦଶରଥପୁର ବ୍ଲକ ଉପସଭାପତି ଚନ୍ଦ୍ରଶେଖର ସାହୁ, ଯୁବନେତା ସାଗର ପରିଡା, ଅନୁପମ ମଲ୍ଲିକ, ଚିନ୍ମୟ ସାହୁ, ପାଳଟପୁର ସରପଞ୍ଚ ଲିପିକା ମଲ୍ଲିକ ଏବଂ ସ୍ଥାନୀୟ କଂଗ୍ରେସ ନେତୃମଣ୍ଡଳୀ ଘାଇ ହୋଇଥିବା ସ୍ଥାନରେ ପହଞ୍ଚି ଘାଇ ସମ୍ପର୍କରେ ପଚାରି ବୁଝିବା ସହିତ ବିପନ୍ନଙ୍କ ସହ ଆଲୋଚନା କରିଥିଲେ।ଜଳବନ୍ଦୀ ହେଇଥିବା କସପା, ମଲ୍ଲିକାପୁର ପଞ୍ଚାୟତର ବହୁ ଗ୍ରାମ ଏହି ଘାଇ ଯୋଗୁଁ ବିଶେଷ ଭାବେ ପ୍ରଭାବିତ ହୋଇଛି । ବହୁ ଗୃହ ପାଳିତ ପଶୁପକ୍ଷୀ ଭାସି ଯାଇଛନ୍ତି । ସହସ୍ରାଧିକ ଏକର ଚାଷ ଜମି ବୁଡିଯିବା ଫଳରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ବିଦ୍ୟୁତ ସରାବରାହ ମଧ୍ୟ ଏଯାଏଁ ବନ୍ଦ ଥିବାରୁ ଅନ୍ଧାର ରାତ୍ରୀରେ ବିପନ୍ନଙ୍କ ଦୁଃଖ ଆହୁରି ବଢି ଯାଇଛି। ବନ୍ୟାଂଚଳ ଅଞ୍ଚଳ ବୁଲି ସାରିବା ପରେ ପ୍ରତିନିଧିଦଳ ଜିଲ୍ଲାପାଳ ଅମ୍ବର କୁମର କର, ବିଡିଓ ଆକାଶ ପଟ୍ଟନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ବନ୍ୟା ପରିସ୍ଥିରେ ଲୋକ କିଭଳି ପରିସ୍ଥିତିରେ ଅଛନ୍ତି ସେ ସମ୍ପର୍କରେ ଅବଗତ କରାଇଥିଲେ। ଯଥାଶୀଘ୍ର ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଏହି ପ୍ରତିନିଧି ଦଳ ଦାବି କରିଛନ୍ତି।

## ଲକ୍ଷାଧିକ ଟଙ୍କାର ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ




ରଣପୁର(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଆଗାମୀ ଶାରଦୀୟ ଦୁର୍ଗା ପୂଜାକୁ ଶୃଙ୍ଖଳିତ କରିବା ପାଇଁ ଓଡିଶା ପୋଲିସ ର ଆରମ୍ଭ ହୋଇଛି ଅପରେସନ ପ୍ରହାର। ନୟାଗଡ଼ ଜିଲ୍ଲା ରଣପୁର ଅବକାରୀ ଥାନା କର୍ମଚାରୀ ଅଭାବ ଆଳ ଦେଖାଇ ଚୁପଚାପ ଶୋଇଥିବା ବେଳେ ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ଚୋରା ମାଦକ ଦ୍ରବ୍ୟ କାରବାର ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ସମସ୍ତ ଥାନା କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଥାନା ଉପ ନିରୀକ୍ଷକ ସଞ୍ଜୟ କୁମାର ପରିଡା ଶୁକ୍ରବାର ମଧ୍ୟାହ୍ନରେ ପେଟ୍ରୋଲିଂ କରୁଥିବା ସମୟରେ ଚାନ୍ଦପୁର ଓଭରବ୍ରିଜ୍‌ରେ ଏକ ଗ୍ଲାମର ମୋଟରସାଇକେଲକୁ ତନଖି କରିଥିଲେ। ମୋଟର ସାଇକେଲରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଖଣ୍ଡିଆବନ୍ଧ ଗ୍ରାମର ଆନନ୍ଦ କୁମାର ବଳିଆରସିଂ(୪୩)କୁ ଗିରଫ କରିବା ସହ ଗ୍ଲାମର ମୋଟର ସାଇକେଲକୁ ଜବତ କରି ଥାନାରେ ରିପୋର୍ଟ କରିଥିଲେ। ଥାନା ନିରୀକ୍ଷକ ସ୍ୱାଇଁ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବଳିଆରସିଂକୁ ନୟାଗଡ଼ ଅଦାଲତକୁ ଚାଲାଣ କରିଥିବା ଜଣାପଡିଛି। ଆଗାମୀ ଶାରଦୀୟ ପୂଜା ପୂର୍ବରୁ ଅପରେସନ ପ୍ରହାରକୁ ଜୋରଦାର କରାଯିବ ବୋଲି ନିରୀକ୍ଷକ ସ୍ୱାଇଁ କହିଛନ୍ତି।

# ଗୁପ୍ତ ଟେଣ୍ଡର କରି ପୂର୍ତ୍ତ ବିଭାଗରୁ ଖାଇଦେଲେ କୋଟି କୋଟି ଟଙ୍କା !

କୋରେଇ(ଭାସ୍କର ନ୍ୟୁଜ): ବର୍ତ୍ତମାନ ରାଜ୍ୟ ସରକାର ସବୁ କ୍ଷେତ୍ରରେ ଦୁର୍ନୀତି ରୂପକ ରାକ୍ଷସ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଥିବା ବେଳେ ପାଣିକୋଇଲି ପୂର୍ତ୍ତ ବିଭାଗର କାର୍ଯ୍ୟାଳୟର କର୍ମଚାରୀମାନେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଦେଖିବାକୁ ମିଳୁଛି। ଅଭିଯୋଗ ହେଉଛି କି ବିନା ଟେଣ୍ଡରରେ କୋଟି କୋଟି ଟଙ୍କାର କାମ କରାଯଉଛି, ତାହା ପୁଣି କିଛି ନିର୍ଦ୍ଦିଷ୍ଟ ଠିକାଦାର ଓ ସେମାନଙ୍କ ପରିବାରର ଲୋକଙ୍କ ନାମରେ ଚୁକ୍ତି କରି। ଅଭିଯୋଗ ହେଉଛି କି ବିନା କାମରେ ବି କିଛି ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ହାତ କରି ବିଲ୍ କରି ନେଉଛନ୍ତି। ସବୁଠାରୁ ବେଶୀ ଅଭିଯୋଗ ବରୁଣ୍ଡେଇରୁ ମୁକୁନ୍ଦପୁର ରାସ୍ତା ମରାମତିରେ ଆସିଛି। ଏହି ରାସ୍ତାର ମରାମତି ପାଇଁ ଗୋଟିଏ ବର୍ଷରେ କୁଆଡେ ଗୋଟେ ପରିବାର ନାମରେ ୧୦୦ରୁ ଉର୍ଦ୍ଧ୍ୱ ଚୁକ୍ତି ହୋଇଛି। ଏମିତିକି ରାସ୍ତାରୁ ଘାସ ସଫକରିବା, ରଙ୍ଗ ଦେବା ନାମରେ କୋଟି କୋଟି ଟଙ୍କା କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବିଭାଗ ଉପହାର ଦେଇଥିବା ଅଭିଯୋଗ ହେଉଛି । ଏହି ବିଭାଗରେ ବିଭିନ୍ନ ପ୍ରକଳ୍ପର ଦୁର୍ନୀତି ଓ ହେରଫେରର ମୁଖା ଖୋଲିଯିବା ଭୟରେ ସଂପୃକ୍ତ ଅଧିକାରୀ ଆରଟିଆଇ ଦେଉନାହାନ୍ତି ଓ ସେମାନେ ଆବେଦନକୁ ପକେଇ ରଖୁଛନ୍ତି। ଏପରିକି ଆବେଦନକାରୀ ଆଇନ ଅନୁସାରେ ଅପିଲ କଲେ ବି କିଛି ହେଉନାହିଁ ବୋଲି ସୂଚନା ମାଗିଥିବା ସାମ୍ବାଦିକ ପ୍ରମୋଦ ପାତ୍ର, ପ୍ରହଲ୍ଲାଦ ଦେଓ ପ୍ରକାଶ କରିଛନ୍ତି। ଏମିତିକି ସୂଚନା ପ୍ରଦାନକାରୀ ଅଧିକାରୀ ଜଣକ ଆଜି ଦେବି କାଲି ଦେବି ବୋଲି ଦିନ ଗଡ଼ାଇ ଆବେଦନକାରୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ବିଭାଗର କିଛି ପ୍ରକଳ୍ପର କାର୍ଯ୍ୟ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା ପୂର୍ବରୁ ଅଭିଯୋଗ ହୋଇଛି। ତେଣୁ ଉକ୍ତ ଦୁର୍ନୀତିକୁ ଲୁଚାଇବାକୁ ସୂଚନା ଅଧିକାର ଆଇନକୁ ଦଳିମକଚି ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ରାଜ୍ୟରେ ସୂଚନା ଅଧିକାର ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ବିପୁଳ ଟଙ୍କା ଖର୍ଚ୍ଚ କରି ବିଭିନ୍ନ କର୍ମଶାଳା ଓ ସଚେତନତା ବୈଠକ ଆୟୋଜିତ ହେଉଛି । ହେଲେ ଏଠାରେ ଜଣେ ସଚେତନ ବ୍ୟକ୍ତି ସୂଚନା ପାଇବାକୁ ଆବଶ୍ୟକ ଫର୍ମ ପୂରଣ କରି ଆବେଦନ କରିବାର ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ତାଙ୍କୁ ତଥ୍ୟ ଦିଆନଯାଇ ସୂଚନା ଅଧିକାର ଆଇନର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପାଣିକୋଇଲି ପୂର୍ତ୍ତ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁଙ୍କ ମୋବାଇଲକୁ ଯୋଗାଯାଗ କରିଥିଲୁ, ସେ ସୂଚନା ଦେଉଥିବା କର୍ମଚାରୀଙ୍କୁ ଡାକି ତାଗିଦ କରିବା ସହିତ ଆଗକୁ ସୂଚନା ପ୍ରଦାନ ଠିକ ସମୟରେ କରାଯିବ ବୋଲି ପ୍ରତିକ୍ରିୟା ରେ କହିଥିଲେ।

# ବାଳିକାଙ୍କୁ ଏଚ୍‌ଏମ୍‌ଭି ସାର୍ଟିଫିକେଟ୍ ସାମାଜିକ ପ୍ରତିବନ୍ଧକ ଦୂର କରିଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍




ଯୋଡା(ଭାସ୍କର ନ୍ୟୁଜ): ଅନେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ସାମାଜିକ ପ୍ରତିବନ୍ଧକ ଦୂର କରିପାରିଛନ୍ତି ଯୋଡା ଅଞ୍ଚଳର ୧୦ ଜଣ ଆଦିବାସୀ ଯୁବତୀ। ପରିବାରର ସ୍ଥିତି ସୁଧାରିବାର ଦୃଢ଼ ସଂକଳ୍ପ ଓ ଅଭିଳାଷ ଯୋଗୁଁ ସେମାନେ ଆଜି ସମାଜର ଚିରାଚରିତ ଧାରାକୁ ଭାଙ୍ଗି ସଫଳତାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଭାରି ମୋଟର ଯାନ ଡ୍ରାଇଭିଂ ସାର୍ଟିଫିକେଟ ହାସଲ କରି ପରିବାରକୁ ଆର୍ଥିକ ସହାୟତା କରିବା ପାଇଁ ଆଗକୁ ଆସି ସ୍ଥାନୀୟ ଅଞ୍ଚଳର ଝିଅମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସଫଳ ଯୁବତୀ ହେଉଛନ୍ତି କେନ୍ଦୁଝର ଜିଲ୍ଲାର ଗୁଆଳି ଗ୍ରାମ ପଞ୍ଚାୟତର ଦୀପା ଲୋହାର। ଏକ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ଦୀପା, ମୌଳିକ ଶିକ୍ଷା ପରେ ଆଗକୁ ପାଠ ପଢିବାର ସୁଯୋଗ ପାଇ ନଥିଲେ। ହେଲେ ପରିବାରର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ସେ ଦୃଢ଼ ସଂକଳ୍ପ ନେଇଥିଲେ। ଏବେ ମାତ୍ର ୨୩ ବର୍ଷ ବୟସରେ ସେ ଭାରି ମୋଟର ଯାନ (ଏଚ୍‌ଏମ୍‌ଭି) ଡ୍ରାଇଭିଙ୍ଗ ଲାଇସେନ୍ସ ହାସଲ କରିଛନ୍ତି। ତାହା ଏଭଳି ଏକ ଯୋଗ୍ୟତା ଯାହା ପୁରୁଷମାନଙ୍କ ମଧ୍ୟରେ ମଧ୍ୟ ଅତ୍ୟନ୍ତ କମ୍ ଦେଖାଯାଏ। ଏ ସମ୍ପର୍କରେ ଗୁଡାସାହିର ଦୀପା କହିଛନ୍ତି, ଆମ ଛଅ ଜଣିଆ ପରିବାରରେ କେବଳ ମୋ ଭଉଣୀ ରୋଜଗାର କରୁଥିଲେ। ସେଥିପାଇଁ ମୋର ପାଠପଢ଼ା ଅଧାରେ ଅଟକି ଯାଇଥିଲା। କିନ୍ତୁ ଏହି ଗାଡ଼ି ଚାଳନା ତାଲିମ ଯୋଗୁଁ ଦକ୍ଷତା ତାଲିମ ସହ ପରିବାର ଚଳାଇବା ପାଇଁ ମୋ ଭଉଣୀକୁ ମଧ୍ୟ ମୁଁ ସହଯୋଗ କରିବାପାଇଁ ଆଗକୁ ଆସି ପାରିଛି । ମୋତେ ସହଯୋଗ କରିବା ସହ ସଶକ୍ତ କରିଥିବାରୁ ଟିଏସ୍‌ଏଫ୍‌କୁ କୃତଜ୍ଞତା ଜଣାଉଛି। ପାର୍ଶ୍ୱବର୍ତ୍ତୀ ସୁନ୍ଦରଗଡ଼ ଜିଲ୍ଲାର ମାଲଦା ପଞ୍ଚାୟତ ଅଧୀନରେ ଥିବା ଗେଡ୍ରାଗୋଡ଼ା ଗ୍ରାମର ସସ୍ମିତା ପାତ୍ରଙ୍କ କାହାଣୀ ମଧ୍ୟ ଦୀପାଙ୍କ ଭଳି ସାହସର ଏକ ଯାତ୍ରା ଥିଲା। ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢିଥିବା ସସ୍ମିତା, ପିତାଙ୍କ ମୃତ୍ୟୁ ପରେ ନିଜର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଭିତରେ ଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଡ୍ରାଇଭିଂ ଶିଖିବାର ସୁଯୋଗ ମିଳିଥିଲା, ସେ ଏହାକୁ ହାତଛଡା କରିନଥିଲେ। ବଣାଇସ୍ଥିତ ଅଶୋକ ଲେଲ୍ୟାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡ୍ରାଇଭର ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ସୋସାଇଟିରେ ଏକ ଇଣ୍ଟେନ୍ସିଭ ଆବାସିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଏହି ଯୁବତୀଙ୍କ ଯାତ୍ରା ଆଗକୁ ବଢ଼ିଛି। ଏକାଧିକ ସପ୍ତାହ ଧରି ୧୦ଜଣ ମନୋନୀତ ପ୍ରାର୍ଥୀ ଏକ ପାଠ୍ୟକ୍ରମରେ ସାମିଲ ହୋଇଥିଲେ। ସେମାନଙ୍କର ସଫଳତା ତାଙ୍କ ଗାଁରେ ଏକ ନୂଆ ପରିବର୍ତ୍ତନର ଆରମ୍ଭ କରିଛି, ଯେଉଁଠାରେ ପିଲା ଓ ଅଭିଭାବକ ଝିଅଙ୍କ ପାଇଁ ନୂଆ ସମ୍ଭାବନା ଦେଖିବା ଆରମ୍ଭ କରିଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ଏହି ପଦକ୍ଷେପ ଆଦିବାସୀ ମହିଳାମାନଙ୍କ ପାଇଁ ଧୀରେ ଧୀରେ ଦ୍ୱାର ଖୋଲୁଛି। ୨୭ ଜଣ ଯୁବତୀଙ୍କର ଏକ ଦଳ ପ୍ରଥମେ ଲଘୁ ମୋଟର ଯାନ ଚାଳନା ପ୍ରଶିକ୍ଷଣ ନେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୀପା ଏବଂ ସସ୍ମିତାଙ୍କ ସମେତ ୧୦ ଜଣ ବର୍ତ୍ତମାନ ଏଚ୍‌ଏମ୍‌ଭି ଚାଳକ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି। ନିଜ ସମୁଦାୟ ପାଇଁ ଏହି ଯୁବତୀମାନଙ୍କର ରୋଜଗାର ଏକ ଲାଇସେନ୍ସଠାରୁ ଅଧିକ ହୋଇଥିବା ବେଳେ ତାହା ପାଲଟିଛି ମର୍ଯ୍ୟାଦା, ସ୍ୱାଧୀନତା ଏବଂ ପ୍ରତିବନ୍ଧକ ଦୂର କରିବାର ପ୍ରତୀକ।



ବାରିପଦା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଝଂଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅମରଜ୍ୟୋତି ଫାଉଣ୍ଡେସନ ଓ ଡେକିଟ ଇଣ୍ଡିଆର ମିଳିତ ଉଦ୍ୟମରେ ଦୁଇଦିନିଆ ସ୍ୱଚ୍ଛତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ବାରିପଦା ମ୍ୟୁନିସିପାଲିଟି ଓ ବ୍ଲକ ଅନ୍ତର୍ଗତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ଜଣ ଲେଖାଏଁ ଶିକ୍ଷକ/ ଶିକ୍ଷୟିତ୍ରୀ ପର୍ଯ୍ୟାୟ କ୍ରମେ ଦୁଇଦିନ ପ୍ରଶିକ୍ଷଣ ନେଇଥିଲେ ଓ ଏହି ପ୍ରଶିକ୍ଷଣ ଶିବିରରେ ସ୍ୱଚ୍ଛତା, ପରିମଳ, ବିଶୁଦ୍ଧ ପାନୀୟ ଜଳ ଓ ମାସିକ ସ୍ୱଚ୍ଛତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଡିଆଇଟି ପ୍ରମୋଦ କୁମାର ଡାକୁଆ, ମୁଖ୍ୟ ବକ୍ତା ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଡେକିଟ ଇଣ୍ଡିଆର ଚନ୍ଦ୍ର ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ଜୋନାଲ ସଂଯୋଜକ ରାମା ପ୍ରଧାନ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବାସମନ ସୋରେନ ବାରିପଦା ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ନିହାରିକା ବାରିକ ପରିଚାଳନା କରିଥିଲେ ଓ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଂଶଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

କଣ୍ଟାପଡା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଦୈନିକ ୩ ହଜାରରୁ ଊର୍ଦ୍ଧ୍ୱ ରୋଗୀ ନିର୍ଭର କରିଥାନ୍ତି। ଏମିତିକି ବ୍ଲକ ବାହାରୁ ବାଲିଅନ୍ତା ବାଲିପାଟଣା ନିଆଳି ଓ ବାରଙ୍ଗ ଶହ ସହ ରୋଗୀ ଚେଭି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଅବ୍ୟବସ୍ଥା ଭିତରେ ଗତି କରୁଥିବା ରୋଗୀଙ୍କ ସର୍ବନିମ୍ନ ଅଭିଯୋଗ ଆଣିଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ପାଇଁ ଶୌଚ ହେବାପାଇଁ ଥିବା ପାଇଖାନା ଗୁଡିକ ଅପରିଷ୍କାର ହୋଇ ପଡ଼ିରହିଛି। ଏହି ପାଇଖାନାରେ ମଳମୂତ୍ର ତ୍ୟାଗ କରିବା ତ ଦୂରର କଥା ଏହା ପାଖରେ ଛିଡା ହୋଇ ରହିବା ମଧ୍ୟ ଦୁଃସାଧ୍ୟ ହୋଇପଡୁଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟିର ଦାୟୀତ୍ୱରେ ଥିବା ଅଧିକାରୀ ସଠିକ ସମୟରେ ପାଇଖାନା ସଫା ନିମନ୍ତେ ଫିନାଇଲ, ବ୍ଲିଚିଂ, ହାତ ଧୋଇବା ପାଇଁ ସାବୁନ, ହ୍ୟାଣ୍ଡ ୱାସ ବ୍ୟବହାର ପାଇଁ ସରକାର ଯୋଗାଇ ଦେଇଛନ୍ତି। ଏଥିପାଇଁ ମାସିକ ଲକ୍ଷାଧିକ ଟଙ୍କା ଆସୁଥିଲେ ମଧ୍ୟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ହରିଲୁଟ କରିଥିବା ଅଭିଯୋଗ ହେଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପୂର୍ବସରକାର ୫ଟିରେ ପୂର୍ତ୍ତ ବିଭାଗ ଏହି କାମ କରିଥିବା ବେଳେ ନିର୍ମାଣ ହେଉଥିବା ପାଇଖାନା ଗୁଡିକ ରକ୍ଷଣା ବେକ୍ଷଣ ଅଭାବରୁ ଅପରିଷ୍କାର ପରିବେଶ ସୃଷ୍ଟି କରିଛି। ଯାହାକୁ ନେଇ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ ପୁଷ୍ଟିଙ୍କୁ ପଚାରିବାରୁ ୫ଟି କାର୍ଯ୍ୟ ଚାଲୁରହିଥିବା ବେଳେ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କୁ କହିଛୁ, ଖୁବଶୀଘ୍ର କାମ ସାରିବେ ସଫେଇ କାର୍ଯ୍ୟ ପାଇଁ ଫାର୍ମାସିଷ୍ଟ ଦାୟିତ୍ୱରେ ଅଛନ୍ତି। ତାଙ୍କୁ ନିର୍ଦ୍ଦେଶ ଦେଇଛି ସେମାନେ ଫିନାଇଲ ବ୍ଲିଚିଂ ପକାଇବେ।

# ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ରସାର ଏବଂ ସଚେତନତା କର୍ମଶାଳା




ଭଦ୍ରକ, (ଭାସ୍କର ନ୍ୟୁଜ୍): ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଭଦ୍ରକରେ 'ଟ୍ରେଡସ୍ ମାଧ୍ୟମରେ ବିଲ ରିହାତି' ଉପରେ ର୍ୟାମ୍ପ ପଦକ୍ଷେପ ଅଧୀନରେ ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ରସାର ଏବଂ ସଚେତନତା କର୍ମଶାଳା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାରମ୍ପରିକ ନଗଦ ଋଣ ଏବଂ ଓଭର ଡ୍ରାଫ୍ଟ ସୁବିଧାରେ ଏକ ବ୍ୟବହାରିକ ବିକଳ୍ପ ଭାବରେ ଟ୍ରେଡସକୁ ସ୍ଥାନିତ କରି, ଏମ୍‌ଏସ୍‌ଏମ୍‌ଇ ମଧ୍ୟରେ ସବୁଜିତ କାର୍ଯ୍ୟକାରୀ ପୁଞ୍ଜି ବଜାର ରଖିବାର ନିରନ୍ତର ଚ୍ୟାଲେଞ୍ଜକୁ ଉଜାଗର କରି ପ୍ରସଙ୍ଗ ସ୍ଥାପନ କରାଯାଇଥିଲା, ସୁସ୍ଥ ଅର୍ଡର ବହି ସତ୍ତ୍ୱେ ନଗଦ ପ୍ରାୟତଃ ପ୍ରାପ୍ୟରେ ବନ୍ଦ ରହିଥାଏ ସେ ନୂତନ ଯୁଗର ଯୋଗାଣ ଶୃଙ୍ଖଳା ଆର୍ଥିକ ସମାଧାନର ସମ୍ଭାବନା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବିଶେଷ କରି ଟ୍ରେଡସ ଦ୍ୱାରା ସକ୍ଷମ ବିଲ ରିହାତି ନଗଦ ପ୍ରବହାରେ ପୂର୍ବାନୁମାନ ଆଣିବା, ସିସି/ଓଡ଼ି ସୀମା ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମୂଲ୍ୟ ଶୃଙ୍ଖଳରେ ବ୍ୟୟ ଶୃଙ୍ଖଳାକୁ ସୁଦୃଢ କରିବା ଓ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ପାଇଁ ଆର୍ଥିକ ସହାୟତା ପାଇଁ ସରଳ, ଦୃତ ଏବଂ ଅଧିକ ସ୍ୱଚ୍ଛ ପ୍ରବେଶ ପାଇଁ ବିଭାଗର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ସେ ସମୟରେ ଦେୟ, ବ୍ୟବସାୟ କରିବାର ସହଜତା ଏବଂ ଏକ ସ୍ଥିର, ଅନ୍ତର୍ଭୁକ୍ତ ଶିଳ୍ପ ଇକୋ ସିଷ୍ଟମ ସୃଷ୍ଟି ସହିତ ଟ୍ରେଡସ ଗ୍ରହଣରେ ସମନ୍ୱୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଆର୍‌ବିଆଇ ଅନୁମୋଦିତ ଟ୍ରେଡସ ପ୍ଲାଟଫର୍ମ ଇନ୍‌ଭଏସ୍ ମାର୍ଟର ବିଷୟରେ ବିଶେଷଜ୍ଞ ମାନେ ବୈଷୟିକ ଅଧିବେଶନର ନେତୃତ୍ୱ ନେଇଥିଲେ। ଆଲୋଚନାରେ ଆର୍‌ବିଆଇ ଫ୍ରେମ ୱାର୍କ ଏବଂ ଅଂଶ ଗ୍ରହଣକାରୀ ଯୋଗ୍ୟତା, ଯୋଗାଣକାରୀ, କ୍ରେତା ଏବଂ ଆର୍ଥିକ ପ୍ରଦାତାଙ୍କ ଭୂମିକା, ଅନ ବୋର୍ଡିଂ ଏବଂ କେୱାଇସି ଆବଶ୍ୟକତା, ମୂଲ୍ୟ ଏବଂ ମୂଲ୍ୟ ଉପାଦାନ, ସମାଧାନ ଚକ୍ର ଏବଂ ଦାୟିତ୍ୱ, ଆଇନଗତ ଡକ୍ୟୁମେଣ୍ଟେସନ୍ ଏବଂ ଡିଜିଟାଲ ସାକ୍ଷର, ବିପଦ ନିୟନ୍ତ୍ରଣ, ସର୍ବୋତ୍ତମ ଅଭ୍ୟାସ ଅନ୍ତର୍ଭୁକ୍ତ ହୋଇଥିଲା। ଡକ୍ୟୁମେଣ୍ଟ ସମୟ ସୀମା ଏବଂ କ୍ରେତାଙ୍କ ସହ ସମନ୍ୱୟ ଉପରେ କାର୍ଯ୍ୟକ୍ରମ ପ୍ରଶ୍ନ ଗୁଡିକୁ ଏକ ଉତ୍ସର୍ଗୀକୃତ ପ୍ରଶ୍ନୋତ୍ତର ପ୍ରଦାନ କରାଯାଇଥିଲା। ଶିଳ୍ପ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ, ଭଦ୍ରକର ମହା ପ୍ରବନ୍ଧକ, ତୁରନ୍ତ ପରବର୍ତ୍ତୀ ପଦକ୍ଷେପ ଗୁଡିକର ରୂପରେଖା ଦେଇ କାର୍ଯ୍ୟକ୍ରମ ଶେଷ କଲେ। ର୍ୟାମ୍ପ/ସିପିଆଇ ଏବଂ ଇନଭଏସ ମାର୍ଟ ସହିତ ସମନ୍ୱୟ ରଖି ବଡ଼ ଓ୍ୱିଆଇସି/ ଏମ୍‌ଏସ୍‌ଏମ୍‌ଇ ଅନ ବୋର୍ଡିଂକୁ ସହଜ କରିବା, କ୍ରେତା ଗ୍ରହଣ ପ୍ରକ୍ରିୟାକୁ ସୁଗମ କରିବା ଏବଂ ଟ୍ରେଡସରେ କାରବାର ଆରମ୍ଭ କରିବାରେ ଉଦ୍ୟୋଗ ଗୁଡ଼ିକୁ ସାହାଯ୍ୟ କରିବା ପାଇଁ ଏକ ସରଳ ଚେକ ଲିଷ୍ଟ ଏବଂ ଯୋଗାଯୋଗ ବିନ୍ଦୁ ପ୍ରସାରଣ କରିବାକୁ ପ୍ରତିବଦ୍ଧ। ଅଂଶ ଗ୍ରହଣକାରୀ ମାନଙ୍କୁ କିଛି ଗ୍ରହଣୀୟ ଇନ୍‌ଭଏସ୍ ସହିତ ଆରମ୍ଭ କରିବାକୁ, ପରିଚିତ ବୃଦ୍ଧି କରିବାକୁ ଏବଂ ତରଳତା ଉନ୍ନତ କରିବା ପାଇଁ ସ୍କେଲ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଥିଲା। ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନଗଦ ଚକ୍ରକୁ ତ୍ୱରାନ୍ୱିତ କରିବା, ପ୍ରତିଯୋଗିତା ମୂଳକତା ବୃଦ୍ଧି କରିବା ଏବଂ ଜିଲ୍ଲାର ଶିଳ୍ପ ଇକୋ ସିଷ୍ଟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ର୍ୟାମ୍ପ ଅଧୀନରେ ସଂରକ୍ଷିତ, ଡିଜିଟାଲ ଆର୍ଥିକ ବ୍ୟବସ୍ଥା ଗ୍ରହଣ କରିବଓରେ ଭଦ୍ରକରେ ଏମ୍‌ଏସ୍‌ଏମ୍‌ଇ ଗୁଡିକୁ ସମର୍ଥନ ପୁନଃ ପ୍ରକାଶ କରିଥିଲା।

# ପ୍ଲାଷ୍ଟିକମୁକ୍ତ ସମାଜ, ଜୈବ ବିବିଧତାର ସୁରକ୍ଷା ପାଇଁ ଆହ୍ୱାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ବୁଧବାର ଦିନ ଓଡିଶା ଗାନ୍ଧୀ ବିଚାର ପରିଷଦ କେନ୍ଦୁଝର ଦେଇଲାମାତେଲ ଟ୍ରଷ୍ଟ ଓ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ମଙ୍ଗଳାନେଲର ମିଳିତ ଆନୁକୂଲ୍ୟରେ ବାଘୁଆ ସାହିର ଭାଲୁଡ଼ି ଜଙ୍ଗଲ ଠାରେ ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳାନେଲ ପଞ୍ଚାୟତର ନାଏବ ସରପଞ୍ଚ କଳ୍ପନା ମହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଭାବନା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରାଜଶ୍ରୀତା ମହାନ୍ତ ଉପସ୍ଥିତ ସମସ୍ତ ଭାଇଭଉଣୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ। ମଙ୍ଗଳାନେଲ ପଞ୍ଚାୟତର ସମସ୍ତ ଗ୍ରାମକୁ ମଦ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ତତ୍ ସହିତ ପ୍ରତେକ ଗ୍ରାମକୁ ପଲିଥିନ ମୁକ୍ତ କରିବା ପାଇଁ କ'ଣ କରାଯାଇ ପାରିବ ପ୍ରଶ୍ନ ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଘୁବେଦପୁର, ହରିହରପୁର, ମଙ୍ଗଳାନେଲ, କେରି, ପୋଡାଡିହା, ତାଳଦା, ବାଘୁଆ ସାହି ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭାଇଭଉଣୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଓଡିଶା ଗାନ୍ଧୀ ବିଚାର ପରିଷଦର ସଭାପତି ତଥା ପରିବେଶବିତ ଭକ୍ତ ବତ୍ସଳ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖାଦ୍ୟମିଶା ପଲିଥିନ ଖାଇ ଛେଳି, ଗୋରୁ, ବୁଲାଷଣ୍ଢ ମାନେ ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ମରିବାକୁ ଆରମ୍ଭ କଲେଣି। ଆମେ ଯେଉଁ ପ୍ଲାଷ୍ଟିକ ବୋତଲରେ ପାଣି ପିଉଛୁ ମାଇକ୍ରୋ ପ୍ଲାଷ୍ଟିକ ଆମ ପେଟକୁ ଯାଉଛି। ପୋଖରୀ, ନଦୀ, ଓ ନାଳରେ ଲୋକମାନେ ପ୍ଲାଷ୍ଟିକ ବୋତଲ ଓ ଜରି ପଲିଥିନ ମାଛ ଓ ଜଳଜୀବ ମାନେ ଖାଉଛନ୍ତି। ମାଛ ମାଧ୍ୟମରେ ଆମ ପେଟକୁ ମାଇକ୍ରୋ ପ୍ଲାଷ୍ଟିକ ଯାଉଛି। ଫଳତଃ ବିଭିନ୍ନ ପ୍ରକାର ଅଜଣା ରୋଗ ମଣିଷ ମାନଙ୍କୁ ହେଉଛି। କେନ୍ଦୁଝର ଜିଲ୍ଲାରେ ରହୁଥିବା ଆଦିବାସୀ ଓ ବନବାସୀ ମାନେ ଅରଣ୍ୟ ସଂସ୍କୃତିରେ ବଞ୍ଚି ଆସୁଛନ୍ତି। ବାୟୁ ମଣ୍ଡଳର ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ, ଜଳ, ଜମି, ଜଙ୍ଗଲ, ଜନ, ଜନ୍ତୁ ମାନଙ୍କ ମଧ୍ୟରେ ସାମଗ୍ରିକ ବିକାଶ କରିବା ପାଇଁ ଜୈବ ବିବିଧତାର ସୁରକ୍ଷା ଅପରିହାର୍ଯ୍ୟ ଅଟେ। ଆମକୁ ଅଧିକରୁ ଅଧିକ ବୃକ୍ଷରୋପଣ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିବାକୁ ପଡିବ ଓ ପଲିଥିନ ବର୍ଜନ କରି ଓ ପୁରୁଣା କପଡାରେ ବ୍ୟାଗ ସିଲେଇ କରି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

# ଶ୍ରୀ ଜଗନ୍ନାଥ ମନ୍ଦିରରୁ ଚୋରି ସୁନାଚିତା ଉଦ୍ଧାର

କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲାର ଫୁଲବାଣୀ ସଦର ମହକୁମାର ଶ୍ରୀ ଜଗନ୍ନାଥ ମନ୍ଦିରରୁ ଗତ ଫେବୃଆରୀ ମାସ ୮ ତାରିଖ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମନ୍ଦିର ଭିତରେ ପଶି ହୁଣ୍ଡି ତାଡି ସମସ୍ତ ଟଙ୍କା ଏବଂ ଦିଅଁଙ୍କ ମସ୍ତକରୁ ତିନି ଗୋଟି ସୁନା ଚିତା ଚୋରି ହୋଇଥିବା ନେଇ କମିଟି ତରଫରୁ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଟାଉନ ଥାନା ଅଧିକାରୀ ପି. ସ୍ୱରୂପ କିଷନ ଓ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ଜିଉଙ୍କ ସୁନା ଚିତା ଆଦି ଉଦ୍ଧାର କରାଯାଇଥିଲା। ଉଦ୍ଧାର ସାମଗ୍ରୀକୁ ଇତି ମଧ୍ୟରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ପୋଲିସ ପକ୍ଷରୁ ହସ୍ତାନ୍ତର କରାଯାଇଥିବା ବେଳେ ଆଜି ଏନେଇ ମନ୍ଦିର କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ ପ୍ରଶାସନର ପଦକ୍ଷେପ ପାଇଁ ସାଧୁବାଦ ଦିଆଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସୁନାସିର ମହାପାତ୍ର, ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା, ଉପ ସଭାପତି ବିଜୟ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରତାପ ପାତ୍ର, ରଜତ ମହାନ୍ତି, ଶୀଦ୍ଦେଶ୍ୱର ଦାଶ, ଶଙ୍କର ବେହେରା, ଶରତ ପଟ୍ଟନାୟକ, ପ୍ରଶାନ୍ତ ବିଶୋଇ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ପ୍ରଭୁ ଜଗନ୍ନାଥଙ୍କ ସୁନାଚିତା ମିଳିବା ଜାଣିବା ପରେ ପୂଜକ ଶଙ୍କର ପାଢ଼ୀ, କାଳିଆ ପାଢ଼ୀ ଓ ଅସିତ ପଣ୍ଡାଙ୍କ ସମେତ ମନ୍ଦିର ଅନ୍ୟାନ୍ୟ ସଦସ୍ୟ ଓ ଭକ୍ତ ବୃନ୍ଦ ବିଶେଷ ଖୁସି ବ୍ୟକ୍ତ କରିଛନ୍ତି। ଏଥି ସହିତ ଟାଉନ ଥାନା ଅଧିକାରୀଙ୍କୁ ଜଗନ୍ନାଥ ମନ୍ଦିର ହୁଣ୍ଡୀରେ ଥିବା ଟଙ୍କା ବିଷୟରେ ପଚାରିବାରୁ ସେ କହିଥିଲେ ଯେ ଅଭିଯୁକ୍ତ ମୋଟ ୩୦ ହଜାର ପାଇଥିବା ଏବଂ ସେ ସବୁକୁ ସେମାନେ ଖର୍ଚ୍ଚ କରିଦେଇଥିବା ସୂଚନା ଦେଉଛନ୍ତି।

# ଭୀମ ଭୋଇ ସାମର୍ଥ ଶିବିର

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ତତ୍ତ୍ୱାଧନରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ସୁଦର୍ଶନ ମାଝୀ, ସାଂସଦ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସ୍ଥାନୀୟ ସରପଞ୍ଚ ଲମ୍ବୋଦର ମାଝୀ, ନବରଙ୍ଗପୁର ଡିଏସ୍‌ଏସ୍‌ଓଙ୍କ ଉପସ୍ଥିତିରେ ପ୍ରଦିପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଉକ୍ତ ଶିବିରରେ ଚକ୍ଷୁ ବିଭାଗ, କାନ ନାକ ବିଭାଗ, ଗଳା ବିଭାଗ, ଅସ୍ଥି ଶଲ୍ୟ ବିଭାଗ ସକାଶେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ ଭିନ୍ନକ୍ଷମ ପ୍ରମାଣ ପତ୍ର ସହ କିଛି ଜଣଙ୍କୁ ଟ୍ରାଇ ସାଇକଲ ମଧ୍ୟ ଦିଆଯାଇଥିଲ। ଅନ୍ୟମାନଙ୍କ ମଧ୍ୟରେ ହାଟ ଭରାଣ୍ଡି ମେଡିକାଲର ଇନ୍ ଚାର୍ଜ ଡକ୍ଟର ଦଶରଥ ନାଗ ବିଭିନ୍ନ ବିଭାଗର ଡକ୍ଟର ନବରଙ୍ଗପୁର ଜିଲ୍ଲା ମେଡିକାଲ ଷ୍ଟାଫ୍, ୨୬ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ମେମ୍ବର, ବ୍ଲକ ଷ୍ଟାଫ୍, ଆଦି ଉପସ୍ଥିତ ଥିଲେ। ଭିନ୍ନକ୍ଷମଙ୍କ ସମସ୍ୟା ତାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ତାସହ ଯୋଉ ମାନେ ପାଇବାକୁ ଯୋଗ୍ୟ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ନିଜସ୍ୱ ଉଦ୍ୟମରେ ରାସ୍ତା ନିର୍ମାଣ ସହ ଚାରାରୋପଣ କଲେ ଗ୍ରାମବାସୀ



ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ନିଆଳି ପଞ୍ଚାୟତ ଗୋପାଳ ନଗର ଗାୟା ସାହି ରାସ୍ତାରେ ଗୋବର ପାଣି ଭାସିବା ଖବର ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରସାରଣ ପରେ ସଚେତନ ହୋଇଛନ୍ତି ଗୋପାଳ ନଗର ଯୁବକ ସଂଘ। ବିଭିନ୍ନ ସାହି ରାସ୍ତାରେ ଭାସୁଥିବା ଗୋବର ଓ ପଙ୍କ ପାଣି ସଫା କରିବା ସହ ଚାରାରୋପଣ କରିଛନ୍ତି। ଯୁବକ ମାନେ ସଚେତନତା ନେଇ ଖବର ପ୍ରସାରଣ ପରେ ଗୋପାଳ ନଗର ଯୁବକ ସଂଘ ଏକତ୍ରିତ ହୋଇ ସଫେଇ ସହିତ ଚାରାରୋପଣ କରିଛନ୍ତି। ଦୀର୍ଘ ବର୍ଷ ହେଲା ଏଭଳି ଅବବ୍ୟବସ୍ଥାକୁ ଆଗକୁ ଯେଭଳି ପୁନର୍ବାର ନ ଘଟେ ସେଥିନେଇ ସଚେତନ ହୋଇଛନ୍ତି। ଯୁବକ ସଂଘର ସଭାପତି ଶ୍ରୀଧର ଦାଶ, ସମ୍ପାଦକ ରମାକାନ୍ତ ଦାଶ, ଦେବପ୍ରିୟ ରାଉତ, ବିଭୁତି ଭୂଷଣ ମଲିକ, ସଚି ବେହେରା, ନିରଞ୍ଜନ ଦାଶ, ବିକ୍ରମ ବେହେରା, ଆଶିଷ ଚନ୍ଦ୍ର ଦାଶ, ସତୀଶ ରାୟଙ୍କ ସମେତ ଅନେକ ଯୁବକ ଏହି ସଫେଇ ଓ ଚାରାରୋପଣ କାର୍ଯ୍ୟରେ ଯୋଗ ଦେଇଥିଲେ।

# ପଞ୍ଚାୟତସ୍ତରୀୟ କ୍ରୀଡା ସାଂସ୍କୃତିକ କାର୍ଯ୍ୟକ୍ରମ



ଚିକିଟୀ, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଏହି ବ୍ଲକରେ ଆଜି ସାମାଜିକ ସୁରକ୍ଷା ବିଭାଗ ତରଫରୁ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ରୂପେ ଯୋଗ ଦାନ କରିବା ସହ ଚିକିଟୀ ଭାରପ୍ରାପ୍ତ ବିଡ଼ିଓ ବିଶ୍ୱରଂଜନ କଁହର, ବ୍ଲକ ଅଧକ୍ଷ ଆପନା ସେଠୀ ଗୋଷ୍ଠୀ ଶିକ୍ଷାଧିକାରୀ ପନଗ ମାଝି ସମ୍ମାନୀତ ଅତିଥି ରୂପେ ଯୋଗ ଦାନ କରି କ୍ରୀଡା ପ୍ରତିଯୋଗିତା ଆରମ୍ଭ କରିଥିଲେ। ପରେ ପରେ ଏହି ପ୍ରତିଯୋଗିତା ମଧ୍ୟରୁ ପ୍ରଥମେ ଟ୍ରାଇସାଇକେଲ ରେସ, ହ୍ୱିଲ ଚେୟାର ରେସ କରାଇବା ପରେ ପରେ ଅନ୍ୟ ପ୍ରତିଯୋଗିତା ଅନୁଷ୍ଠିତ କରାଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ହିସାବରେ ଗୋଷ୍ଠୀ ସାମାଜିକ ମଙ୍ଗଳ ଅଧିକାରୀ ଜଗଦେବ ଚୌଧୁରୀ, ଜିପିଓ ଚକ୍ରଧର ପ୍ରଧାନ ଯୋଗ ଦାନ କରିଥିଲେ।

# ମନରେଗା ଯୋଜନାରେ ଖଣିଜ ପଦାର୍ଥ ଲୁଟ୍ ଅଭିଯୋଗ

## ବଢୁଛି ବେଆଇନ ଭେଣ୍ଡରଙ୍କ ପ୍ରାଦୁର୍ଭାବ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ସରକାରୀ ବ୍ୟବସ୍ଥାରେ ମନରେଗା ଯୋଜନା କେବଳ ଏକ ଲୁଟର ମାଧ୍ୟମ ବୋଲି ଅଭିଯୋଗ ହେଉଛି। ଯୋଜନା ନାଁରେ କିଭଳି ଲୁଟ କରାଯାଇପାରିବ ତାହାର ଯୋଜନା ପ୍ରସ୍ତୁତ କରାଯାଉଛି କନ୍ଧମାଳ ଅଞ୍ଚଳରେ। ମନରେଗା ଯୋଜନାରେ କାମ ନ କରି ଟଙ୍କା ହଡପ କରିବା, ଭୂତ ହିତାଧିକାରୀଙ୍କ ନାଁରେ ଟଙ୍କା ନେଣ ଦେଣ କରିବା ଆଦି ବିଭିନ୍ନ ଉପାୟରେ ମନରେଗା ଯୋଜନାକୁ ଲୁଟ କରାଯାଉଥିବା ନେଇ ସଭିଏଁ ଅଳ୍ପ ବହୁତ ଜାଣିଛେ। ହେଲେ ଏଥିରେ ଆଉ ଏକ ନୂଆଁ ରେକର୍ଡ ଯୋଡ଼ି ହୋଇଛି। ମନରେଗା ଯୋଜନାରେ ଯେଉଁ ସବୁ ଖଣିଜ ପଦାର୍ଥ ବିଲ୍ ପ୍ରସ୍ତୁତ କରାଯାଉଛି ସେ ସବୁ ସମ୍ପୂର୍ଣ୍ଣ ଲୁଟ ବୋଲି ଏବେ ସ୍ପଷ୍ଟ ହୋଇଛି। ଯାହା କି କନ୍ଧମାଳ ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଆର୍‌ଟିଆଇରେ ପ୍ରଦାନ କରିଥିବା ପତ୍ର ସଂଖ୍ୟା ୧୦୧୦/୬.୯.୨୦୨୫ରେ ସ୍ପଷ୍ଟ କରିଛନ୍ତି। ୧.୪.୨୦୧୦ ରୁ ଆଜି ଯାଏଁ ସମ୍ପୂର୍ଣ୍ଣ କନ୍ଧମାଳ ଜିଲ୍ଲାରେ କାହାରିକୁ ମଧ ଖଣିଜ ପଦାର୍ଥ ବାଣିଜ୍ୟ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇ ନାହିଁ। ତେବେ ମନରେଗା ଯୋଜନାରେ ବ୍ୟବହୃତ ଖଣିଜ ପଦାର୍ଥ ବିଲ ମାଧ୍ୟମରେ ବାଲି, ମେଟାଲ, ଚିପ୍ସ, ମୋରମ ଭଳି ଖଣିଜ ପଦାର୍ଥ ଯୋଗାଉଥିବା ଦର୍ଶାଇ ଭେଣ୍ଡରଙ୍କୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ପ୍ରଦାନ କରାଯାଉଛି ତାହା ଯେ ସମ୍ପୂର୍ଣ୍ଣ ଲୁଟ ବୋଲି କହିବା ଭୁଲ ହେବ ନାହିଁ ? ଅନ୍ୟ ପକ୍ଷେ ଯେଉଁ ସବୁ ଭେଣ୍ଡର ମନରେଗା ଯୋଜନାରେ କଞ୍ଚାମାଲ ଯୋଗାଉଛନ୍ତି ବୋଲି ଉଲ୍ଲେଖ ହୋଇଛି ସେମାନେ ଛଦ୍ମନାମଧାରୀ ଭେଣ୍ଡର। ମନରେଗା ଯୋଜନାକୁ କେବଳ ଲୁଟ ପାଇଁ ଏମାନଙ୍କୁ ମୁଖ୍ୟତଃ ବନ ବିଭାଗ ଓ ପଞ୍ଚାୟତ ସମିତି ପକ୍ଷରୁ ବ୍ୟବହାର କରାଯାଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ହୋଇପଡିଛି। ଗୋଟିଏ ପଟେ ମନରେଗାରେ ଖଣିଜ ସଂପଦ ଲୁଟ, ତ ଅନ୍ୟ ପଟେ ଛଦ୍ମ ଭେଣ୍ଡରଙ୍କ ନାଁରେ କୋଟି କୋଟି ଟଙ୍କା ଲୁଟ। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ଏହା ଉପରେ ତଦନ୍ତ କରି ଏହି ଅଧିକାରୀ, ଭେଣ୍ଡର ମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେବା ପାଇଁ ଜନସାଧାରଣ ଦାବି ପ୍ରକାଶ କରୁଛନ୍ତି।

ବାମରା, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ତହସିଲ କାର୍ଯ୍ୟାଳୟରେ ଆଜି ପ୍ରାୟ ୧୧ ଟା ସମୟରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଟିମ୍ ବାମରା ତହସିଲ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ସୂଚନା ଅନୁସାରେ, ବାମରା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ଭିକି ନାଏକ ଏକ ଜମି ମ୍ୟୁଟେସନ ଓ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ। ମାତ୍ର ଉକ୍ତ କାର୍ଯ୍ୟ ପାଇଁ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଆବେଦନକାରୀ ଭିକିଙ୍କୁ ଲାଞ୍ଚ ମାଗୁ ଥିବାରୁ ଭିକି ନାଏକ ସମ୍ବଲପୁର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଦିନ ପ୍ରାୟ ୧୧ ଟା ସମୟରେ ତହସିଲଦାରଙ୍କ ଡ୍ରାଇଭର ପ୍ରବିନ କୁମାର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଲାଞ୍ଚ ୧୫୦୦୦/-(ପନ୍ଦର ହଜାର ଟଙ୍କା) ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପ୍ରବିନ କୁମାରକୁ ସମ୍ବଲପୁର ଭିଜିଲାନ୍ସ ଅଫିସକୁ ନେଇ ଥିବା ଜଣାପଡିଛି। ବାମରା ଆସିଥିବା ଭିଜିଲାନ୍ସ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ କିଛି କହିବାକୁ ମନା କରିଥିଲେ।

# ସୁର ଘୁଙ୍ଗୁର ଅନୁଷ୍ଠାନ ପକ୍ଷରୁ ନୂତନ ଟାଉନ୍ ହଲ ଉଦ୍‌ଘାଟନ ଦାବି




ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢାଖୋଲର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ତରଫରୁ ରେଢାଖୋଲ ନୂତନ ଟାଉନ୍ ହଲକୁ ନେଇ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ ନ ଶୁଣିବାରୁ ଶେଷରେ ସୁରଘୁଙ୍ଗୁର ସଭାପତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଚେତନ ନାଗରିକଙ୍କ ସହିତ ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଟାଉନ୍ ହଲ୍ ଉଦ୍‌ଘାଟନ ସମ୍ବନ୍ଧରେ ଏକ ଦାବିପତ୍ର ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଦୀର୍ଘ ବର୍ଷ ହେବ ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ ହୋଇ ପାରୁନାହିଁ। ଯଦ୍ୱାରା ରେଢାଖୋଲର କଳାକାର, ଜନ ସାଧାରଣ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଯଥାଶିଘ୍ର ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ କରି ଉଦଘାଟନ କରିବା ସହିତ ଉପଖଣ୍ଡ ପ୍ରଶାସନ ପରିଚାଳନାର ଦାୟିତ୍ୱ ନେଇ ଆଲୋଚନା ଓ ଦାବିପତ୍ର ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ଏହି ଦାବିପତ୍ର ଦେବାବେଳେ ସୁରଘୁଙ୍ଗୁର୍ ସଭାପତି ସୁଶାନ୍ତ କୁମାର ନାଗ, ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ରାଜା ପାଲ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ନନ୍ଦୁ ମିରି, ସିବସମ୍ଭୁ ନନ୍ଦ, ବିକାଶ ଦାସ ଯୋଗେନ୍ଦ୍ର ମହାନ୍ତି, ସୁମନ୍ତ ସାହୁ, ଗଜାନନ ଭେସରା, ହିମାଂଶୁ ରାଉତ ସହିତ ସମସ୍ତ ସଦସ୍ୟ ଥିଲେ।

# ଛତାରେ ହେବ ବସ୍‌ଷ୍ଟାଣ୍ଡ

## ପୂରଣ ହେଲା ଦାବି, ଜମି ଯୋଗାଇ ଦେଲେ ତହସିଲଦାର

ଡେରାବିଶ (ଭାସ୍କର ନ୍ୟୁଜ୍) : ସରକାରଙ୍କ ପକ୍ଷରୁ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ଡେରାବିଶ ବ୍ଲକ ଅଞ୍ଚଳରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପାଇଁ ନିର୍ଦ୍ଦେଶ ଆସିଥିଲା। ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥାନ ତଥା ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର କଡ଼ରେ ଥିବା ଚାଟରାଚକଡ଼ା ପଞ୍ଚାୟତର ଛତା ଠାରେ ନିର୍ମାଣ କରିବାକୁ ଦାବି କରିଥିଲେ। ହେଲେ ଏଥିରେ କିଛି ଅଧିକାରୀ ଛତା ଠାରେ ସ୍ଥାନ ଅଭାବ ଦର୍ଶାଇ ଏହାକୁ ଅନ୍ୟଆଡ଼େ ପ୍ରତିଷ୍ଠା କରିବା ପାଇଁ ମସୁଧା ଚଳାଇଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ଜାଣିବା ପରେ ଡେରାବିଶ ବ୍ଲକର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଚାଟରାଚକଡ଼ା ପଞ୍ଚାୟତର ଛତାଠାରେ ଅବସ୍ଥିତ ହୋଇଥିବାରୁ ଦୈନିକ ଏଠାକୁ ହଜାର ହଜାର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସୁଥିବାରୁ ଏହି ଠାରେ ନିର୍ମାଣ କରିବା ପାଇଁ ଦାବି କରିବା ସହିତ ତହସିଲ ପ୍ରଶାସନ, ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ, ରାଜସ୍ୱ ସଚିବ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ସ୍ଥାନରେ ବସ୍‌ଷ୍ଟାଣ୍ଡ ପାଇଁ ଆବଶ୍ୟକ ହେଉଥିବା ସରକାରୀ ଜମି ରହିଥିବା ବେଳେ ଯଦି ବସ୍‌ଷ୍ଟାଣ୍ଡ ଏଠାରେ କରାନଯାଇ ଅନ୍ୟସ୍ଥାନରେ କରାଯାଏ ତେବେ ଚାଷୀ ଶ୍ରମିକ ସଂଘର ସଦସ୍ୟମାନେ ଆସନ୍ତା ୧୫ ତାରିଖ ଦିନ ଅନଶନ ଧର୍ମଘଟ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ଘଟଣାରେ ତୁରନ୍ତ ତହସିଲ ପ୍ରଶାସନ ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କୁ ଡକାଇ ଅନଶନରୁ ବିରତ ରହିବା ପାଇଁ କହିବା ସହ ଏକ ବୈଠକର ଆୟୋଜନ କରିଥିଲେ। ଗତ ୮ ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ତହସିଲଦାର ଚିଠି ନଂ ୬୨୯୫/ ତା ୮.୯.୨୫ ଅନୁଯାୟୀ ଛତା ନିକଟସ୍ଥ ଚାଟରାଚକଡ଼ା ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି ବୋଲି କହିଥିଲେ। ତହସିଲଦାର ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଡ଼କ ପରିବହନ ନିଗମର ଅଧିକାରୀ, ଅତିରିକ୍ତ ତହସିଲଦାର, ସଂଘର ସଭାପତି ଶ୍ରୀ ମିଶ୍ର, ସମ୍ପାଦକ କୃତିବାସ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫଳରେ ଚାଷୀ ଶ୍ରମିକ ସଂଘର ଦାବି ପୂରଣ ହୋଇଥିବାରୁ ଆସନ୍ତା ୧୫ ତାରିଖରେ ତହସିଲ ସମ୍ମୁଖରେ ଛତାଠାରେ ବସ୍‌ଷ୍ଟାଣ୍ଡ ପାଇଁ ହେବାକୁ ଥିବା ଅନଶନ ଧର୍ମଘଟକୁ ସ୍ଥଗିତ ରଖାଯାଇଥିବା ସଭାପତି ଶ୍ରୀ ମିଶ୍ର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଶ୍ରୀ ଅନ୍ନ ଅଭିଯାନ ତରଫରୁ ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ




ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଠାରୁ ଦିନ ୧୧ ଘଣ୍ଟା ସମୟରେ ଶ୍ରୀ ଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ ମିଶନ ତରଫରୁ ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି ସଚେତନତା ରଥକୁ ତେନ୍ତୁଳିଖୁଣ୍ଟି ବ୍ଲକ୍ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ବ୍ଲକ୍ କୃଷି ଅଧିକାରୀ ବରୁଣ ଧନପୂଲ୍ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର, ସିଡ଼ିପିଓ ବିନିତା ଜେଠି ଗ୍ରୀନ ପତାକା ଦେଖାଇ ଶୁଭାରମ୍ଭ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅନ୍ନ ଅଭିଯାନର ବ୍ଲକ୍ ସଂଯୋଜୋକ ନିଶାନ୍ତ କୁମାର ବିଷୋୟୀ, ଅତିରିକ୍ତ ବ୍ଲକ୍ ସଂଯୋଜକ ନିରୋଦ ପଣ୍ଡା, ଅଗ୍ରଗାମୀ ତରଫରୁ ସୋମାଇ ମାଝୀ, ଅଶ୍ୱିନୀ ନାୟକ, ଜୟ ପାତ୍ର ଏବଂ ଗୁଲା ଭୋଇ ପ୍ରମୁଖ ଭାବରେ ଯୋଗ ଦେଇଥିଲେ। ଏହି ସଚେତନତା ରଥ ୪ ଦିନ ଧରି ତେନ୍ତୁଳିଖୁଣ୍ଟି ବ୍ଲକ୍ ସାରା ପରିକ୍ରମା କରିବ ଏବଂ ମାଣ୍ଡିଆ, ଅଣ ମାଣ୍ଡିଆ ଆଦି ଚାଷକୁ ବୃଦ୍ଧି କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇବ। ଏହା ସହିତ ଲୋକମାନେ ନିଜ ଦୈନିକ ଖାଦ୍ୟରେ କିଭଳି ମାଣ୍ଡିଆକୁ ସାମିଲ କରି ପାରିବେ, ସେହି ବିଷୟରେ ମଧ୍ୟ ସଚେତନ କରାଇବ ଏହି ମାଣ୍ଡିଆ ରଥ। ଚଳିତବର୍ଷ ବ୍ଲକ୍‌ର ୧୪ ଗୋଟି ପଞ୍ଚାୟତରେ ଶ୍ରୀ ଅନ୍ନ ଅଭିଯାନ ତରଫରୁ ୯୮୦ ଜଣ ମାଣ୍ଡିଆ ଚାଷ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ବ୍ଲକ୍ ସଂଯୋଜକ ଶ୍ରୀ ବିଷୋୟୀ। ବ୍ଲକ୍‌ରୁ ଚାଷୀ, ଅଗ୍ରଗାମୀର କର୍ମକର୍ତ୍ତା ଏବଂ ବିଭିନ୍ନ ପଞ୍ଚାୟତରୁ ମହିଳା ସ୍ୱୟଂ ସହାୟକ ଦଳର ମେମ୍ବର ମାନେ ଏହି ସମାରୋହରେ ଯୋଗ ଦେଇଥିଲେ।

# 'ଏକ ପେଡ ମା' କେ ନାମ ୨.୦' ପାଇଁ ପ୍ରସ୍ତୁତି ସମାରୋହ

ଆଳି (ଭାସ୍କର ନ୍ୟୁଜ୍): ମା ଓ ଗଛ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱହନ କରେ। ଏକ ପେଡ ମା କେ ନାମ ୨.ଙ ଅଧୀନରେ ସାର ରାଜ୍ୟ ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଡେରାବିଶ ବ୍ଲକ ବାରିମୂଳ ସ୍ଥିତ ଗାନ୍ଧୀ ମଇଦାନରେ ଏକ ପ୍ରସ୍ତୁତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ କିଛି ଚାରାରୋପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଡିଏଫଓ ରାଜନଗର, ବ୍ଲକ ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ, ସମିତି ସଭ୍ୟ, ବିଡିଓ ଡେରାବିଶ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ଆସନ୍ତା ୧୭ ତାରିଖର ବିଶାଳ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ପ୍ରାକ ପ୍ରସ୍ତୁତି କରାଯାଇଥିଲା।

ଓଡ଼ିଶା ଭାସ୍କର
ରାଜ୍ୟ ଖବର




ରଘୁନାଥପୁର (ଭାସ୍କର ନ୍ୟୁଜ) : ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଛାତ୍ର ପୋଲିସ ସହଯୋଗିତା ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ର ଜୀବନର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଅନୁରକ୍ତ ହେବାକୁ ପରାମର୍ଶ ଦେବାସହ ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ନିଜସ୍ୱ ଚିନ୍ତନ ପ୍ରକ୍ରିୟାକୁ ଶାଣିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସୂଚାଇ ଦେଇଥିଲେ। ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ବିଭିନ୍ନ ଦିଗ ପ୍ରତି ସଚେତନ କରିଥିଲେ। ସେହିପରି ଜିଲ୍ଲା ପୋଲିସ ପକ୍ଷରୁ ସାଇବର ବିଶେଷଜ୍ଞ ସବ୍ୟସାଚୀ ମହାନ୍ତି ସାଇବର କ୍ରାଇମ ଓ ସାଇବର ନିରାପତ୍ତା ସମ୍ପର୍କରେ ସଚେତନ କରିଥିଲେ। ମହିଳା ଏଏସ୍‌ଆଇ ରୀତାଞ୍ଜଳି ନାୟକ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ବଜାଇ ରଖି ଶିକ୍ଷାକୁ ପ୍ରାଧାନ୍ୟ ଦେବାପାଇଁ ଛାତ୍ରାଛାତ୍ରୀଙ୍କୁ ପରାମର୍ଶ ରଖିଥିଲେ। ଏହି ଅବସରରେ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ପୋଲିସ ଆମର ବନ୍ଧୁ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀ ବୈଶାଖୀ ପାଣ୍ଡା ସାଇବର ନିରାପତ୍ତା ଉପରେ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା ସଭା ସଞ୍ଚାଳନ ଓ ଅଧ୍ୟାପିକା ଜାଞ୍ଜସେନି ରାଉତ ଧନ୍ୟବାଦ ଦେଇଥିଲେ। ଆଇଆଇସି ରଞ୍ଜନ ମହାନ୍ତି, ସମରେନ୍ଦ୍ର ନାୟକ, ହିମାଂଶୁ ଜେନା, ସରୋଜ ମିଶ୍ର, ସ୍ମିତା ପ୍ରଧାନ, ସୌମ୍ୟା ମହାନ୍ତି, ସୁଜାତା ଦାସ, ଶାଶ୍ୱତୀ ନନ୍ଦ ଓ ଶିକ୍ଷା କର୍ମଚାରୀ କୈଳାସ ସ୍ୱାଇଁ ଏବଂ ନକୁଳ ନାୟକ ଏଥିରେ ସହଯୋଗ କରିଥିଲେ।



## ଟ୍ରାକ୍ଟର ଚକାତଳେ ଚାଲିଗଲା ବାଇକ୍ ଆରୋହୀଙ୍କ ଜୀବନ

ରଘୁନାଥପୁର (ଭାସ୍କର ନ୍ୟୁଜ) : କିଶନନଗର ଥାନା ତଥା ମାହାଳହାଟ ଫାଣ୍ଡି ଅନ୍ତର୍ଗତ ବିଲହାଟ ପେଟ୍ରୋଲ ପମ୍ପ ନିକଟରେ ଆଜି ଶୁକ୍ରବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଚକାତଳେ ଜଣେ ବାଇକ ଆରୋହୀଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରକାଶ ଯେ ବିଲହାଟ ବଜାରରେ ମଟରସାଇକେଲ ପାର୍ଟସ୍ ଦୋକାନ କରିଥିବା ସଂଗ୍ରାମପୁରର ସେକ୍ ଅନୱାର ଅଲ୍ଲୀ ତାଙ୍କ ବାଇକ୍ ଯୋଗେ କୌଣସି କାମରେ ରାସ୍ତାରେ ଯାଉଥିବା ବେଳେ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରାକ୍ଟର ତାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ଅନୱାରଙ୍କ ମୃତ୍ୟୁ ଘଟିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରି ମୃତକଙ୍କୁ ପୋଷ୍ଟ ମର୍ଟମ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ଆବଶ୍ୟକ ଥିଲା ହଜାରେ ମିଳିଲା ଦୁଇଶହ ବସ୍ତା

## ସାର ନେବାକୁ ଚାଷୀଙ୍କ ମଧ୍ୟରେ ଟଣାଓଟରା

ନୟାଗଡ଼ (ଭାସ୍କର ନ୍ୟୁଜ୍) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳରେ ସାର ମିଳୁନଥିବାରୁ ଚାଷୀମାନଙ୍କର ଚିନ୍ତା ବଢ଼ିଯାଇଥିବା ବେଳେ ବ୍ଲକର ୨ କିମ୍ବା ୩ ସମିତିକୁ ଛାଡ଼ି ଦେଲେ ଅନ୍ୟ କୌଣସି କୃଷି ସେବା ସମବାୟ ସମିତିରେ ଆଦୌ ସାର ନଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ଯେଉଁ ସମିତିକୁ ସାର ମିଳିଛି ହଜାରେ ବସ୍ତା ଆବଶ୍ୟକ ଥିବାବେଳେ ସେମାନଙ୍କୁ ୨ଶହ ବସ୍ତା ସାର ଯୋଗାଣ ହୋଇଥିବା ଜଣାପଡ଼ିଛି। ଏହି ୨ଶହ ବସ୍ତା ସାରକୁ ନେବା ପାଇଁ ୪ଶହ ଚାଷୀ ପହଞ୍ଚିବାରୁ କୋମଣ୍ଡ ସମବାୟ ସମିତିର ସାର ବିକ୍ରୟ କେନ୍ଦ୍ର ଠାରେ ଚାଷୀ ମାନଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ସମିତି ସମ୍ପାଦକ ଓ ସଭାପତି ଚାଷୀମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। କଥାରେ ଅଛି ଚାଷ ତତରର ବଣିକ ମଠ। କେତିକି ସାର ଏକ ପ୍ରକାର ଲୋପ୍ ପାଇବାକୁ ଯାଉଥିବା ବେଳେ କେବଳ ରସାୟନ ସାର ଉପରେ ନିର୍ଭରଶୀଳ ଚାଷୀ ଜମିକୁ କମଣି କରି ଆବଶ୍ୟକ କାମ ସରିଲା ପରେ ପ୍ରାୟ ୧ ମାସ ହେଲା ଚାଷୀ ସାରକୁ ଅନାଇ ବସିଛି। ଜମିରେ ସାର ପ୍ରୟୋଗ କଲେ ଯାଇ ଧାନ ଗଛ ଦେହ ଏବଂ ମୂଳ ମଜଭୁତ ହେଲେ ଭବିଷ୍ୟତରେ ଧାନଗଛ ହୃଷ୍ଟପୁଷ୍ଟ ହୋଇ ଗର୍ଭାଧାରଣ କରିବ। ଫଳରେ ଚାଷୀ ଅଧିକ ଧାନ ଅମଳ କରିପାରିବ। କିନ୍ତୁ ଏବେ ତାହା ଆଉ ହେବ ନାହିଁ ଦିନ ଅତିକ୍ରାନ୍ତ କରିବାରୁ ଅମଳ କମିଯିବ। ଏହିପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଚାଷୀମାନଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ଏପରି ସମସ୍ୟା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ ଗୋଟିଏ କୃଷି ସମବାୟ ସମିତିରେ ଯଦି ୫ଶହ ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି ଚାଷୀଙ୍କ ସଂଖ୍ୟା ପରିବର୍ତ୍ତେ ସେମାନଙ୍କ ଚାଷ ଜମିର ପରିମାଣ ଆଧାରରେ ସାର ଯୋଗାଣ ହେଉ ଅଥବା ଯୋଗାଣରେ ଅଭାବ ନରଖି ସାରକୁ ବଜାରରେ ଫ୍ରି ବିକ୍ରୀ ପାଇଁ ଅନୁମତି ପ୍ରଦାନ କଲେ ଚାଷୀମାନଙ୍କ ସମସ୍ୟାର ଅନ୍ତ ଘଟିବ। ନତୁବା ସମୟ ଅନୁସାରେ ସରକାର ବଦଳିବ ହେଲେ ଚାଷୀର ସମସ୍ୟା ପୂର୍ବରୁ ଯେମିତି ଥିଲା ସେମିତି ରହିବ।



## କୁଜଙ୍ଗ ଓ ବାଲିତୁଠରେ ମିଳୁନି ୟୁରିଆ, ଚିନ୍ତାରେ ଚାଷୀ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଓ ବାଲିତୁଠ ଅଞ୍ଚଳରେ ୟୁରିଆ ସାରର କଳାବଜାରୀ ବନ୍ଦ ହେବ କେବେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କୁଜଙ୍ଗରେ ୟୁରିଆ ସାର ଉପଲବ୍ଧ ହେଉ ନଥିବାରୁ ଚାଷୀମାନେ ବାଧ୍ୟହୋଇ ୟୁରିଆ ସାରକୁ ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ୪ଗୁଣା ଅଧିକ ଦେଇ କିଣିଥିବା ଜଣାପଡ଼ିଛି। ସମବାୟ ସମିତି ସାର ଉଠାଉ ନଥିବାରୁ ଓ ସରକାରୀ ଡିଲର, ହୋଲସେଲର ମାନେ ଚାଷୀଙ୍କୁ ବିନା ଆଧାର କାର୍ଡରେ ସାର ବିକ୍ରୟ କରୁନଥିବାରୁ ଷ୍ଟକ୍ ମେସିନ୍‌ରୁ କାଟିପାରୁ ନାହାନ୍ତି। ଯାହା ଫଳରେ ସାର ଉପଲବ୍ଧ ହେଉନଥିବା ବେଳେ ସେମାନଙ୍କ ମେସିନରେ ସାର ଷ୍ଟକ୍‌ରେ ଦେଖାଉଥିଲା। ଚଳିତବର୍ଷ କୁଜଙ୍ଗରେ ମୋଟ ୧୮ହଜାର ୫ଶହ ହେକ୍ଟର ଜମିରେ ଖରିଫ ଧାନଚାଷ କରାଯାଇଛି। ଏଥିପାଇଁ ଚାଷୀଙ୍କୁ ପ୍ରାୟ ୨୧ଶହ ମେଟ୍ରିକ ଟନ୍ ୟୁରିଆର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବାକୁ କୁଜଙ୍ଗରେ ୨ଟି ସାର ହୋଲସେଲର ରହିଥିବା ବେଳେ ଗ୍ରାମାଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସାର ଡିଲର ରହିଛନ୍ତି । କୁଜଙ୍ଗ ବ୍ଲକରେ ଥିବା ୧୮ଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ମାତ୍ର ୪ଟିକୁ ବାଦ ଦେଲେ ଆଉ କେଉଁ କୃଷି ସମବାୟ ସମିତି ସାର ଉଠାଉ ନାହାନ୍ତି। ସେମାନଙ୍କ ନିକଟରେ ସରକାରୀ କର୍ପସ ପାଣ୍ଠି ରହିଥିବା ବେଳେ ସରକାରୀ ମୂଲ୍ୟରେ ବିକ୍ରି କରିପାରିବେ। ତେବେ ଏଥିରୁ ସେମାନେ କୌଣସି ଲାଭ ପାଉନଥିବା କାରଣରୁ ସେମାନେ ସାର ଉଠାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସେହିପରି ସରକାରୀ ହୋଲସେଲର ନିକଟରେ ପର୍ଯ୍ୟାପ୍ତ ପାଣ୍ଠି ନଥିବାରୁ ଓ ଏଥିସହିତ କମ୍ପାନୀମାନେ ସାର ସହିତ ଅଯଥା ଅନାବଶ୍ୟକ ଉତ୍ପାଦ ବିକ୍ରି ପାଇଁ ଦେଉଥିବାରୁ ସେମାନେ ମଧ୍ୟ ଅଧିକ ସାର ଉଠାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯାହା ଫଳରେ ଆବଶ୍ୟକ ସମୟରେ ଚାହିଦା ମୁତାବକ ସାର ସେମାନେ ମହଜୁଦ କରିପାରୁ ନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଲା ସେମାନେ ମେସିନରେ ବିକ୍ରୟ ତଥ୍ୟ ଅପଲୋଡ଼ ନକରି ଚାଷୀଙ୍କୁ ବିକ୍ରି କରୁଥିବାରୁ ସେମାନଙ୍କ ନିକଟରେ ସରକାରୀ ଭାବେ ସାର ମହଜୁଦ ରହୁଥିବା କୃଷି ବିଭାଗ ନିକଟରେ ସୂଚନା ରହୁଛି। ମାତ୍ର ବାସ୍ତବରେ ସେମାନଙ୍କ ନିକଟରେ ସାର ଷ୍ଟକ୍ ଶେଷ ହୋଇଯାଇଛି। ଏହି କାରଣ ପାଇଁ କୁଜଙ୍ଗ ଓ ବାଲିତୁଠରେ ଏବେ ୟୁରିଆ ସାର ଘୋର ଅଭାବ ପରିଲକ୍ଷିତ ହେଉଛି। ଚାଷୀ ସରକାରୀ ମୂଲ୍ୟ ୨୭୦ଟଙ୍କା ପରିବର୍ତ୍ତେ ୧ହଜାରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ତେବେ ସାର ନମିଳିବା ବେଳେ କୁଜଙ୍ଗ ଓ ବାଲିତୁଠ ବଜାରରେ କଳା ବଜାରରେ ଅଧିକ ଟଙ୍କାରେ ୟୁରିଆ ସାର ବିକ୍ରି ହେଉଥିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ତୁରନ୍ତ ସାର ଯୋଗାଇ ଦେବାକୁ ବିଭିନ୍ନ ସଂଗଠନ ଓ ଚାଷୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି।



## ଗୋ-ଚାଲାଣ ହେଉଥିବା ସ୍କର୍ପିଓ ଧକ୍କାରେ ଟୋଲ୍ କର୍ମଚାରୀ ମୃତ



ବେଲପାହାଡ (ଭାସ୍କର ନ୍ୟୁଜ୍): ଜାତୀୟ ରାଜପଥ-୪୯ ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଟୋଲ ଗେଟ୍ ନିକଟରେ ଗୋଚାଲାଣ କରୁଥିବା ସ୍କର୍ପିଓ ଧକ୍କାରେ ଟୋଲ କର୍ମଚାରୀ ମୃତ। ମୃତକ କଦମଡ଼ିହି ଗ୍ରାମର ଅନିଲ କୁମାର ପଟେଲ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଅନିଲଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରେଇଥିଲା। ଦୁର୍ଘଟଣା ଘଟାଇ ଦୁର୍ବୃତ୍ତମାନେ ଗୋରୁ ବୋଝେଇ ସ୍କର୍ପିଓକୁ କିଛି ଦୂରରେ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ସ୍କର୍ପିଓକୁ ଜବତ କରି ସେଥିରୁ ୬ଟି ଗୋରୁ ଉଦ୍ଧାର କରିଥିବା ବେଳେ ଫେରାର ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି । ଅନ୍ୟପଟେ ଶବ ବ୍ୟବଚ୍ଛେଦ ପରେ ଅନିଲଙ୍କ ମୃତଦେହକୁ ଟୋଲ ଗେଟ ନିକଟରେ ରଖି କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ। ପୋଲିସ ପ୍ରଶାସନ ଘଟଣାସ୍ଥଳକୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଟୋଲ ଠିକାଦାରଙ୍କ ତରଫରୁ କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ଓ ମୃତକଙ୍କ ପରିବାରକୁ ଥଇଥାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଶବଦାହ କରିଥିବା ପ୍ରକାଶ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଡେରାବିଶ (ଭାସ୍କର ନ୍ୟୁଜ୍) : ଏହି ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତରେ ଆଜି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଏବଂ ଡେରାବିଶ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବାରିମୂଳସ୍ଥିତ ମହାତ୍ମାଗାନ୍ଧୀ ସ୍ମୃତି ସ୍ମାରକ ପୀଠରେ ସରପଞ୍ଚ କଳ୍ପନା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ଭବିଷ୍ୟତ ପିଢ଼ିର ସୁରକ୍ଷା ସହ ପରିବେଶର ଯତ୍ନନେବା ଓ ଏକ ସୁନ୍ଦର ପୃଥିବୀକୁ ଗଢ଼ିତୋଳିବାକୁ ସମସ୍ତେ ମିଳିମିଶି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ, ସିଡ଼ିଓ ଅଜାମ୍ବର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ରାଜନଗର ଡିଏଫ୍‌ଓ ଭରୋଦରାଜ କନେର, ଜିଲ୍ଲା ଉଦ୍ୟାନକୃଷି ଅଧିକାରୀ ଦେବଦାସ ଦତ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବାରିମୂଳ ସମିତିସଭ୍ୟ ସରୋଜକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ୧୭ ତାରିଖ ଦିନ ରାଜ୍ୟବ୍ୟାପୀ ୭୫ଲକ୍ଷ ଚାରା ରୋପଣ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ସୁଦ୍ଧଦେବ ବେହେରା, ଏସିଏଫ୍ ଗଗନ ମଲିକ, ପିଇଓ ପ୍ରଶନଜିତ୍ ନାୟକ ପ୍ରମୁଖ ପରିଚାଳନା କରିଥିବା ବେଳେ ଶତାଧିକ ମହିଳା ସ୍ୱୟଂସହାୟିକା ସଂଘର କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାରୁ ପାଇଥିବା ୨ ଲକ୍ଷ ଟଙ୍କାର ଚେକ୍ ଫେରାଇ ମହାନତା ଦେଖାଇଲେ ୨ ଗଣମାଧ୍ୟମ ପ୍ରତିନିଧି

ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକଛକ ରାସ୍ତାରେ ପାଇଥିବା ୨ଲକ୍ଷ ଟଙ୍କାର ଚେକ୍ ଫେରାଇ ମହାନତା ଦେଖାଇଲେ ଅଞ୍ଚଳର ୨ଜଣ ଗଣମାଧ୍ୟମ ପ୍ରତିନିଧି। ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗଁରେଇ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଡୋଲାମଣି ଛୁରା ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ଗ୍ରାହକଙ୍କ ଦସ୍ତଖତ କରି ଏକ ଚେକ୍ ବଙ୍ଗୋମୁଣ୍ଡା ବ୍ଲକ ଛକ ଠାରେ ତାଙ୍କ ବ୍ୟାଗରୁ ଅସାବଧାନତା ବଶତଃ ଖସି ପଡିଥିଲା। ଦୀର୍ଘ ସମୟ ଧରି ଚେକ୍‌ଟି ରାସ୍ତାରେ ପଡିଥିଲା। ଏତିକି ସମୟରେ ସେହି ଅଞ୍ଚଳକୁ ଖବର ସଂଗ୍ରହ କରିବା ପାଇଁ କଣ୍ଟାବାଞ୍ଜି ଅଞ୍ଚଳର ୨ ଯୁବ ସାମ୍ବାଦିକ ଅଶୋକ ନାରାୟଣ ଭୋଇ ଓ ହୁଲେଶ୍ୱର ହଂସ ଯାଉଥିବା ବେଳେ ତଳେ ପଡିଥିବା ଚେକ୍‌କୁ ପାଇଥିଲେ। ପରବର୍ତ୍ତୀ ସମୟରେ ଡୋଲାମଣି ଛୁରାଙ୍କୁ ଫୋନ କରି ଚେକ୍ ନେବା ପାଇଁ ଗଣମାଧ୍ୟମ କାର୍ଯ୍ୟାଳୟକୁ ଡାକିଥିଲେ। ଚେକ୍ ପାଇବା ପରେ ଡୋଲାମଣି ଖୁସିବ୍ୟକ୍ତ କରିଛନ୍ତି । ସେମାନେ ଚାହିଁଥିଲେ ଏହି ଚେକ୍‌ରୁ ଟଙ୍କା ଉଠାଣ କରିପାରିଥାନ୍ତେ। କିନ୍ତୁ ସେମାନେ ଲୋଭର ବଶବର୍ତ୍ତୀ ନ ହୋଇ ସେହି ବ୍ୟକ୍ତିଙ୍କୁ ଫୋନ କରି ଡାକି ଚେକ୍ ଫେରାଇଥିବାରୁ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ତରଫରୁ ଦୁଇ ସାମ୍ବାଦିକଙ୍କୁ କୃତଜ୍ଞତା ଜ୍ଞାପନ କରିଛି। ଏହି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



## ୪ ୱାରେଣ୍ଟି ଗିରଫ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ଥାନା ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ କରି ୪ ଜଣ ପୁରୁଣା ୱାରେଣ୍ଟି କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାହାରଣା ପଂଚାୟତ ଅଠାନ୍ତର ଗ୍ରାମର କବି ମୁଦୁଲି (୪୮), ରଶ୍ମି ରଂଜନ ମୁଦୁଲି (୨୪), ବିକାଶ ମୁଦୁଲି (୨୬)। ଏମାନଙ୍କ ନାମରେ ୨୦୨୧ ମସିହାରେ ଥିବା ମାମଲାରେ ୱାରେଣ୍ଟ ହୋଇଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ସେହିଭଳି ୨୦୨୪ ମସିହା ମାମଲା ରେ ୱାରେଣ୍ଟ ହୋଇଥିବାରୁ ଉକ୍ତ ଥାନା ଅଧିନସ୍ତ ନିଆଳି ପଂଚାୟତ କୁଆରୀ ସାହି ଗ୍ରାମର ଦୀପକ ଭୋଇ (୨୪)କୁ ପୋଲିସ ଗିରଫ କରିଛି। ଚାରିଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଯେଉଁମାନଙ୍କ ନାମରେ ପୁରୁଣା ୱାରେଣ୍ଟ ରହିଛି ସେମାନଙ୍କୁ ଗିରଫ କରାଯାଇଛି।

## ଏନ୍‌ଏସିରୁ ବାଦ୍ ପଡ଼ିଲା ନୟାଗଡ଼, ପ୍ରତିବାଦରେ ଧାରଣା

ନୟାଗଡ଼ (ଭାସ୍କର ନ୍ୟୁଜ୍) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ପ୍ରସିଦ୍ଧ ଶୈବପୀଠ ଭାବେ ଖ୍ୟାତି ଅର୍ଜନ କରିଥିବା ଲଡୁକେଶ୍ୱର ମହାଦେବଙ୍କ ବିଜେସ୍ଥଳୀ ରୂପେ ପରିଚିତ ଶରଣକୁଳକୁ ପୂର୍ବ ବିଜେଡି ସରକାର ଏନଏସି ଘୋଷଣା କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଏନ୍‌ଏସି ମାନ୍ୟତାରୁ ବାଦ୍ ଦେବା ପ୍ରତିବାଦରେ ଶୁକ୍ରବାର ଆଠ ଘଣ୍ଟିଆ ଶରଣକୁଳ ବନ୍ଦ୍ ଡାକରା ସଫଳ ହୋଇଛି। ନାଗରିକ ମଞ୍ଚ ଡାକରାରେ ଆଜି ସକାଳେ ଲଡୁବାବାଙ୍କ ମନ୍ଦିର ଠାରୁ ଶରଣକୁଳକୁ ଏନ୍‌ଏସି ଦାବି ନେଇ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ବାହାରି ଲକ୍ଷ୍ମୀ ବଜାରରେ ପହଞ୍ଚିଥିଲା। ଏନ୍‌ଏସି ଦାବି ସମର୍ଥନ ଜଣାଇ ଆଜି ଶରଣକୁଳରେ ଦୋକାନ ବଜାର ବନ୍ଦ୍ ରହିବା ସହିତ ସ୍କୁଲ୍, କଲେଜ, ବ୍ୟାଙ୍କ ଏବଂ ସରକାରୀ ଓ ଘରୋଇ ଅନୁଷ୍ଠାନ ଗୁଡ଼ିକ ବନ୍ଦ ରହିବା ସହିତ ଯାନବାହାନ ଚଳାଚଳ ଠପ୍ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ୮ ଘଣ୍ଟା ବନ୍ଦ ନିଷ୍ପତ୍ତି ଅନୁଯାୟୀ ଅପରାହ୍ନ ୨ଟାବେଳେ ସମୟ ସରିଯିବାରୁ ଧିରେ ଧିରେ ବଜାରର ସ୍ଥିତି ସ୍ୱାଭାବିକ ହୋଇଥିଲା। ଶରଣକୁଳ ରଣପୁର ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବେଳେ ଓଡ଼ିଶା ରାଜ୍ୟ ବିଧାନସଭାର ବାଚସ୍ପତି ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ପୂର୍ବତନ ବିଜେଡି ବିଧାୟକ ସତ୍ୟନାରାୟଣ ପ୍ରଧାନ, ବର୍ତ୍ତମାନର ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ବୈକୁଣ୍ଠନାଥ ସୀଠ, ରବୀନ୍ଦ୍ର ନାଥ ଚୌଧୁରୀ, ବିକ୍ରମ କୁମାର ଦାଶ ଓ ଦିପ୍ତି ରଞ୍ଜନ ପରିଡ଼ାଙ୍କ ସହିତ ପ୍ରମୁଖ ବିଜେଡି ନେତାଗଣ, ବୁଦ୍ଧିଜୀବୀ ଏବଂ ସଚେତନଶୀଳ ନାଗରିକମାନେ ନେତୃତ୍ୱ ନେଇଥିଲେ।

## ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ, ପାଣିରେ ପଡ଼ିଲା ୫ କୋଟି

ଧାମନଗର (ଭାସ୍କର ନ୍ୟୁଜ୍) : ଗ୍ରାମାଞ୍ଚଳର ଉନ୍ନତି ପାଇଁ ସବୁବେଳେ ସରକାରଙ୍କ ପ୍ରତିଶ୍ରୁତି ଥାଏ, ତାହାବି ପୂରଣ କରାଯାଏ; ମାତ୍ର ଅହଂକାରରେ ବି କିଛିବି ଭୁଲ କରାଯାଏ ଯାହା ଦୋବଲରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡରେ ଘଟିଛି। ଧାମନଗର- ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସ୍‌ଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବ୍‌ଜା କରି ଦୋକାନ କରିଗଲେଣି। ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ପ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି। ତା'ସହ ମାଟି ପଡ଼ି ପାଚେରୀ ହୋଇଥିବାରୁ ସେହି ପାଚେରୀ କଡ଼ ଏବେ ମୁକ୍ତାକାଶ ବାର ମଧ୍ୟ ହୋଇଗଲାଣି। ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରୀ କଡ଼ରେ ପିଉଥିବା ଦେଖିବାକୁ ମିଳିଛି।



ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚାୟତର ଲୋକ ଦୋବଲ ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି। ହେଲେ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ। ତେବେ ସ୍ୱଳ୍ପ ସ୍ଥାନରେ ବସ୍‌ଷ୍ଟାଣ୍ଡଟି ହେବା ସମ୍ଭବ ନଥିବାରୁ ପୂର୍ବ ସରକାର ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨କୋଟି ୯୧ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସ୍‌ଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍‌ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଠିକାଦାର କାମ ଆରମ୍ଭ କରିଥିଲା। ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ୍ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳି ଥିଲା। ସ୍ଥାନୀୟ କିଛି ଲୋକଙ୍କ ବିରୋଧ ହେଉ କିମ୍ବା ନୂଆ ସରକାର ଆସିବା ପରେ କିଛି କର୍ମୀଙ୍କ ଅହଙ୍କାର କାଳେ ପୂର୍ବ ସରକାର ନାଁ ନେଇଯିବ ସେହି ଭୟରେ ସେଠାରେ ନିର୍ମାଣାଧିନ ବସ୍‌ଷ୍ଟାଣ୍ଡ କିଛି ଲୋକ ବିରୋଧ କରିଥିଲେ। ଏ ସ୍ଥାନ ବଦଳରେ ପୁରୁଣା ବସ୍‌ଷ୍ଟାଣ୍ଡ ଜାଗାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ପରେ ନୂଆ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ। ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ। ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ଏପରି କି ସେଠାରେ ପଡ଼ିଥିବା ବାଲି ମାଟିକୁ ମଧ୍ୟ ଟ୍ରକ ଓ ଟ୍ରାକ୍ଟରରେ ବୋହି ନେଇଗଲେ। ହେଲେ ସାଧାରଣ ଲୋକ କି ଲାଭ ପାଇଲେ। ପ୍ରାୟ ଦୁଇ ବର୍ଷ ହୋଇଗଲା ନା ନୂଆ ବସ୍‌ଷ୍ଟାଣ୍ଡ ହେଲା ନା ପୁରୁଣା ବସ୍‌ଷ୍ଟାଣ୍ଡରେ କାମ ହେଲା। କେବଳ ରାଜନୈତିକ ଜିଦିରେ ସାଧାରଣ ଲୋକ ବଳି ପଡ଼ିଲେ। ଏ ଦିଗରେ ସରକାର ପୁନଃବିଚାର କରି ନିର୍ମାଣାଧିନ ବସ୍‌ଷ୍ଟାଣ୍ଡକୁ ନିର୍ମାଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ନଚେତ ସରକାରଙ୍କ ୫ କୋଟି ଟଙ୍କା ପାଣିରେ ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ସୁଉଚ୍ଚ ସେତୁର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ପରଜଙ୍ଗ /କଙ୍କଡ଼ାହାଡ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକର ଏକୁଲ ସେକୁଲ ଗ୍ରାମରେ ପିଛୁଳି ନାଳ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଦୀର୍ଘ ବର୍ଷ ପରେ ଅପହଞ୍ଚ ଇଲାକାରେ ୪ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟରେ ସେତୁ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ଅନଗୁଳ ଆରସିସିଏଫ, ଢେଙ୍କାନାଳ ଡ଼ିଏଫଓ, ଆରଡ଼ି ଅଧିକ୍ଷଣ ଯନ୍ତ୍ରୀ, କଙ୍କଡ଼ାହାଡ଼ ବିଡ଼ିଓ, ତହସିଲଦାର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭ ଦେଇଥିଲେ। କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅପହଞ୍ଚ ଇଲାକା ଏକୁଲ ସେକୁଲରେ ନୂଆ ସମ୍ଭାବନା ଆଣିଲେ ମୋହନ ସରକାର। ଦୀର୍ଘ ବର୍ଷ ହେଲା ଯାତାୟାତରେ ପ୍ରତିବନ୍ଧକ ସହ ବର୍ଷା ଦିନେ ଲୋକଙ୍କ ଯାତାୟାତରେ ବାଧକ ସୃଷ୍ଟି କରି ଆସୁଥିଲା ପିଛୁଳି ନାଳ। ଗର୍ଭବତୀ ମହିଳା ହେଉ ଅବା କୌଣସି ରୋଗୀ ଅଥବା ଲୋକଙ୍କ ଦୈନନ୍ଦିନ ଜୀବନରେ ଚଳିବା ପାଇଁ ଏକମାତ୍ର ଭରସା ଥିଲା ପିଛୁଳି ନାଳ। ଏ ନେଇ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ଏକ ସେତୁ ନିର୍ମାଣ ହେବାକୁ ଯାଉଛି। ଯାହା ଆଗାମୀ ଏକ ବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯୋଜନା ରଖିଛି ଗ୍ରାମ୍ୟ ଉନ୍ନୟନ ବିଭାଗ। ଆଗାମୀ ଦିନରେ ଅପହଞ୍ଚ ଏକୁଲ, ସେକୁଲ, କୋଟ ଓ ପୁଟିପାଳ ଗାଁ ଗୁଡିକର ରୂପରେଖ ବଦଳିବ ବୋଲି ବିଧାୟକ କହିଥିଲେ। ଏଥିସହିତ ଲୋକଙ୍କ ମୌଳିକ ସୁବିଧା ଏବଂ ରୋଜଗାର ପାଇଁ ବିଭିନ୍ନ ଯୋଜନା, ଇକୋଟୋରିଜିମ, ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ, ଲୋକଙ୍କ ନିକଟରେ ନେଟୱାର୍କ ସେବା ସହ ଅପହଞ୍ଚ ଗାଁ ଗୁଡିକୁ ରାସ୍ତା ଓ ବିଦ୍ୟୁତ ସଂଯୋଗୀକରଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।




## ରାଶିଫଳ

**ଶନିବାର, ୧୩ ସେପ୍ଟେମ୍ବର ୨୦୨୫**



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।




**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ଼ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର





ବଲାଙ୍ଗୀର (ଭାସ୍କର ନ୍ୟୁଜ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ବଲାଙ୍ଗୀରରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଭାଗ ଏବଂ ନିଶା ନିବାରଣ କେନ୍ଦ୍ର ବଲାଙ୍ଗୀରର ମିଳିତ ପ୍ରୟାସରେ ଆତ୍ମହତ୍ୟା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ଉଦ୍‌ଘାଟନ କରି ଏହାର ଆଭିମୁଖ୍ୟ ସଂପର୍କରେ ଅବଗତ କରେଇବା ସହିତ ଧୈର୍ଯ୍ୟ, ସଚେତନତା ଏବଂ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଦ୍ୱାରା ଆତ୍ମହତ୍ୟା ରୋକାଯାଇପାରିବ ବୋଲି ମତ ପ୍ରକାଶ କରିଥିଲେ । ଚିକିତ୍ସା ମନୋବିଜ୍ଞାନୀ ସୁଶ୍ରୀ ଶ୍ରାବଣୀ କାଲସାଏ ଏବଂ ପ୍ରିୟା ପ୍ରତୀକ୍ଷା ଧରୁଆ ଯୋଗଦେଇ ଆତ୍ମହତ୍ୟାର କାରଣ, ନିବାରଣ ଏବଂ ଉପଚାର ସଂପର୍କରେ ଗଭୀର ଆଲୋଚନା କରିବା ସହିତ ସଚେତନତାମୂଳକ ପ୍ରାମାଣିକ ଚଳଚ୍ଚିତ୍ର ଦେଖାଇଥିଲେ। ଡକ୍ଟର ଶ୍ରୀକାନ୍ତ କୁମାର ବାରିକ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂଚାଳନ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡକ୍ଟର ରମଣୀ ନାଏକ, ସାମାଜିକକର୍ମୀ ମଳୟ କୁମାର ନାଗ, ଶିବ କର୍ମୀ, ସବ୍ୟସାଚୀ ସିଂ ପ୍ରମୁଖ ଉପସ୍ଥିତ ରହି ମାନସିକ ଅବସାଦ ଏବଂ ତାର ପ୍ରତିକାର ସଂପର୍କରେ ବିଶ୍ଳେଷଣ କରିଥିଲେ। ଅଧ୍ୟାପିକା ସ୍ୱୟଂପ୍ରଭା ମହାପାତ୍ର ଏବଂ ମୋନାଲିସା କୁମ୍ଭାରଙ୍କ ମିଳିତ ରଚନା ଓ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନିତ ହୋଇଥିଲା ଆତ୍ମହତ୍ୟା ନିବାରଣମୂଳକ ନାଟକ 'ଆଶା' । ପରିଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କାଲିମେଳା(ଭାସ୍କର ନ୍ୟୁଜ୍): କାଲିମେଳା ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଅନ୍ତର୍ଗତ ରାଜଗିରି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ମଞ୍ଜରୀ ଖରା ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ ହୋଇଛି । ରାସ୍ତାକଡ଼ରେ ଥିବା ରାଜଗିରି ଅଙ୍ଗନବାଡ଼ି କେନ୍ଦ୍ରରୁ ପ୍ରାୟ ଦୁଇ କିମି ଦୂର ମାନ୍ୟୁମକୋଣ୍ଡାରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିଥିଲେ। ଜିଲ୍ଲାପାଳ ଗସ୍ତ ସମୟରେ କାଳେ ଅଙ୍ଗନବାଡ଼ି କେନ୍ଦ୍ରରେ ପଶିଯିବା ଆଶଙ୍କା କରି କାଗଜ ପତ୍ର ଠିକ୍ ଠାକ୍ ଏବଂ ସାଜସଜ୍ଜା କରିବାକୁ ୪ ଜଣ ସୁପରଭାଇଜର ରାଜଗିରି ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। କାମ ଠିକ୍‌ରେ କରୁନ ବୋଲି ସୁପରଭାଇଜର ପ୍ରତିମା ନାୟକ ଜଣକ ରାଗରେ ୫୭ ବର୍ଷୀୟା ମଞ୍ଜରୀ ଖରାଙ୍କୁ ଠେଲାପେଲା କରି ଧକ୍କା ଦେଇଥିଲେ । ଜଣେ ବର୍ଷୀୟାନ କର୍ମୀଙ୍କୁ ଏପରି ଅମାନବୀୟ ଦୁର୍ବ୍ୟବହାରକୁ ସାଙ୍ଗରେ ଥିବା ସୁପରଭାଇଜର ମାନେ ମଧ୍ୟ ନାପସନ୍ଦ କରିଥିଲେ । ଏ ଖବର ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ପାଖେ ମଧ୍ୟ ପହଞ୍ଚି ଥିବା ଜଣାପଡିଛି । ସୁପରଭାଇଜରଙ୍କ ଏପରି ବ୍ୟବହାରକୁ ଅଙ୍ଗନବାଡ଼ି କର୍ମୀ ଦୁଃଖ ପ୍ରକାଶ କରିଛନ୍ତି।

## ୨୧ରୁ ନକ୍ସଲ ପାଳିବେ ବାର୍ଷିକ ଉତ୍ସବ

ମାଲକାନଗିରି (ଭାସ୍କର ନ୍ୟୁଜ୍): ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟି ଶୀର୍ଷ ନେତା ଅଭୟ ଗୁରୁବାର ୧୧ ପୃଷ୍ଠାର ବୁକ୍‌ଲେଟ୍ ଜାରି କରିଛନ୍ତି । ଏଥିରେ ମାଓ ସଂଗଠନ ସହିଥିବା କ୍ଷତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ନକ୍ସଲ ସ୍ୱୀକାର କରିଛନ୍ତି, କେନ୍ଦ୍ରୀୟ କମିଟି ଯୁଦ୍ଧ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲେ ସେହି ଅନୁସାରେ କାମ କରାନଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା । ଗତ ଏକ ବର୍ଷ ମଧ୍ୟରେ ଦେଶରେ ପ୍ରଥମ ଥର ପାଇଁ ମାଓ ସଂଗଠନର ମହାସଚିବ ବାସବରାଜୁ ସମେତ ୧୭ କେନ୍ଦ୍ରୀୟ କମିଟି ସଦସ୍ୟ ଏନ୍‌କାଉଣ୍ଟରର୍ ଶିକାର ହେଲେ । ପ୍ରତିବର୍ଷ ସେପ୍ଟେମ୍ବର ୨୧ରୁ ୨୭ ପର୍ଯ୍ୟନ୍ତ ପିଏଲ୍‌ଜିଏ ଗଠନର ବାର୍ଷିକ ଉତ୍ସବ ପାଳନ କରିଥାନ୍ତି ମାଓ ସଂଗଠନ ଗତ ୪ବର୍ଷ ଧରି ପୋଲିସର ଘନଘନ ଏନ୍‌କାଉଣ୍ଟର, କମ୍ବିଂ ଅପରେସନ୍ ଯୋଗୁ ବାର୍ଷିକ ଉତ୍ସବ ଭଲ ଭାବରେ ପାଳନ କରିନି ନକ୍ସଲ ସଂଗଠନ । ଚଳିତ ବର୍ଷ ବାର୍ଷିକ ଉତ୍ସବକୁ ୪ ରାଜ୍ୟ (ଆନ୍ଧ୍ର-ଓଡ଼ିଶା-ତେଲେଙ୍ଗାନା-ଛତିଶଗଡ଼) ରେ ଜୋରଦାର୍ କରିବା ପାଇଁ ନକ୍ସଲ ସଂଗଠନ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ୨୧ତମ ବାର୍ଷିକ ଉତ୍ସବ ପାଳନ କରିବାକୁ କେନ୍ଦ୍ରୀୟ କମିଟି ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହ ନକ୍ସଲ ବିରୋଧରେ କରାଯାଉଥିବା ସମସ୍ତ ଅପରେସନ୍‌କୁ ବିଫଳ କରିବାକୁ ଆହ୍ୱାନ ଦେଇଛି ମାଓ ସଂଗଠନ। ନକ୍ସଲଙ୍କ ବୁକ୍‌ଲେଟ୍‌ରେ ଅଭୟ ଉଲ୍ଲେଖ କରିଛନ୍ତି, ସେମାନେ ଏକ ବଡ଼ ହମ୍‌ଲା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ସେହିପରି ଲଗାତାର ହେଉଥିବା ଆତ୍ମସମର୍ପଣ, ଅପରେସନ୍-୨୦୨୬ କୁ ବିଫଳ କରିବା ପାଇଁ ସବୁ ପ୍ରକାର ଯୋଜନା କରୁଛନ୍ତି। କାରେଗଟ୍ଟା ଜଙ୍ଗଲରେ ପୁଲିସ ସହ ଗୁଳି ବିନିମୟରେ ଏକେ-୪୭ ଲୁଟ୍ କରି ନେଇଥିବା ମଧ୍ୟ କହିଛନ୍ତି। ତେବେ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁ, ଚଲପତି, ବିବେକ, ଉଦୟ, ମଧୁ, ଭେଙ୍କେଟନାଗେଶ୍ୱର ରାଓ, ଅରୁଣା, ଜୟ, ରୂପେଶ, ନୀତି, ଭାସ୍କର, କାର୍ତ୍ତିକ, ଚେତେ, ଗୁଣ୍ଡୁ, ସତ୍ୟମ ଆଲୋକ, ବିଜୟ ସମେତ ବହୁ ନକ୍ସଲଙ୍କ ମୃତ୍ୟୁ ସଂଗଠନକୁ ବଡ଼ ଝଟ୍‌କା ଦେଇଥିଲା। ପୁଣି ଜିଲ୍ଲା କମିଟି, କମ୍ପାନୀ କମିଟିର ୨୬ ଜଣ, ଏରିଆ କମିଟି, ପ୍ଲାଟୁନ୍ କମିଟିର ୮୬ ଜଣ, ପିଏଲ୍‌ଜିଏର ୧୫୨ ସଦସ୍ୟ, ସ୍ଥାନୀୟ ମିଲିସିଆ ୩୮ ଜଣ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛନ୍ତି। ଏହି ବୁକ୍‌ଲେଟ୍ ପ୍ରକାଶ ପାଇବା ପରେ ୪ ରାଜ୍ୟର ପୋଲିସ ସତର୍କ ହୋଇଯାଇଛି । ବାର୍ଷିକ ଉତ୍ସବ ପାଳନକୁ ୪ ରାଜ୍ୟର ପୁଲିସ ଗୁରୁତ୍ୱର ସହ ନେଇ ଗୁଇନ୍ଦାକୁ ସତର୍କ କରିଛି। ଅପରେସନକୁ ଜୋର୍‌ଦାର କରିବାକୁ ପୋଲିସ ଯୋଜନା କରିଛି। ମାଲକାନଗିରି ପୋଲିସ ସୀମା ସିଲ୍ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରିବ ବୋଲି ଜଣାପଡ଼ିଛି।

## ତୁମ୍ବରଲିୟାଗୁଡା ଠାରୁ ଖଡ଼କା ରାସ୍ତା ପାଲଟିଛି ମରଣଯନ୍ତା

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ବେହେଡା ପଞ୍ଚାୟତ ଯିବା ବାଟରେ ନାୟକ ବାବୁ ଘର ଠାରୁ ତୁମ୍ବାର୍ଲିୟଗୁଡା ରାସ୍ତାରେ ଯିବାଆସିବା କରିବାଟା ଏକ ପ୍ରକାର ବନ୍ଦ ହୋଇଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ କୁନିକୁନି ପିଲାମାନେ ସ୍କୁଲ ଯାଆନ୍ତି। ମାତ୍ର ବର୍ଷାଦିନେ ଏକ ପ୍ରକାର ପାଠପଢା ପୁରାପୁରି ବନ୍ଦ। ଦୀର୍ଘ ସମୟ ହେଲା ପିଲାମାନେ ପାଠ ପଢ଼ାରୁ ବଞ୍ଚିତ। କାରଣ ଏ ରାସ୍ତାରେ ଭଲ ଲୋକ ଯିବାଆସିବା କରିବାକୁ ଡ଼ରୁଛନ୍ତି। ପ୍ରଶାସନ ପାଖରେ ବାରମ୍ବାର ଗୁହାରି କଲାପରେ ମଧ୍ୟ



କେହି ଶୁଣିବାକୁ ନାରାଜ। କେବେ ଏ ରାସ୍ତା ହେବ ଆଉ ପିଲାମାନେ ସ୍କୁଲ ଯିବେ। ଏ ରାସ୍ତାରେ ପ୍ରତ୍ୟେକ ଦିନ ଲୋକମାନେ ଯିବା ଆସିବା କରନ୍ତି। ହେଲେ ରାସ୍ତା ଅବସ୍ଥା କାରଣରୁ କୌଣସି ଉପାୟ ନଥିବାରୁ ଲୋକଙ୍କୁ ଆଠରୁ ଦଶ କିଲୋମିଟର ବୁଲିକି ଯିବାକୁ ପଡୁଛି। ଜିଲ୍ଲାପାଳ, ବିଡିଓ, ପିଇଓ, ସରପଞ୍ଚ ସମସ୍ତେ ଜାଣି ବି କିଛି ସମାଧାନ ହୋଇପାରୁନି। ଯଦି ଏରାସ୍ତା ପିଚୁ ହୋଇଯିବ ତାହେଲେ ଲୋକ ବହୁତ ଲାଭ ପାଇବେ। ରୋଗୀଙ୍କୁ ନେବା ଆଣିବାକୁ ଆମ୍ବୁଲାନ୍ସ ଯାଇ ପାରୁନି। ଲୋକଙ୍କ ଦେହ ଖରାପ ହେଲେ ଭଗବାନ ଭରସା ବୋଲି ଏଠିକା ଲୋକ ଗଣମାଧ୍ୟମକୁ କହିଛନ୍ତି। ଏବେ ଦେଖିବାକୁ ରହିଲା କେବେ ଲୋକଙ୍କ ଦୁଃଖ ଦୂର ହେଉଛି।

## ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟ ରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା କାଲିମେଳା, ମାଥିଲି ଓ କୋରକୁଣ୍ଡା ବ୍ଲକ୍ ର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ପାଇଁ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ତଥା କ୍ଷମତା ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ତାଲିମ ପ୍ରଦାନ କରାଯାଇଛି।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶିକ୍ଷକ ମାନେ ସମସ୍ତ ବ୍ଲକ୍‌ର ପିଇଓମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ଏବଂ ଏଥିପାଇଁ ଆବଶ୍ୟକ ଜ୍ଞାନ କୌଶଳ ଉପରେ ଏହି ଶିବିରରେ ଆଲୋଚନା କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉପସ୍ଥିତ ଥିଲେ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଶିବିର ଆୟୋଜନ କରିବାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ



ବେଲପାହାଡ( ଭାସ୍କର ନ୍ୟୁଜ୍ ): ଜାତୀୟ ରାଜପଥ-୪୯ ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗୋବିନ୍ଦ ପୁର ଟୋଲ ଗେଟ ନିକଟରେ ଗୋଚାଲାଣ କରୁଥିବା ଟୋଲ କର୍ମଚାରୀ ସ୍କୋର୍ପିଓ ଧକ୍କାରେ ମୃତ । ମୃତକ କଦମଡ଼ିହି ଗ୍ରାମର ଅନିଲ କୁମାର ପଟେଲ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ଅନିଲଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରେଇଥିଲା । ଦୁର୍ଘଟଣା ଘଟାଇ ଦୁର୍ବୃତ୍ତ ମାନେ ଗୋରୁ ବୋଝେଇ ସ୍କୋର୍ପିଓକୁ କିଛି ଦୂରରେ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ସ୍କୋର୍ପିଓଟିକୁ ଜବତ କରି ସେଥିରୁ ୬ ଟି ଗୋରୁ ଉଦ୍ଧାର କରିଥିବାବେଳେ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଛି । ଅନ୍ୟପଟେ ଶବ ବ୍ୟବଚ୍ଛେଦ ପରେ ଅନିଲଙ୍କ ଶବକୁ ଟୋଲ ଗେଟ ନିକଟରେ ରଖି କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ। ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି କ୍ଷତିପୂରଣ ଓ ମୃତକଙ୍କ ପରିବାରକୁ ଥଇଥାନ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀ ଶବଦାହ କରିଥିବା ପ୍ରକାଶ।

### ତୁଳସୀରେ ବେଆଇନ କ୍ରସର ସ୍ଥାପନ ପ୍ରସଙ୍ଗ ||||||||||||||||||||

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ତାଗିଦ୍

ମାଥିଲି (ଭାସ୍କର ନ୍ୟୁଜ) ମାଥିଲି ବ୍ଲକ୍ ଅଧିନ ଟେମୁରୁପାଲ୍ଲୀ ପଞ୍ଚାୟତ ତୁଳସୀ ପାହାଡ଼ରେ ବେଆଇନ କ୍ରସର ସ୍ଥାପନ ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ହାଇଗ୍ରିଭା ଇନ୍ଫ୍ରାଟେକ୍ ପ୍ରୋଜେକ୍ଟ ଲିମିଟେଡ କମ୍ପାନୀ କୁ ଚିଠି ଲେଖି ତାଗିଦ କରିଛନ୍ତି। ପ୍ରଦୂଷଣ ବୋର୍ଡ ମାଗିଥିବା



କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାରେ କମ୍ପାନୀ ଜାଣି ଶୁଣି ବିଳମ୍ବ କରୁଥିବା ଦେଖିବାକୁ ମିଳିଛି। କ୍ରସର ୟୁନିଟ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ପରେ ଗତମାସ ଛଅ ତାରିଖରେ ପ୍ରଦୂଷଣ ବୋର୍ଡ ତୁଳସୀକୁ ଯାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅଧିକାରୀ ଜାଣିବାକୁ ପାଇଥିଲେ କୌଣସି ଅନୁମତି ନଥାଇ ଉକ୍ତ କମ୍ପାନୀ ସେଠାରେ କ୍ରସର ୟୁନିଟ ନିର୍ମାଣ କରି ଚଳାଇବାର ସମସ୍ତ ବ୍ୟବସ୍ଥା କରିସାରିଥିଲେ। ଫଳରେ ଗତ ଏଗାର ତାରିଖରେ ଜିଲ୍ଲା ପ୍ରଦୂଷଣ ବୋର୍ଡ ପକ୍ଷରୁ ଉକ୍ତ କମ୍ପାନୀକୁ ପନ୍ଦର ଦିନ ମଧ୍ୟରେ କ୍ରସର ସମ୍ପର୍କିତ ସମସ୍ତ କାଗଜପତ୍ର ଜିଲ୍ଲା ପ୍ରଦୂଷଣ ବୋର୍ଡ ଠାରେ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଉକ୍ତ କମ୍ପାନୀ ତରଫରୁ କୌଣସି ଉତ୍ତର ମିଳିପାରିନାହିଁ। ତେଣୁ ଏହା ନିଶ୍ଚିତ କରାଯାଇଅଛି ଯେ ଉକ୍ତ କମ୍ପାନୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ନିର୍ମାଣ କରିବା ପାଇଁ କିମ୍ବା ପରିଚାଳନା ପାଇଁ କୌଣସି ବୈଧ ସମ୍ମତି ନ ନେଇ ପଥର କ୍ରସର ୟୁନିଟ ନିର୍ମାଣ କରିଥିଲେ । ଯାହା କି ପ୍ରଦୂଷଣ ବ୍ୟବସ୍ଥା ଅଧିନରେ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ପାଳନ କରିବାରେ ବିଫଳ ହୋଇଛନ୍ତି। ତୁରନ୍ତ କାରଣ ଦର୍ଶାଅ ନୋଟିସର ଉତ୍ତର ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କମ୍ପାନୀ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଉପରେ କିଛି ଆପତ୍ତି ଅଛି ତେବେ ରାଜ୍ୟ ଆପିଲେଟ କର୍ତ୍ତୃପକ୍ଷଙ୍କ ସମ୍ମୁଖ ରେ ଅଭିଯୋଗ କରିପାରିବେ ବୋଲି ଦର୍ଶାଯାଇଅଛି।

## ଜୁଜୁମରାରେ ତୀରନ୍ଦାଜ କାର୍ଯ୍ୟାଳୟ ଉଦ୍‌ଘାଟିତ

ରେଢ଼ାଖୋଲ(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଜୁଜୁମୁରା ହାଇସ୍କୁଲ ନିକଟରେ ଜିଲ୍ଲା ତୀରନ୍ଦାଜ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । କାର୍ଯ୍ୟାଳୟକୁ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରଥମେ ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ତୀରନ୍ଦାଜ ଖେଳାଳିମାନେ ଓ ସ୍ଥାନୀୟ ନେତୃବୃନ୍ଦ ସ୍ୱାଗତ ସମ୍ବର୍ଦ୍ଧନା କରି କାର୍ଯ୍ୟାଳୟ



ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସେଠାରେ ଫିତା କାଟି କାର୍ଯ୍ୟାଳୟର ଉଦ୍‌ଘାଟନ କରିବା ସହ ଆଗକୁ ଖେଳାଳିମାନେ କିଭଳି ଆଗକୁ ବଢ଼ିବେ ତାହା ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ତାଙ୍କ ସହିତ ଜିଲ୍ଲା ସଭାପତି କିଶୋର ଦେହୁରୀ , ସଂପାଦକ ଆଶ୍ୱିନୀ କୁମୁରା , ଆବାହକ ମିତ୍ରଭାନୁ ମହାପାତ୍ର , କୋଚ ମାନସ ମୁଣ୍ଡାଙ୍କ ସହିତ ତୀରନ୍ଦାଜ ଖେଳାଳିମାନେ ଉପସ୍ଥିତ ଥିଲେ । ପୂର୍ବରୁ ଜୁଜୁମୁରା ଅଞ୍ଚଳରୁ ଅନେକ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ଚମ୍ପିଆନ ଟ୍ରଫି ହାସଲ କରିଛନ୍ତି । ଏହି କାର୍ଯ୍ୟାଳୟ ହେବା ଦ୍ୱାରା ସ୍ଥାନୀୟ ତଥା ଜିଲ୍ଲାର ସମସ୍ତ ଖେଳାଳି ଆହୁରି ଆଗ୍ରହ ପ୍ରକାଶ କରିଛନ୍ତି ।

## ମା' ପେଣ୍ଡ୍ରାଣୀ ସବୁଜସେନା ସଂଘର ନୂଆଖାଇ ଭେଟ୍‌ଘାଟ୍ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅଧୀନରେ ଥିବା ଧଡ୍ରା ନିକଟସ୍ଥ ବିଡିରୀ ମନ୍ଦିର ଠାରେ ମା' ପେଣ୍ଡ୍ରାଣୀ ସବୁଜ ସେନା ସଂଘର ନୂଆଖାଇ ଭେଟଘାଟ ପାଳିତ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଘରୋଇ କୃଷି କର୍ମଚାରୀମାନଙ୍କ ସୁରକ୍ଷା ଏବଂ ସମାଜରେ ବିଭିନ୍ନ ଗଠନମୂଳକ କାର୍ଯ୍ୟ ଯଥା କୃଷି, ଶିକ୍ଷା, ବୃକ୍ଷରୋପଣ, ରକ୍ତଦାନ ଇତ୍ୟାଦି କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବା ଉଦ୍ଦେଶ୍ୟରେ ସଂଘ ଗଠନ କରାଯାଇଅଛି । ଏହି ସଭାରେ ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ ଏବଂ ନସନ ଖରା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟୁନା ଦାସ, ଉପସଭାପତି ରାକେଶ ମିସ୍ତ୍ରୀ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସମସ୍ତ ଉପଦେଷ୍ଟା ମଣ୍ଡଳୀ ଏବଂ ଏକ ଶହରୁ ଉର୍ଦ୍ଧ୍ୱ ଘରୋଇ କୃଷି କର୍ମଚାରୀ ଉପସ୍ଥିତ ଥିଲେ ।

## କୁଚିଣ୍ଡା କଂଗ୍ରେସ କମିଟିର ସୃଜନ ଅଭିଯାନ

ସମ୍ବଲପୁର(ଭାସ୍କର ନ୍ୟୁଜ୍):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କଂଗ୍ରେସ ଭବନରେ ସମ୍ବଲପୁର ଜିଲ୍ଲା ସଭାପତି ଦୁର୍ଗା ପାଢ଼ୀଙ୍କ ସଭାପତିତ୍ୱରେ କୁଚିଣ୍ଡା ବିଧାନସଭା ଗତ ନିର୍ବାଚନର ପ୍ରାର୍ଥୀ କେଦାର ବରିହାଙ୍କ ପରିଚାଳନାରେ କଂଗ୍ରେସର ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଂଗ୍ରେସ ଏଆଇସିସି ଅବଜର୍ଭର ଇନ୍ଦ୍ରଜିତ ସିଂ ଗୁଜର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତୃଣ ମୂଳ ସ୍ତରରେ କଂଗ୍ରେସ କର୍ମୀଙ୍କ ମତାମତକୁ ନେଇ ସଂଗଠନ ଦାୟିତ୍ୱ ଅର୍ପଣ କଲେ ସଂଗଠନ ସୁଦୃଢ଼ ହେବ ବୋଲି ପ୍ରକାଶ କରିଥିଲେ। ସଭାରେ ପି ସି ସି ଅବଜର୍ଭର ଶୁଭେନ୍ଦୁ ମହାନ୍ତି, ଜୟନ୍ତ ସାହୁ, ଅଂଶୁମାନ ଦାସ,ରେଙ୍ଗାଲି କଂଗ୍ରେସ ପରାଜିତ ପ୍ରାର୍ଥୀ ଦିଲୀପ ଦୁରିଆ, ଖଡୁନାଥ ପିଙ୍ଗ ମଂଚାସୀନ ରହିଥିବା ସମୟରେ କୁଚିଣ୍ଡା ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ଅଖିଳ ପ୍ରତାପ ସିଂ, ସଂଜିତ କୁମାର ଶର୍ମା, ବିପିନ ନାଏକ, ବିପିନ ନାୟକ, ନବୀନ ନାୟକ, ଲବଣି ନାଏକ, ଶରତ ଗୌନ୍ତିଆ, ଆରତୀ ନାୟକ, ପ୍ରମୋଦ ଛୁରିଆ, ପିତାମ୍ବର ମାଝି, ଆଶିଷ ପ୍ରତାପ ସିଂ, ସଞ୍ଜୟ ମହାନନ୍ଦ, ଜିତେନ୍ଦ୍ର ସାହୁ,ଜିତୁ ପଧାନ, ମହମ୍ମଦ ସଫିକ, ଦିଲୀପ ପଟେଲ, ସୁଷମା ସେନାପତି ,ବିମଳା ମହାନନ୍ଦ ପ୍ରମୁଖ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ରହିଥିଲେ। ଏହି ସଭାରେ କୁଚିଣ୍ଡା,ବାମରା ବ୍ଲକ ଓ ଏନଏସି ର ୨ଶହ କର୍ମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

## ନିଖିଳ ଉତ୍କଳ କୈବର୍ତ୍ତ ସମାଜର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା(ଭାସ୍କର ନ୍ୟୁଜ୍): ନିଖିଳ ଉତ୍କଳ କୈବର୍ତ୍ତ ସମାଜ ରାଉରକେଲାର ୨୫ତମ ପ୍ରତିଷ୍ଠା ଦିବସ ସେକ୍ଟର ୬ ସ୍ଥିତ ଶାରଳା ମନ୍ଦିର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ସମାଜର ସଭାପତି ଅର୍ଜୁନ ଚରଣ ସାହୁଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଭ୍ରମରବର ବେହେରାଙ୍କ ଆବାହକତ୍ୱ ଓ ନଟବର ବେହେରାଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, କୈବର୍ତ୍ତ ସମାଜର ପ୍ରାକ୍ତନ ସଭାପତି ଜଗବନ୍ଧୁ ବେହେରା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି ସମାଜର ଉପସ୍ଥିତ ସଦସ୍ୟମାନଙ୍କୁ ପ୍ରତିଷ୍ଠା ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ରାଉତ କୈବର୍ତ୍ତ ସମାଜର ସମାଜ ପ୍ରତି ଅଙ୍ଗୀକାରବଦ୍ଧତା, ଦାୟିତ୍ୱବୋଧ ସହ ଅନୁଷ୍ଠାନର ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଅନ୍ୟତମ ପ୍ରାକ୍ତନ ସଭାପତି ଜଗନ୍ନାଥ ବେହେରା ଆର୍‌ଏସ୍‌ପିରେ ଏଜିଏମ୍ ପଦକୁ ଉନ୍ନିତ ହୋଇଥବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବନ୍ଧୁଆ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ଜିଲ୍ଲାର ଯୋଜନା ସଂପର୍କରେ ସମୀକ୍ଷା କଲେ ରାଜ୍ୟପାଳ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ସଦ୍‌ଭାବନା ସଭାଗୃହରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର କାର୍ଯ୍ୟକାରୀ ହୋଇଥିବା ଯୋଜନାର ସମୀକ୍ଷା କରିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି । ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ବ୍ୟାଙ୍କ ସମୂହ କିପରି କାର୍ଯ୍ୟ କରୁଛନ୍ତି ପଚାରି ବୁଝିବା ସହ ପ୍ରକୃତ ହିତାଧିକାରୀଙ୍କୁ ଋଣ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଭଦ୍ରାଚଲମ-ମାଲକାନଗିରି ରେଳପଥ, ଜୟପୁର-ମାଲକାନଗିରି ରେଳପଥ, ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କର କ୍ଷମତା ବୃଦ୍ଧି, କୃଷି ଉଦ୍ୟାନ ଉଠାଜଳସେଚନ, କୃଷି ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ, ଓରମାସ୍ , ଡିଆଇସି, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ବିଭାଗର ଯୋଜନା ସମୀକ୍ଷା କରିଥିଲେ । ଦୁଇଟି ଜିଲ୍ଲାର ସମୀକ୍ଷା ପରେ ଯୋଜନାର ସଫଳତା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲା ମୁଦୁଲିପଡା ଛାତ୍ରୀନିବାସରେ ବହୁ ଛାତ୍ରୀଙ୍କ ହିମଗ୍ଲୋବିନ କମ୍ ରହିଥିବା ଦେଖିଥିଲେ। ଜଣେ ଡାକ୍ତର କହିଥଲେ ପ୍ରତିଦିନ ସକାଳୁ ଗୋଟିଏ ଗ୍ଲାସ ଗାଜର, ବିଟ୍ ଜୁସ୍ ଓ ଗୁଡ ସହିତ ଦୁଇଟି ଚିକି ଖାଇଲେ ସେମାନଙ୍କ ହିମଗ୍ଲୋବିନ ବଢିବ। ସମସ୍ତ ଛାତ୍ରୀଙ୍କ ହିମଗ୍ଲୋବିନ ପରୀକ୍ଷା କରାଯିବ ।




ଭାରତମାଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ କୋରାପୁଟ ଜିଲ୍ଲାର ଶିକ୍ଷ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହେବ। ଆଗାମୀ ଦିନରେ ସମସ୍ତ ପରିବାରକୁ ପକ୍କାଘର ଯୋଗାଇ ଦିଆଯିବ । ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲଜମି ପଟ୍ଟା ଚଳିତବର୍ଷ ଶେଷ ସୁଦ୍ଧା ପ୍ରଦାନ କରାଯିବ। ଜଳଜୀବନ ମିଶନ ଧିମେଇ ଯାଇଛି। ୨୦୨୬ ସୁଦ୍ଧା ସମସ୍ତ ପ୍ରକଳ୍ପ ସରିବ । ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ସମସ୍ତ ପରିବାରକୁ ଟ୍ୟାପ୍ ପାଣି ଯୋଗାଇ ଦେବା । ବିକାଶର ସମସ୍ତ ସମ୍ଭାବନା ଏହି ଦୁଇ ଜିଲ୍ଲାରେ ରହିଛି । ୨ବର୍ଷ ମଧ୍ୟରେ ଏହି ଦୁଇ ଜିଲ୍ଲାର ସାମଗ୍ରୀକ ବିକାଶ କରାଯିବ । ଦେଓମାଳି ଓ ସୀତାକୁଣ୍ଡ ତାଙ୍କୁ ଆକୃଷ୍ଟ କରିଥିଲା। ଦୁଇ ରାଜ୍ୟ ଉଦ୍ୟମ କଲେ ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ସମୀକ୍ଷା ବୈଠକରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶ ସାହୁ, କୋରାପୁଟ ବିଧାୟକ ରଘୁରାମ ମାଛ, ପାଟଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ ବିଧାୟକ ରୂପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଡ. କେ.ବି.ସିଂ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ମାଲକାନଗିରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, କୋରାପୁଟ ଏସ୍‌ପି ରୋହିତ ବର୍ମା, ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଦୁଇ ଗୁରୁତର



ଉମରକୋଟ(ଭାସ୍କର ନ୍ୟୁଜ୍): ବାଇକ ଦୁର୍ଘଟଣାରେ ଦୁଇ କଲେଜ ଛାତ୍ର ଗୁରୁତର ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଗୁରୁତର ଦୁଇଛାତ୍ର ହେଲେ ଉମରକୋଟ ବ୍ଲକ ସୁକିଗାଁ ଗାଁର ଶେଖର ସରକାର(୧୯) ଓ ସନ୍ଦାଗୁଡା ଗ୍ରାମର ଭକ୍ତଚନ୍ଦ୍ର ଗଣ୍ଡ। ମିଳିଥିବା ସୂଚନା ଅନୁସାରେ ଶେଖର ଓ ଭକ୍ତ ଦୁହେଁ ମିଶି ବାଇକ ଯୋଗେ ଗୁରୁ କୃପା କଲେଜକୁ ଯାଉଥିଲେ।ଏମାନଙ୍କୁ ୟୁଭି ୬ ନଂ ଛକରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଏକ ଗାଡି ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଶେଖରଙ୍କ ଡାହାଣ ହାତ ଓ ଗୋଡ ଭାଙ୍ଗିଯାଇଥିବାବେଳେ ଭକ୍ତଙ୍କ ଡାହାଣ ଗୋଡ ଭାଙ୍ଗିଯାଇଛି। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଶେଖରକୁ କୋରାପୁଟ ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେଇଯାଇଥିବା ବେଳେ ଭକ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ଦୁହେଁ ଗୁରୁ କୃପା କଲେଜରେ ଶେଖର +୩ ଦ୍ୱିତୀୟ ବର୍ଷ ଛାତ୍ର ଥିବା ବେଳେ ଭକ୍ତ+୨ ପ୍ରଥମ ବର୍ଷ ଛାତ୍ର ଅଟନ୍ତି।

## ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

ଗୁଣପୁର(ଭାସ୍କର ନ୍ୟୁଜ୍):ନିକଟରେ ରାୟଗଡା ଜିଲ୍ଲା ତରଫରୁ ଜିଲ୍ଲା ଶିକ୍ଷା ବିଭାଗରେ ଓଡିଶା ସରକାରଙ୍କ ଅଭିନବ ପ୍ରୟାସ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ଗୁଣୁପୁର ବ୍ଲକର ଆମ୍ବାବାଡି କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଡସିଂର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣିତା ମହାପାତ୍ରଙ୍କୁ ଗୁରୁ ଦିବସ ଅବସରରେ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ଗୋଷ୍ଠୀଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ଶ୍ରୀମତୀ ମହାପାତ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏହି ସମ୍ବର୍ଦ୍ଧନା ସଭାର ମଞ୍ଚ ପରିଚାଳନା କରିଥିଲେ ଚାଲକମ୍ବା ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପିନାଥ



ପଣ୍ଡା। ଏହି ସମ୍ବର୍ଦ୍ଧନା ସଭାରେ ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା, ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ, ସ୍ୱାଗତିକା ଦାସ, ଆରତି ମହାପାତ୍ର ଓ ଗୁଣପୁର ବ୍ଲକ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶିକ୍ଷିକା ନଳିନୀ କୁମ୍ଭକାର, ବିଜୟ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ନାୟକ ଉପସ୍ଥିତ ଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ଗୁରୁ ଛାତ୍ର/ଛାତ୍ରୀ ଉପସ୍ଥିତ ରହି ପ୍ରଣିତା ମହାପାତ୍ର ଙ୍କଠାରୁ ପାଇଥିବା କିଛି ଅନୁଭୂତି ଓ ପ୍ରେରଣା ଆଗାମୀ ଜୀବନରେ କାର୍ଯ୍ୟରେ ଲଗାଇବା ନେଇ ପ୍ରକାଶ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

ଗୁଣପୁର(ଭାସ୍କର ନ୍ୟୁଜ୍):)ଗୁଣପୁର ବ୍ଲକ ଡମ୍ବସରା ପଂଚାୟତ ନାଏବ ସରପଞ୍ଚଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି। ମୃତକ ମହିଳା ଜଣକ ହେଲେ ରଂଜିତା ତ୍ରିପାଠୀ। ଗୁଣୁପୁର ଡମ୍ବସରା ପଞ୍ଚାୟତ ର ନାୟବ ସରପଞ୍ଚ ରହିଛନ୍ତି। ମହିଳା ଜଣକ ନିଜ ଘର ପଦ୍ମପୁର ବ୍ଲକ୍ ପେରୁପାଙ୍ଗ ଗ୍ରାମ ରହିଥିବାବେଳେ ଗୁଣୁପୁର ବ୍ଲକ୍ ଡମ୍ବସରା ପଞ୍ଚାୟତର ଆପନାଗୁଡା ଗ୍ରାମରେ ନରସିଂହ ତ୍ରିପାଠୀକୁ ବିବାହ କରି ରହୁଥିଲେ। ସ୍ୱାମୀଙ୍କୁ ଅଟକ ରଖି ଗୁଣୁପୁର ପୋଲିସ୍ ତଦନ୍ତ ଜାରି ରଖିଛି। ମୃତକ ମହିଳାଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇଆସୁଥିବା ସହ ମରଣାନ୍ତକ ମାଡ ମାରୁଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ନରେ ମୃତ ମହିଳାଙ୍କ ଝିଅ ତାଙ୍କ ମାମୁଁଙ୍କୁ ମୃତ୍ୟୁ ଖବର ଜଣାଇଥିଲେ । ମହିଳା ଙ୍କ ଭାଇ ଲୋକନାଥ ସାହୁ ଶବକୁ ଦେଖି ଗୁଣୁପୁର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ନିର୍ଯାତନା ଦିଆଯାଇଥିବା ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ତାର ତଦନ୍ତ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

## ଇଚ୍ଛାମୁତାବକ ରୁଟ୍‌ରେ ଚାଲୁଛି ବସ୍

ବାଲିମେଳା (ଭାସ୍କର ନ୍ୟୁଜ୍): ବାଲିମେଳା ସହରକୁ ଓଡିଶା ସଡ଼କ ପରିବହନ ବସ୍, ଲକ୍ଷ୍ମୀ ବସ୍ ଓ ବ୍ୟକ୍ତିଗତ ମାଲିକାନା ରେ ଅନେକ ବସ୍ ଚଳାଚଳ କରୁଛି। କିନ୍ତୁ ଅଧିକାଂଶ ବସ୍ ଗୁଡିକ ମନମୁତାବକ ପ୍ରବେଶ କରି ଇଛାମୁତାବକ ପ୍ରସ୍ଥାନ କରୁଛନ୍ତି। ଏହାର ଫଳ ସ୍ୱରୂପ ଅଧିକାଂଶ ଯାତ୍ରୀ ବିଶେଷ କରି ବରିଷ୍ଠ ନାଗରିକ କଲେଜ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତୋଟି ବସ୍ କାଲିମେଳାରୁ ବାଲିମେଳାକୁ କେନାଲ ରାସ୍ତା ଦେଇ ଆସୁଥିବାବେଳେ ବସ୍‌ଗୁଡିକ ବିଦ୍ୟୁତ୍ ବିଭାଗ ରାସ୍ତାରେ ଆସି ସେହି ରାସ୍ତାରେ ଫେରିଯାଉଛି। ତାର କୌଣସି ଟେର ବାଲିମେଳା ସହରବାସୀ ଜାଣିପାରୁନାହାନ୍ତି । ସାଧାରଣତଃ ବାଲିମେଳାକୁ ପ୍ରବେଶ ଗୋପବନ୍ଧୁ ଛକ ଦେଇ କାଳିଛକ ହେଇ ବସ୍‌ଷ୍ଟାଣ୍ଡ ପହଞ୍ଚି, ବଜାରଛକ, ପୋଷ୍ଟଅଫିସ ମୁଖ୍ୟ ରାସ୍ତା ଦେଇ ପ୍ରସ୍ଥାନ କରିବା କଥା। କିନ୍ତୁ ବସ୍ ଉକ୍ତ ରାସ୍ତାରେ ନଆସି କାଳିଛକ ଦେଇ ପ୍ରବେଶ କରିପୁନଶ୍ଚ ସେହି ରାସ୍ତା ଦେଇ ଫେରୁଥିବାରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକଥର ବସ୍‌ଷ୍ଟାଣ୍ଡରେ ଯାଇ ଅନୁରୋଧ କରାଯାଇଛି । ସ୍ଥାନୀୟ ପୋଲିସ ପ୍ରଶାସନ ତଥା ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ, ଜିଲ୍ଲାପାଳ, ସଡ଼କ ପରିବହନ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ସମାଧାନ ପାଇଁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏହାର ତୁରନ୍ତ ସମାଧାନ କରି ମଂଜୁର ପ୍ରାପ୍ତ ରାସ୍ତାରେ ବସ୍ ଚଳାଚଳ କରିବା ପାଇଁ ସରକାର ଦୃଷ୍ଟି ଦେବାପାଇଁ ଜନସାଧାରଣ ଦାବି କରୁଛନ୍ତି।

### ଯାତ୍ରୀ ହନ୍ତସନ୍ତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଥିବା ଟାଟା ଷ୍ଟିଲ୍‌ଯୋଡ଼ାୱେଷ୍ଟ ଲୁହାପଥର ଓ ମାଙ୍ଗାନିଜ ଖଣି ଏବଂ ଗାମର ଗୋପାଳପୁରରେ ଥିବା ଫେରୋ ଆଲୟଜ ପ୍ଲାଣ୍ଟ (ଏଫ୍‌ଏପି)କୁ ସମ୍ମାନଜନକ ସିଆଇଆଇ ଏସ୍‌ଏଚ୍‌ଇ ଏକ୍ସଲେନ୍ସ ପୁରସ୍କାର ପ୍ରଦାନ କରାଯାଇଛି। କୋଲକାତାଠାରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଆୟୋଜିତ ୧୯ତମ ସୁରକ୍ଷା ସିମ୍ପୋଜିୟମ୍ ଓ ଏକ୍ସପୋଜିସନରେ ଏହି ଆୱାର୍ଡ ମିଳିଛି। ଏହି ଦୁଇଦିନିଆ ସମ୍ମିଳନୀରେ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶଜନିତ (ଏଚ୍‌ଏସ୍‌ଇ) ଉତ୍କୃଷ୍ଟତାକୁ ଆଗକୁ ବଢାଇବାକୁ ପ୍ରତିବଦ୍ଧ ଥିବା ଶିଳ୍ପସଂସ୍ଥାର ଲିଡର୍‌ମାନେ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍‌ର ଫେରୋ ଆଲୟଜ୍ ଆଣ୍ଡ୍ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) ଅଧୀନରେ ପରିଚାଳିତ ଯୋଡ଼ାୱେଷ୍ଟ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ଏକ ସୁରକ୍ଷିତ ଓ ସ୍ଥାୟୀ କର୍ମକ୍ଷେତ୍ର ସୃଷ୍ଟି କରିବା ଦିଗରେ ନିରନ୍ତର ଉଦ୍ୟମ ପାଇଁ ରାଜ୍ୟ ସ୍ତରୀୟ ଓ ଆଂଚଳିକସ୍ତରୀୟ ବିଜେତା ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନିର ଏଫ୍‌ଏଏମ୍‌ଡି ଡିଭିଜନର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ ମୁଖ୍ୟ ରାଜେଶ କୁମାର ରନ ଓ ଏରିଆ ମ୍ୟାନେଜର (ସୁରକ୍ଷା) ପୁଲୁରୀ ଶଶାଙ୍କ କମ୍ପାନି ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି, ଏଫ୍‌ଏପିଗୋପାଳପୁରକୁ ସୁରକ୍ଷା ନବସୃଜନ ଓ କର୍ମଚାରୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ପାଇଁ ବୃହତ୍ କ୍ଷେତ୍ର ନିର୍ମାଣ (୨୫୦୦ ପର୍ଯ୍ୟନ୍ତ କର୍ମଚାରୀ) ବର୍ଗରେ ରାଜ୍ୟ ସ୍ତରୀୟ ବିଜେତା ପୁରସ୍କାର ଓ ଆଞ୍ଚଳିକ ସ୍ତରୀୟ ପ୍ରଥମ ରନର୍ ଅପ୍ (ଉପ ବିଜେତା) ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିହାର ପାଇଁ ବିଜେପିର ଜବରଦସ୍ତ ପ୍ଲାନ୍
# ୧୩ରେ ନଡ୍ଡା, ୧୫ରେ ମୋଦୀ, ୧୮ରେ ଶାହ ଗସ୍ତ କରିବେ

ନୂଆଦିଲ୍ଲୀ : ବିହାର ବିଧାନସଭା ନିର୍ବାଚନ ପାଇଁ ଏବେ ବଳ କଷୁଛି ବିଜେପି। ଗତ ସପ୍ତାହରେ ଏ ନେଇ ଗୃହମନ୍ତ୍ରୀ ଅମିତ ଶାହ ବିହାରର ନେତାମାନଙ୍କ ସହ ଏକ ଲମ୍ବା ବୈଠକ କରିଥିଲେ। ଯାହାପରେ ଏବେ ସେଠାରେ ବିଜେପି ଲଗାତାର ବଡ଼ ଆୟୋଜନ କରିବା ସହ ଭୋଟରଙ୍କୁ ନିଜ ପକ୍ଷକୁ ନେବାପାଇଁ ଉଦ୍ୟମ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରୀୟ ବିଜେପି ସଭାପତି ଜେ.ପି.ନଡ୍ଡା ବିହାର ଗସ୍ତ କରିବା ସହ ବଡ଼ଧରଣର ସମାବେଶରେ ସାମିଲ ହେବାର ସମ୍ଭାବନା ରହିଛି। ନିର୍ବାଚନ କମିଶନ ଚଳିତମାସ ଶେଷ କିମ୍ବା ଆସନ୍ତାମାସ ପ୍ରାରମ୍ଭରେ ବିହାର ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିବାର ସମ୍ଭାବନା ରହିଛି। ଏହାପୂର୍ବରୁ ବିଜେପି ଏହାର ଶୀର୍ଷ ନେତାଙ୍କ ପାଇଁ ଏକ ବ୍ୟାପକ ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଶାହ ଏବଂ ବିଜେପି ସଭାପତି ନଡ୍ଡା ଏହି ଗସ୍ତ ମାଧ୍ୟମରେ କର୍ମୀମାନଙ୍କୁ ଉତ୍ସାହିତ କରିବେ ଏବଂ ସରକାରଙ୍କ କାର୍ଯ୍ୟପନ୍ଥା ନେଇ ସାଧାରଣ ଲୋକଙ୍କୁ ଅବଗତ କରାଇବେ। ମିଳିଥିବା ସୂଚନା ଅନୁଯାୟୀ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଆସନ୍ତା ୧୩ ତାରିଖରେ ପାଟନାରେ ବିହାର ନେତାମାନଙ୍କର ଏକ ବୈଠକ କରିବେ। ଯେଉଁଥିରେ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯିବ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ତାରିଖରେ ପୂର୍ଣ୍ଣିଆରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଅନୁରୂପ ଭାବେ ଗୃହମନ୍ତ୍ରୀ ଅମିତ ଶାହ ୧୮ ଓ ୨୭ ତାରିଖରେ ବିହାର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଆସନ୍ତା ୧୭ ତାରିଖରେ ପଡୁଛି। ତେଣୁ ବିଜେପି ସାରା ଦେଶରେ ସେହିଦିନଠାରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରିବାର ଯୋଜନାର ରଖିଛି। ଏହିକ୍ରମରେ ବିହାରରେ ମଧ୍ୟ ଦଳ ବଡ଼ଧରଣର କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

# ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର
# ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାର ସକାଳ ସାଢେ ୮ଟା ସମୟରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସଂଲଗ୍ନ ଉପର ବାୟୁ ଘୂର୍ଣ୍ଣିବଳୟ ସମୁଦ୍ରପତ୍ତନଠାରୁ ୫.୮କିମି ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ ଆଡକୁ ଘୂର୍ଣ୍ଣିବଳୟ ସହିତ ବିସ୍ତାରିତ ହୋଇଛି। ଏହା ଆଗାମୀ ୨ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ଅକ୍ଟୋବରରେ ଓଡ଼ିଶାକୁ ବାତ୍ୟାଭୟ ଲାଗି ରହିଛି। ଅକ୍ଟୋବର ଶେଷରେ ଓଡ଼ିଶାରେ ପଡ଼ିପାରେ ଲା-ନିନାର ପ୍ରଭାବ। ବିଶ୍ୱ ପାଣିପାଗ ସଂସ୍ଥାନର ଆକଳନ ଅନୁସାରେ ଡିସେମ୍ବର ଯାଏ ଜଳବାୟୁ ପ୍ରକ୍ରିୟା ଲା-ନିନାର ସକ୍ରିୟତା ଚିନ୍ତା ବୃଦ୍ଧି କରିଛି। ପୂର୍ବରୁ ଲା-ନିନା ପ୍ରଭାବରେ ଅକ୍ଟୋବର ମାସରେ ଅନେକ ବାତ୍ୟା ହୋଇଥିବା ନଜର ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଉ ଅଳ୍ପଦିନ ପରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଅପସାରଣ ଆରମ୍ଭ ହେବ। ଏହି ସମୟରେ ଚଳିତବର୍ଷ ବାତ୍ୟା ଆଶଙ୍କା ସହ ବାତ୍ୟା ବାତାବରଣକୁ କିଛି କାରକ ଅନୁକୂଳ କରିଛି। ନେଗେଟିଭ ଆଇଓଡି ଓ ଲା-ନିନା ସକ୍ରିୟ ରହିଲେ ବାତ୍ୟା ସୃଷ୍ଟି ନିମନ୍ତେ ପରିବେଶକୁ ଅନୁକୂଳ କରିଥାଏ। ବିଶେଷତଃ ଅକ୍ଟୋବର ମାସରେ ଓଡ଼ିଶାକୁ ବାତ୍ୟାଭୟ ରହିଥାଏ। ତେବେ ଗତ କିଛିଦିନ ହେବ ଓଡ଼ିଶାରେ ଲଗାଣ ବର୍ଷା ଲାଗି ରହିଥିବାରୁ ବାରମ୍ବାର ବନ୍ୟା ଆସିବା ସହ ବ୍ୟାପକ ଜମିରେ ଫସଲହାନି ଘଟୁଛି। ଏପରିକି ପନିପରିବା ଫସଲ ମଧ୍ୟ ନଷ୍ଟ ହେଉଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତାପ୍ରକଟ କରାଯାଇଛି।

## AFFIDAVIT

By virtue of an affidavit No-5574 sworn before the Executive Magistrate-cum- Tahasildar on dated: 06.09.2025, I Gyanabrata Tripathy, S/o- Saroj Tripathy, resident of village- Rajnagar, Post- Samantaraypur, Ps- Pirahat, Dist- Bhadrak have changed my name from Gyanabrat Tripathy to Gyanabrata Tripathy. Henceforth, I shall be known as Gyanabrata Tripathy for all purposes.

**Sd/- Gyanabrata Tripathy**

## AFFIDAVIT

By virtue of an affidavit sworn before the Executive Magistrate, Delang, Puri, dated: 10.09.2025, I Kalpana Bhujabal, Address: village- Sauria Samili Oupada, Po- Ghoradia, Ps- Delang, Dist- Puri, Odisha, PIN-752015, declare that I have changed my daughter's name from Bijayalaxmi Bhujabal to Ritirekha Bhujabal. Henceforth, She shall be known as Ritirekha Bhujabal for all purposes.

**Sd/- Kalpana Bhujabal**

## AFFIDAVIT

By virtue of an affidavit No-9818 sworn before the Executive Magistrate, Badamba on dated: 10.09.2025, I Rabindra Kumar Rout (D.O.B- 11.02.1972), S/o- Debaraj Rout@ Rajkishore Rout, resident of village/post- Mugagahir, Ps- badamba, Dist- Cuttack, declares that my actual name is Rabindra Kumar Rout and D.O.B.-11.02.1972, which is mentioned in Aadhar Card, but wrongly recorded as Rabi Rout, D.O.B.-11.02.1975 in Policy of Future General Assure Plus bearing Policy No. 01263246. Rabindra Kumar Rout & Rabi Rout is same and one person myself having actual D.O.B.- 11.02.1972.This affidavit is to be produced before concerned authority for necessary action.

**Sd/-Rabindra Kumar Rout**

## AFFIDAVIT

By Virtue of an affidavit Sworn before the Executive Magistrate Darpana Tahasil, Dist- Jajpur, Odisha affidavit No.3165/11.09.2025. I Sk Nuruddin of Village Nalipur(Madaninagar) , Po- Charinangala, Ps- Balichandrapur, Dist- Jajpur, Pin-754292 Declare that my Son's Actual Name is on Aadhaar/School Certificate Sk Sahabuddin, Mother's Name- Firoza Bibi. But my Son's Name is Wrongly Mentioned in Birth Certificate is Sk Kamiruddin, Mother's Name- Firoja Bibi. Sk Sahabuddin and Sk Kamiruddin is one and same Person.That i am swearing Affidavit to produce before the concerned authority for correction purpose of my son's name as Sk sahabuddin in the Birth Register at C.H.C Badachana to obtain a correct Digital Birth certificate of my son, Hens my son's shall be known as Sk. Sahabuddin for all purposes.

**Sk Nuruddin**

# ଆଇଏସଏ ଷ୍ଟିଲ୍ କନକ୍ଲେଭ୍ ୨୦୨୫
# ସ୍ଥାୟୀ ଅଭିବୃଦ୍ଧି ଉପରେ ଆଲୋକପାତ କରିଛି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୂଲ୍ୟ ଶୃଙ୍ଖଳରେ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି, ସବୁଜ ପରିବର୍ତନ ପାଇଁ ଆର୍ଥିକ ସହାୟତା ଏବଂ କଂଚାମାଲ ଉପଲବ୍ଧତା ବୃଦ୍ଧି ଉପରେ ଆଲୋକପାତ କରିବା ପାଇଁ ଏକ ଦୁଇ ଦିନିଆ ଇସ୍ପାତ କନକ୍ଲେଭ୍ ୨୦୨୫ ମଙ୍ଗଳବାର ଦିନ ଜାତୀୟ ରାଜଧାନୀରେ ସମାପ୍ତ ହୋଇଛି। 'ଆତ୍ମନିର୍ଭର ଭାରତ ପାଇଁ ଇସ୍ପାତ: ସ୍ଥିରତା ଏବଂ ଅଭିବୃଦ୍ଧିକୁ ଚଳାଇବା' ବିଷୟବସ୍ତୁ ସହିତ ଭାରତୀୟ ଇସ୍ପାତ ସଂଘ ଦ୍ୱାରା ଏହି ମହାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇସ୍ପାତ ଶିଳ୍ପ ଅଂଶୀଦାର, କେନ୍ଦ୍ର ମନ୍ତ୍ରୀ ଏବଂ ନୀତି ନିର୍ଦ୍ଧାରକମାନେ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ କାର୍ବନ ପଦଚିହ୍ନ ହ୍ରାସ ସହିତ ଇସ୍ପାତ କ୍ଷେତ୍ରର ସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଅନ୍ତର୍ଦୃଷ୍ଟି ବଖାଣିଥିଲେ। ପ୍ୟାନେଲ୍ ଆଲୋଚନା ଏବଂ ଇସ୍ପାତ ଶିଳ୍ପ ସମ୍ବନ୍ଧୀୟ ରିପୋର୍ଟ ପ୍ରକାଶନ କାର୍ଯ୍ୟକ୍ରମରେ ଗୁରୁତ୍ୱ ବୃଦ୍ଧି କରିଥିଲା। ଆଇଏସଏ ଷ୍ଟିଲ୍ କନକ୍ଲେଭ୍ ଇସ୍ପାତ ମନ୍ତ୍ରଣାଳୟ ଏବଂ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଥିଲା। ଭାରତୀୟ ଇସ୍ପାତ ସଂଘର ସଭାପତି ଏବଂ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ ତାଙ୍କ ସ୍ୱାଗତ ଭାଷଣରେ କହିଛନ୍ତି, 'ଜାଳେଣି କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବା, ଏମଏସଏମଇଗୁଡ଼ିକୁ ସଶକ୍ତ କରିବା ଏବଂ ଭାରତୀୟ ଇସ୍ପାତକୁ ଅଧିକ ସ୍ମାର୍ଟ, ସବୁଜ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କରିବା ଉପରେ ଆମର ଗୁରୁତ୍ୱ ଆମେ ସମ୍ମୁଖୀନ ହେଉଥିବା ଚ୍ୟାଲେ ଏବଂ ଆଗାମୀ ସୁଯୋଗ ଉଭୟକୁ ସ୍ପଷ୍ଟ କରେ। ବିକଳ୍ପ କଞ୍ଚାମାଲ ଏବଂ ଅଭିନବ ପ୍ରଯୁକ୍ତିବିଦ୍ୟା ଅନୁସନ୍ଧାନ କରି, ଆମେ ସ୍ଥାୟୀ ଉତ୍ପାଦନ ପାଇଁ ନୂତନ ରାସ୍ତା ଖୋଲିବା ସହିତ ଯୋଗାଣ ଦୁର୍ବଳତାକୁ ଦୂର କରିପାରିବା। ସେହି ସମୟରେ, ଆର୍ଥିକ ଏବଂ ଦକ୍ଷତାର ଉନ୍ନତ ପ୍ରବେଶ ମାଧ୍ୟମରେ ଏମଏସଏମଇଗୁଡ଼ିକୁ ସୁଦୃଢ଼ କରିବା କେବଳ ସ୍ଥିରତା ସୃଷ୍ଟି କରିବ ନାହିଁ ବରଂ ସମଗ୍ର କ୍ଷେତ୍ରରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ମଧ୍ୟ ଚାଳିତ କରିବ। ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତିରାଜୁ ଶ୍ରୀନିବାସ ବର୍ମା ନୂଆଦିଲ୍ଲୀରେ ଷଷ୍ଠ ଆଇଏସଏ ଇସ୍ପାତ କନକ୍ଲେଭ ୨୦୨୫ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମନ୍ତ୍ରୀ ତାଙ୍କ ମୁଖ୍ୟ ଭାଷଣରେ କହିଥିଲେ, 'ଆତ୍ମନିର୍ଭର ଭାରତର ସ୍ୱପ୍ନ ହାସଲ କରିବାରେ ଇସ୍ପାତ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ, ଜାତୀୟ ଭିତିଭୂମି ପାଇପଲାଇନ୍, 'ମେକ୍ ଇନ୍ ଇଣ୍ଡିଆ' ଏବଂ ଆତ୍ମନିର୍ଭର ଭାରତ ଭଳି ଘରୋଇ ନୀତିଗୁଡ଼ିକ ଇସ୍ପାତ ଚାହିଦାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରୁଛି ଏବଂ ଘରୋଇ ଇସ୍ପାତ ବ୍ୟବହାରକୁ ବୃଦ୍ଧି କରୁଛି। ଆମେ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ କ୍ଷମତାର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଥିବାରୁ। ଭାରତୀୟ ଇସ୍ପାତ ସମ୍ମିଳନୀର ଶେଷ ଦିନରେ ତାଙ୍କ ଅଭିଭାଷଣରେ, କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ କହିଛନ୍ତି: ଆପଣମାନଙ୍କୁ ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ଭେଟିବା ଏକ ସୌଭାଗ୍ୟର କଥା, ଏବଂ ଏହି ବାର୍ଷିକ ସମ୍ମିଳନୀ ମାଧ୍ୟମରେ ସବୁଠାରୁ ସ୍ଥିର ଆଲୋଚନା ବଜାୟ ରଖିବା ପାଇଁ ମୁଁ ଇସ୍ପାତ କ୍ଷେତ୍ରକୁ ପ୍ରଶଂସା କରୁଛି।

# ସର୍ବଭାରତୀୟ ବୈଠକରେ ଯୋଗ ଦେଲେ ଶ୍ରମମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ଶ୍ରମିକ ଭାଇଭଉଣୀମାନଙ୍କ ସମୁଚିତ ଉନ୍ନତି, ସୁରକ୍ଷା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ଶ୍ରମ ନୀତିନିୟମରେ ବ୍ୟାପକ ସୁଧାର ଅଣାଯିବାର ଆବଶ୍ୟକତା ସମ୍ପର୍କିତ ଏକ ସର୍ବ ଭାରତୀୟସ୍ତରୀୟ ବୈଠକ ଆଜି କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ଼ଃ ମନସୁଖ ମାଣ୍ଡଭ୍ୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଓଡ଼ିଶାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଏବଂ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ସିଂହଖୁଣ୍ଟିଆ କେନ୍ଦ୍ର ସରକାରଙ୍କ ସୁଧାର ଅନୁଚିନ୍ତାର ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଏହି ସୁଧାର ଗୁଡ଼ିକ ଦେଶ ନିର୍ମାଣ କରୁଥିବା ଶ୍ରମିକ ଭାଇଭଉଣୀମାନଙ୍କ ଜୀବନ ଓ ଜୀବିକାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ନେଇ ଆସିବ । ଓଡ଼ିଶା ଏହି ପରିବର୍ତ୍ତନ ଓ ପ୍ରଗତିର ଯାତ୍ରାକୁ ପୂର୍ଣ୍ଣ ସମର୍ଥନ କରିବ । ଶ୍ରମିକ ଭାଇଭଉଣୀମାନଙ୍କ ବାସ୍ତବ ଓ ସର୍ବାଙ୍ଗୀନ ଉନ୍ନତି ସହିତ ଓଡିଶା ତଥା ଦେଶର ବାସ୍ତବ ଉନ୍ନତ ସାଧିତ ହେବ ବୋଲି ସେ କହିଛନ୍ତି । ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ କେନ୍ଦ୍ର ସରକାରଙ୍କୁ ଖୁବ ଶୀଘ୍ର ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଡ଼ଃ ମାଣ୍ଡଭ୍ୟ ପରାମର୍ଶ ଦେଇଛନ୍ତି । ଶ୍ରମ ସୁଧାର ନୀତିନିୟମର ସଫଳତା କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନର ସମାନ ଭାଗିଦାରୀ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି ।

# ୨ଟି ସ୍ଥାନରେ ମହାନଦୀ ତଟର ବିକାଶ କରାଯିବ: ସୁରେଶ ପୂଜାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଥମ ଥର ପାଇଁ ଓଡ଼ିଶାରେ ବହୁଥିବା ନଦୀରେ ବିକାଶ ପାଇଁ ପ୍ଲାନ। ମହାନଦୀରୁ କାର୍ଯ୍ୟ ଆରମ୍ଭ ହେବ । ମହାନଦୀ ନଦୀ ତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି। ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା, ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ୨ଟି ସ୍ଥାନରେ ନଦୀ ତଟର ବିକାଶ କରାଯିବ। ପ୍ରଥମଟି ହେଉଛି ସମ୍ବଲପୁରର ମନ୍ଦଲିଆରୁ ଚଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଂ ପାର୍କ, ସେଲ୍‌ଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତି କରଣ, ସ୍ନାନ ଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସପିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ। ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୂଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଙ୍ଗ୍ ରୋଡ ସହିତ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହିତ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ। ଓଡ଼ିଶାର ଜୀବନରେଖା ମହାନଦୀକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ । ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି ଟଙ୍କା।


**JHARKHAND URJA SANCHARAN NIGAM LIMITED**
**(CIN No.:U40108JH2013SGC001704)**
**Regd. Office: 2nd Floor,JUSNL (SLDC) Building Kusai Colony, Doranda,Ranchi - 834002**
**Fax No.:0651-2400123 (E-mail:cetjusnl@gmail.com)**

**e-TENDER NOTICE**

**NIT No. – 403/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply of Materials/ Equipments, Erection, Testing and Commissioning of 132 kV D/C Baliyapur – Sindri Transmission Line (16 Km.) on turnkey basis. |
| Estimated cost (Rs.) | Rs. 62,38,33,623.00 (including GST) |
| Earnest Money Deposit | Rs. 1,24,76,680.00 On line mode |
| Completion Period | 18 Months |
| e-Tender fee | Rs. 20,000.00 + 18% GST On line mode. |
| Start Date & Time of Download the Tender Documents | 17.09.2025 at 11:00 AM |
| Start Date and time of upload of BID | 17.09.2025 at 11:00 AM |
| End date and time of upload of BID | 13.10.2025 upto 04:00 PM |
| BID Opening date for technical part | 14.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
PR 361719 Jharkhand Urja Sancharan Nigam Ltd(25-26).D General Manager C&M (NWBP)


# ଯୁବତୀଙ୍କୁ ବଳାତ୍କାର,ଅଭିଯୁକ୍ତ କୋର୍ଟ ଚାଲାଣ

ଧର୍ମଗଡ଼ (ଭାସ୍କର ନ୍ୟୁଜ)କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ମାନଝରି ଗ୍ରାମର ଜଣେ ଯୁବତୀ ଧର୍ମଗଡ ଥାନାରେ ବଳାତ୍କାର ହୋଇଥିବା ଅଭିଯୋଗ ଦେଲା ପରେ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଧର୍ମଗଡ ପୋଲିସ। ଅଭିଯୋଗ ଥାଉ କି ଧର୍ମଗଡ ଥାନା କାସିବାହାଲ ଗାଁ ର ଜଣେ ବିବାହିତ ଯୁବକ ଚନ୍ଦ୍ରଶେଖର ଚଣ୍ଡୀ ଏବଂ ଉକ୍ତ ପୀଡିତା ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପୀଡିତା ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇଥିବା ବେଳେ ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ ରହି ଆସିଥିଲା। ପରେ ସମ୍ପୃକ୍ତ ଯୁବକ ଚନ୍ଦ୍ର ଶେଖର ବିବାହିତ ହୋଇଥିବା ବେଳେ ପୀଡିତା ଙ୍କୁ ବିବାହ କରିବାକୁ ମନା କରିଦେଇଥିଲା। ଏ ନେଇ ପୀଡିତା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଧର୍ମଗଡ ଥାନାରେ ଏତଲା ଦେଇଥିଲେ। ଏତଲା କୁ ଭିତ୍ତି କରି ଧର୍ମଗଡ ଥାନା କେଶ ନମ୍ବର ୨୪୯/୨୫ ରେ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ଯୁବକକୁ ଗିରଫ କରି ଥାନା କୁ ଆଣି ପଚରା ଉଚୁରା କରିବା ପରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ମଣିପୁର...

ଚୁଡାଚାନ୍ଦପୁରରେ ପହଞ୍ଚିବେ। ସେଠାରେ ସେ ପ୍ରଥମେ ବିସ୍ଥାପିତ ଲୋକଙ୍କ ସହ ଆଲୋଚନା କରିବେ ଓ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ୧୩ରୁ ୧୫ ପର୍ଯ୍ୟନ୍ତ ତିନିଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଯିବେ। ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଓ ବିହାର ସାମିଲ ରହିଛି। ତେବେ ମୋଦୀଙ୍କ ଗସ୍ତ ମିଜୋରାମରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ଆଇଜଲରେ ୯ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ବୈରାବୀ-ସାଇରାଙ୍ଗ ନୂତନ ରେଳ ଲାଇନର ଉଦ୍‌ଘାଟନ କରିବେ, ଯାହା ପ୍ରଥମ ଥରପାଇଁ ମିଜୋରାମକୁ ଭାରତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବ। ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ମିଜୋରାମରୁ ମଣିପୁର ଯିବେ। ଶନିବାର ମଧ୍ୟାହ୍ନ ୧୨.୩୦ରେ ସେ ଚୁଡାଚାନ୍ଦପୁରରେ ପହଞ୍ଚି ୭ହଜାର ୩ଶହ କୋଟିର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଅପରାହ୍ନ ୨.୩୦ରେ ମୋଦୀ ଇମ୍ଫାଲରେ ୧୨ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ। ମଣିପୁର ପରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତରେ ଯିବେ। ସେଠାରେ ଭାରତ ରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ସମାରୋହରେ ସାମିଲ ହେବେ। ଆସାମରେ ମୋଦୀ ୧୮ହଜାର ୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ଆସାମ ପରେ ପ୍ରଧାନମନ୍ତ୍ରୀ କୋଲକାତା ଏବଂ ବିହାର ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି।

### ସାରା ଦେଶରେ...

ହୋଇଥିବାରୁ କେବଳ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନୀତି ଅଣାଯାଇପାରିବ ନାହିଁ । ଜଷ୍ଟିସ ଗବାଇ କହିଥିଲେ ଯେ ଗତ ଶୀତଋତୁରେ ମୁଁ ଅମୃତସରରେ ରହିଥିଲି। ସେଠାକାର ପ୍ରଦୂଷଣ ଦିଲ୍ଲୀଠାରୁ ଆହୁରି ଭୟଙ୍କର। ଯଦି ବାଣ ବ୍ୟାନ୍ କରାଯିବ ତାହାହେଲେ ସମଗ୍ର ଦେଶରେ ଏହା ନିଷେଧ କରାଯିବା ଜରୁରି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବରିଷ୍ଠ ଆଇନଜୀବୀ ଅପରାଜିତା ସିଂ ଏହି ଯୁକ୍ତିକୁ ସମର୍ଥନ କରି କହିଛନ୍ତି ଯେ ଆଭିଜାତ୍ୟ ସମ୍ପନ୍ନ ଲୋକମାନେ ନିଜର ଯତ୍ନ ନିଜେ ନେଇପାରିବେ। ପ୍ରଦୂଷଣ ହେବାମାତ୍ରେ ସେମାନେ ଦିଲ୍ଲୀ ବାହାରକୁ ଚାଲି ଯାଉଛନ୍ତି। ଦେଶବ୍ୟାପୀ ବାଣ ବ୍ୟାନ ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟକୁ ନୋଟିସ କରାଯାଇଛି। ଆଗକୁ ଦୀପାବଳି ଆସୁଥିବାବେଳେ ବାଣ ଉପରେ ସୁପ୍ରିମକୋର୍ଟ ଏପରି ମତ ଦେଇଛନ୍ତି। ଦିଲ୍ଲୀ ଓ ଏହାର ଉପକଣ୍ଠ ଅଞ୍ଚଳଗୁଡ଼ିକରେ ଗତବର୍ଷ ବାଣ ଫୁଟାଇବା, ବିକ୍ରି କରିବା ଓ ତିଆରି କରିବା ଉପରେ ସଂପୂର୍ଣ୍ଣ ରୋକ୍ ଲଗାଯାଇଥିଲା। କେବଳ ଏନସିଆରର କିଛି ସ୍ଥାନରେ ବାଣକୁ ଅନୁମତି ମିଳିଥିଲା। କିନ୍ତୁ ବାଣ ବିକ୍ରି ଉପରେ କଠୋର ନିୟମ ପ୍ରଣୟନ କରାଯାଇଥିଲା। ୨୦୨୪ ଡିସେମ୍ବର ୧୯ରେ ଦିଲ୍ଲୀ ସରକାର ଏକ ବିଜ୍ଞପ୍ତି ଜାରି କରି ବର୍ଷତମାମ ସହରରେ ବାଣ ବ୍ୟାନ କରିଥିଲେ। ସେହିପରି ୨୦୨୫ ଜାନୁଆରୀ ୧୭ରେ ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ଓ ହରିଆଣାର କିଛି ଜିଲ୍ଲାରେ ମଧ୍ୟ ବାଣ ତିଆରି ଓ ଫୁଟାଇବା ଉପରେ ରୋକ୍ ଲଗାଇଥିଲେ।


**ହୋମି ଭାବା ସେଣ୍ଟର ଫର୍ ସାଇନ୍ସ ଏଜୁକେଶନ**
**ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ**

**ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୫-୨୬**
**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିଅର ସାଇନ୍ସ ପାଇଁ**

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୨୨ ଏବଂ ୨୩,୨୦୨୫ରେ ଇଣ୍ଡିଆନ୍ ଆସୋସିଏସନ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ଦ୍ୱାରା ପରିଚାଳିତ ଜାତୀୟ ମାନକ ପରୀକ୍ଷା(ଏନଏସ୍‌ଇ) (ବିଜ୍ଞାନ ବିଷୟ ପାଇଁ)ରେ ଉପସ୍ଥିତ ରହିବାକୁ ପଡ଼ିବ।

୨୦୨୬ର ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣ ପାଇଁ ଏନଏସ୍‌ଇରେ ଯୋଗ୍ୟତା ପ୍ରଥମ ପଦକ୍ଷେପ।

ନାମ ଲେଖାଇବା ପାଇଁ ଏନଏସ୍‌ଇରେ: https://www.iapt.org.in
(ଅଗଷ୍ଟ ୨୧- ସେପ୍ଟେମ୍ବର ୧୪,୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.bhcse.tifr.res.in
https://www.iapt.org.in

CBC 48143/12/0008/2526



**कार्यपालक अभियन्ता का कार्यालय**
**लघु सिंचाई प्रमण्डल, चाईबासा**

**शुद्धि-पत्र**

ई० निविदा आमंत्रण सूचना संख्या– WRD/MID/CHAIBASA/SBD-01/2025-26(DMFT) जिसका PR-No- 360830 West Singhbhum(25-26)#D के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 12.09.2025 के 11:00 बजे पूर्वाहन्। | 16.09.2025 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 19.09.2025 अपराहन् 05:00 बजे तक। | 24.09.2025 अपराहन् 03:00 बजे तक |
| निविदा खोलने की तिथि एवं समय | 20.09.2025 को 05:00 बजे अपराहन। | 25.09.2025 को 03:00 बजे अपराहन। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
PR 361740 West Singhbhum(25-26)#D लघु सिंचाई प्रमण्डल, चाईबासा



**CAPITAL REGION URBAN TRANSPORT**
Govt of Odisha
Plot No 548/1452, Kalarahanga,
Patia, Bhubaneswar-751031, Odisha
Phone No. 0674-3501580,
E-Mail Id:-crutbbsr@gmail.com

C-1056

No. 2110 Date.11.09.2025

**1ST CORRIGENDUM**

**BID IDENTIFICATION No. 2012/G.M (Engg.)/CRUT/2025-26 dt.03.09.2025**

**Name of the work: Addition and Alteration to Proposed Officer's Room of CRUT at Patia, Bhubaneswar, Odisha. (Civil, PH and Electrical Works)**

The tender for the above noted work has been available from 24.09.2025 instead of 18.09.2025 due to the D.S.C expire before the opening of the bid on 23.09.2025. Hence the tender may be called for.

Sd/-GM, Engineering on behalf of Managing Director,
Capital Region Urban Transport (CRUT)
OIPR 13183/11/0053/2526



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲଡିଂ,**
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୧୫୮୬୦/ଭୁ.ଉ.କ., ଭୁବନେଶ୍ୱର ତା ୧୪.୦୮.୨୦୨୩ ରିଖ
KNL-1044/93

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶ୍ରୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ-K-4-324 କୁ ଶ୍ରୀମତୀ ସବିତା ରାଉତ, ପିତା-ଦାମୋଦର ରାଉତ, ଗ୍ରାମ-ମୂଷାଡିଆ, ପୋଷ୍ଟ-ଚଉଦକୁଳାଟ, ଥାନା-ପଟାମୁଣ୍ଡାଇ, ଜିଲ୍ଲା-କଟକ, ଓଡିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ସବିତା ରାଉତ ଗତ ତା-୦୨.୧୧.୨୦୦୮ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (Death certificate Registration No. 12104 dated 12.11.2008.

Legal heir certificate Misc.Case No. 460 of 2015 dated 04.07.2015 ଅନୁଯାୟୀ ସବିତା ରାଉତ ଙ୍କର ଉତ୍ତରାଧିକାରୀ (୧) ଜୟଶ୍ରୀ ରାଉତ(କନ୍ୟା) (୨) ରାଜଶ୍ରୀ ରାଉତ (କନ୍ୟା), (୩) ବିନ୍ଦୁଶ୍ରୀ ରାଉତ (କନ୍ୟା) ଓ (୪) ଦେବାଶିଷ ରାଉତ (ପୁତ୍ର) ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
CAD-1750 OIPR 13033/11/0375/2526



ନୂଆଦିଲ୍ଲୀ: ମାତା ବୈଷ୍ଣୋଦେବୀ ଯାଉଥିବା ଭକ୍ତମାନଙ୍କ ପାଇଁ ଏକ ଖୁସି ଖବର। ଖରାପ ପାଗ ଏବଂ ଟ୍ରାକ୍‌ର ଆବଶ୍ୟକ ମରାମତି କାର୍ଯ୍ୟ ଯୋଗୁଁ ଯାତ୍ରା କିଛି ଦିନ ପାଇଁ ବନ୍ଦ କରାଯାଇଥିଲା। ଏବେ ଏହା ୧୪ ରୁ ପୁଣି ଆରମ୍ଭ ହେବାକୁ ଯାଉଛି। ଯାତ୍ରା ପୁନଃଆରମ୍ଭ ଏବଂ ଦର୍ଶନ ପାଇଁ ଦରବାର ଖୋଲିବା ସମ୍ପର୍କରେ ସାଇନ୍ ବୋର୍ଡ ଏକ ଆନୁଷ୍ଠାନିକ ଘୋଷଣା କରିଛି। ସୂଚନାଥାଉକି, ଗତ କିଛି ଦିନ ଧରି ପ୍ରବଳ ବର୍ଷା ଏବଂ ଖରାପ ପାଗ ଯୋଗୁଁ ଯାତ୍ରା କଷ୍ଟକର ହୋଇପଡିଥିଲା। ଏହା ସହିତ, ଟ୍ରାକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ପାଇଁ କିଛି ଆବଶ୍ୟକୀୟ କାର୍ଯ୍ୟ କରିବାକୁ ପଡିଥିଲା। ଏସବୁ କାରଣରୁ ସାଇନ୍ ବୋର୍ଡ ଅସ୍ଥାୟୀ ଭାବରେ ଯାତ୍ରାକୁ ସ୍ଥଗିତ ରଖିଥିଲା। ଏବେ, ପାଗରେ ଉନ୍ନତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହେବାର ସଙ୍କେତ ପରେ, ବୋର୍ଡ ଯାତ୍ରାକୁ ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି।

## ଉତ୍ତର-ପୂର୍ବାଞ୍ଚଳର ଅଗ୍ରଗତି ଉପରେ ଲେଖା ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାରଏକ ଆଲେଖ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଉତ୍ତର-ପୂର୍ବାଞ୍ଚଳ କିପରି ଦେଶର ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି ତାହା ବର୍ଣ୍ଣନା କରାଯାଇଛି। ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଲିଖିତ ଏକ ଲେଖା ଉପରେ ଗୁରୁତ୍ୱାରୋପ କରିଛନ୍ତି ଯେ, ବୈରାବି-ସାଇରଙ୍ଗ ରେଳ ଲାଇନର ଉଦ୍‌ଘାଟନ କିପରି ଏକ ଐତିହାସିକ ଉପଲବ୍ଧି ଏବଂ ଏହା ମିଜୋରାମକୁ ଜାତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବା ସହ ବାଣିଜ୍ୟ, ଯୋଗାଯୋଗ ଏବଂ ସୁଯୋଗର ନୂତନ ଦ୍ୱାର ଖୋଲିବ। ଉତ୍ତର-ପୂର୍ବାଞ୍ଚଳ ଆଉ ପ୍ରଗତି ପାଇଁ ଅପେକ୍ଷା କରିଥିବା ସୀମା ନୁହେଁ ବରଂ, ଭାରତର ଅଭିବୃଦ୍ଧିର କାହାଣୀର କେନ୍ଦ୍ରବିନ୍ଦୁ । ବୈରାବି-ସାଇରଙ୍ଗ ରେଳ ଲାଇନର ଉଦ୍‌ଘାଟନ ଏକ ଐତିହାସିକ ମାଇଲଖୁଣ୍ଟ, ଯାହା ମିଜୋରାମକୁ ଜାତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବ, ବାଣିଜ୍ୟ, ଯୋଗାଯୋଗ ଏବଂ ସୁଯୋଗର ନୂତନ ଦ୍ୱାର ଖୋଲିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଏହି ଲେଖା ପଢ଼ନ୍ତୁ, ଯେଉଁଥିରେ ଉତ୍ତର-ପୂର୍ବାଞ୍ଚଳ କିପରି ଦେଶର ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି ତାହା ବର୍ଣ୍ଣନା କରାଯାଇଛି।

## ନକ୍ସଲ ପ୍ରଭାବିତ ଜିଲ୍ଲାର ବିକାଶ କାର୍ଯ୍ୟ ସମୀକ୍ଷା କଲେ ବିଷ୍ଣୁଦେବଙ୍କ ପ୍ରମୁଖ ସଚିବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂ ଶୁକ୍ରବାର ମହାନଦୀ ଭବନରେ ରାଜ୍ୟର ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡିକର ବିକାଶ କାର୍ଯ୍ୟ ନେଇ ସମୀକ୍ଷା କରିଛନ୍ତି। ବସ୍ତର, ସୁକମା, ଦକ୍ଷିଣ ବସ୍ତର, ଦାନ୍ତେୱାଡା, ଉତ୍ତର ବସ୍ତର କାଙ୍କେ, ନାରାୟଣପୁର, କୋଣ୍ଡାଗାଓଁ, ବିଜାପୁର, ମୋହାନାମଲପୁର, ଅମ୍ବାଗଡ ଏବଂ ଦରିଆବନ୍ଧ ଜିଲ୍ଲାର ହିତାଧିକାରୀଙ୍କ ପାଇଁ କରାଯାଉଥିବା ବିଭିନ୍ନ ଯୋଜନାର ମଧ ସମୀକ୍ଷା କରିଥିଲେ। ଏହିସବୁ ଜିଲ୍ଲାଗୁଡିକରେ କାର୍ଯ୍ୟକାରି ହେଉଥିବା ମନେରେଗା, ଆୟୁଷ୍ମାନ ଯୋଜନା, ରାସନକାର୍ଡ, ଉଜ୍ଜ୍ୱଳା ଯୋଜନା, ଧନଜନ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଏବଂ ଆଧାର କାହିଁ ସହିତ ଅନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସେ କହିଥିଲେ ନକ୍ସଲ ପ୍ରଭାବିତ ଜିଲ୍ଲାରେ ୯୯%ରୁ ଅଧିକ ଲୋକଙ୍କୁ ଆଧାର ପଞ୍ଜିକରଣ କରାଯାଇଛି। ସେହିପରି ୨୮ଲକ୍ଷ ୧୮ହଜାର ୬୧୬ କୃଷକଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେସାମିଲ କରାଯାଇଛି। ଆୟୁଷ୍ମାନ ଭାରତ ଯୋଜନାରେ ୩୫ଲକ୍ଷ ୬୬ହଜାର ୪୦୯ ରୋଗୀଙ୍କୁ ଗମ୍ଭୀର ରୋଗର ଉପଚାର ପାଇଁ ସୁବିଧା ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ମୋବାଇଲ ସଂଯୋଗ ପାଇଁ ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ବୈଠକରେ ପ୍ରମୁଖ ସଚିବ ଶ୍ରୀ ସଂ ଆହୁରି କହିଥିଲେଯେ, ମନେରେଗା ହିତାଧିକାରୀ ଯେପରି ଯୋଜନାରୁ ସଫଳତା ପାଇ ପାରିବେ ସେ ନେଇ ଧାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମହତରୀ ବନ୍ଧନ ଯୋଜନାରେ ବାକି ରହିଥିବା ମହିଳା ହିତାଧିକାରୀଙ୍କୁ ସର୍ଭେ କରି ତୁରନ୍ତ ଲାଭ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ, ଅର୍ଥବିଭାଗ ସଚିବ ମୁକେଶ ବଂଶଲ, ଶିକ୍ଷା ବିଭାଗ ସଚିବ ସିଦ୍ଧାର୍ଥ କୋମଳ ପରିଦେଶୀ, ଲୋକନିର୍ମାଣ ବିଭାଗର ସଚିବ କମଳପ୍ରୀତ ସିଂ, ଉଚ୍ଚଶିକ୍ଷା ବିଭାଗର ଶିକ୍ଷା ଏମ୍ ଭାରତୀ ଦାଶନ୍, ଶ୍ରମ ବିଭାଗ ସଚିବ ହିମଶେଖର ଗୁପ୍ତା, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ରବି ମିତ୍ତଲ, ବସ୍ତର କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

## ବମ୍ବେ ହାଇକୋର୍ଟକୁ ବୋମା ଧମକ



ମୁମ୍ବାଇ : ଦିଲ୍ଲୀ ପରେ ଶୁକ୍ରବାର ବମ୍ବେ ହାଇକୋର୍ଟକୁ ବୋମା ଧମକ ମିଳିଛି। ସକାଳେ ଦିଲ୍ଲୀ ପୋଲିସକୁ ଧମକ ମିଳିବା ପରେ ପରେ ପୁଲିସ ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପରିସର ଖାଲି କରିବା ଆରମ୍ଭ କରିବା ସହ ତଦନ୍ତ ଓ ଯାଞ୍ଚ ଆରମ୍ଭ କରିଥିଲା। ବିଚାରପତି, ଓକିଲଙ୍କ ସମେତ ସମସ୍ତ ଲୋକଙ୍କୁ ପରିସରରୁ ଖାଲି କରାଯାଇଥିଲା। କିଛି ସମୟ ପରେ, ବମ୍ବେ ହାଇକୋର୍ଟକୁ ମଧ ଏକ ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ପୋଲିସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଉଭୟ ସ୍ଥାନରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । ସାଇବର ସେଲ୍ ଦଳ ଧମକପୂର୍ଣ୍ଣ ମେଲ୍ କେଉଁଠାରୁ ପଠାଯାଇଥିଲା ଏବଂ ଏହାର ପଛରେ କିଏ ଅଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁଛି। ମୁମ୍ବାଇ ଡିସିପି କହିଛନ୍ତି ଯେ ଇମେଲ୍ ମିଳିଛି, ଆମେ ଏହାର ତଦନ୍ତ କରୁଛୁ, ଆମର ଦଳ କାମରେ ଲାଗିଛି। ସେ କହିଛନ୍ତି ଯେ ତଦନ୍ତ ପରେ ଧମକକୁ ନକଲି ଘୋଷଣା କରାଯାଇଛି। ଏହାସହ ପୁଲିସ ଦିଲ୍ଲୀ ହାଇକୋର୍ଟ ମାମଲାର ତଦନ୍ତ କରୁଛି। ବର୍ତ୍ତମାନ ପାଇଁ, ଦିଲ୍ଲୀ ଏବଂ ବମ୍ବେ ହାଇକୋର୍ଟର କାର୍ଯ୍ୟ ବନ୍ଦ କରାଯାଇଛି।

## ଉଡ଼ାଣ ବେଳେ ଖସି ପଡ଼ିଲା ବିମାନ ଚକା




ନୂଆଦିଲ୍ଲୀ: ଏୟାରପୋର୍ଟରୁ ଟେକଅଫ କରିବା ବେଳେ ଏକ ବଡ ଧରଣର ଅଘଟଣ ଘଟିଯାଇଛି। ଯାତ୍ରୀଙ୍କୁ ନେଇ ରନ ୱେରୁ ଉଡ଼ାଣ ଭରିବା କ୍ଷଣି ବିମାନର ଚକା ଖସି ଯାଇଛି। ଗୁଜରାଟର କାଣ୍ଡଲା ଏୟାର ପୋର୍ଟରୁ ଉଡ଼ାଣ ଭରିଥିବା ସ୍ପାଇସ ଜେଟ୍ କ୍ୟୁ ୪୦୦ ସହ ଏପରି ଘଟଣା ଘଟିଛି। ବିମାନର ଚକା ଖସିବା ବେଳେ ଏହା ମଧ୍ୟରେ ୭୫ ଜଣ ଯାତ୍ରୀ ଥିଲେ। ଗୋଟିଏ ଆଉଟର ଚକା ଖସି ଯାଇଥିଲେ ହେଁ ବିମାନଟି ଉଡ଼ାଣ ବନ୍ଦ କରି ନଥିଲା। ଯାତ୍ରୀଙ୍କୁ ଧରି ବିମାନଟି ସିଧା ମୁମ୍ବାଇ ଯାଇଥିଲା। ମୁମ୍ବାଇ ଏୟାରପୋର୍ଟରେ ଆଉଟର ଚକା ନଥିବା ସତ୍ତ୍ୱେ ବିମାନଟି ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଛି। ବିମାନଟି ଠିକ ଭାବେ ଲ୍ୟାଣ୍ଡ କରିବା ପରେ ଯାତ୍ରୀମାନେ ସୁରକ୍ଷିତ ଭାବେ ଓହ୍ଲାଇଥିଲେ। ଏହାପରେ ବିମାନଟି ତା'ର ଠିକଣା ସ୍ଥାନରେ ପାର୍କିଂ ହେବାକୁ ମଧ ଯାଇଥିଲା ବୋଲି ସ୍ପାଇସଜେଟ ମୁଖପାତ୍ର କହିଛନ୍ତି। ପରବର୍ତ୍ତୀ ସମୟରେ କାଣ୍ଡଲା ଏୟାରପୋର୍ଟରୁ ବିମାନରୁ ଖସି ପଡ଼ିଥିବା ଚକାକୁ ଠାବ କରାଯାଇଛି। ସେହିପରି ଗୋଟିଏ ଚକା ନଥାଇ ବିମାନଟି ଲ୍ୟାଣ୍ଡ କରିବାକୁ ଯାଉଥିବାରୁ ମୁମ୍ବାଇ ଏୟାରପୋର୍ଟରେ ଅପରାହ୍ନ ୩.୫୦ରେ ଏମର୍ଜେନ୍ସି ଘୋଷଣା କରାଯାଇଥିଲା।

## ବଢୁଛି କଙ୍ଗନାଙ୍କ ସମସ୍ୟା ପ୍ରତ୍ୟାହାର କଲେ ମାମଲା



ନୂଆଦିଲ୍ଲୀ: ମାନହାନି ମାମଲାକୁ ନେଇ ଅଭିନେତ୍ରୀ ତଥା ବିଜେପି ନେତ୍ରୀ କଙ୍ଗନା ରାଣାୱତଙ୍କ ସମସ୍ୟା ବଢ଼ିଛି । ଏହି ମାମଲାରେ ତାଙ୍କୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱସ୍ତି ମିଳିନାହିଁ । କଙ୍ଗନା ରାଣାୱତ ସୁପ୍ରିମକୋର୍ଟରେ ଦାୟର ମାନହାନି ମାମଲାକୁ ରଦ୍ଦ କରିବା ପାଇଁ ଆବେଦନ ପ୍ରତ୍ୟାହାର କରିନେଇଛନ୍ତି । ଏହି ମାମଲା କଙ୍ଗନା ରାଣାୱତଙ୍କ ୨୦୨୧ ଟ୍ୱିଟ୍ ସହିତ ଜଡିତ, ଯେଉଁଥିରେ ସେ କୃଷକ ଆନ୍ଦୋଳନର ଜଣେ ମହିଳାଙ୍କୁ ଶାହିନ ବାଗର ବିଲକିସ୍ ବାନୋ ବୋଲି ଭୁଲ ଭାବରେ ବର୍ଣ୍ଣନା କରିଥିଲେ । ଏହି ମାମଲାର ଶୁଣାଣି ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କରିଥିଲେ । ଜଷ୍ଟିସ ମେହେଟା କହିଛନ୍ତି ଯେ, ଏହି ଟ୍ୱିଟ୍ କେବଳ ଏକ ରି-ଟ୍ୱିଟ୍ ନୁହେଁ, ବରଂ ଏହାକୁ ମସଲାଦାର କରାଯାଇଛି ଏବଂ ଏହା ଏକ ବିଚାରର ବିଷୟ। ରାଣାୱତଙ୍କ ମାନହାନି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ, ଯଦିଓ ଆପଣ ରିଟ୍ୱିଟ୍ କରିଛନ୍ତି ଏବଂ ଟ୍ୱିଟ୍ ଅନ୍ୟ କାହାର, ଆମେ ଏହି ମାମଲାକୁ ଖାରଜ କରିପାରିବୁ ନାହିଁ । ଏହା ବ୍ୟତୀତ, କୋର୍ଟ ଏକ କଡ଼ା ମନ୍ତବ୍ୟ ଦେଇ କହିଛନ୍ତି ଯେ ଆପଣଙ୍କ ଟ୍ୱିଟ୍ ଉପରେ ଆମକୁ ମନ୍ତବ୍ୟ ଦେବାକୁ କୁହନ୍ତୁ ନାହିଁ । ଏହା ଆପଣଙ୍କ ମାମଲାକୁ ପ୍ରତିକୂଳ ପ୍ରଭାବିତ କରିପାରେ । ଆପଣ ଏହାକୁ ପ୍ରତ୍ୟାହାର କରିବା ଉଚିତ। ସୂଚନାଯୋଗ୍ୟ, ୨୦୨୦-୨୧ କୃଷକଙ୍କ ପ୍ରତିବାଦ ସମୟରେ, କଙ୍ଗନା ଜଣେ ମହିଳାଙ୍କ ଉପରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ।

## ଭାରତ ପାଇଁ 'ଅପରେସନ ସିନ୍ଦୂର' ଏକ ରିଆଲିଟି ଚେକ୍ ଥିଲା: ପ୍ରତିରକ୍ଷା ସଚିବ



ନୂଆଦିଲ୍ଲୀ: ପୁଣେରେ ଆୟୋଜିତ ଦକ୍ଷିଣ କମାଣ୍ଡ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ସେମିନାରରେ ଉଦବୋଧନ ଦେଇ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଅପରେସନ ସିନ୍ଦୂରକୁ ନେଇ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଅପରେସନ ସିନ୍ଦୂର ବିଷୟରେ କହିବା ସମୟରେ ସେ କହିଥିଲେ ଯେ ଏହି ଅପରେସନ ଆମ ପାଇଁ ଏକ ରିଆଲିଟି ଚେକ୍ ଭାବେ ପ୍ରମାଣିତ ହୋଇଛି। ଏହା ମାଧ୍ୟମରେ ଆମେ ଅନେକ ଶିକ୍ଷା ପାଇଲୁ ଏବଂ ଆମର ସେନା ମଧ ଜାଣିପାରିଲା ଯେ ଆମେ କେଉଁଠି ଦୁର୍ବଳ ହେଉଛୁ। ଏହି ଆକ୍ରମଣ ସେହି କ୍ଷେତ୍ରଗୁଡ଼ିକୁ ପ୍ରକାଶିତ କରିଥିଲା ଯେଉଁଠାରେ ଦେଶ ନିଜର ପ୍ରତିରକ୍ଷା କ୍ଷମତାକୁ ଉନ୍ନତ କରିପାରିବ। ଏହା ଦର୍ଶାଉଛି ଯେ ଭବିଷ୍ୟତ ପାଇଁ ଆମକୁ ଅନେକ କ୍ଷେତ୍ରରେ ଆମର ଶକ୍ତିକୁ ଆହୁରି ମଜବୁତ କରିବାକୁ ପଡିବ। ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ କହିଥିଲେ ଯେ, ଅପରେସନ ସିନ୍ଦୁରରୁ ଜଣାପଡିଛି ଯେ ଆମ ପାଖରେ ଇଲେକ୍ଟ୍ରୋନିକ୍ ଯୁଦ୍ଧ, ଡ୍ରୋନ୍ ପ୍ରତିରୋଧୀ ପ୍ରଣାଳୀ, ନିମ୍ନ-ସ୍ତରୀୟ ରାଡାର ଏବଂ ଜିପିଏସ୍ ବିନା ସାମରିକ-ଗ୍ରେଡ୍ ଡ୍ରୋନର ଅଭାବ ଅଛି।

## ଭୂସ୍ଖଳନରେ ୪ମୃତ: ୩ ଜଣ ନିଖୋଜ

ନୂଆଦିଲ୍ଲୀ : ସିକ୍କିମର ୟାଙ୍ଗଥାଙ୍ଗ ଅଞ୍ଚଳରେ ଭୂସ୍ଖଳନ ଘଟି ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ନିଖୋଜ ଅଛନ୍ତି । ପ୍ରବଳ ବର୍ଷା ଫଳରେ ହୁମେ ନଦୀରେ ବନ୍ୟା ଆସିବାରୁ ଭୂସ୍ଖଳନ ହୋଇଛି । ଭୂସ୍ଖଳନ ଯୋଗୁଁ ଘଟଣାସ୍ଥଳରେ ତିନିଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ଲୋକଙ୍କ ଦ୍ୱାରା ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ଜଣ ଏବେ ବି ନିଖୋଜ ଅଛନ୍ତି । ଏସପି ଗେଜିଂ ଶେରିଂ ଶେର୍ପା ଭୂସ୍ଖଳନ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ ପାହାଡ ଫାଟି ଏକ ବଡ ଭୂସ୍ଖଳନ ହୋଇଥିଲା । ଯାହା ଫଳରେ ପାଣି ସହିତ ଭଗ୍ନାବିଶେଷ ଏବଂ ପଥର ମଧ ମାଡି ଆସିଥିଲା । ପାଣି ଯୋଗୁଁ ହୁମେ ନଦୀ ଫୁଲି ଉଠିବାରୁ ପାଣି ମାଡି ଆସି ଘର ଗୁଡିକ ଭାସିଯାଇଛି । ଏଥିରେ ନିଖୋଜ ଥିବା ତିନି ଜଣଙ୍କୁ ଠାବ କରିବାକୁ ଖୋଜାଖୋଜି ଜାରି ରହିଛି ।

## ନେପାଳରେ ଭାରତୀୟ ପର୍ଯ୍ୟଟକ ବସକୁ ଆକ୍ରମଣ ଓ ଲୁଟ୍

ନୂଆଦିଲ୍ଲୀ: କ୍ଷମତା ପରିବର୍ତ୍ତନ ସତ୍ତ୍ୱେ ନେପାଳରେ ଅଶାନ୍ତ ବାତାବରଣ ଜାରି ରହିଥିବା ବେଳେ ଜନତାଙ୍କ ଆକ୍ରୋଶର ଶିକାର ହୋଇଛି ଏକ ଭାରତୀୟ ପର୍ଯ୍ୟଟକ ବସ୍। ଉତ୍ୟକ୍ତ ଲୋକମାନେ ଭାରତୀୟ ବସକୁ ଆକ୍ରମଣ କରିଛନ୍ତି। ବସରେ ଥିବା ପର୍ଯ୍ୟଟକମାନଙ୍କୁ ମାଡ଼ ମାରିବା ସହିତ ସେମାନଙ୍କଠାରୁ ଲୁଟପାଟ କରିଛନ୍ତି। ଆନ୍ଧ୍ରପ୍ରଦେଶର କିଛି ପର୍ଯ୍ୟଟକ ଏକ ବସ ଯୋଗେ ନେପାଳ ବୁଲିବାକୁ ଯାଇଥିଲେ। କାଠମାଣ୍ଡୁ ନିକଟରେ ଉତ୍ୟକ୍ତ ଲୋକମାନେ ବସକୁ ଆକ୍ରମର କରି ଲୁଟ୍‌ପାଟ କରିଥିଲେ। ଆକ୍ରମଣରେ ଅନେକ ପର୍ଯ୍ୟଟକ ଆହତ ହୋଇଥିବା ସୂଚନା ମିଳିଛି। ପର୍ଯ୍ୟଟକମାନେ କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିର ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଘଟଣା ଘଟିଥିଲା। ପର୍ଯ୍ୟଟକମାନଙ୍କ ବ୍ୟାଗ, ଫୋନ ଏବଂ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଭାରତ ସରକାର ଏହି ଘଟଣାରେ ହସ୍ତକ୍ଷେପ କରି ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି ବିମାନ ଯୋଗେ ଭାରତ ଫେରାଇ ଆଣିବାକୁ ଯୋଜନା କରିଥିବା ସୂଚନା ମିଳିଛି।

# ବାଣିଜ୍ୟ

ନୂଆଦିଲ୍ଲୀ: ୨୦୧୭ରେ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭାବେ ପରିଚାଳନା ଆରମ୍ଭ କରିବା ପରଠାରୁ ହୋଇଥିବା ପ୍ରଗତି ଉପରେ ଆଧାର କରି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ଉଜ୍ଜୀବନ ଏସଏଫବି) ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କାର ଏକ ଗ୍ରସ ଲୋନ ବୁକ (ଜିଏଲବି) ହାସଲ କରିବା ପାଇଁ ଏହାର ରଣନୈତିକ ରୋଡମ୍ୟାପ ପ୍ରସ୍ତୁତ କରିଛି । ବ୍ୟାଙ୍କର ଅଭିବୃଦ୍ଧି ଏହାର ଲୟାବିଲିଟି ଫ୍ରାଂଚାଇଜିର ସ୍ଥିର ବିସ୍ତାର, ଆସେଟ ପ୍ରଡକ୍ଟ ସୁଟ୍‌ର ପହଂଚକୁ ଗଭୀର କରିବା ଏବଂ ଉଚ୍ଚ ସ୍ଥାୟୀ ଲାଭ ପ୍ରଦାନ କରୁଥିବା ଏକ ବ୍ୟୟ ଅନୁକୂଳିତ ପରିଚାଳନା ସୃଷ୍ଟି କରିବା ଉପରେ ପର୍ଯ୍ୟବେସିତ ଅଟେ । ସୁରକ୍ଷିତ ଋଣ ୨୦୧୮-୧୯ରେ ୧୬%ରୁ ୨୦୨୫-୨୬ର ୧ମ ତ୍ରୈମାସିକରେ ୪୬%କୁ ବୃଦ୍ଧି ପାଇବା ସହିତ ଉଜ୍ଜୀବନ ଏହାର ଋଣ ପୋର୍ଟଫୋଲିଓକୁ ଧୀରେ ଧୀରେ ବହୁମୁଖୀ କରୁଛି । ବ୍ୟାଙ୍କ ଏହାର ସୁରକ୍ଷିତ ଲୋନ ବୁକ୍‌ର ଅଂଶକୁ ୬୫%ରୁ ୭୦%କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ସୁଲଭ ଗୃହ ଋଣ, ମାଇକ୍ରୋ ମର୍ଟଗେଜ, ଏମଏସଏମଇ ଋଣ, ଯାନବାହନ ଋଣ, ସୁନା ଋଣ ଓ କୃଷି ଋଣ କ୍ଷେତ୍ରରେ ଅଭିବୃଦ୍ଧି ଦ୍ୱାରା ଆଗକୁ ପରିଚାଳିତ ହେଉଛି ।

## ଏଫ୍‌ଏଲ୍‌ଓ ବଜାର ୨୦୨୫ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଫିକିର ମହିଳା ଶାଖା ତଥା ଭାରତରେ ମହିଳା ମାନଙ୍କର ସର୍ବବୃହତ ଚାମ୍ବର ଅଫ କମର୍ସର ଓଡ଼ିଶା ଚାପ୍ଟର, ଫିକି ଏଫ୍‌ଏଲ୍‌ଓ ଭୁବନେଶ୍ୱରରେ ଆଜି ଏହାର ଦୁଇ ଦିନିଆ ଏଫ୍‌ଏଲ୍‌ଓ ବଜାର ୨୦୨୫ ଉଦଘାଟନ କରିଛି। ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଅଗ୍ରଣୀ ଉଦ୍ୟୋଗୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଏଫ୍‌ଏଲ୍‌ଓ ସଦସ୍ୟା ମାନଙ୍କ ଉପସ୍ଥିତିରେ ଏହି ବଜାର ଉଦଘାଟନ କରିଥିଲେ। ଚଳିତ ବର୍ଷ ସଂସ୍କରଣରେ ମହିଳା ଉଦ୍ୟୋଗୀ ଏବଂ ଗ୍ରାମାଞ୍ଚଳ ହସ୍ତତନ୍ତ ବୁଣାକାରଙ୍କ ଦ୍ୱାରା ୩୫ଟି ଷ୍ଟଲ ସ୍ଥାନ ପାଇଛି, ଯେଉଁଥିରେ ହସ୍ତତନ୍ତ, ହସ୍ତଶିଳ୍ପ, ୱେଲନେସ ଉତ୍ପାଦ ଏବଂ ସୌନ୍ଦର୍ଯ୍ୟ ସାମଗ୍ରୀ ଗୁଡିକର ଆକର୍ଷଣୀୟ ସମ୍ଭାର ପ୍ରଦର୍ଶିତ ହେଉଛି। ଏହି ଅବସରରେ ପ୍ରକାଶ କରି ଶ୍ରୀ ମଲ୍ଲିକ ଏଫ୍‌ଏଲ୍‌ଓ ଭୁବନେଶ୍ୱରର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ଏକ ପ୍ରଭାବଶାଳୀ ମଞ୍ଚ ସୃଷ୍ଟି କରିବା ପାଇଁ ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଫ୍‌ଏଲ୍‌ଓର ପ୍ରତିଷ୍ଠାତା ଚେୟାରପର୍ସନ ଧରିତ୍ରୀ ପଟ୍ଟନାୟକ ମହିଳା ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଚାଲେଞ୍ଜ ସମ୍ପର୍କରେ ଏବଂ ଆଗକୁ ରହିଥିବା ପଥ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ସମଗ୍ର ଗ୍ରାମାଞ୍ଚଳ, ସହରାଞ୍ଚଳ, ଆଦିବାସୀ ଏବଂ ଉପକୂଳ ଅଞ୍ଚଳରେ ମହିଳା ମାନଙ୍କୁ ସଶକ୍ତ କରିବାକୁ ଏଫ୍‌ଏଲ୍‌ଓର ନିରନ୍ତର ପ୍ରୟାସ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଚେୟାରପର୍ସନ ଡ଼ ପ୍ରଜ୍ଞା ପାରମିତା ମିଶ୍ର ନୂତନ ଶିଖରରେ ପହଞ୍ଚିବା ନିମନ୍ତେ ମହିଳା ମାନଙ୍କୁ ସମର୍ଥନ କରିବା ନେଇ ଏଫ୍‌ଏଲ୍‌ଓ ଭୁବନେଶ୍ୱରର ପ୍ରତିବଦ୍ଧତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, 'ଏଫ୍‌ଏଲ୍‌ଓ ଏକ ମଜଭୁତ ପରିବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯେଉଁଠାରେ ଅଧିକ ମହିଳା ଉଦ୍ୟୋଗୀ ଯୋଗ ଦେଇ ସେମାନଙ୍କର ଦକ୍ଷତାରେ ବୃଦ୍ଧି ଘଟାଇ ପାରିବେ ଏବଂ ଦୀର୍ଘସ୍ଥାୟୀ ବ୍ୟବସାୟ ନିର୍ମାଣ କରିବେ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ବ୍ରାଇଡାଲ୍ ଶୋ'ଅଭିଯାନ ଆରମ୍ଭ



MALABAR GOLD & DIAMONDS


ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ସହିଦ ନଗରରେ ବ୍ରାଇଡାଲ୍ ଶୋ ଅଭିଯାନ ଆରମ୍ଭ କରିଛି। ଏହାର ପ୍ରମୁଖ ବଧୂ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍। ଏହି ବର୍ଷ ସୁନା, ହୀରା, ପୋଲକି, ମୂଲ୍ୟବାନ ମଣିପଥରରେ ସ୍ୱତନ୍ତ୍ର ବିବାହ ଅଳଙ୍କାର ସଂଗ୍ରହ ଆରମ୍ଭ କରିଛି। ଏହି ଶୋ'ଟି କୃତିକ୍ ସାହୁ, ଏ. ରାମେଶ୍ୱରୀ, ଲେଖିକା, ଅଭିନେତ୍ରୀ ଏବଂ ଅନ୍ୟାନ୍ୟଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହା ସହିତ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ପ୍ରଦାନ କରେ ଯାହା ଅଧୀନରେ ଗ୍ରାହକମାନେ ବୁକ୍ କରିପାରିବେ ସର୍ବନିମ୍ନ ୧୦% ଅଗ୍ରିମ ଦେଇ ଅଳଙ୍କାର ଏବଂ ବୁକ୍ ହୋଇଥିବା ଦର କିମ୍ବା ପ୍ରଚଳିତ ଦରରେ ଅଳଙ୍କାର ପାଆନ୍ତୁ, ଯାହା କମ୍ ହେବ। ବ୍ରାଇଡାଲ୍ ଶୋ'ର ଶୁଭାରମ୍ଭ ସମ୍ପର୍କରେ ମତାମତ ଦେଇ ମାଲାବାର ଗ୍ରୁପ୍‌ର ଅଧକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, "ବ୍ରାଇଡାଲ୍ ନୂତନ ଯୁଗର ବଧୂମାନଙ୍କ ମଧ୍ୟରେ ଶୋ କ୍ୟାମ୍ପେନ୍ ସବୁଠାରୁ ଲୋକପ୍ରିୟ ବଧୂ ଅଳଙ୍କାର ଅଭିଯାନ ଭାବରେ ଉଭା ହୋଇଛି। ପ୍ରତିବର୍ଷ ଆମେ ଆଣିଥିବା ଅନନ୍ୟ ଡିଜାଇନ୍ ନବସୃଜନ ଏବଂ ଆକର୍ଷଣୀୟ ଅଫରଗୁଡ଼ିକ ପାଇଁ। ଆମର ଲକ୍ଷ୍ୟ ସହିତ ସଙ୍ଗତ ବିଭିନ୍ନ ଅଞ୍ଚଳରେ ନୂତନ ଯୁଗର ବଧୂମାନଙ୍କୁ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରନ୍ତି, ଆମେ କିଛି ପ୍ରକୃତରେ ଅସାଧାରଣ ବଧୂ ଲଞ୍ଚ କରିଛୁ ଅଳଙ୍କାର ସଂଗ୍ରହ। ମାଲାବାରଗୋଲ୍ଡ ଏବଂ ଡାଇମଣ୍ଡ ଏହାର ଗ୍ରାହକମାନଙ୍କୁ ଅସାଧାରଣ ମୂଲ୍ୟ ଏବଂ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ। 'ଏକ ଭାରତ ଏକ ସୁନା ହାର' ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ, ସାରା ଦେଶରେ ସୁନାର ସ୍ଥିର ମୂଲ୍ୟ ସୁନିଶ୍ଚିତ କରିବ।

With Best Compliments from :

A Well Wisher



## ଓଡିଶାରେ ନିବେଶ ବୃଦ୍ଧି କଲା ଆମାଜନ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆସନ୍ତା ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହେଉଥିବା ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ ପୂର୍ବରୁ ଆମାଜନ ଇଣ୍ଡିଆ ଓଡିଶାରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା, ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ, ବେଗ ଓ ଚୟନ ଆଣିବା ପାଇଁ ପ୍ରସ୍ତୁତ ହୋଇଛି। ଏହାର ଭିତିଭୂମିକୁ ସୁଦୃଢ କରି ଆମାଜନ ଇଣ୍ଡିଆ ଭୁବନେଶ୍ୱରରେ ଏକ ନୂଆ ଫୁଲ୍‌ଫିଲମେଂଟ ସେଂଟର ସହିତ ଏହାର ଅପରେଶନ୍ସ ନେଟୱର୍କକୁ ସମ୍ପ୍ରସାରଣ କରିଛି, ଯାହା ରାଜ୍ୟର ୧୭୦୦୦ରୁ ଅଧିକ ସେଲରମାନଙ୍କୁ ଅଧିକ ଦ୍ରୁତ ବେଗରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ସଶକ୍ତ କରିଛି, ଏଥିସହିତ ଏହା ଅଂଚଳରେ ଶତାଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହାସହିତ ରାଜ୍ୟରେ ଆମାଜନର ପରିଚାଳନା ନେଟୱର୍କରେ ଏବେ ଆଉ ଏକ ନୂଆ ଫୁଲଫିଲମେଂଟ ସେଂଟର, ଏକ ସର୍ଟେଶନ ସେଂଟର, ୨୫୦ରୁ ଅଧିକ ଆଇ ହାଭ୍ ସ୍ପେଶ (ଆଇଏଚଏସ) ଷ୍ଟୋର ଓ ୬୦ରୁ ଅଧିକ ଡେଲିଭରି ଷ୍ଟେସନ ସାମିଲ ହୋଇଛି। ଏହି ନିବେଶଗୁଡିକ ଆମାଜନକୁ ଭୁବନେଶ୍ୱରର ଗ୍ରାହକଙ୍କୁ ସମାନ ଓ ପରବର୍ତ୍ତୀ ଦିନ ୨ ଗୁଣ ଅଧିକ ଉତ୍ପାଦ ଡେଲିଭର କରିବାକୁ ସକ୍ଷମ କରିବା ସହିତ ବାର୍ଷିକ ଆଧାରରେ ସେମ୍-ଡେ ଡେଲିଭରି ୧୯୦%ରୁ ଅଧିକ ବୃଦ୍ଧି ପାଇବ ଏବଂ ନେକ୍ସଟ ଡେ ଡେଲିଭରି ୧୨୦%ରୁ ଅଧିକ ବୃଦ୍ଧି ହେବ। ଏହି ଅବସରରେ ଆମାଜନ ପ୍ରାଇମର ସିନିଅର ମ୍ୟାନେଜର ପଲ୍ଲବୀ ସିଂହ କହିଛନ୍ତି, 'ଚଳିତ ପାର୍ବଣ ଋତୁରେ ପ୍ରାଇମ ମେମ୍ବରମାନେ ୨୪ ଘଂଟା ପୂର୍ବରୁ ସେପ୍ଟେମ୍ବର ୨୨ ତାରିଖରେ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲକୁ ଉପଭୋଗ କରିପାରିବେ। ଓଡିଶାର ଗ୍ରାହକମାନେ ଆମାଜନ ପେ' ପାଇଁ ଡିଜିଟାଲ ପେମେଂଟର ମଜବୁତ ଗ୍ରହଣକାରୀ ଭାବେ ଉଭା ହୋଇଛନ୍ତି', ଯିଏ ଆମାଜନ ପେ ଟ୍ରାନ୍ସକ୍ସନ ଦ୍ୱାରା ଶୀର୍ଷ ୧୦ଟି ସ୍ଥାନରେ ରହିଛନ୍ତି। ଏସମ୍ପର୍କରେ ଆମାଜନ ପେ'ର କ୍ରେଡିଟ ଆଣ୍ଡ ଲେଣ୍ଡିଙ୍ଗ ବିଭାଗର ନିର୍ଦ୍ଦେଶକ ମୟଙ୍କ ଜୈନ କହିଛନ୍ତି, 'ଆମାଜନ ପେ'ରେ ଆମର ଗୁରୁତ୍ୱ ହେଉଛି ପ୍ରତ୍ୟେକ ପାର୍ବଣ କ୍ରୟକୁ ଅଧିକ ପୁରସ୍କୃତ ଓ ସରଳ କରିବା।

## ପୂଜା ପେଣ୍ଡାଲରେ ଆଇନ ସମ୍ମତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ: ଟିପିଡବ୍ଲୁଓଡିଏଲ୍

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ବୁର୍ଲା (ଭାସ୍କର ନ୍ୟୁଜ୍):ଚଳିତ ପାର୍ବଣ ଋତୁରେ ବିଭିନ୍ନ ଦେବା ଦେବୀଙ୍କ ନିମନ୍ତେ ପେଣ୍ଡାଲ୍ ତିଆରି କରାଯାଇ ଉତ୍ସବ ପାଳନ କରାଯାଇଥାଏ । ଏହି ପେଣ୍ଡାଲମାନଙ୍କରେ ବିଭିନ୍ନ ଆଲୋକର ସାଜସଜ୍ଜା ମଧ କରାଯାଇଥାଏ । ଏହି ସବୁ ପେଣ୍ଡାଲକୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଆୟୋଜକ କମିଟିମାନଙ୍କୁ ଟିପିଡବ୍ଲୁଓଡିଏଲ୍ ତରଫରୁ ଅନୁରୋଧ କରାଯାଉଅଛି ଯେ, ସମସ୍ତ କମିଟି ନିକଟସ୍ଥ ବିଦ୍ୟୁତ୍ ବିତରକ କମ୍ପାନୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ଆଇନ ସମ୍ମତ ଆସ୍ଥାୟୀ ବିଦ୍ୟୁତ୍ ସଂଯୋଗ କରନ୍ତୁ । ଅସ୍ଥାୟୀ ରୂପେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଆଇନରେ ପ୍ରବିଧାନ ଉପଲବ୍ଧ ଅଛି । ଏଣୁ ବିଦ୍ୟୁତ୍ ସଂଯୋଗ ପାଇଁ କୌଣସି ପ୍ରକାରର ଅନୈତିକ ଉପାୟ କିମ୍ବା ହୁକିଂ କରନ୍ତୁ ନାହିଁ ।



ଦୁବାଇ: ଏସିଆ କପ ଟି୨୦ କ୍ରିକେଟରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛି । ୟୁଏଇ ବିପକ୍ଷ ମ୍ୟାଚରେ ଭାରତ ସହଜ ବିଜୟ ହାସଲ କରିବା ସହ ରେକର୍ଡର ଲମ୍ବା ଲାଇନ ଲଗାଇଛି । ୧୩.୧ ଓଭରରେ ୟୁଏଇକୁ ୫୭ ରନରେ ଅଲଆଉଟ କରିବା ପରେ ଭାରତ ୯୩ ବଲ ବାକି ଥାଇ ଏହି ମ୍ୟାଚକୁ ଜିତି ନେଇଥିଲା । ଅଭିଷେକ ଶର୍ମା ୧୬ ବଲରୁ ୩୦, ଶୁଭମନ ଗିଲ ୯ ବଲରୁ ୨୦ ଓ ସୂର୍ଯ୍ୟକୁମାର ଯାଦବ ୨ବଲରୁ ୭ ରନ କରିଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ୪ଟି ଓ ଶିବମ ଦୁବେ ୩ଟି ୱିକେଟ ନେଇଥିଲେ । କୁଲଦୀପ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଟି୨୦ କ୍ରିକେଟରେ ଭାରତ ବିପକ୍ଷରେ ସର୍ବନିମ୍ନ ସ୍କୋର କରିବାରେ ଏବେ ୟୁଏଇ ଆଗରେ ରହିଛି । ପୂର୍ବରୁ ନ୍ୟୁଜିଲାଣ୍ଡ(୬୬) ଓ ଆୟର୍ଲାଣ୍ଡ(୭୦) ରହିଥିଲେ । ଅଭିଷେକ ଶର୍ମା ୪ର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ପ୍ରଥମ ବଲରେ ଛକା ମାରି ଇନିଂସ ଆରମ୍ଭ କରିଥିଲେ । ତାଙ୍କ ପୂର୍ବରୁ ରୋହିତ ଶର୍ମା, ଯଶସ୍ୱୀ ଜୈସୱାଲ ଓ ସଞ୍ଜୁ ସାମସନ ଏହି କାରନାମା କରିଛନ୍ତି । ସର୍ବାଧିକ କମ ବଲରେ ରନ ଚେଜ କରିବାରେ ଭାରତ ଏବେ ଦ୍ୱିତୀୟ ସ୍ଥାନରେ ରହିଛି । ଓମାନ ବିପକ୍ଷରେ ଇଂଲଣ୍ଡ ମାତ୍ର ୧୯ ବଲରେ ବିଜୟୀ ହୋଇ ଆଗରେ ରହିଛି । ଭାରତ ୨୭ ବଲରେ ୟୁଏଇକୁ ଓ ଶ୍ରୀଲଙ୍କା ୩୦ ବଲରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା। ତେବେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରଙ୍କ ସମ୍ମୁଖରେ ୟୁଏଇ ୧୩.୧ ଓଭରରେ ମାତ୍ର ୫୭ ରନରେ ଅଲଆଉଟ ହୋଇଯାଇଥିଲା। ଆଲିଶାନ ଶରାଫୁ ସର୍ବାଧିକ ୨୨ ରନ କରିଥିଲେ। ସେହି ସମୟରେ ଅଧିନାୟକ ମହମ୍ମଦ ୱାସିମ ୧୯ ରନ କରିଥିଲେ।

# ଏସିଆ କପ୍ : ଓମାନକୁ ହରାଇଲା ପାକିସ୍ତାନ

ଦୁବାଇ : ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଶୁକ୍ରବାର ଏସିଆ କପର ଏକ ମ୍ୟାଚ ଓମାନ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପାକିସ୍ତାନ ଏହି ମ୍ୟାଚ୍‌କୁ ୯୩ ରନ୍‌ରେ ଜିତି ନେଇଛି। ପାକିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ କରିଥିଲା । ଦଳ ପକ୍ଷରୁ ମହମ୍ମଦ ହ୍ୟାରିସ ୬୬ ରନ କରିଥିବାବେଳେ ସାହିବଜାଦା ଫରହାନ ୨୯ ରନ ଓ ଫକର ଜମାନ ୨୩ ରନ କରିଥିଲେ । ସେହିପରି ମହମ୍ମଦ ନୱାଜ ୧୯ ରନକରିଥିଲେ । ଓମାନ ପକ୍ଷରୁ ଶାହ ଫୈଜଲ ଓ ଆମିର କଲିମ ୩ଟି ଲେଖାଏଁ ୱିକେଟ ନେଇଥିଲେ । ମହମ୍ମଦ ନଦୀମ ଗୋଟିଏ ୱିକେଟ ନେଇଥିଲେ। ୧୬୦ରନ୍ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା ଓମାନ। ଦଳର ବ୍ୟାଟିଂ ବିପର୍ଯ୍ୟୟ ଫଳରେ ଏହି ମ୍ୟାଚ୍‌କୁ ହାତଛଡା କରିଥିଲା। ଦଳ ପକ୍ଷରୁ ୯ଜଣ




ବ୍ୟାଟ୍ସମ୍ୟାନ୍ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଅନ୍ୟପକ୍ଷରେ ଅମିର କାଲମ ୧୩, ଅଧିନାୟକ ଜତିନ୍ଦ୍ର ସିଂ ୧, ହାମ୍ମଦ ମିର୍ଜା ୨୭, ମହମ୍ମଦ ନାଦିମ୍ ୩, ସୁଫିଆ ମହମ୍ମଦ ୧, ୱିକେଟକିପର ବିନାୟକ ଶୁକ୍ଳା ୨, ଶାହା ଫାସଲ ୧, ସଖିଲ ଅହମ୍ମଦ ୧୦, ହାସିନା ଶାହା ୧, ସମୟ ଶ୍ରୀବାସ୍ତଭ ୫ ରନ୍ କରିଥିଲେ। ଯାହାଫଳରେ ଓମାନ ୪୬.୪ଓଭରରେ ସମସ୍ତ ୱିକେଟ ହରାଇ ୬୭ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ସାହାନି ଆଫ୍ରିଦା, ଆବରାର୍ ଅହମ୍ମଦ, ମହମ୍ମଦ ନୱାଜ, ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ପାଇଥିବା ବେଳେ ସାମ ଆୟୁବ, ସୁଫିୟାନ ମୋକ୍ସିମ୍ ଓ ଫାୟମ ଅସରଫ୍ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏସିଆ କପରେ ଆସନ୍ତା କାଲି ବାଂଲାଦେଶ ଶ୍ରୀଲଙ୍କାକୁ ଭେଟିବ।। ସେହିପରି ଆସନ୍ତା ରବିବାର ଏସିଆ କପର ସବୁଠାରୁ ହାଇ ପ୍ରୋଫାଇଲ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ।

## ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ



ରାମନଗୁଡା (ଭାସ୍କର ନ୍ୟୁଜ୍) : ରାମନଗୁଡ଼ା ସଦର ମହକୁମା ମିନିଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହା ଦୁଇଦିନ ଧରି ଚାଲିବ। ଏହାର ଉଦଘାଟନ ସମାରୋହରେ ରାମନଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଉଦଘାଟନ କରିଥିଲେ। ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲିକ ସଭାପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ହିମିରିକା ଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଥମେ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ ଡ୍ରମ ବଜାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଶାଲ ଶୋଭାଯାତ୍ରା କରି ପଡ଼ିଆକୁ ଆଣି ଅତିଥିମାନଙ୍କୁ ମଶାଲ ପ୍ରଦାନ କରିଥିଲେ। ତାପରେ ସ୍ପୋର୍ଟ ପତାକା ଉତ୍ତୋଳନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ଅତିଥି ମାନେ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ଖେଳର ନିୟମ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରି ଖେଳିବାକୁ ବୁଝାଇ ଥିଲେ। ତାପରେ ଶପଥ ପାଠ କରାଯାଇଥିଲା। ରାମନାଗୁଡ଼ା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକମାନେ ପୂର୍ଣ୍ଣ ସହଯୋଗ କରି ପଡିଆ ସଫା, ଟ୍ରାକ କାଟିବା ଓ ଖେଳ ପରିଚାଳନା ଅତି ଶୃଙ୍ଖଳାର ସହ ତୁଲାଇ ଥିଲେ। ଏହି ଦୁଇ ଦିନ ଧରି ଚାଲୁଥିବା ଖେଳ କୁଦ ପ୍ରତିଯୋଗିତାକୁ ଶିକ୍ଷକ ରମେଶ ମିଶ୍ର ଓ ଅଶ୍ୱିନୀ ତ୍ରିପାଠୀ ପରିଚାଳନା କରୁଛନ୍ତି। ଓଡିଶା ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଦୁଇଦିନ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ। ଏହି ପ୍ରତିଯୋଗିତାରେ ଚଉଦବର୍ଷରୁ କମ କନିଷ୍ଠ ବର୍ଗ ଓ ସତର ବର୍ଷରୁ କମ ବରିଷ୍ଠବର୍ଗ ଉଭୟ ବାଳକ ଓ ବାଳିକା ସର୍ବମୋଟ ତିନି ଶହ ପଚାଶ ଜଣ ଭାଗ ନେଇଛନ୍ତି।୧୫ଶହ ୮ଶହ,୨ଶହ,ଏକଶହ ମିଟର ଦୌଡ, ହାଇ ଜମ୍ପ, ଲଙ୍ଗଜମ୍ପ, କବାଡ଼ି, ଭଲିବଲ, ଖୋ ଖୋ, ଜାଭେଲିନ ଥ୍ରୋ, ଡ଼ିସକଶ ଥ୍ରୋ ଭଳି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୩ ତାରିଖ ସଂଧ୍ୟା ୪ ଘଟିକା ସମୟରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତିଥି ଭାବେ ଯୋଗ ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି।

## ଏସିଆକପ୍ ଛାଡିଲେ ୱାଂଶିଟନ୍



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ରେ ଟିମ ଇଣ୍ଡିଆର ଦମ୍‌ଦାର ଆରମ୍ଭ କରିଛି । ପ୍ରଥମ ମ୍ୟାଚକୁ ୯ ୱିକେଟରେ ୟୁଏଇକୁ ହରାଇଥିଲା। ରବିବାର ଭାରି-ପାକିସ୍ତାନ ମଧ୍ୟରେ ତ୍ରୀବ ସଂଘର୍ଷ ଦେଖିବାକୁ ମିଳିବ। ଏହାରି ମଧ୍ୟରେ ଦଳର ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ହଠାତ୍ ଏସିଆ କପ ଦଳ ଛାଡି ଇଂଲଣ୍ଡ ଚାଲିଯାଇଛନ୍ତି। ୱାଶିଂଟନ ସୁନ୍ଦରଙ୍କୁ ଏହି ଟୁର୍ନାମେଣ୍ଟ ପାଇଁ ରିଜର୍ଭ ଖେଳାଳି ଭାବରେ ଦଳରେ ସାମିଲ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ତାଙ୍କର ଗୋଟିଏ ବି ମ୍ୟାଚ ଖେଳିବାର ସମ୍ଭାବନା ବହୁତ କମ ଥିଲା। ଏହି ମଧ୍ୟରେ, ତାଙ୍କୁ ଇଂରାଜୀ କାଉଣ୍ଟି ଦଳ ହାମ୍ପଶାୟାରରୁ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା, ଯାହାକୁ ସେ ଗ୍ରହଣ କରିଥିଲେ। ସୁନ୍ଦର ଏବେ କାଉଣ୍ଟି ଚାମ୍ପିଅନସିପରେ ଦୁଇଟି ମ୍ୟାଚ ପାଇଁ ହାମ୍ପଶାୟାରର ଅଂଶ ହୋଇଛନ୍ତି। ହାମ୍ପଶାୟାର କ୍ରିକେଟ କ୍ଲବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏ ବିଷୟରେ ସୂଚନା ଦେଇ ସୁନ୍ଦରଙ୍କୁ ସ୍ୱାଗତ କରିଛି ଏବଂ ଲେଖିଛନ୍ତି, ଆମେ ସୁନ୍ଦରଙ୍କୁ ଦଳରେ ସାମିଲ କରିବା ବିଷୟରେ ଆତ୍ମବିଶ୍ୱାସୀ ଥିଲୁ। ୱାଶିଂଟନ ସୁନ୍ଦରଙ୍କ ସାମ୍ପ୍ରତିକ ଇଂଲଣ୍ଡ ଗସ୍ତ ସ୍ମରଣୀୟ ଥିଲା। ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ, ସେ ବ୍ୟାଟ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ ଦେଖାଇଥିଲେ। ସେ ବ୍ୟାଟିଂରେ ୨୮୪ ରନ କରିଥିଲେ ଏବଂ ଏହି ସମୟରେ ତାଙ୍କର ହାର ୪୭ ଥିଲା। ଏହି ସିରିଜରେ, ସୁନ୍ଦର ଓଲ୍ଡ ଟ୍ରାଫୋର୍ଡରେ ଏକ ଚମତ୍କାର ଶତକ ମଧ୍ୟ କରିଥିଲେ। ସୁନ୍ଦର ବୋଲିଂରେ ମଧ୍ୟ ଜବରଦସ୍ତ ଫର୍ମ ଦେଖାଇଥିଲେ। ସେ ୩୮.୫୭ ହାରରେ ୭ ଉଇକେଟ ନେଇଥିଲେ। ଏହି ଫର୍ମକୁ ଦେଖି, ହାମ୍ପଶାୟାର ତାଙ୍କୁ କାଉଣ୍ଟି ସିଜିନର ଶେଷ ଭାଗ ପାଇଁ ଚୟନ କରିଛି। ସୁନ୍ଦରଙ୍କ ପ୍ରସ୍ଥାନ ଏସିଆ କପ ପାଇଁ ଟିମ ଇଣ୍ଡିଆର ପ୍ରସ୍ତୁତି ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ। କାରଣ ସେ ରିଜର୍ଭ ଦଳରେ ଥିଲେ।

### ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନ୍‌ସିପ୍

## ପୂର୍ବତଟ ରେଳପଥ ବିଜୟୀ


ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୂର୍ବ ତଟ ରେଳପଥ ହକି ଟିମ ଓଡ଼ିଶା ହକି ସଂଘ (ଏଚ୍‌ଏଓ) ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍ ୨୦୨୫ ର ଟାଇଟଲ ବିଜେତା ହୋଇଛି। ୬ ରୁ ୧୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୩୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା। ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ





ଅଧିନାୟକ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ। ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା। ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି। ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ୍ୟ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି। ଚତୁର୍ଥ ସିନିୟର ପୁରୁଷ ଏଚ୍‌ଏଓ ହକି ରାଜ୍ୟ ଚାମ୍ପିଅନସିପ ୨୦୨୫ ରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଏବଂ କ୍ରୀଡା ମାଧମରେ କ୍ରୀଡା ଉତ୍କର୍ଷତା, କ୍ରୀଡାବିତ ମାନଙ୍କର ବିକାଶ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ଅଟଳ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

## ୧୪ତମ ଭୋଭିବାମ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ କୃତିତ୍ୱ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ନୂଆଦିଲ୍ଲୀ ସ୍ଥିତ ତଲକୋର୍ଟର ଅନ୍ତର୍ଜାତୀୟ ଇଣ୍ଡୋର ଷ୍ଟାଡିୟମ୍‌ରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରେସିଡେଣ୍ଟ ଦିବାକର ମଙ୍ଗରାଜ ଏବଂ ସେକ୍ରେଟାରୀ ଈଶ୍ୱର କୁମାର ବାରିକ, ଜାତୀୟ ବିଚାରକ ଚନ୍ଦ୍ର କାନ୍ତ ବାରିକ।, କୋଚ ସଜନ ଆଲି ଓ ଚନ୍ଦ୍ରକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ନୂଆଦିଲ୍ଲୀ ଗ୍ରସ୍ତ କରି ପଦକ ଜିତିବା ସହିତ ଓଡ଼ିଶାର ସମ୍ମାନ ରଖିଛନ୍ତି। ସୌମ୍ୟ ରଞ୍ଜନ ବାରିକ ଚଳିତ ବର୍ଷ ଗୋଟେ ସିଲଭର୍ ଓ ଗୋଟେ ବ୍ରୋଞ୍ଜ ଜିତିଥିଲେ। ସେହିପରି ଦିବ୍ୟରଞ୍ଜ ଦଳେଇ ରୌପ୍ୟ ପଦକ ଜିତିଥିଲେ। ବିଶ୍ୱଜିତ୍ ରାଉତ ଗୋଟେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ (ପୋଲିସ ବିଭାଗ)। ଚନ୍ଦ୍ର ଶେଖର ଦାସ ନିଜର କ୍ରୀଡାର ନୈପୁଣ୍ୟତା ଦେଖାଇ ପ୍ରଥମ ଥର ପାଇଁ ଗୋଟେ ସିଲଭର୍ ଏବଂ ଗୋଟେ ବ୍ରୋଞ୍ଜ ଅର୍ଜନ କରିଛନ୍ତି । ଦିବ୍ୟ ରଞ୍ଜନ ମହାପାତ୍ର ରୌପ୍ୟ ପଦକ(ଫାଇଟ୍)ରେ ସନ୍ତୁଷ୍ଟ ହୋଇଛନ୍ତି। ଟିମ୍ ଓଡ଼ିଶା ପୁରୁଷ ବର୍ଗ ଡେମୋନଷ୍ଟ୍ରେଟରରେ ବ୍ରୋଞ୍ଜ ପାଇବାରେ ସକ୍ଷମ ହୋଇଛନ୍ତି। ସେଥିରେ ହରୀତେଶ ସାହୁ, ଦିବ୍ୟ ରଞ୍ଜନ ଦଳାଇ, ଦିବ୍ୟ ରଞ୍ଜନ ମହାପାତ୍ର, ସୌମ୍ୟ ରଂଜନ ବାରିକ କାଂସ୍ୟ ପଦକ ପାଇବାରେ ସଫଳ ହୋଇଛନ୍ତି। ପ୍ରଥମ ଥର ଖେଳୁଥିବା ନାଥ ଭଲ ପ୍ରଦର୍ଶନ କରି ଗୋଲ୍ଡ ପାଇବାରେ ସକ୍ଷମ ହୋଇଥିଲେ। ଓଡ଼ିଶା ପୋଲିସ ବିଭାଗରୁ କାର୍ଯ୍ୟରତ ଚନ୍ଦ୍ରକାନ୍ତ ବାରିକ ନିଜର ଦମଦାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ।

### ସଡ଼କ ଦୁର୍ଘଟଣାରେ କ୍ରିକେଟରଙ୍କ ପରଲୋକ

## କ୍ରୀଡା ନିର୍ଦ୍ଦେଶାଳୟ ପକ୍ଷରୁ ଶୋକ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଏସିଆ କପ ୨୦୨୫ରେ ଖେଳୁଛି, ଦଳର ପରବର୍ତ୍ତୀ ମ୍ୟାଚ ରବିବାର ପାକିସ୍ତାନ ସହିତ ଅଛି। ସେହିପରି ମହିଳା କ୍ରିକେଟ ଦଳ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଦିନିକିଆ ସିରିଜ ଖେଳିବାକୁ ଯାଉଛି, ପ୍ରଥମ ମ୍ୟାଚ ରବିବାର ଖେଳାଯିବ। ଏହି ସମୟରେ ଜମ୍ମୁ ଏବଂ କଶ୍ମୀରରୁ ଏକ ଦୁଃଖଦ ଖବର ଆସିଛି। କ୍ରିକେଟର କାଞ୍ଚନ କୁମାରୀଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କଶ୍ମୀର ସଂଯୋଜକଙ୍କ ଅନୁଯାୟୀ, କାଞ୍ଚନ କୁମାରୀ ଜଣେ କ୍ରିକେଟର ହେବା ସହିତ ଜଣେ ଶାରୀରିକ ଶିକ୍ଷୟିତ୍ରୀ ଥିଲେ। ତାଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଯୁବ ସେବା ଏବଂ କ୍ରୀଡ଼ା ନିର୍ଦ୍ଦେଶାଳୟ ତାଙ୍କ ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିଛି। କ୍ରୀଡା ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକ ଅନୁରାଧା ଗୁପ୍ତା ଶୋକ ପ୍ରକାଶ କରିଛନ୍ତି ଏବଂ କାଞ୍ଚନଙ୍କୁ ଜଣେ ଉତ୍ସର୍ଗୀକୃତ ଖେଳାଳି ଏବଂ ଗତିଶୀଳ ଖେଳାଳି ଭାବରେ ବର୍ଣ୍ଣନା କରିଛନ୍ତି।

## କ୍ଷୀର ଦାନ କଲେ ଜ୍ୱାଲା ଗୁଟ୍ଟା



ନୂଆଦିଲ୍ଲୀ: ଭାରତର ପ୍ରସିଦ୍ଧ ବ୍ୟାଡମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା। ସେ ଏପରି ଏକ ପ୍ରୟାସ ଆରମ୍ଭ କରିଛନ୍ତି ଯାହା ପ୍ରକୃତରେ ପ୍ରଶଂସନୀୟ। ଜ୍ୱାଲା ଗୁଟ୍ଟା, ଯିଏ ଏବେ ଜଣେ ମା ହୋଇଛନ୍ତି। ସେ ପ୍ରତିଦିନ ସରକାରୀ ହସ୍ପିଟାଲକୁ ୬୦୦ ମିଲି କ୍ଷୀର ଦାନ କରନ୍ତି। ବ୍ୟାଡମିଣ୍ଟନ କୋର୍ଟରେ ଦେଶ ପାଇଁ ଅନେକ ପଦକ ଜିତିଥିବା ଜ୍ୱାଲା ଏବେ ଛୋଟ ଅସହାୟ ପିଲାଙ୍କ ଜୀବନ ବଞ୍ଚାଉଛନ୍ତି। ଜ୍ୱାଲା ଯେଉଁ ନବଜାତ ଶିଶୁମାନଙ୍କର ମା ନାହାନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିଛନ୍ତି। ରିପୋର୍ଟ ଅନୁସାରେ, ସେ ଏପର୍ଯ୍ୟନ୍ତ ୩୦ ଲିଟର କ୍ଷୀର ଦାନ କରିଛନ୍ତି। ଗତ ଚାରି ମାସ ଧରି ଜ୍ୱାଲା ଗୁଟ୍ଟା ପ୍ରତିଦିନ ଅସହାୟ ପିଲାମାନଙ୍କ ପାଇଁ ବହୁତ କିଛି କରୁଛନ୍ତି। ଜ୍ୱାଲା ଗୁଟ୍ଟା ସମ୍ପ୍ରତି ମା ହୋଇଛନ୍ତି। ସେ ୨୨ ଏପ୍ରିଲ ୨୦୨୧ ରେ ଅଭିନେତା ବିଷ୍ଣୁ ବିନୋଦଙ୍କୁ ବିବାହ କରିଥିଲେ। ସେ ଚାରି ବର୍ଷ ପରେ ମା ହୋଇଥିଲେ। ଜ୍ୱାଲା ତାଙ୍କ ଶିଶୁକନ୍ୟାକୁ ସ୍ତନ୍ୟପାନ କରାଇବା ପରେ ତାଙ୍କର ସମସ୍ତ କ୍ଷୀର ଦାନ କରନ୍ତି। ଏହା ପ୍ରଥମ ଥର ପାଇଁ ଭାରତରେ ଜଣେ ଅଭିନେତା ଏପରି ପଦକ୍ଷେପ ନେଇଛନ୍ତି। ଯାହା ପ୍ରକୃତରେ ପ୍ରେରଣାଦାୟକ। ଜ୍ୱାଲା ଗୁଟ୍ଟା ତାଙ୍କ କ୍ୟାରିଅରରେ ବହୁତ କିଛି ହାସଲ କରିଛନ୍ତି। ସେ ୨୦୧୦ ଏବଂ ୨୦୧୪ ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ମହିଳା ଡବଲ୍ସରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଅଶ୍ୱିନୀ ପୋନାପ୍ପାଙ୍କ ସହିତ ଅନେକ ମ୍ୟାଚ୍ ଜିତିଥିଲେ। ପୋନାପ୍ପାଙ୍କ ସହିତ ତାଙ୍କର ଭାଗୀଦାରୀ ଶ୍ରେଷ୍ଠ ୧୦ ମଧ୍ୟରେ ସ୍ଥାନ ପାଇଥିଲା। କେବଳ ଏତିକି ନୁହେଁ, ସେ ୨୦୧୧ ରେ ବିଡବ୍ଲୁଏଫ୍ ବିଶ୍ୱ ଚାମ୍ପିଅନସିପରେ ଏକ କାଂସ୍ୟ ପଦକ ଜିତିଥିଲେ। ୨୦୧୪ ରେ, ଜ୍ୱାଲା ଥମାସ ଏବଂ ଉବର କପରେ ମଧ୍ୟ କାଂସ୍ୟ ପଦକ ଜିତିଥିଲେ।

### ରାଜ୍ୟ ପୋଲିସ ହ୍ୟାଣ୍ଡବଲ୍ ଏବଂ କବାଡି ପ୍ରତିଯୋଗିତାର ଷଷ୍ଠ ଦିନ

## ହ୍ୟାଣ୍ଡବ୍‌ଲରେ କେନ୍ଦୁଝର ଫାଇନାଲ୍‌ରେ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଶୁକ୍ରବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ସିନ୍ଥେଟିକ ମ୍ୟାଟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ନକ ଆଉଟ ରାଉଣ୍ଡ ପ୍ରଥମ କ୍ୱାଟର ଫାଇନାଲ ରାଉଣ୍ଡରେ ଗତବର୍ଷର ରନର୍ସ ଅପ ଓଏସଏପି ଷଷ୍ଠ ବାଟାଲିୟନ, କଟକ ୪୦ ପଏଣ୍ଟ ହାସଲ କରିଥିବା ବେଳେ ରାଉରକେଲା ୮ ପଏଣ୍ଟ ପଏଣ୍ଟ ହାସଲ କରିଥିଲା ଏବଂ ଓଏସଏପି କଟକ ସେମି ଫାଇନାଲ ପ୍ରବେଶ କରିଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲରେ ଓଏସଏପି ଚତୁର୍ଥ ବାଟାଲିୟନ ରାଉରକେଲା ୪୨ ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଆଇଆର ବାଟାଲିୟନ ରାୟଗଡା



୨୦ ପଏଣ୍ଟ ହାସଲ କରିଥିଲା। ଚତୁର୍ଥ ବାଟାଲିୟନ ରାଉରକେଲା ୨୦ ପଏଣ୍ଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ତୃତୀୟ କ୍ୱାଟର ଫାଇନାଲରେ ସୁନ୍ଦରଗଡ଼ ଜିଲ୍ଲା ୩୩ ପଏଣ୍ଟ ହାସଲ କରିଥିବା ବେଳେ ତୃତୀୟ ଆଇଆର ବାଟାଲିୟନ, କଳିଙ୍ଗ ନଗର ୧୦ ପଏଣ୍ଟ ହାସଲ କରିଥିଲା। ସୁନ୍ଦରଗଡ଼ ଜିଲ୍ଲା ୧୦ ପଏଣ୍ଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ଅନ୍ତିମ କ୍ୱାଟର ଫାଇନାଲରେ ଗଜପତି ଜିଲ୍ଲା ୪୬ ପଏଣ୍ଟ ହାସଲ କରିଥିବା ବେଳେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟ ୪୨ ପଏଣ୍ଟ ହାସଲ କରିଥିଲା ଏବଂ ସେମି ଫାଇନାଲରେ ପ୍ରବେଶ କରିଥିଲା। ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟ ରେ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ପ୍ରଥମ ସେମିରେ ହ୍ୟାଣ୍ଡବଲର ଏନ୍ତୁଡ଼ିଶାଳା କୁହାଯାଉଥିବା କେନ୍ଦୁଝର ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ବିପକ୍ଷରେ ୨୭-୧୫ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଏହି ପ୍ରତିଯୋଗିତାର ମଧ୍ୟାନ୍ତରରେ ଖେଳାଳି ମାନଙ୍କ ସହ ଆଜିର ଅତିଥି ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ କେନ୍ଦୁଝର ଏସ୍‌ପି ନିତିନ କୁଶଲକରଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ଏହି ଚମ୍ପିୟାନସିପରେ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

XXVII-16

ଓଡିଶା ସରକାର
ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି
ଘୋଷଣା

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : କଟ୍ରିମାଝୀଗୁଡା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ 'କ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର -ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପପୂରଣ ଅଧିକାର ଏବଂ ଭୂ- ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ , ୨୦୧୩ (RFCTLAR & R Act , 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୫ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : କଟ୍ରିମାଝୀଗୁଡା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର ,ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି — ତହସିଲ : ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |

ଭୂମି ଅନୁସୂଚୀ
ମୌଜା:କଟ୍ରିମାଝିଗୁଡା,ଥାନା-ମାଥିଲ ନଂ-୧୦୫, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତନାମ |
|---|---|---|---|---|---|
| ୧ | ୨୦୦ | ୧.୬୧୧୧ | ୦.୪୬୨୦ | ଧାନ -୧ | ଅନିରୁଦ୍ଧ ଦଣ୍ଡସେନ ପି:ଲକ୍ଷ୍ମୀ ନାରାୟଣ ଦଣ୍ଡସେନ ଜା: ଖଣ୍ଡାୟତ ବା: ଜୟପୁର ପ୍ରସାଦ ରାଓ ପେଟା ବେଢ଼ା ସାହି |
| ୩ | ୬୫୬ | ୦.୫୬୮୩ | ୦.୧୮୪୦ | ଧାନ -୨ | ଅଦିଆ ଖିଲ ପି:ମକୁନ୍ଦ ଖିଲ ଜା: ରଣା ବା: ନିଜଗାଁ |
| | ୬୨୦ | ୦.୧୦୧୩ | ୦.୦୮୨୦ | ଧାନ -୨ | |
| | ୧୭୩ | ୦.୪୬୯୫ | ୦.୦୬୦୦ | ଧାନ -୨ | |
| ୮ | ୭୩୪ | ୧.୯୦୨୭ | ୦.୪୬୬୦ | ଡଙ୍ଗର -୨ | ଉର୍ଦ୍ଧବ ମାଝୀ ପି:ଡ଼ମ୍ବରୁ ମାଝୀ ଜା: ଭୂମିଆ ବା: ନିଜଗାଁ |
| ୧୧ | ୬୧୮ | ୦.୦୪୯୪ | ୦.୦୩୨୦ | ଧାନ -୨ | ଗୋପି ମାଝି ପି: ସଦାସିବ ମାଝି, ଭାଲୁ ମାଝି, ମଙ୍ଗୁଳି ମାଝି ପି: ହରି ମାଝି ମାଝି ଜା: ରଣା ବା: ନିଜଗାଁ |
| | ୬୧୬ | ୦.୨୧୦୦ | ୦.୧୯୦୦ | ଡଙ୍ଗର | |
| | ୧୭୬ | ୦.୨୧୯୯ | ୦.୧୬୧୦ | ଡଙ୍ଗର | |
| ୨୫ | ୭୪୦ | ୨.୦୦୧୫ | ୦.୯୩୮୦ | ଡଙ୍ଗର -୨ | ଡ଼ମ୍ବରୁ ମାଝୀ ପି:ଗୋବର୍ଦ୍ଧନ ମାଝୀ ଜା: ଭୂମିଆ ବା: ନିଜଗାଁ |
| ୨୮ | ୨୨୯ | ୩.୨୬୧୭ | ୦.୬୩୮୦ | ଧାନ -୧ | ଦୟା ନିଧି ଗୌଡ଼ ପି:ବାସୁ ଦେବ ଗୌଡ଼ ଜା: ଗୌଡ ବା: ନିଜଗାଁ |
| | ୬୪୮ | ୧.୪୨୦୮ | ୦.୪୦୪୦ | ଧାନ -୧ | |
| ୨୯ | ୨୦୨ | ୦.୭୨୪୦ | ୦.୧୫୨୦ | ଧାନ -୧ | ଧବଳେଶ୍ୱର ମାଝୀ, ସନ୍ୟାସି ମାଝୀ, ଯଶୋଦା ମାଝୀ, ସାବିତ୍ରି ମାଝୀ ପି: ଗୋରା ମାଝୀ, ଝାଇଁ କୁଡ଼ି ମାଝୀ ସ୍ୱା: ଗୋରା ମାଝୀ ଜା: ରଣା ବା: ନିଜଗାଁ |
| ୩୩ | ୨୦୧ | ୦.୯୬୧୨ | ୦.୬୩୬୦ | ଧାନ -୧ | ପଦ୍ମ ହନ୍ତାଳ ପି:ମଙ୍ଗଳା ହନ୍ତାଳ ଜା: ଭୂମିଆ ବା: ନିଜଗାଁ |
| ୪୨ | ୬୫୧ | ୦.୧୨୧୧ | ୦.୧୧୨୦ | ଧାନ -୨ | ବଳରାମ ମାଝୀ ପି: ଧନ ମାଝୀ, ବାବୁଦି ମାଝୀ ସ୍ୱା: ଧନ ମାଝୀ ଜା: ରଣା ବା: ନିଜଗାଁ |
| ୪୨ | ୬୫୦ | ୨.୯୧୦୮ | ୧.୨୯୦୦ | ଧାନ -୧ | ବଳରାମ ମାଝୀ ପି: ଧନ ମାଝୀ, ବାବୁଦି ମାଝୀ ସ୍ୱା: ଧନ ମାଝୀ ଜା: ରଣା ବା: ନିଜଗାଁ |
| ୪୨ | ୬୪୯ | ୦.୬୭୯୫ | ୦.୩୦୮୦ | ଧାନ -୨ | ବଳରାମ ମାଝୀ ପି: ଧନ ମାଝୀ, ବାବୁଦି ମାଝୀ ସ୍ୱା: ଧନ ମାଝୀ ଜା: ରଣା ବା: ନିଜଗାଁ |
| ୪୨ | ୬୪୬ | ୨.୫୬୯୮ | ୧.୫୨୭୦ | ଧାନ -୧ | ବଳରାମ ମାଝୀ ପି: ଧନ ମାଝୀ, ବାବୁଦି ମାଝୀ ସ୍ୱା: ଧନ ମାଝୀ ଜା: ରଣା ବା: ନିଜଗାଁ |
| ୪୭ | ୧୯୯ | ୦.୨୮୯୧ | ୦.୦୪୭୦ | ଧାନ -୧ | ଭାଲୁ ଗୁରୁ ସ୍ୱା: ସମରା ଗୁରୁ, ସାନ ଗୁରୁ ପି: ମଙ୍ଗଳା ଗୁରୁ ଜା: ରଣା ବା: ନିଜଗାଁ |
| | ୧୭୫ | ୦.୦୬୯୨ | ୦.୦୬୧୦ | ଧାନ -୨ | |
| | ୧୭୪ | ୧.୧୮୧୧ | ୦.୬୪୧୦ | ଧାନ -୨ | |
| ୪୮ | ୬୫୫ | ୦.୮୬୪୯ | ୦.୨୪୪୦ | ଧାନ -୨ | ଭାଲୁ ଗୁରୁ ସ୍ୱା:ସମରା ଗୁରୁ ଜା: ରଣା ବା: ନିଜଗାଁ |
| ୫୦ | ୧୯୭ | ୧.୦୩୦୪ | ୦.୨୪୯୦ | ଧାନ -୧ | ଭିକାରି ବୈପାରି, ଧନ ବୈପାରି ପି: ରାଜିଆ ବୈପାରି ଜା: ବୈପାରି ବା: ନିଜଗାଁ |
| ୫୩ | ୨୨୫ | ୦.୦୪୯୪ | ୦.୦୫୧୦ | ଧାନ -୨ | ମନ ମୋହନ ଖିଲ ପି:କେଶବ ଖିଲ ଜା: ରଣା ବା: ନିଜଗାଁ |
| ୫୩ | ୬୨୪ | ୦.୦୬୯୨ | ୦.୦୬୯୦ | ଧାନ -୨ | ମନ ମୋହନ ଖିଲ ପି:କେଶବ ଖିଲ ଜା: ରଣା ବା: ନିଜଗାଁ |
| ୫୩ | ୬୨୩ | ୦.୬୯୯୩ | ୦.୦୬୮୦ | ଧାନ -୨ | ମନ ମୋହନ ଖିଲ ପି:କେଶବ ଖିଲ ଜା: ରଣା ବା: ନିଜଗାଁ |
| ୫୩ | ୬୨୨ | ୦.୧୪୦୮ | ୦.୧୩୬୦ | ଧାନ -୧ | ମନ ମୋହନ ଖିଲ ପି:କେଶବ ଖିଲ ଜା: ରଣା ବା: ନିଜଗାଁ |
| ୫୩ | ୬୨୧ | ୦.୦୫୯୩ | ୦.୦୫୯୩ | ଧାନ -୧ | ମନ ମୋହନ ଖିଲ ପି:କେଶବ ଖିଲ ଜା: ରଣା ବା: ନିଜଗାଁ |
| ୫୪ | ୭୩୧ | ୦.୬୭୯୫ | ୦.୧୮୪୦ | ଧାନ -୨ | ମଙ୍ଗଳା ମାଝୀ ପି:ଡ଼ମ୍ବରୁ ମାଝୀ ଜା: ରଣା ବା: ନିଜଗାଁ |
| ୫୪ | ୭୩୦ | ୧.୪୦୧୧ | ୦.୩୬୧୦ | ଧାନ -୨ | ମଙ୍ଗଳା ମାଝୀ ପି:ଡ଼ମ୍ବରୁ ମାଝୀ ଜା: ରଣା ବା: ନିଜଗାଁ |
| ୫୯ | ୧୭୨ | ୦.୪୨୯୪ | ୦.୧୨୪୦ | ଡଙ୍ଗର | ମଙ୍ଗରାଜ ବେହେରା, ଅଦୈତ୍ୟ ବେହେରା ପି: ଜଗନ୍ନାଥ ବେହେରା, ମୁଣ୍ଡୁକି ବେହେରା ସ୍ୱା: ଜଗନ୍ନାଥ ବେହେରା ଜା: କ୍ଷତ୍ରିୟ ବା: ନିଜଗାଁ |
| | ୩୬୨ | ୦.୨୯୯୦ | ୦.୦୦୧୦ | ଧାନ -୨ | ମଙ୍ଗରାଜ ବେହେରା, ଅଦୈତ୍ୟ ବେହେରା ପି: ଜଗନ୍ନାଥ ବେହେରା, ମୁଣ୍ଡୁକି ବେହେରା ସ୍ୱା: ଜଗନ୍ନାଥ ବେହେରା ଜା: କ୍ଷତ୍ରିୟ ବା: ନିଜଗାଁ |
| ୬୭ | ୬୨୬ | ୨.୬୭୧୨ | ୦.୯୬୬୦ | ଧାନ -୨ | ରୂପଧର ହନ୍ତାଳ ପି:ବୁଦା ହନ୍ତାଳ ଜା: ରଣା ବା: ନିଜଗାଁ |
| ୭୯ | ୭୪୫ | ୧.୦୩୭୮ | ୦.୨୧୪୦ | ଧାନ -୨ | ଶୁକ୍ରା ମାଝୀ ପି: ପିତବାସ ମାଝୀ, ରୁକୁଣା ମାଝୀ ସ୍ୱା: ପିତବାସ ମାଝୀ ଜା: ଭୂମିଆ ବା: ନିଜଗାଁ |
| ୧୦୭ | ୬୧୫ | ୦.୧୦୧୩ | ୦.୦୬୦୦ | ଡଙ୍ଗର | ମଙ୍ଗୁଳି ମାଝୀ ପି:ହରି ମାଝୀ ଜା: ରଣା ବା: ନିଜଗାଁ |
| ୧୦୭ | ୬୧୪ | ୦.୦୭୯୧ | ୦.୦୦୩୦ | ଡଙ୍ଗର | ମଙ୍ଗୁଳି ମାଝୀ ପି:ହରି ମାଝୀ ଜା: ରଣା ବା: ନିଜଗାଁ |
| ୧୧୫/୭୮ | ୨୮୨ | ୧.୯୫୨୧ | ୧.୧୦୧୦ | ଧାନ -୨ | ବଣ୍ଡାପେଲି ପାର୍ବତୀ ସ୍ୱା:ବଣ୍ଡାପେଲି ତାବଟିଆ ଜା: ଦିବର ବା: ମାଥିଲି |
| ୧୧୫/୭୮ | ୨୭୮ | ୦.୫୮୦୭ | ୦.୦୬୦୦ | ଧାନ -୧ | ବଣ୍ଡାପେଲି ପାର୍ବତୀ ସ୍ୱା:ବଣ୍ଡାପେଲି ତାବଟିଆ ଜା: ଦିବର ବା: ମାଥିଲି |
| ୧୧୫/୭୮ | ୨୭୭ | ୧.୪୨୦୨ | ୧.୪୦୭୦ | ଧାନ -୧ | ବଣ୍ଡାପେଲି ପାର୍ବତୀ ସ୍ୱା:ବଣ୍ଡାପେଲି ତାବଟିଆ ଜା: ଦିବର ବା: ମାଥିଲି |
| ୯ | ୭୨୭ | ୨.୦୦୧୫ | ୦.୦୯୯୦ | ଡଙ୍ଗର -୨ | ଗଙ୍ଗା ଖରା ପି:ଧୋବୁଲୁ ଖରା ଜା: ଭୂମିଆ ବା: ନିଜଗାଁ |
| | ମୋଟ | ୩୬.୯୮୮ | ୧୪.୪୦୨୩ | | |

ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି )

ଜିଲ୍ଲା : ମାଲକାନଗିରି — ତହସିଲ : ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଂଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩0 ଦିନ ଠାରୁ ଛଅ ମାସ ମଧ୍ୟରେ .

ଉକ୍ତ ଜମି ରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲାପାଳଙ୍କ କାର୍ଯ୍ୟାଳୟ , ମାଲକାନଗିରି ଠାରେ ତା: . .୨୦୨୫ ରିଖ ଦିବା ୧୧.୦୦ ଘଣ୍ଟିକା ସମୟରେ ଉପସ୍ଥିତ ହୋଇ ଜିଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରି ପାରିବେ .

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ମାଲକାନଗିରି

OIPR 24382/14/0017/2526



ଶରୀର ପାଇଁ ପିଜୁଳି ଅପେକ୍ଷା ପିଜୁଳି ପତ୍ର ବେଶ ଲାଭଦାୟକ। ତେବେ ଆସନ୍ତୁ ଜାଣିବା କଣ ମିଳିଥାଏ ଏଥିରୁ ଫାଇଦା । ପିଜୁଳି ପତ୍ର ମହିଳାଙ୍କ ପାଇଁ ବେଶ୍ ଉପକାରୀ । ଏହା ମହିଳାମାନଙ୍କୁ ଋତୁସ୍ରାବରେ ବେଳେ ହେଉଥିବା ଯନ୍ତ୍ରଣାରୁ ଆରାମ ଦେଇଥାଏ । ଡାଇରିଆରେ ପିଜୁଳି ପତ୍ର ବେଶ୍ ଉପକାରୀ। ଝାଡା ହେବା ବେଳେ ପିଜୁଳି ପତ୍ରକୁ ଖାଇବା ଦ୍ୱାରା ଏହା ଶୀଘ୍ର ଭଲ ହୋଇଯାଇଥାଏ । ଅଧ୍ୟୟନ ଅନୁଯାୟୀ, ପିଜୁଳି ପତ୍ର ଅନ୍ତନଳୀରେ ଥିବା କ୍ଷତିକାରକ ମାଇକ୍ରୋବସକୁ ମାରିଥାଏ । ପିଜୁଳି ପତ୍ର ଚା' ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର କମିଥାଏ । ଏହାର ପ୍ରଭାବ ଦୁଇ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ପିଜୁଳି ପତ୍ରକୁ ମଧ୍ୟ କର୍କଟ ବିରୋଧୀ ବିବେଚନା କରାଯାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି-ଅକ୍ସିଡାଣ୍ଟ କୋଷର କ୍ଷତିକୁ ରୋକିଥାଏ । ପିଜୁଳି ପରି ଏହାର ପତ୍ରରେ ଭିଟାମିନ୍ ସି ରହିଥାଏ। ଏହାର ଭିଟାମିନ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପତ୍ରଗୁଡ଼ିକ ଆଣ୍ଟି-ମାଇକ୍ରୋବାୟଲ୍ ଏବଂ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ପିଜୁଳି ପତ୍ରରେ ଅନେକ ବାୟୋ ଆକ୍ଟିଭ୍ କମ୍ପାଉଣ୍ଡ ରହିଥାଏ । ଯାହା ଶରୀରରେ କାର୍ବୋହାଇଡ୍ରେଟ୍ ଅବଶୋଷଣକୁ ରୋକିଥାଏ ।

# ବିଦେଶରେ ବିରୁଷ୍କାଙ୍କୁ ଅପମାନ

ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଲଣ୍ଡନରେ ଲାଇମଲାଇଟରୁ ଦୂରରେ ରହି ନିଜ ଜୀବନ ବିତାଉଛନ୍ତି । ପ୍ରାଇଭେସିକୁ ପସନ୍ଦ କରୁଥିବାଏହି ଦମ୍ପତି ଦୂରରେ ରହି ମଧ୍ୟ ସାଙ୍ଗମାନଙ୍କ ସହିତ ସମ୍ପର୍କରେ ରୁହନ୍ତି । ଯଦିଓ ବିରାଟ-ଅନୁଷ୍କା ଭାରତରେ ମିଳୁଥିବା ସେଲିବ୍ରିଟି ଷ୍ଟାଟସ୍ ଏବଂ ଭିଆଇପି ଟ୍ରିଟମେଣ୍ଟରେ ଅତିଷ୍ଟ ହୋଇ ବିଦେଶ ଯାଇଥିଲେ । କିନ୍ତୁ ଏବେ ତାଙ୍କର ଏହି ସ୍ୱାଧୀନତା ହିଁ ତାଙ୍କୁ ମହଙ୍ଗା ପଡ଼ିଛି । ନିକଟରେ ଏକ ସାକ୍ଷାତକାରରେ ଭାରତୀୟ ମହିଳା କ୍ରିକେଟ ଷ୍ଟାର୍ ଜେମିମା ରୋଡ୍ରିଗ୍ସ କହିଥିଲେ ଯେ କି ପରି ସେ ଥରେ ଏହି ଦମ୍ପତିଙ୍କ ସହିତ ପ୍ରାୟ ଚାରି ଘଣ୍ଟା କଥା ହୋଇଥିଲେ, ଯାହା ପରେ ତାଙ୍କୁ ନ୍ୟୁଜିଲ୍ୟାଣ୍ଡର ଏକ କାଫେରୁ ବାହାରି ଯିବାକୁ କୁହାଯାଇଥିଲା । ମ୍ୟାଶେବଲ ଇଣ୍ଡିଆ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଜେମିମା କହିଥିଲେ ଯେ ସେ ଏବଂ ତାଙ୍କ ଦଳର ସାଥୀ ସ୍ମୃତି ମାନ୍ଧନା ବିରାଟଙ୍କୁ ଭେଟି ତାଙ୍କ ବ୍ୟାଟିଂ ଉପରେ ପରାମର୍ଶ ନେବାକୁ ଚାହୁଁଥିଲେ । ପ୍ରଥମେ ସେମାନେ ତାଙ୍କ ସହିତ କ୍ରିକେଟ ବିଷୟରେ କଥା ହୋଇଥିଲେ ଏବଂ ପରେ ତାଙ୍କୁ ସେହି ହୋଟେଲର ଏକ କାଫେକୁ ଡାକିଥିଲେ, ଯେଉଁଠାରେ ଉଭୟ ପୁରୁଷ ଓ ମହିଳା ଦଳ ରହୁଥିଲେ । ସେମାନଙ୍କର କଥାବାର୍ତ୍ତା ଏତେ ଲମ୍ବା ଚାଲିଥିଲା ଯେ କାଫେ କର୍ମଚାରୀମାନେ ସେମାନଙ୍କୁ ସିଟ୍ ଖାଲି କରି ବାହାରକୁ ଯିବାକୁ କହିଥିଲେ । କହିବାକୁ ଗଲେ ସନ୍ତାନ ଜନ୍ମ ହେବା ପରେ ବିରାଟ ଏବଂ ଅନୁଷ୍କା ଲଣ୍ଡନ ଚାଲିଯାଇଛନ୍ତି। ଏହି ଦମ୍ପତି ପାପାରାଜି ଏବଂ ଲାଇମଲାଇଟରୁ ଦୂରରେ ରହି ଏକ ଶାନ୍ତ ଜୀବନ ବଞ୍ଚିବାକୁ ଚାହୁଁଥିଲେ ତେଣୁ ସେମାନେ ସେଠାରେ ରହିବାକୁ ନିଷ୍ପତ୍ତି ନେଇଥିଲେ । ଅନୁଷ୍କା ତାଙ୍କ ପୁଅ ଅକାୟଙ୍କୁ ଲଣ୍ଡନରେ ଜନ୍ମ ଦେଇଥିଲେ। ତେବେ କୋହଲି ପରିବାରକୁ ପ୍ରାୟତଃ ବିଦେଶର ଗଳିରେ ସ୍ୱାଧୀନ ଭାବରେ ବୁଲୁଥିବାର ଦେଖିବାକୁ ମିଳେ ।





# ଘର କାନ୍ଥରେ ଲଗାନ୍ତୁ ୭ ଟି ଦୌଡୁଥିବା ଘୋଡ଼ା

*ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ୭ଟି ଦୌଡୁଥିବା ଘୋଡ଼ାର ପେଣ୍ଟିଂ ଲଗାଇବା ଅତ୍ୟନ୍ତ ଶୁଭ ବୋଲି ବିଚାର କରାଯାଏ। ଏହାକୁ ଘରେ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କ କାମକାର୍ଯ୍ୟରେ ଶୀଘ୍ରତା ପରିଲକ୍ଷିତ ହୁଏ। ଘରେ ଧନବୃଦ୍ଧି ହେବା ସହ ବାଧାବିଘ୍ନ ଦୂର ହୁଏ। ଏହା ସହିତ ଧଳାଘୋଡ଼ା ହେଉଛି ଶାନ୍ତିର ପ୍ରତୀକ। ତେଣୁ ଲୋକେ ନିଜ ଘରେ ଧଳାଘୋଡ଼ାର ପେଣ୍ଟିଂ ଲଗାଇଥାନ୍ତି। କିନ୍ତୁ ଏ ସମ୍ପର୍କିତ କିଛି ବାସ୍ତୁ ନିୟମ ନ ମାନିବା ଦ୍ୱାରା ଏହାର କୁପ୍ରଭାବ ଘର ଉପରେ ପଡ଼େ। ତେଣୁ ଆସନ୍ତୁ ଜାଣିବା ଏହି ପେଣ୍ଟିଂ ସମ୍ପର୍କିତ କିଛି ବାସ୍ତୁ ନିୟମ ...*



- ୭ଟି ଦୌଡୁଥିବା ଘୋଡ଼ାର ପେଣ୍ଟିଂକୁ ଘରର ପୂର୍ବ ଦିଗରେ ଲଗାଇବା ଶୁଭ ହୋଇଥାଏ। ଏହାଦ୍ୱାରା କ୍ୟାରିୟରରେ ସଫଳତା ମିଳେ।
- ଦୌଡୁଥିବା ଘୋଡ଼ାର ପେଣ୍ଟିଂକୁ ଡ୍ରଇଂ ରୁମ୍‌ର ଦକ୍ଷିଣ ଦିଗ କାନ୍ଥରେ ଲଗାନ୍ତୁ।
- ଅଫିସ୍‌ରେ ନିଜ କ୍ୟାବିନ୍‌ର ଦକ୍ଷିଣ ଦିଗ କାନ୍ଥରେ ୭ଟି ଘୋଡ଼ାର ପେଣ୍ଟିଂ ଲଗାନ୍ତୁ। ଧ୍ୟାନ ଦିଅନ୍ତୁ ଯେ, ସବୁ ଘୋଡ଼ାର ମୁହଁ କ୍ୟାବିନ୍ ଭିତରକୁ ହେବା ଉଚିତ।
- ଯୁଦ୍ଧ ସମୟରେ ଦୌଡୁଥିବା ଘୋଡ଼ାର ଫଟୋକୁ ଘରେ ଲଗାଇବା ଅନୁଚିତ। ଏହାଦ୍ୱାରା ଘରେ ଅଶାନ୍ତି କଳହ ଲାଗି ରୁହେ।
- ଚିରି ଯାଇଥିବା ଘୋଡ଼ାର ଫଟୋ ଘରେ ଲଗାଇବା ଅନୁଚିତ। ଏଭଳି ଚିତ୍ର ଘରେ ଲଗାଇବା କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

# ବିଗ୍‌ବସ୍‌କୁ ପଛରେ ପକାଇଲା 'ଅନୁପମା'

ଟିଭି ଟିଆରପି ରେଟିଙ୍ଗରେ 'ଅନୁପମା' ଧାରାବାହିକ ଶୀର୍ଷରେ ଅଛି । ଅନ୍ୟପଟେ ଆଶ୍ଚର୍ଯ୍ୟଜନକ ଭାବେ ତଳକୁ ଖସିଛି ରିଆଲିଟି ସୋ' 'ବିଗ୍ ବସ୍' ଟପ୍ ୧୦ ସୋ'ରୁ ବାଦ୍ ପଡ଼ିଛି, ଯାହା ସଲମାନ ଖାନଙ୍କ ସୋ' ପାଇଁ ଶୁଭ ସଙ୍କେତ ନୁହେଁ ବୋଲି ଚର୍ଚ୍ଚା ହେଉଛି । ଟିଭି ସୋ'ର ଦୁନିଆରେ ଏଥର କେହି ବାଜି ମାରିଛି ତ ଆଉ କେହି ଆଶାଠାରୁ ତଳକୁ ଖସିଯାଇଛି । ତେବେ କେଉଁ ପ୍ରୋଗ୍ରାମ ଦର୍ଶକଙ୍କୁ ଅଧିକ ମନୋରଂଜନର ଖୋରାକ ଯୋଗାଇଛି ତାର ଖୁଲାସା ହୋଇଛି । ଗତ ୩୫ ସପ୍ତାହର ରେଟିଙ୍ଗ ପଏଣ୍ଟ ଆସିଛି । ଏଥିରେ ରାଜନ୍ ଶାହିଙ୍କ ସୋ' 'ଅନୁପମା' ଟପରେ ରହିଛି । ଗତ କିଛି ମାସର ରେଟିଙ୍ଗ ପଏଣ୍ଟକୁ ବଜାୟ ରଖିଛି ଏହି ସୋ' । ଦ୍ୱିତୀୟ ନମ୍ବରରେ ରହିଛି 'ତାରକ ମେହତା ତା ଉଲଟା ଚଷମା' । ଏହି ସୋର ଟିଆରପି ଗତ ସପ୍ତାହରେ ଖୁବ୍ ବଢ଼ିଛି । ତୃତୀୟ ସ୍ଥାନରେ ରହିଛି 'ୟେ ରିସ୍ତା କ୍ୟା କେହଲାତା ହେ' । ଚତୁର୍ଥ ସ୍ଥାନରେ ରହିଛି 'କ୍ୟୁଁ କି ସାସ୍ ଭି କଭି ବହୂ ଥି' । ରିଆଲିଟି ସୋର କଥା କହିବାକୁ ଗଲେ, ବିଗ୍ ବସର ସ୍ଥାନ ଅନେକ ତଳକୁ ଖସିଛି । ପୂର୍ବରୁ ଏହା ୧୧ସ୍ଥାନରେ ଥିବାବେଳେ ଏବେ ୧୨କୁ ଖସିଆସିଛି । ସଲମାନ ଖାନଙ୍କ ସୋ ପାଇଁ ଏହା ଭଲ ସଙ୍କେତ ନୁହେଁ ବୋଲି କୁହାଯାଉଛି ।



# ରିଲିଜ ପୂର୍ବରୁ ବିବାଦରେ ଫିଲ୍ମ ଅକ୍ଷୟଙ୍କ 'ଜଲି ଏଲଏଲବି ୩'

ରିଲିଜର ସପ୍ତାହେ ପୂର୍ବରୁ ଆଇନ ଜାଲରେ ଛନ୍ଦି ହେଲା ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଫିଲ୍ମ 'ଜଲି ଏଲଏଲବି ୩' । ଫିଲ୍ମ ଉପରେ ରୋକ ଲଗାଇବା ନେଇ ଦାବି । ଗୁଜୁରାଟ ହାଇକୋର୍ଟରେ ଆବେଦନ ଦାଖଲ କରାଯାଇଛି । ତେବେ ନିକଟରେ ଅକ୍ଷୟ କୁମାରଙ୍କ ଫିଲ୍ମ 'ଜଲି ଏଲଏଲବି ୩' ର ଟ୍ରେଲର ରିଲିଜ୍ ହୋଇଥିଲା । ଯାହା ପରେ ଏହି ବିବାଦ ଉପୁଜିଛି । ଏଥିରେ ପ୍ରଦର୍ଶିତ ସିନ୍ ଏବଂ ସଂଳାପକୁ ନେଇ ଅନେକ ଲୋକ କ୍ଷୋଭ ପ୍ରକାଶ କରିଛନ୍ତି । ମୁମ୍ବାଇ ଏବଂ ଆହ୍ଲାବାଦ ହାଇକୋର୍ଟରେ ମଧ୍ୟ ଫିଲ୍ମ ବିରୋଧରେ ପିଟିସନ୍ ଦାୟର କରାଯାଇଥିଲା । କହିବାକୁ ଗଲେ ଫିଲ୍ମର ଟ୍ରେଲରରେ ଜଣେ ବିଚାରପତିଙ୍କ ଚରିତ୍ରକୁ ଅନୁପଯୁକ୍ତ ଭାବରେ ଚିତ୍ରଣ କରାଯାଇଥିବା ଅଭିଯୋଗରେ ଗୁଜୁରାଟ ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରାଯାଇଛି । ଯାହା ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା । ଆବେଦନକାରୀ ଟ୍ରେଲର ଏବଂ ଫିଲ୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି । ଏଥିସହ ଆବେଦନରେ ଫିଲ୍ମକୁ ଦିଆଯାଇଥିବା ପ୍ରମାଣପତ୍ରକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି। ତେବେ ସେନ୍ସର ବୋର୍ଡ ମଙ୍ଗଳବାର ସୁଦ୍ଧା ଏହି ମାମଲାରେ ଆବେଦନକାରୀଙ୍କୁ ଉତ୍ତର ଦେବ ଆବେଦନକାରୀ କହିଛନ୍ତି ଯେ, ଫିଲ୍ମରେ କୋର୍ଟ କାର୍ଯ୍ୟକୁ ହାସ୍ୟାସ୍ପଦ ଭାବରେ ଉପସ୍ଥାପନ କରି କୋର୍ଟର ମର୍ଯ୍ୟାଦାକୁ ଆଘାତ ଦେବାକୁ ଚେଷ୍ଟା କରାଯାଇଛି । ଫିଲ୍ମରେ ବିଚାରପତିଙ୍କୁ ଅନୁପଯୁକ୍ତ ଭାବରେ ଦର୍ଶାଯାଇଛି ଏବଂ ଅଶ୍ଳୀଳ ଶବ୍ଦ ବ୍ୟବହାର କରାଯାଇଛି, ଯାହା ନ୍ୟାୟପାଳିକାର ପ୍ରତିଷ୍ଠାକୁ ଆଘାତ କରେ । ଏହି ଆବେଦନରେ ସିବିଏଫସି ନିର୍ଦ୍ଦେଶକ ସୁଭାଷ କପୁର, ଅଭିନେତା ଅକ୍ଷୟ କୁମାର, ଅର୍ଶଦ ୱର୍ଶି ଏବଂ ସୌରଭ ଶୁକ୍ଳାଙ୍କୁ ପକ୍ଷଭୁକ୍ତ କରାଯାଇଛି । ଏନେଇ ଗୁଜରାଟ ହାଇକୋର୍ଟ କହିଛନ୍ତି ଯେ ସିବିଏଫସି ଆବେଦନକାରୀଙ୍କ ଯୁକ୍ତି ଉପରେ ନିଷ୍ପତ୍ତି ନେବା ଉଚିତ ଏବଂ ଏହି ମାମଲାରେ କେବେ ନିଷ୍ପତ୍ତି ନିଆଯିବ ତାହା କହିବା ଉଚିତ । ପ୍ରକାଶ ଥାଉକି, ୨୦୧୩ ରେ ଅର୍ଶଦ ୱର୍ଶିଙ୍କ ଅଭିନୀତ ଫିଲ୍ମ 'ଜଲି ଏଲଏଲବି' ମୁକ୍ତିଲାଭ କରିଥିଲା । ସେହିପରି ୨୦୧୭ରେ 'ଜଲି ଏଲଏଲବି ୨' ମୁକ୍ତିଲାଭ କରିଥିଲା। ଯେଉଁଥିରେ ଅକ୍ଷୟ କୁମାର ଜଣେ ଓକିଲ ଭୂମିକାରେ ଅଭିନୟ କରିଥିଲେ । ଏହି ଫିଲ୍ମଟି ସେପଟେମ୍ବର ୧୯ରେ ସିନେମା ହଲରେ ମୁକ୍ତିଲାଭ କରିବାକୁ ଯାଉଛି । ଏହାର ଲେଖକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ସୁଭାଷ କପୁର ।



# ଅଧିକ ଏକ୍ସରସାଇଜରୁ ଛାତି ଯନ୍ତ୍ରଣା

*ଆଜିକାଲି ପିଲାଙ୍କ ଠାରୁ ବୟସ୍କ ଅନେକ ନିଜ ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପ୍ରାୟତଃ ଏକ୍ସରସାଇଜ କରିଥାନ୍ତି। ଆମ ଓଡ଼ିଆରେ ଏକ ଲୋକପ୍ରିୟ କଥାଟି ଅଛି - 'ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ'। ଅର୍ଥାତ୍ ଶାରୀରିକ ସାମର୍ଥ୍ୟ ପାଇଁ ଯେତିକି ଆମ ପାଇଁ ଏକ୍ସଇସାଇଜ ବା ବ୍ୟାୟାମ ଦରକାର ସେତିକି ଆମେମାନେ କରିବା ଆବଶ୍ୟକ। ଅନାବଶ୍ୟକ ଭାବେ ଶକ୍ତି କ୍ଷୟ କରି ଏକ୍ସରସାଇଜ କରିବା ଦ୍ୱାରା ଅନେକ ଅନାବଶ୍ୟକ ଓ ଶରୀର ପାଇଁ କ୍ଷତିକାରୀ ସମସ୍ୟା ସୃଷ୍ଟି ହୋଇଥାଏ। ଚିକିତ୍ସା ବିଜ୍ଞାନ ହୃଦୟ ମାଂସପେଶୀରେ ରକ୍ତ ସଞ୍ଚାଳନ କମ ହେଲେ ଆଞ୍ଜାଇନା ହୁଏ। ଏହା ରକ୍ତ ଶରୀରରେ ଅମ୍ଳଜାନ ବହନ କରିବାର କାର୍ଯ୍ୟ କରିଥାଏ। ହୃଦ ମାଂସପେଶୀ ମଧ୍ୟ ଅମ୍ଳଜାନ ଆବଶ୍ୟକତା କରେ। ଯେତେବେଳେ ହୃଦ ମାଂସପେଶୀ ଯଥେଷ୍ଟ ଅମ୍ଳଜାନ ପାଏ ନାହିଁ, ଏହା ଇସକେମିଆ ନାମକ ଏକ ଅବସ୍ଥା ସୃଷ୍ଟି କରେ। ଏହି ଅବସ୍ଥାରେ ଆଞ୍ଜାଇନା ସମସ୍ୟା ସୃଷ୍ଟି ହୁଏ....*

ଅନେକ ହୁଏତ ଜାଣିନଥାନ୍ତି ଆଞ୍ଜାଇନାରେ ଛାତି ଯନ୍ତ୍ରଣା ଏକ ମୁଖ୍ୟ ସମସ୍ୟା। ଏହା ବ୍ୟତୀତ ବେକ ଓ କାନ୍ଧ ଯନ୍ତ୍ରଣା, ପେଟ ଜ୍ୱଳନ, ଝାଳ ବାହାରିବା, ଅସ୍ତବ୍ୟସ୍ତ ଲାଗିବା ମୁଣ୍ଡ ବୁଲାଇବା, ଦେହ ଖରିବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ମୁଖରେ ଦରଜ ଅନୁଭବ ହେବା ଓ ପିଠିରେ ଯନ୍ତ୍ରଣା ହୋଇଥାଏ।

ଅତ୍ୟଧିକ ଏକ୍ସରସାଇଜ ଏହାର ମୁଖ୍ୟ କାରଣ ହୋଇଥାଏ। ଏହା ବ୍ୟତୀତ ଅଧିକ ସମୟ ଥଣ୍ଡା ସ୍ଥାନରେ ରହିଲେ, ତମାଖୁ ସେବନ କଲେ, ମଧୁମେହ ଥିଲେ, ଉଚ୍ଚରକ୍ତଚାପ, ହାଇ କୋଲେଷ୍ଟ୍ରୋଲ ଥିଲେ ଏବଂ ଇମୋସନ ଷ୍ଟ୍ରେସରେ ରହିଲେ ଆଞ୍ଜାଇନା ସମସ୍ୟା କ୍ଷଣସ୍ଥାୟୀ। ବିଶ୍ରାମ ନେଲେ ସମସ୍ୟା ଦୂର ହୋଇଯାଏ।

ଯନ୍ତ୍ରଣାର ସମୟକୁ ଦୃଷ୍ଟିରେ ରଖି ଆଞ୍ଜାଇନାକୁ ୩ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଷ୍ଟେବଲ ଆଞ୍ଜାଇନା, ଅନଷ୍ଟେବଲ ଆଞ୍ଜାଇନା ଏବଂ ଭାରିଆଣ୍ଟ ଆଞ୍ଜାଇନା।

ଗୋଟିଏ ଛୋଟିଆ ପରାମର୍ଶକୁ ଗ୍ରହଣ କରନ୍ତୁ। ଅଳ୍ପ ସମୟ ବିଶ୍ରାମ ନେଲେ ଷ୍ଟେବଲ ଆଞ୍ଜାଇନା ସମସ୍ୟା ଦୂର ହେଉଥିଲାବେଳେ, ଅନଷ୍ଟେବଲ ଆଞ୍ଜାଇନାରେ ୨୦ରୁ ୪୦ ମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଏହି ସମସ୍ୟା ଭଲ ହେବାରେ ଦୁଇଦିନ ସମୟ ଲାଗିଯାଏ। ଏହି ଅବସ୍ଥାକୁ ଭାରିଆଣ୍ଟ ଆଞ୍ଜାଇନା କୁହନ୍ତି।

ଭାରିଆଣ୍ଟ ଆଞ୍ଜାଇନାର ସମସ୍ୟା କଷ୍ଟକର ହୋଇଥାଏ। ଏଥିରେ ଅସହ୍ୟ ଛାତି ଯନ୍ତ୍ରଣା ସହ ଅନ୍ୟାନ୍ୟ ଶାରୀରିକ ସମସ୍ୟା ଦେଖାଯାଏ। ଉପଶମ ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ ସହ ବହୁ ଦିନ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ହୋଇଥାଏ। ଅତ୍ୟଧିକ ବ୍ୟାୟାମ କରନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସୁଷମ ଖାଦ୍ୟ ଓ ଯଥାସମ୍ଭବ ନିରାମିଷ ଖାଦ୍ୟ ଭଲ। ସବୁଜ ପନିପରିବା ଓ ତଟକା ଫଳ ଖୁବ ଭଲ। ନିର୍ଦ୍ଧାରିତ ସମୟରେ ଖାଇବା ଓ ଶୋଇବା ଗ୍ରହଣ କରନ୍ତୁ। କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତୁ ନାହିଁ। ସଦାସର୍ବଦା ନିକଟସ୍ଥ ସରକାରୀ ଡାକ୍ତରଖାନାର



ସୁଯୋଗ ନିଅନ୍ତୁ। ବ୍ୟାୟାମ କରୁଥିଲେ ଅଭିଜ୍ଞ ଓ ପ୍ରଶିକ୍ଷିତ ଟ୍ରେନରଙ୍କ ଠାରୁ ଶିକ୍ଷା ଗ୍ରହଣ କରନ୍ତୁ। ଅଧିକ ଏକ୍ସରସାଇଜ କେବଳ ହୃଦରୋଗ ନୁହେଁ ହୃଦରୋଗ ସମ୍ପର୍କିତ ଅନେକ ରୋଗ ପାଇଁ କାରଣ ସାଜିଥାଏ। ତେଣୁ ଏ କ୍ଷେତ୍ରରେ ନିଜେ ନିଜ ହୃଦୟକୁ ସୁରକ୍ଷିତ ରଖି ଆପଣ ଯେ ଆପଣଙ୍କ ହୃଦୟକୁ ଭଲ ପାଆନ୍ତି ତାହା ପ୍ରମାଣିତ କରନ୍ତୁ।

***ପ୍ରଫେସର ଡା. ଚନ୍ଦ୍ରକାନ୍ତ ମିଶ୍ର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ***

# ଐଶ୍ୱର୍ଯ୍ୟାଙ୍କୁ ଆଶ୍ୱସ୍ତି



ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଦିଲ୍ଲୀ ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି । କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି । ଅନୁମତି ବିନା ଐଶ୍ୱର୍ଯ୍ୟାଙ୍କ କୌଣସି ଫଟୋ କିମ୍ବା ଭିଡିଓକୁ ଡିଜିଟାଲ ବା ଅନ୍ୟ କୌଣସି ପ୍ଲାଟଫର୍ମରେ ବ୍ୟବହାର କରାଯାଇପାରିବ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାଧ୍ୟମରେ ବି ଏହାକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ତେଜସ୍ କାରିଆ ନିର୍ଦ୍ଦେଶ ଦେଇଛନ୍ତି । କିଛି କମ୍ପାନି ଓ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ, ଏପରି ଅପବ୍ୟବହାର ଆର୍ଥିକ ଭାବେ କ୍ଷତି ପହଞ୍ଚାଇବା ସହ ଜଣେ ବ୍ୟକ୍ତିଙ୍କ ସମ୍ମାନ ଓ ଗାରିମାକୁ କ୍ଷୁର୍ଣ୍ଣ କରିଥାଏ। ନୋଟିସ୍ ପାଇବା ପରେ ୭୨ ଘଣ୍ଟା ମଧ୍ୟରେ ଅବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ଗୁଗୁଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟକୁ ମଧ୍ୟ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅଗାମୀ ଜାନୁଆରି ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର ODISHA BHASKAR
# ରାଜ୍ୟ ଖବର



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପଲମା ପଞ୍ଚାୟତରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ଚୌଧୁରୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗ ମିଶି ୧୫ଜଣ ଛାତ୍ରଛାତ୍ରୀ ମୋଟ ୩୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ କନିଷ୍ଠ ବିଭାଗରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ବରିଷ୍ଠ ବିଭାଗରୁ ପ୍ରଥମ, ଦ୍ୱିତୀୟ, ତୃତୀୟ କୃତି ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରିଥିଲେ। ଏଥିରେ ବିଚାରକ ଭାବେ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ଚୌଧୁରୀ, ଦେବଶ୍ରୀ ଚୌଧୁରୀ ଓ ସଞ୍ଜୟ କୁମାର ସେଠୀ ରହିଥିଲେ। କୃତି ଛାତ୍ର ଛାତ୍ରୀମାନେ ପଞ୍ଚାୟତ ସ୍ତରୀୟପରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳରେ ଭାଗନେବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହାକୁ ବିଦ୍ୟାଳୟର ଶ୍ରାବଣୀ ବେହେରା, ପୁଷ୍ପଲତା ନାୟକ, ବାବୁଲା ମେଲ୍କା, ନୀଳମାଧବ ପଣ୍ଡା, ପ୍ରିୟଙ୍କା ରାଉତ, ସଂଯୁକ୍ତା ସୋରେଣ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ହେଡ ଅସୁସ୍ଥ ହେବାରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ନିମନ୍ତେ ରାସ୍ତା ନଥିବାରୁ ଅଗ୍ନିସେବା କର୍ମଚାରିଙ୍କ ଦ୍ୱାରା ଷ୍ଟ୍ରେଚରରେ ବୁହା ହୋଇକି ଯାଇଥିଲେ।



## ପୌରପାଳିକାରେ ନିମ୍ନମାନର ଇଟା ବ୍ୟବହାର ନେଇ ବିଜେପିର ଅଭିଯୋଗ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ପୌରପାଳିକା ଅଧୀନରେ ଥିବା ବିଜେପି କାର୍ଯ୍ୟାଳୟରେ କାଉନସିଲର ତଥା ଜଳେଶ୍ୱର ନଗର ବିଜେପି ସଭାପତି ଶିବ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଜଳେଶ୍ୱର ପୌରପାଳିକାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନିମ୍ନମାନର ଇଟା ବ୍ୟବହାର ଉପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୬ ତାରିଖରେ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିଠି ନମ୍ବର ୨୬୨୦ରେ ଠିକାଦାର ଭାସ୍କର ସ୍ୱାଇଁଙ୍କୁ ବିଲ୍ କୁ ସ୍ଥଗିତ ସଦନରେ ସାଇ ବ୍ରିକ୍ସ ନ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କାରଣ ଉକ୍ତ ଇଟା ଅତ୍ୟନ୍ତ ନିକୃଷ୍ଟ ଏବଂ ନିମ୍ନମାନର ଅଟେ। ଉକ୍ତ ଇଟା ପୌରପାଳିକା ଅଧକ୍ଷ ସ୍ୱାଇଁଙ୍କ ନାମରେ ରହିଛି। ଯାହାକି ୨୦୨୨ ପାଖରୁ ପୌରପାଳିକା ସମସ୍ତ ଅଙ୍ଗନୱାଡ଼ି, ବିଦ୍ୟାଳୟ, ଅନ୍ୟାନ୍ୟ କାର୍ଯ୍ୟରେ କୋଟି କୋଟି ମୂଲ୍ୟର ଟଙ୍କାର ଇଟା ବ୍ୟବହୃତ ହେଉଛି। ଠିକାଦାରମାନେ ଏହି ଇଟାରେ କାର୍ଯ୍ୟ ଗୁଡ଼ିକ ନିର୍ମାଣ ନକଲେ କୁଆଡେ ବିଲ୍ ମିଳିବ ନାହିଁ ସେଥିପାଇଁ ଠିକାଦାରମାନେ ଉଚ୍ଚବିତ ହୋଇ ଏହି ଇଟାକୁ ବ୍ୟବହାର କରି ଆସୁଥିଲେ। ଯାହାର ଦୁର୍ନୀତି ଏବେ ସର୍ବସମ୍ମୁଖକୁ ଆସି ସାରିଛି ବୋଲି ବିଜେପି କହିଛି। ଏ ନେଇ ପୂର୍ବତନ ଜଳେଶ୍ୱର ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହି କହିଛନ୍ତି ସାଇ ବ୍ରିକ୍ସରେ ବ୍ୟବହୃତ କଙ୍କାମାଲ ଏବଂ ସିମେଣ୍ଟକୁ ଲାବକୁ ଟେଷ୍ଟପାଇଁ ନିଅନ୍ତୁ ବୋଲି ଜିଲ୍ଲାପାଳଙ୍କୁ ଦାବୀ ରଖିଛନ୍ତି ଏବଂ ସେତେପର୍ଯ୍ୟନ୍ତ ସାଇବ୍ରିକ୍ସକୁ ସିଲ କରାଯାଉବୋଲି ଦାବି କରିଛନ୍ତି। ପୁଣି ଜଳେଶ୍ୱର ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଗତ ୧୧ ତାରିଖ ଦିନ ଚିଠି ନମ୍ବର ୨୬୮୨ ମୂଳେ ବାଲେଶ୍ୱର ଆରଡି ଡିଭିଜନ ୩ର ନିର୍ବାହୀ ଯନ୍ତ୍ରୀଙ୍କୁ ଆଉ ଏକ ଚିଠିରେ ଲେଖିଛନ୍ତି ଯେ ଜଳେଶ୍ୱର ପୌରପାଳିକା ଅଧୀନରେ ବହୁମୁଖୀ ହଲ୍ ନିର୍ମାଣ ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ବ୍ୟବହୃତ ଇଟା ଏବଂ ସିମେଣ୍ଟ ଭଳି ସାମଗ୍ରୀ ଅତ୍ୟନ୍ତ ଖରାପ। ଯାହା ଦ୍ୱାରା କୋଠାରେ ଅନେକ ଫାଙ୍କା ଦେଖା ଯାଇଛି। ଯାହା କୋଡ୍ ୨.୨.୨୮ ଉଲ୍ଲଂଘନ କରୁଛି ବୋଲି ବିଜେପି ନେତୃମଣ୍ଡଳୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଫାଲଗୁନି ପାଣିଗ୍ରାହି, କାଉନସିଲର ଚନ୍ଦନ ଦାସ, କାଉନସିଲର ପ୍ରତିନିଧି ଆଦିତ୍ୟ ନାରାୟଣ ପାତ୍ର, ପ୍ରାକ୍ତନ ଏବିଭିଓ ବନମାଳି ଧଳ, ଯୁବନେତା ରାଜେଶ ଖଟୁଆ, ସମର କରଣ, ହରିଶଚନ୍ଦ୍ରିନ ବକ୍ସ, ଦେବକାନ୍ତ ଅଣ୍ଡିଆ, ବିଶ୍ୱଭୂଷଣ ଦାସ୍, ତାପସ ପାଣିଗ୍ରାହି, ମୁକ୍ତାରାଣୀ ପାଲ, ନମିତା ଦାସ, ଅଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ସାରସ୍ୱତ ଓ ଚନ୍ଦନଧାରା' ପତ୍ରିକାର ପ୍ରସ୍ତୁତି ବୈଠକ



ଉମରକୋଟ, (ଭାସ୍କର ନ୍ୟୁଜ): ସ୍ଥାନୀୟ ଫକୀରମୋହନ ପଠନଶାଳା, ଆନୁକୂଲ୍ୟରେ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ସାରସ୍ୱତ 'ପାଇଁ ଲେଖା ଆହ୍ୱାନ ଏବଂ ଏମ୍.ହିମାଂଶୁ ଆଚାରୀଙ୍କର 'ଚନ୍ଦନ ଧାରା' ପୂଜାସଂଖ୍ୟା ଉନ୍ମୋଚନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତତ୍ ସହିତ ରାଜ୍ୟ ସ୍ତରୀୟ ଦୈନିକ ଖବର କାଗଜ 'ଅପରାହ୍ନ 'ତରଫରୁ ଶ୍ରୀନିବାସ ପଟ୍ଟନାୟକ ଓ ଏମ୍ . ହିଂମାଶୁ ଆଚାରୀଙ୍କୁ ପସ୍ତୁତି ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷ କରି ଫକୀରମୋହନ ପଠନଶାଳା ,ଉମରକୋଟର ବାର୍ଷିକ ମୁଖପତ୍ର ସାରସ୍ୱତର ୧୮ତମ ସଂଖ୍ୟାକୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା 'ଶିକ୍ଷା ଓ ସାହିତ୍ୟର ଯୁଗଳ ବନ୍ଦୀ') କରାଯାଉଥିବାରୁ ଲେଖକ ଲେଖିକାମାନେ ଶିକ୍ଷା ଭିତ୍ତିକ ଲେଖା ସେପ୍ଟେମ୍ବର ୨୦ ତାରିଖ ମଧ୍ୟରେ ସମ୍ପାଦକଙ୍କୁ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ସାଗର କୁମାର ପରିଡ଼ା, ବିବେକାନନ୍ଦ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ, ମହାନନ୍ଦ ମହାଳିକ, ଶ୍ରୀମତୀ ନୟନବାଳା ମଲ୍ଲିକ ପ୍ରମୁଖ ବୈଠକରେ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।

## ପୋଲିସ ଭୟରେ ଗ୍ରାମାଞ୍ଚଳ ମୁହାଁ ଦୁର୍ଦ୍ଦାନ୍ତ ଅପରାଧୀ

ନିଆଲି, (ଭାସ୍କର ନ୍ୟୁଜ): ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଟ୍ୱିନସିଟି ପୋଲିସ ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଉଥିବାରୁ ଗିରଫ ଭୟରେ ଦୁର୍ଦ୍ଦାନ୍ତ ଅପରାଧୀ ଓ ଜେଲ ଫେରନ୍ତା ଆସାମୀମାନେ ଟ୍ୱିନସିଟିର ଆଖ ପାଖ ଅଞ୍ଚଳରେ ଲାଗିରହିଥିବା ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନିଆଲି ଥାନା ଅଧିନସ୍ଥ ଦେବୀ କଲକ ଦାପାଞ୍ଚଳରେ ଅପରାଧିଙ୍କ ଆଶ୍ରୟସ୍ଥଳୀ ପାଲଟି ଗଲାଣି। ସ୍ଥାନୀୟ କିଛି ଦୁର୍ଦ୍ଧାନ୍ତ ଅପରାଧୀ ଓ ଜେଲ ଫେରନ୍ତା ଆସାମୀଙ୍କ ସହଯୋଗ ସୂତ୍ରରୁ ସେମାନଙ୍କ ସହିତ ଦାପାଞ୍ଚଳର ବିଭିନ୍ନ ଛକ କଡ଼ାରେ ବୁଲିବା ଆରମ୍ଭ କଲେଣି। ନିଆଲି ଥାନା ଅଧିନସ୍ଥ ଏରଅ, କସର୍ଦା, ସିଠାଳ, କୁଳଶ୍ରୀ ବ୍ରିଜ, ପଦ୍ମକଣ, ଆଳି ପିଙ୍ଗଳ, ନାଟି, ମାଗୁରାକୁଦ ଅଞ୍ଚଳରେ ଜିଲ୍ଲା ବାହାରର ଅପରାଧୀମାନେ ଆସି ସ୍ଥାନୀୟ ଅଞ୍ଚଳରେ ଅପରାଧୀଙ୍କ ସହିତ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ଯାହାଙ୍କ ନାମରେ ମାମଲା ଅଭିଯୋଗ ରହିଛି। ସ୍ଥାନୀୟ ଲୋକମାନେ ଏମାନଙ୍କୁ ଦେଖି ଭୟଭୀତ ହୋଇ ରହିଛନ୍ତି। ଏହି ଅପରାଧୀମାନେ ଜିଲ୍ଲା ବାହାରର ଅପରାଧୀଙ୍କ ସହଯୋଗ ରହିଥିବାରୁ ବଡ଼ ଧରଣର ଅପରାଧ ଘଟାଇ ବାକୁ ପଛାଇବେ ନାହିଁ। ନିଆଲି ଥାନା ପୋଲିସ ଓ ସଦର ଏସଡିପିଓ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ଅପରାଧୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାଶହ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ସ୍ଥାନୀୟ ଜନ ସାଧାରଣ ନିଜ ନାମ ଗୋପନ ରଖି ଗଣ ମାଧମକୁ କହିଛନ୍ତି।

## ବିକଟାଳ ବାଇକ୍ ଶବ୍ଦରେ ଫାଟି ପଡୁଛି ବଜାର, ପଥଚାରୀ ଭୟଭୀତ



କାକଟପୁର, (ଭାସ୍କର ନ୍ୟୁଜ): ବୟସ ୧୫ ଛୁଇଁନି ସେଲେ ଦାମୀ ବାଇକ୍ ଧରି ବଜାର ସାରା ବିକଟାଳ ଶବ୍ଦ କରି ଦ୍ରୁତ ଗତିରେ ବୁଲୁଛନ୍ତି ଅମାନିଆ ନାବାଳକ ବାଇକ୍ ଚାଳକ। ବିଭିନ୍ନ ବେସରକାରୀ ସ୍କୁଲରେ ପଢୁଥିବା ବାର ତେର ବର୍ଷର ପୁଅ ଓ ଝିଅ ବି ସ୍କୁଟି, ବୁଲେଟ୍, ପଲସର, ୟାମାହା ଏଫଜେଡ୍ , କେଟିଏମ୍ ଆଦି ଦ୍ରୁତଗାମୀ ଓ ଦାମିକିଆ ବାଇକ୍ ଚଳାଉଛନ୍ତି। ଏହି ନାବାଳକ, ନାବାଳିକା ବାଇକ୍ ଓ ସ୍କୁଟି ଚାଳକଙ୍କ ଯୋଗୁଁ ବଜାରରେ ଟ୍ରାଫିକ୍ ସମସ୍ୟା ସହ ଛୋଟବଡ ଦୁର୍ଘଟଣା ଗତ କିଛିଦିନ ହେବ ନିୟମିତ ହୋଇଛି। କାକଟପୁର ଅଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଖରେ ହାତରେ ମୋବାଇଲ୍ ଓ ସ୍କୁଲ, କଲେଜ ଯିବା ପାଇଁ ବାଇକ୍ ଓ ସ୍କୁଟି ରହିଛି। ଅଭିଭାବକମାନେ ପିଲାଙ୍କ ପାଇଁ ସମୟ ଦେଇ ନପାରି ସ୍କୁଲ, କଲେଜ , ଟ୍ୟୁସନ୍, ଟ୍ୟୁଟୋରିଆଲ୍, କମ୍ପ୍ୟୁଟର କ୍ଲାସ୍ ଆଦିକୁ ଯିବା ପାଇଁ ସେମାନଙ୍କ ଦାବି ମୁତାବକ ଗାଡିକିଣି ଦେଉଛନ୍ତି। ଏଭଳିକି ଏମାନେ ପୁଣି ବିନା ହେଲମେଟରେ ଅତ୍ୟନ୍ତ ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଲଗାଇ ଦ୍ରୁତଗତିରେ ଯାଉଛନ୍ତି ଯାହାଫଳରେ ପଥଚାରୀମାନେ ଅତ୍ୟନ୍ତ ଭୟଭୀତ ହୋଇପଡୁଛନ୍ତି। ପିଲାମାନେ ଗାଡ଼ି ଧରି କଣ କରୁଛନ୍ତି, କେଉଁଠିକୁ ଯାଉଛନ୍ତି, ଟ୍ରାଫିକ ମାନୁଛନ୍ତି ନା ନାହିଁ, କଲେଜ, ସ୍କୁଲ ନାଁରେ କେଉଁଟିକୁ ଯାଉଛନ୍ତି ଆଦି ଯାଞ୍ଚ କରୁନାହାନ୍ତି ଅଭିଭାବକ। ଏପରିକି ଗତ କିଛି ଦିନ ହେବ ଏହି ପିଲାମାନେ ଦଳଦଳ ହୋଇ ଦ୍ରୁତ ବାଇକରେ ପ୍ରତିଯୋଗିତା ବି କରୁଥିବା ଦେଖିବାକୁ ମିଳିଛି। ତେଣୁ ବେପରୁଆ ଗାଡି ଚାଳନା ଯୋଗୁଁ ବହୁ ସମୟରେ ଛୋଟବଡ ଦୁର୍ଘଟଣା ସଂଘଟିତ ହେଉଛି। ସେଭଳି ବଜାର ମଧ୍ୟରେ ଦ୍ରୁତ ଗତିରେ ଏମାନେ ବାଇକ୍ ଚଳାଇ ଅନ୍ୟ ବାଇକ ଚାଳକଙ୍କୁ ଅସୁବିଧାରେ ପକାଉଥିବା ଦେଖିବାକୁ ମିଳିଛି। ଏତେ ଦ୍ରୁତ ଗତିରେ ଏମାନେ ଯାଉଛନ୍ତି ଯେ ଏମାନେ ଯିବା ସମୟରେ ଅନ୍ୟମାନେ ଯିବାକୁ ଭୟ କରୁଛନ୍ତି। ଯଦିଓ ପୁଲିସ ପକ୍ଷରୁ କିଛି ସମୟରେ ଯାଞ୍ଚ କରାଯାଉଥିଲେ ହେଁ ଏହା ଅଳ୍ପ କିଛି ସମୟ ପାଇଁ। ଏହି ସମୟରେ ଏହି ନାବାଳକମାନେ ଅନ୍ୟ ଗଳି ରାସ୍ତାରେ ଯିବା ଆସିବା କରୁଛନ୍ତି। କାକଟପୁର ପୋଲିସ ପକ୍ଷରୁ ଯାଞ୍ଚକୁ ନିୟମିତ କରିବା ସହିତ ଅମାନିଆ ନାବାଳକ ବାଇକ୍ ଚାଳକଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପଣ୍ଡିତ ପଦ୍ମନାଭଙ୍କ ପରଲୋକ



ଆଳି, (ଭାସ୍କରନ୍ୟୁଜ): ଆଳି ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ରାଜକନିକା ବ୍ଲକ୍ ଚରପଡା ଗ୍ରାମପଞ୍ଚାୟତ ଅଧୀନ ରସିକନଗର ଗ୍ରାମର ଜଣେ ବରିଷ୍ଠ ଶିକ୍ଷାବିତ୍, ବୟୋଜ୍ୟେଷ୍ଠ ଧର୍ମପ୍ରାଣ ବ୍ୟକ୍ତି ତଥା ସାମ୍ବାଦିକ ଓ ସୂଚନାକର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟଙ୍କ ପିତା ପଣ୍ଡିତ ପଦ୍ମନାଭ ଆଚାର୍ଯ୍ୟଙ୍କର ଗତକାଲି ରାତିରେ ୮୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ପଦ୍ମନାଭ ଜଣେ ଧର୍ମ ପରାୟଣ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଆଜି ଆଳି ବ୍ଲକ୍ ସ୍ଥିତ ମହୁ ଗ୍ରାମରେ ଥିବା ଭଡାଘରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ବିୟୋଗରେ ଆଳିବ୍ଲକର ମହୁ ସହିତ ତାଙ୍କ ଜନ୍ମମାଟି ଚରପଡା ଓ ସେ ଶିକ୍ଷକଥିବା ଦେଉଳତରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ସଖାଳୁ ତାଙ୍କୁ ତାଙ୍କ ଜନ୍ମମାଟିକୁ ନେବା ସମୟରେ ଦେଉଳତରା ବିଦ୍ୟାଳୟ ନିକଟରେ ପୂରାତନ ଛାତ୍ର ଓ ଶିକ୍ଷକମାନେ ତାଙ୍କୁ ବିଦ୍ୟାଳୟକୁ ନେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ତାଙ୍କ ଜନ୍ମମାଟିରୁ ସେ ଶେଷ ବିଦାୟ ନେବାପରେ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରଠାରେ ପରିବାର ବର୍ଗ ଓ ପ୍ରିୟ ପରିଜନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନାତି ଦିବ୍ୟରଞ୍ଜନ ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ।

## ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ



ଭଦ୍ରକ (ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷକ ବିଭାଗ ଆନୁକୁଲ୍ୟରେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳି ବିକାଶ କମିଟି ବୈଠକ ଆଜି ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସଭାରେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓଏସ୍‌ଡି ନୀତିଶ କୁମାର ତ୍ରିପାଠୀ, ତିହିଡି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକ ସମେତ ପୂର୍ତ୍ତବିଭାଗ, ଶିକ୍ଷା ବିଭାଗ, ସମାଜ ମଙ୍ଗଳ ଅଧିକାରୀଣୀ, କୃଷି ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଜଳ ନିକାଶନ, ପଶୁ ସଂପଦ, ଉଦ୍ୟାନ ବିଭାଗ, ମିଶନ ଶକ୍ତି, ବିଦ୍ୟୁତ୍ ବିଭାଗ, କର୍ମ ନିୟୋଜନ ବିଭାଗ, ଆଖୁଆପଦା ଜଳସେଚନ ବିଭାଗ, ଖଣିଜ ଦ୍ରବ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମୃର୍ତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ହସ୍ତତନ୍ତ ବିଭାଗ, ଓରମାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ବିଭିନ୍ନ ବିଭାଗର ଯୋଜନାଗୁଡିକ ଉପରେ ସମୀକ୍ଷା ହୋଇଥିଲା। ଏହି ସମୀକ୍ଷାରେ ହସ୍ତତନ୍ତ, ମିଶନ ଶକ୍ତି, କୃଷି, କର୍ମ ନିୟୋଜନ, ସ୍ୱାସ୍ଥ୍ୟ, ପୂର୍ତ୍ତି, ଶିକ୍ଷା, ଗମନାଗମନ, ପାନୀୟଜଳ ଓ ପରିମଳ, ପ୍ରଧାନମନ୍ତ୍ରୀ କର୍ମ ସୃଜନ ଯୋଜନା, ମତ୍ସ୍ୟ, ପଶୁ ସମ୍ପଦ, ଅଙ୍ଗନବାଡି, ଓରମାସ, ଉଦ୍ୟାନ, ମାଛ ଚାଷ, ଝୋଟ, ଛତୁ, ସାରୁ, ଆଖୁ ଚାଷ ଆଦି ବିଭିନ୍ନ ପ୍ରକଳ୍ପ ଗୁଡିକ, କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା କୃଷି କ୍ଷେତ୍ରରେ ଅବଗତ ହେବାପାଇଁ ମହାବିଦ୍ୟାଳୟ ସ୍ତରରେ ଛାତ୍ର ଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୈଠକରେ ସୂଚନା ଦେଇଥିଲେ। ମାଛ ଓ ଶୁଖୁଆର ବିକ୍ରି ନିମନ୍ତେ ବଜାର ସୃଷ୍ଟି କରିବା, ଗୋଶାଳାଠାରେ ଆୟୋଲା ଚାଷ ବିଷୟରେ ପ୍ରଶିକ୍ଷଣ ଦେବା, ବାୟୋ ଗ୍ୟାସ ଉଦ୍ୟୋଗ ସୃଷ୍ଟି କରିବା, ଲେବର କାର୍ଡର ଗୁରୁତ୍ୱ, ଉତ୍ତାର ଗୃହ ସେବା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କୃଷି ଶିକ୍ଷ, ସିଲାଇ ଶିକ୍ଷା, ଶିଶୁ ବାଟିକା, ନିରନ୍ତର ବିଦ୍ୟୁତ୍ ସେବା, ଧାମନଗର ନିର୍ବାଚନ ମଣ୍ଡଳୀର ସମସ୍ତ ରାସ୍ତା ଓ ଡ୍ରେନର ଉନ୍ନତି ଉପରେ ସମୀକ୍ଷା କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି, ହିତାଧିକାରୀମାନେ କିଭଳି ବିଭିନ୍ନ ସରକାରୀ ସୁବିଧା ପାଇପାରିବେ ଆଦି ବିଷୟ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଶେଷରେ ଉପଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ଉଠା ଜଳସେଚନ ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ କଲେ ଅଧିକାରୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ କୌଣସି କଳ କାରଖାନା ନାହିଁ, ଏଣୁ ମୟୂରଭଞ୍ଜ ଜିଲ୍ଲାର ଲୋକ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଚାଷ ଉପରେ ହିଁ ନିର୍ଭର କରି ଚଳନ୍ତି। ଖରିଫ୍ ଋତୁରେ ଚାଷୀମାନେ ଅଧିକ ଚାଷ କରିଥାନ୍ତି; କାରଣ ବର୍ଷା ହିଁ ଚାଷ ପାଇଁ ଏକ ମାତ୍ର ବିକଳ୍ପ। ରବି ଋତୁରେ ପାଣି ସମସ୍ୟା ଯୋଗୁଁ ସବୁଠି ଚାଷ ସମ୍ଭବପର ହୋଇ ନ ଥାଏ। ଚାଷୀ ଜଳ ସେଚନର ସୁବିଧା ନପାଇ ହାତ ବାନ୍ଧି ଘରେ ବସେ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ବୁଢ଼ାମର। ଗ୍ରାମପଞ୍ଚାୟତ ଶଙ୍କରପୁର ଗ୍ରାମର ରଘୁନାଥପୁର ଚାଷୀଙ୍କ ଚାଷ ଜମି ବୈତରଣୀ ନଦୀ କୂଳରେ ରହିଛି କିନ୍ତୁ ଗୋଟାଏ ଉଠା ଜଳସେଚନ ପ୍ରକଳ୍ପ ସମସ୍ତ ଜମିକୁ ପାଣି ଯୋଗାଇ ପାରୁ ନ ଥିଲା। ଯାହା ଫଳରେ ଅଧିକାଂଶ ଜମି ପଡ଼ିଆ ପଡୁଥିଲା। ଚାଷୀ ମାନେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଶେଷରେ ଚାଷୀଙ୍କ ଆବେଦନ ଅନୁଯାୟୀ ବିଭାଗୀୟ ଅଧିକାରୀ ରଘୁନାଥପୁର ଚାଷୀଙ୍କ ପାଇଁ ଦ୍ୱିତୀୟ ଉଠା ଜଳସେଚନ ପ୍ରକଳ୍ପର ମଞ୍ଜୁରୀ ଦେଇଛନ୍ତି। କରଞ୍ଜିଆ ଉଠା ଜଳ ସେଚନ ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୁପ୍ରକାଶ ମହାନ୍ତ ଏବଂ କନିଷ୍ଠ ଯନ୍ତ୍ରୀ (ବିଦ୍ୟୁତ୍) ସଦାନନ୍ଦ ମହାନ୍ତ ନୂତନ ଉଠା ଜଳ ସେଚନ ପ୍ରକଳ୍ପ ପାଇଁ ଜାଗା ନିରୂପଣ ସହିତ ପାର୍ଶ୍ୱ ପରିଦର୍ଶନ କରି ଫେରିଛନ୍ତି। ସେହି ସମୟରେ ଶଙ୍କର ପୁର ଗ୍ରାମର ଶିବ ପ୍ରସାଦ ମହାନ୍ତ, ଜଗବନ୍ଧୁ ମହାନ୍ତ, ହୃଦାନନ୍ଦ ମହାନ୍ତ, ତରଣୀ ସେନ ମହାନ୍ତ, ରୁନା ମହାନ୍ତ ଏବଂ ସୁବ୍ରତ ମହାନ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦିବାସୀ ନାରୀଙ୍କୁ ସଶକ୍ତ କରୁଛି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍



ବ୍ୟାସନଗର, (ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ବିର୍ସାମୁଣ୍ଡା ପୁନର୍ବାସନ କଲୋନୀ, ଗୋବରଘାଟିର ଦୁଇଜଣ ଆଦିବାସୀ ଗୃହଣୀ ମୀରା ସୋୟ ଓ ରେସ୍ମା ଜାମୁଦା, ନିକଟରେ ମହାରାଷ୍ଟ୍ରର ଔରଙ୍ଗାବାଦ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଅଇଏଚଏମ)ରେ ୧୦ ଦିନିଆ 'ଦକ୍ଷତା ବିକାଶ କର୍ମଶାଳା' ସମ୍ପୂର୍ଣ୍ଣ କରିଛନ୍ତି। ଏହି କର୍ମଶାଳା, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ଇଣ୍ଡିଆନ୍ ହୋଟେଲସ କମ୍ପାନୀ ଲିମିଟେଡ୍ (ଅଇଏଚସିଏଲ)ଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।ମୀରା ସୋୟ ଓ ରେସ୍ମା ଜାମୁଦା, ୧୯ ଜଣିଆ ଗୃହିଣୀଙ୍କ ଦଳର ଏକ ଅଂଶ ଥିଲେ, ଯେଉଁମାନେ ସାତଟି ଭିନ୍ନ ବର୍ଗ (ଅସୁର, ମହାଦେବ କୋଳି, ରାଭା, ହୋ, ସନ୍ଥାଳ, ଉରାଓଁ ଓ କର୍ବି)ର ପ୍ରତିନିଧିତ୍ୱ କରୁଥିଲେ। ଯେଉଁମାନେ କି ଓଡିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମେଘାଳୟ ଓ ମହାରାଷ୍ଟ୍ର ଆଦି ଅଞ୍ଚଳରୁ ଆସିଥିଲେ। ଗତ ଆଠ ବର୍ଷଧରି, ଏହି ଦୁଇଜଣ ମହିଳା ଜାମଶେଦପୁରର ସମ୍ବାଦ – ଆଦିବାସୀ ସମ୍ମିଳନର ଟ୍ରାଇବାଲ୍ କୁଇଜିନ୍ ପ୍ରୋଗ୍ରାମ୍ ଓ କଳିଙ୍ଗନଗରର ଆଦିବାସୀ ପରିଚୟ ପ୍ରୋଗ୍ରାମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଆସୁଛନ୍ତି। ସେମାନଙ୍କର ରୋଷେଇ କୌଶଳ, ସେମାନଙ୍କୁ ବିଗତ ପାଞ୍ଚବର୍ଷରେ ପ୍ରାୟ ୬.୭୫ ଲକ୍ଷ ଟଙ୍କାର ରୋଜଗାର କରିବାରେ ସହାୟତା କରିଛି । ସେମାନେ ଗୁରୁ କୂଳ, ଲାକୋ ବୋଦ୍ରା ଜୟନ୍ତୀ, ବିର୍ସା ମୁଣ୍ଡା ଜନ୍ମଜୟନ୍ତୀ ଓ ହୋ ନବବର୍ଷ ଉତ୍ସବ ପରି ଅନେକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଉତ୍ସବରେ ଆଦିବାସୀ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦାନ କରିଥାନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗରେ, ମୀରା ସୋୟ ଓ ରେସ୍ମା ଜାମୁଦା ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରତୀକ ସାଜିପାରିଛନ୍ତି।

## ସ୍କୁଲ ପରିସରରେ ଚାରାରୋପଣ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍ ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅଧିନସ୍ଥ ସେମିଳିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳ୍ପତରୁ ନାୟକ ଓ ସହକାରୀ ଶିକ୍ଷକ ପ୍ରବୀର ମଣ୍ଡଳଙ୍କ ସମେତ ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ସେଠି ଏବଂ ଗଣେଷ ଚନ୍ଦ୍ର ଜେନା ଅବସର ପ୍ରାପ୍ତ ଦୁଇଜଣ ବରିଷ୍ଠ ଶିକ୍ଷକ ଯୋଗଦେଇଥିଲେ। ପିଲାମାନଙ୍କୁ ବିଭିନ୍ନ ପ୍ରକାର ଫଳ ଗଛ ଓ ଔଷଧୀୟ ବୃକ୍ଷର ଉପକାରିତା ସମ୍ବନ୍ଧରେ ବୁଝାଇ କହିଥିଲେ। ପରେ ବିଦ୍ୟାଳୟ ପରିସରରେ ଆମ୍ବ, ନିମ୍ବ, ଅଁଳା, ପିଜୁଳି ଭଳି ବିଭିନ୍ନ ପ୍ରକାର ଚାରା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ରୋପଣ କରାଯାଇଥିଲା।

## ପାଳନ ହେବ ନୂଆଁଖାଇ ଭେଟଘାଟ୍ 'ମୁହୁରୀ ୨୦୨୫'



ବେଲପାହାଡ,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ମୁହୁରୀ ପରିବାର ପକ୍ଷରୁ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ ସ୍ଥିତ ରନ୍ ମଣ୍ଡପଠାରେ ହେବାକୁ ଥିବା ୨ୟ ତମ ନୂଆଁଖାଇ ଭେଟଘାଟ୍ 'ମୁହୁରୀ ୨୦୨୫' ପାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ ତାରିଖ ଦିନ ଅପରାହ୍ନ ୩ ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରସ୍ତୁତ ଷ୍ଟଲ ଗୁଡିକରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟର ପ୍ରଦର୍ଶନ ସହିତ ଲୋକନୃତ୍ୟ, ଗୀତ, ବାଦ୍ୟ, ହାସ୍ୟା ରସାତ୍ମକ ଆଜି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି। ଏଥିପାଇଁ ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାରର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି।ସାମ୍ବାଦିକ ସମ୍ମିଳନୀରେ ମୁହୁରୀ ପରିବାରର ଉପଦେଷ୍ଟା ପ୍ରମୋଦ ସେନାପତି, ସଭାପତି ସୌଭାଗ୍ୟ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ମନୋଜ ପାଣ୍ଡେ, କୋଷାଧକ୍ଷ ପ୍ରେମ ଅଗ୍ରୱାଲଙ୍କ ସମେତ ଖୁସିରାମ ମେହେର, ସୌମ୍ୟ ରଞ୍ଜନ ସାହୁ, ମନୋଜ ପଟେଲ, ଡୋଳାମଣି ମେହେର, ଅକ୍ଷୟ ଗିରି, ଲିପୁନ ସାହୁ, ଜିକେସ ବୁଦ୍ଧିଆ, କୁନୁ ସାହୁ, ସଞ୍ଜୟ ଅଗ୍ରୱାଲ, ବିଜୟ ବେହେରା, ବିକାଶ ସ୍ୱାଇଁ, କାହ୍ନୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଆକର୍ଷଣ ଅତିଥିଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭିସୁଟ ଆସିଷ୍ଟାଣ୍ଟ ପ୍ରଫେସର ଡା. ଶଙ୍କର ରାମ ଚନ୍ଦାନି, ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ, ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ପ୍ରମୁଖ ଯୋଗଦାନ କରିବାର ଯୋଜନା ରହିଛି।

## ପାନ ଦୋକାନରେ ଗଞ୍ଜେଇ ବିକ୍ରି କରି ଜଣେ ଗିରଫ୍



ଟାଙ୍ଗୀଚୌଦ୍ୱାରେ, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ମାଧପୁର ଛକରେଥିବା ଏକ ପାନ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବାର ଖବରପାଇ ଟାଙ୍ଗୀଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଥାନା ଏସ୍‌ଆଇ ହମନ୍ତ ସାମଲ ଉକ୍ତ ଦୋକାନ ଉପରେ ଚଢ଼ାଉକରି ଦୋକାନରେ ଗଛିତ ଥିବା ୧କିଲୋ ୪୦୦ଗ୍ରାମର ଗେଞ୍ଜାଇ ଯାହାର ଆନୁମାନିକ ମୂଲ୍ୟ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ତାହାକୁ ଜବତ କରିଛନ୍ତି। ପାନ ଦୋକାନରେ ଗେଞ୍ଜାଇ ବ୍ୟବସାୟକରୁଥିବା ତପନ ବେହେରା (୫୭)କୁ ପୋଲିସ୍ ଗିରଫ କରିଛନ୍ତି। ଥାନା ଅଧିକାରୀ ଭଦ୍ର ପ୍ରକାଶ କରିଛନ୍ତି ।

## କୃଷିଭିତ୍ତିକ ପର୍ବ ବାଲିଯାତ୍ରା ପାଳିତ



ରାମନାଗୁଡା, (ଭାସ୍କର ନ୍ୟୁଜ୍): ବ୍ଲକ ଗୋସାଇଁ ଗୁଲୁମୁଣ୍ଡା ପଞ୍ଚାୟତ ସଦର ମହକୁମାଠାରେ କୃଷିଭିତ୍ତିକପର୍ବ ବାଲିଯାତ୍ରା ତଥା ମାଁ ମଝିଘରିଆଣୀ ଏକ ଦିନିଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଶୁକ୍ଳଭୋଗ ସହିତ କୁକୁଡା,ଛେଳି ବଳିଦେଇ ପୂଜାର୍ଚ୍ଚନା କରାଯାଇଛି। ପୂଜକ ନିଆଁରେ ଚାଲିବା ସହ କଣ୍ଟା ଦୋଳିରେ ଝୁଲିଛନ୍ତି।ଏହା ଦେଖିବାକୁ ଶତାଧିକ ଲୋକଙ୍କ ଗହଳି ହୋଇଥିଲା। ମାଁ ମଝିଘରିଆଣୀଙ୍କ ଖଣ୍ଡା ଧରି ପୂଜକ ଗ୍ରାମ ପରିକ୍ରମା କରିଥିଲେ। ଆଜିର ଏହି ବାଲିଯାତ୍ରାରେ ପୂଜକଭାବେ କୋଲନରାର ଶିବେଶ୍ୱର ନେମାଲପୁରୀ, ରାଜକୁମାର ହୁଇକା, ବେଣୁଧର କଣ୍ଡାଗରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ନାଗରିକ ଗୋବିନ୍ଦ ସେନାପତି,ରାମାରାଓ ପାଲକା,ବିଶିକେଶନ ରଥ, ଭାସ୍କରରଥ, ମାଧବ ସେନାପତି, ସମ୍ବିତ ସେନାପତି, ପଦ୍ମନ ସେନାପତି, ଡମ୍ବରୁଧର ସେନାପତି, ଦୁର୍ଗାପ୍ରସାଦ ମିଶ୍ର, ସନ୍ତୋଷ ତ୍ରିପାଠୀ, ନିଖିଲ ରଥ, ସାହିଲ ରଥ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା ଭାର ବିଶ୍ୱନାଥ ସେନାପତି ତୁଲାଇଥିଲେ। ଦୀର୍ଘ ୪୫ବର୍ଷହେଲା ଯାତ୍ରା ପାଳିତ ହୋଇଆସୁଛି। ଚଳିତବର୍ଷ ବର୍ଷା କାରଣରୁ ଲୋକଙ୍କ ଭିଡ଼ ସାମାନ୍ୟ କମ ରହିଥିଲା। ପୂର୍ବରୁ ପୂଜକ କେବଳ ନିଆଁ ଉପରେ ଚାଲୁଥିଲେ।ଏବେ କିନ୍ତୁ ଆଧୁନିକ ଢାଞ୍ଚାରେ ଯାତ୍ରା ପାଳିତ ହେଉଛି। ପର୍ବପର୍ବାଣି ଧିରେ ଧିରେ ଲୋପପାଇ ଆସୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଏଠାରେ ବଞ୍ଚି ରହିଛି।

## ଛାତି ଯନ୍ତ୍ରଣାରେ ଗଣିତ ଶିକ୍ଷକଙ୍କ ମୃତ୍ୟୁ



ବନ୍ଧୁଗାଁ , (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ ବାଳକ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅତିଥି ଗଣିତ ଶିକ୍ଷକଙ୍କ ଛାତି ଯନ୍ତ୍ରଣା ରେ ମୃତ୍ୟୁ ହୋଇଯାଇଛି। ସୁଚନା ଅନୁଯାୟୀ ଆଜି ମଧ୍ୟାହ୍ନ ସମୟରେ ଅଭିରାମ ମାଣ୍ଡିଙ୍ଗି ୩୦ ବର୍ଷ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇ ଖାଇବାକୁ ଆସୁଥିବା ବେଳେ ବିଦ୍ୟାଳୟ ବାରଣ୍ଡାରେ ପେଟବ୍ୟଥାସହ ଛାତିଯନ୍ତ୍ରଣା ହୋଇଥିଲେ। ସେହି ସମୟରେ ବିଦ୍ୟାଳୟର କିରାଣୀ ପ୍ରୀତି ରଞ୍ଜନ ଜେନା ପାଖରେ ଉପସ୍ଥିତ ରହି ଥିଲେ। ପରେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସକୁ ଫୋନ କରିବାରୁ ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ପ୍ରିନ୍ସପାଲ ସରଜ କୁମାର ତରାଇଙ୍କ କାର୍‌ରେ ନିଳାବାଡି ଗ୍ରାମ ପର୍ଯ୍ୟନ୍ତ ଆସୁଥିବା ବେଳେ ବାଟରେ ଆମ୍ବୁଲାନ୍ସକୁ ଦେଖି ଅଭିରାମଙ୍କୁ ଛଡାଇ ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ପହଞ୍ଚାଇ ଥିଲେ। ସେଠାରେ ଡ଼ା ଅଜୟ ଜେନା ଦେଖିବା ପରେ ମୃତ ଘୋଷଣା କରିଥିଲେ। ମୃତ ଅଭିରାମ ମାଣ୍ଡିଙ୍ଗିଙ୍କ ରାୟଗଡ଼ା ଜିଲ୍ଲା, କଳନରା ବ୍ଲକ, ଚାନ୍ଦିଲି ଥାନା, ସିନ୍ଧୁବାଇ ଗ୍ରାମର ଅଟନ୍ତି।



# ଆମ କଳାହାଣ୍ଡି







# ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅଭିମୁଖୀକରଣ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ସ୍ୱେଚ୍ଛାସେବୀ ମାନଙ୍କୁ ଦେଶର ପ୍ରଗତିରେ ଜାତୀୟ ସେବା ଯୋଜନାର ଭାଗିଦାରୀତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଏହାର ଇତିହାସ, ଲକ୍ଷ୍ୟ, ଉଦ୍ଦେଶ୍ୟ, ଅଭିମୁଖ୍ୟ ଓ ପରିସର ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ ଓ ମିକୁ ମିଶ୍ର ନିଆଲ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମୁଦାୟ ୧୭୫ ଜଣ ଛାତ୍ରଛାତ୍ରୀ ଏହି ଅବିମୁଖୀକରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହା ଏନ୍‌ଏସ୍‌ଏସ୍ ବ୍ୟୁରୋ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଯାହାକି ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱରର ପରିସରଭୁକ୍ତ। ଶେଷରେ ଏହାର ସଫଳତା ପାଇଁ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




## ମୁକୁନ୍ଦପୁର ରାସ୍ତା ନିର୍ମାଣ ପାଇଁ ଦାବି

# ୧୦ଦିନରେ ଦାବି ପୂରଣ ନହେଲେ ରାସ୍ତାରୋକ ଚେତାବନୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ୧୭ଗୋଟି ଗାଁ ଲୋକଙ୍କ ପାଇଁ ଗତ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଟେଣ୍ଡର ନେଇଥିବା ଠିକାଦାର ନିଜର ପାଞ୍ଚବର୍ଷ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ତ ଦୂରର କଥା ଏହାର ସାମାନ୍ୟ ମରାମତି ମଧ୍ୟ କଲେ ନାହିଁ। ଫଳରେ ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଥିଲା। ସେଇଦିନଠୁ ଆଜିକୁ ଛଅବର୍ଷ ହେଲା ଏହି ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡିଛି। ଏପରିକି ସାତ କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହ ଶହ ଖାଲଖମା ଭରି ରହିଥିବାବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡିଛି। ରାସ୍ତାରେ କୌଣସି ଯାନବାହନ ଯିବା ଅସମ୍ଭବ ହୋଇଯାଉଥିବାବେଳେ ରୋଗୀ, ଗର୍ଭବତୀ ମହିଳାଙ୍କୁ ନେବା ଆଣିବା ପାଇଁ ଅଞ୍ଚଳକୁ ଆମ୍ବୁଲାନ୍ସଟିଏ ଆସି ପାରୁନାହିଁ। ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜ ଯିବାକୁ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାକୁ ନେଇ ଅଞ୍ଚଳର ୧୭ ଗୋଟି ଗାଁର ପ୍ରାୟ ପାଞ୍ଚ ହଜାର ଲୋକେ ମରଣ ଯନ୍ତ୍ରଣା ଭୋଗୁଥିବାବେଳେ ବାରମ୍ବାର ଦାବି ଓ ଅଭିଯୋଗ ପରେ ବି ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଦୃଷ୍ଟିପାତ କରୁନାହିଁ। ରାସ୍ତା ସମସ୍ୟାକୁ ନେଇ ତା. ୦୬. ୦୬. ୨୦୨୫ ରିଖ ଓ ତା. ୨୧. ୦୭. ୨୦୨୫ରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ଲୋକେ। ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଉଥିବାବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ଦଶ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆନଗଲେ ଭବାନୀପାଟଣା-ରାୟଗଡା ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏହି ସମୟରେ କୌଣସି ଅଘଟଣ ଘଟିଲେ ପ୍ରଶାସନ ସଂପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ସେମାନେ ଦର୍ଶାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଅଞ୍ଚଳର ଶତାଧିକ ଲୋକେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଲାଞ୍ଜିଗଡ଼ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅର୍ଥ ଅଧିକାରୀ ନୀଳାମ୍ବର ଜାନୀ ଓ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।



### ପୋଖରୀବନ୍ଧ ପଞ୍ଚାୟତବାସୀଙ୍କ ଆନ୍ଦୋଳନକୁ ଲାଞ୍ଜିଗଡ଼ ପ୍ରେସ କ୍ଲବର ସମର୍ଥନ

ଲାଞ୍ଜିଗଡ଼ ବ୍ଲକର ରାସ୍ତା ସମସ୍ୟାକୁ ନେଇ ରାଜ୍ୟର ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ ଭବାନୀପାଟଣାସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଥିବାବେଳେ ପ୍ରେସ କ୍ଲବର ଏହି ଆନ୍ଦୋଳନ ଡାକରାକୁ ବ୍ଲକର ୨୬ ଗୋଟି ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି ଅଭୁତପୂର୍ବ ଜନ ସମର୍ଥନ। ଏପରିକି ଲୋକେ ସ୍ୱତଃସ୍ଫୁର୍ତ୍ତ ଭାବେ ଆଗେଇ ଆସୁଥିବାବେଳେ ଆଜି ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ୧୭ଗୋଟି ଗାଁର ଲୋକେ ନିଜ ଅଞ୍ଚଳର ରାସ୍ତା ସମସ୍ୟାକୁ ନେଇ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ସହିତ ଆଲୋଚନା କରିଛନ୍ତି। ସେହିପରି ନିଜ ଅଞ୍ଚଳର ସମସ୍ୟା ଓ ଆନ୍ଦୋଳନକୁ ସମର୍ଥନ ଜଣାଇବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷରେ ଅଞ୍ଚଳର ରାସ୍ତା ସମସ୍ୟାକୁ ନେଇ ଯୁଦ୍ଧଂଦେହି ଡାକରା ଦେଇଥିବା ପ୍ରେସ କ୍ଲବ ସ୍ଥାନୀୟ ଲୋକଙ୍କ ସମର୍ଥନରେ ନିଶ୍ଚିତ ଠିଆ ହେବ ବୋଲି ଶ୍ରୀ ବାଗ ପ୍ରତିଶ୍ରୁତି ଦେଇଛନ୍ତି।

## ଧନ୍ୟବାଦ ସଭାରେ ଯୋଗଦେବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ନିମନ୍ତ୍ରଣ



ଜୟପାଟଣା, (ଭାସ୍କର ନ୍ୟୁଜ୍): ଜୟପାଟଣା ଅଞ୍ଚଳକୁ ଘଇଉ ମାନ୍ୟତା ଦୀର୍ଘ ଦିନର ଦାବି ରହିଆସୁଥିବା ବେଳେ ବିଗତ ସରକାର ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ଥିବା ସତ୍ତ୍ୱେ ଘଇଉ ଘୋଷଣା ହୋଇପାରିନଥିଲା। ହେଲେ ମୋହନ ମାଝୀଙ୍କ ସରକାର ଆସିବା ମାତ୍ରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ନର୍ଲାକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ମିଳିଛି। ଏହି ଖବର ପ୍ରକାଶିତ ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଅବିନାଶ ନନ୍ଦ ଓ ଜୟପାଟଣା ମଣ୍ଡଳ ସଭାପତି ଅରବିନ୍ଦ ପଣ୍ଡା କୃତଜ୍ଞତା ଜଣାଇବା ସହିତ ଜୟପାଟଣାରେ ଆୟୋଜିତ ଧନ୍ୟବାଦ ସଭାରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେବା ସହିତ କପୁରମାଲ ଗାଁକୁ ମଧ୍ୟ ଘଇଉରେ ଯୋଡିବା ପାଇଁ କିଛି କପୁରମାଲ ଗାଁ ବାସୀଙ୍କ ଉପସ୍ଥିତିରେ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ବିଜେଡ଼ି ଏହାର ଶ୍ରେୟ ନେବା ପାଇଁ ବହୁତ ଚେଷ୍ଟା କରୁ ଥିବା ବେଳେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଜୟପାଟଣା ଧନ୍ୟବାଦ ସଭାରେ ଯୋଗଦେବା ଖବର ଏକ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି।

# ତହସିଲ ପକ୍ଷରୁ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ତହସିଲ ଅନ୍ତର୍ଗତ ଦାସିଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ହିତାଧିକାରୀଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରାଯାଇଥିଲା। ସୂଚନା ମତେ ଅଞ୍ଚଳର ୧୮୨ ଗୋଟି ବଞ୍ଚିତ, ବିଧବା ସ୍ୱାମୀ ପିରିକ୍ଷିତ ଏଭଳି ହିତାଧିକାରୀ ଘରଡ଼ିହ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥି ମଧ୍ୟରୁ ୧୦୭ ଜଣଙ୍କୁ ଏଥି ପୂର୍ବରୁ ପଟ୍ଟା ବଣ୍ଟନ ସାରିଥିଲା। ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜୁନାଗଡ଼ ତହସିଲଦାର ବିରୁପାକ୍ଷ ନନ୍ଦ, ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ର, ରାଜସ୍ୱ ପରିଦର୍ଶକ ଉଦିତ ପ୍ରତାପ ବାରିକ, ରାଜସ୍ୱ ନିରୀକ୍ଷକ ଦାସିଗାଁ ହିମାଂଶୁ ଶେଖର ପଣ୍ଡା, ମୁଣ୍ଡୁରାଗୁଡା ସରପଞ୍ଚ ତାରା ଶଙ୍କର ରାୟଗୁରୁ, ଦାସିଗାଁ ସରପଞ୍ଚ ପ୍ରମୋଦିନି ପ୍ରହରାଜ, ନାଏବ ସରପଞ୍ଚ କବିତା ପ୍ରହରାଜ, ଉପସ୍ଥିତିରେ ୭୫ ଜଣ ହିତାଧିକାରୀ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ସମ୍ପୃକ୍ତ କାର୍ଯ୍ୟକ୍ରମକୁ ଦାସିଗାଁ ରାଜସ୍ୱ ନିରୀକ୍ଷକ ଶ୍ରୀ ପଣ୍ଡାଙ୍କ ଦ୍ୱାରା ସମ୍ପାଦକ ହୋଇଥିଲା। ସରକାରଙ୍କ ବିଭିନ୍ନ ଲୋକାଭୀମୁଖୀ କାର୍ଯ୍ୟକ୍ରମ ସହିତ ଭୂମିହୀନ ହିତାଧିକାରୀମାନଙ୍କୁ ଉକ୍ତ ଘର ଡିହ ପଟ୍ଟା ବଣ୍ଟନ ଅଞ୍ଚଳରେ ଏକ ପ୍ରଶଂସା ଯୋଗ୍ୟ କାର୍ଯ୍ୟକ୍ରମ ରୂପେ ବିବେଚନା କରାଯାଇଥିଲା।



# ୨୧ରେ 'ମେଡ଼ଭାନ୍‌ସ୍' ସମାବେଶ

## ଯୋଗଦେବେ ରାଜ୍ୟର ବହୁ ଅଭିଜ୍ଞ ଭେଷଜ ବିଶେଷଜ୍ଞ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭବାନୀପାଟଣା ସ୍ଥିତ ଶହୀଦ ରେଣ୍ଡୋମାଝୀ ପ୍ରେକ୍ଷାଳୟରେ ଆସନ୍ତା ୨୧ ସେପ୍ଟେମ୍ବର ଦିନ ପ୍ରଥମ ଥର ପାଇଁ 'ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ' ଓଡ଼ିଶା ଷ୍ଟେଟ୍ ଚ୍ୟାପ୍ଟର୍ ତରଫରୁ 'ମେଡ଼ଭାନ୍‌ସ୍' ଶୀର୍ଷକ ଏକ ମଧ୍ୟବର୍ତ୍ତୀ କାଳୀନ ନିରନ୍ତର ଶିକ୍ଷା ସମାବେଶ ଭାରତୀୟ ଚିକିତ୍ସକ ସଂଘ, କଳାହାଣ୍ଡି ଜିଲ୍ଲା ଶାଖାର ମିଳିତ ସହଯୋଗରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି 'ମେଡ଼ଭାନ୍‌ସ୍-୨୦୨୫'ର ସାଙ୍ଗଠନିକ ସମ୍ପାଦକ ତଥା କଳାହାଣ୍ଡି ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା. ଦୀନବନ୍ଧୁ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଶାଖା ସଭାପତି ବିଶିଷ୍ଟ ଚିକିତ୍ସକ ପ୍ରଫେସର୍ ଆର୍.କେ.ଦଲାଇ, ଡା.ଅଶୋକ ସିଂ, ପ୍ରଫେସର ସାଗରିକା ତ୍ରିପାଠୀ, ମାଳତୀ ମୁର୍ମୁ, ସରିତା ବେହେରାଙ୍କ ସହ ରାଜ୍ୟର ବହୁ ଅଭିଜ୍ଞ ଭେଷଜ ବିଶେଷଜ୍ଞ ବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମଟି ଆଞ୍ଚଳିକ ଡାକ୍ତର ତଥା ପଡ଼ୋଶୀ ଜିଲ୍ଲାରେ କାର୍ଯ୍ୟରତ ଚିକିତ୍ସକମାନଙ୍କ ପାଇଁ ବିଶେଷ ଉପାଦେୟ ସାବ୍ୟସ୍ତ ହେବ ବୋଲି ସମ୍ମିଳନୀର ସାଂଗଠନିକ ସମ୍ପାଦକ ଡା. ସାହୁ ପ୍ରକାଶ କରିଛନ୍ତି। ଏହି ମଧ୍ୟକାଳୀନ ନିରନ୍ତର ଶିକ୍ଷା ସମାବେଶ ସ୍ଥାନୀୟ ମେଡ଼ିକାଲ୍ କଲେଜର ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଡା.ଶରତ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ କାର୍ଯ୍ୟକ୍ରମଟିର ବିଶେଷ ସଫଳତା ପାଇଁ ଆଇଏମ୍‌ଏ, ଜିଲ୍ଲା ଶିକ୍ଷା ସଭାପତି ଡା.ଲମ୍ବୋଦର ସାହୁ, ସମ୍ପାଦକ ଡା.ରବିନାରାୟଣ ସେନାପତି, ସମ୍ମିଳନୀ ସମ୍ପାଦକ ଡା.ଦୀନବନ୍ଧୁ ସାହୁ ପ୍ରମୁଖ ଆଗ୍ରହୀ ଆଞ୍ଚଳିକ ଡାକ୍ତରମାନଙ୍କୁ ଯୋଗଦାନ ସକାଶେ ବିଶେଷ ଅନୁରୋଧ କରିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ ତାଲିମ ଶିବିର ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗକଲ୍ୟାଣ ବିଭାଗ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁଆମୂଳ ରାମପୁର କଳାହାଣ୍ଡିଙ୍କ ମିଳିତ ସହଯୋଗରେ ସ୍ଥାନୀୟ ହୋଟେଲ ଭାରତ ପ୍ୟାଲେସ ଠାରେ ଆୟୋଜିତ ତିନିଦିନିଆ ଜିଲ୍ଲାସ୍ତରୀୟ 'ଆଦି କର୍ମଯୋଗୀ ଅଭିଯାନ ତାଲିମ ଶିବିର' ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ଲକସ୍ତରୀୟ ପ୍ରଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିରରେ ୪୯ ଜଣ ତାଲିମଦାତା, ଏନଜିଓ ମାନଙ୍କର ପ୍ରତିନିଧି ଏବଂ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନକାରୀ ମାନେ ଉପସ୍ଥିତ ଥିଲେ। ଗତ ୯ ତାରିଖ ଦିନ ଏହି ତାଲିମ ଶିବିରକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଶୁଭ ଉଦ୍‌ଘାଟନ କରି ଆଦି କର୍ମଯୋଗୀ ଅଭିଯାନ ଓ ତାଲିମ୍ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ନିଷ୍ଠାପର ଭାବେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଗତ ୯ ତାରିଖ ଠାରୁ ୧୧ ତାରିଖ ଗୁରୁବାର ପର୍ଯ୍ୟନ୍ତ ତିନି ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଉପସ୍ଥିତ ରହି ଆଗାମୀ ଦିନରେ କିଭଳିଭାବେ ଆଦିବାସୀ ବହୁଳ ଗ୍ରାମ ଗୁଡିକର ସର୍ବାଙ୍ଗୀନ ଉନ୍ନତି ଏବଂ ପରିବାର ମାନଙ୍କୁ ବିଭିନ୍ନ ବିଭାଗରୁ ଆସୁଥିବା ସୁବିଧା ସୁଯୋଗର ପୂର୍ଣ୍ଣଭାବରେ ଉପଲବ୍ଧ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ଉପସ୍ଥିତ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରଶିକ୍ଷକ ତଥା ଅନ୍ୟ ବିଭାଗରୁ ଆସିଥିବା ବିଭିନ୍ନ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରଶିକ୍ଷିତ ହୋଇଥିବା ଅଧିକାରୀମାନଙ୍କୁ କିଭଳି ଭାବେ ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ତାଙ୍କ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ। ସମସ୍ତ ଅଂଶ ଗ୍ରହଣକାରୀମାନେ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ କାମକରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହେବା ସହ ଶପଥପାଠ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଥୁଆମୂଳ ରାମପୁରର ବିଡିଓ ଧ୍ରୁବ ଚନ୍ଦ୍ର ମୁଦୁଲି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀ ମାନେ ଏ ଭଳି ପ୍ରଶିକ୍ଷଣ ଶିବିରର ଆୟୋଜନ ନିମନ୍ତେ ଆଦିବାସୀ ଉନ୍ନୟନ ବିଭାଗ ଓ ଆଇଟିଡିଏର ଭୂୟସୀ ପ୍ରଶଂସା କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମକୁ ଲାଞ୍ଜିଗଡ ବ୍ଲକ ଶିକ୍ଷା ଅଧିକାରୀ ରଷିଆ ମେହେର ପରିଚାଳନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ ମଧ୍ୟ କରିଥିଲେ।

# ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସାଂଗଠନିକ ବୈଠକ ଓ ନୂଆଁଖାଇ ଭେଟଘାଟ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ସ୍ଥିତ ଟକାରୁମାଲ ଗିରି ଗୋବର୍ଦ୍ଧନ ପଡିଆ ଠାରେ ଯୋରାଡବରା ମଣ୍ଡଳ ଜିଲ୍ଲା ପ୍ରତିନିଧି ଶିଶିର ସାହୁଙ୍କ ସଭାପତିତ୍ୱରେ ବରିଷ୍ଠ ଭାରତୀୟ ଜନତା ସାଙ୍ଗଠନିକ ଓ ନୂଆଖାଇ ଭେଟଘାଟ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଓ୍ୱିସି ମୋର୍ଚ୍ଚା ଜିଲ୍ଲା ସଂପାଦକ ହିରୋମହଲା ମୁଖ୍ୟ ଅତିଥି, କଳାହାଣ୍ଡି ଜିଲ୍ଲା ଭାରତୀୟ ଜନତା ପାର୍ଟିର ଉପସଭାପତି ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ବକ୍ତା, ଏସ୍‌ସି ମୋର୍ଚ୍ଚା ଜିଲ୍ଲା ସଭାପତି ଗଣେଶ କୁମାର, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସଂପାଦକ ଦୟାନିଧି ସାହୁ,ଯୋରାଡବରା ମଣ୍ଡଳ ପୂର୍ବତନ ସଭାପତି ବଲ୍ଲଭ ସାହୁ,ଦଶରଥ ସାହୁ, ପୂର୍ବତନ ବ୍ଲକ ସଭାପତି ବିଘ୍ନରାଜ ସାହୁ, ସାଂସଦ ପ୍ରତିନିଧି ଡମ ବୁଢ଼ା ସାହୁ, ବନମାଳୀ ସାହୁ, ମଣ୍ଡଳ ଓ୍ୱିସି ମୋର୍ଚ୍ଚା ସଭାପତି ପୁଷ୍ପାଞ୍ଜଳି ସାହୁ, ଏସି ମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଙ୍ଗଠନିକ ପଞ୍ଚାୟତରେ ଆଗାମୀ ନିର୍ବାଚନରେ କେମିତି ଭାରତୀୟ ଜନତା ପାର୍ଟିର ଓ୍ୱାର୍ଡମେମ୍ବର ଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ ପର୍ଯ୍ୟନ୍ତ ପାର୍ଟିର ସଦସ୍ୟ କିପରି ଭଲ ପ୍ରଦର୍ଶନ କରିବ ସେ ଉପରେ ଆଲୋଚନା କରିଥିଲେ। ସାଙ୍ଗଠନିକ ଓ ନୂଆଁଖାଇ ଭେଟଘାଟ ଆବାହକ ତଥା ଜିଲ୍ଲା ପ୍ରତିନିଧି ସଙ୍ଗଠନକୁ ବଢାଇବା ଦିଗରେ ପ୍ରତି ମାସରେ ବୈଠକ କରି ଗାଁ ଗାଁ ବୁଲି ସଙ୍ଗଠନକୁ ମଜବୁତ କରିବା ପାଇଁ ସ୍ଥିର କରିଥିବା ନେଇ କର୍ମୀ ମହଲରେ ଆନନ୍ଦ ଲହରୀ ଦେଖିବାକୁ ମିଳିଥିଲା। ଏଥିରେ ପୂର୍ବତନ ସାଧାରଣ ସଂପାଦକ ଗୋପିନାଥ ସାହୁ, କୈବଲ୍ୟ ସାହୁ, ଲିଙ୍ଗରାଜ ସାହୁ, ଶରତ ସାହୁ, ବିଘ୍ନରାଜ ସାହୁ, ଖିଲାଧର ସାହୁ, ଆନନ୍ଦ ସାହୁ, ମିତ୍ର ରଣା, ଲକ୍ଷ୍ମୀ ସାହୁ, ମଣ୍ଟୁ ସାହୁ,ଡିଙ୍ଗର ସାହୁ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ନବୀନ କିଶୋର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସାଧାରଣ ସଂପାଦକ କୈବଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ପିଡିଏସ୍ ସାମଗ୍ରୀ ବାଟମାରଣା ବେଳେ ଧରିଲେ ଲୋକେ

## ଗାଡ଼ି ଜବତ, ଡ୍ରାଇଭର ଅଟକ

କୋକସରା, (ଭାସ୍କର ନ୍ୟୁଜ୍) : ସାଧାରଣ ବଣ୍ଟନ ନିମନ୍ତେ ଆସୁଥିବା ପିଡିଏସ୍ ସାମଗ୍ରୀ ପୁଷ୍ଟିକର ଖାଦ୍ୟ ମାଣ୍ଡିଆ ପଞ୍ଚାୟତ ଗୋଦାମ ଗୃହକୁ ପହଞ୍ଚିବା ଆଗରୁ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି କୋକସରା ବ୍ଲକ ମୁଷାପାଲି ଗ୍ରାମ ପଞ୍ଚାୟତରୁ। ତେବେ ଅଧା ବାଟରେ ୩ ପକେଟ୍ ପିଡିଏସ୍ ମାଣ୍ଡିଆ ଓହ୍ଲାଇ ଜଣେ ଲୋକଙ୍କୁ ଦିଆଯାଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, ଗୁରୁବାର ସାଧାରଣ ବଣ୍ଟନ ନିମନ୍ତେ ଟ୍ରକ୍ (ସିଜି୦୪ଜେଡି ୭୨୨୪) ନମ୍ବର ଗାଡ଼ି ଯୋଗେ ଶହେ ବାସ୍ତା ପିଡିଏସ୍ ମାଣ୍ଡିଆ ମୁଷାପାଲି ପଞ୍ଚାୟତ ଗୋଦାମ ଗୃହକୁ ଆସୁଥିଲା। ତେବେ ପଞ୍ଚାୟତକୁ ପହଞ୍ଚିବା ଆଗକୁ ଅଧାବାଟରେ ଟ୍ରକ୍‌ରୁ ୩ ପକେଟ୍ ମାଣ୍ଡିଆ ଓହ୍ଲାଇ ଜଣେ ଲୋକଙ୍କୁ ଦିଆଯାଉଥିଲା। ଏହାଦେଖି ଜଣେ ହିତାଧିକାରୀ ପିଡିଏସ୍ ମାଣ୍ଡିଆକୁ ଅଧା ବାଟରେ କାହିଁକି ବାଟମାରଣା କରାଯାଇଛି ବୋଲି ପଚାରିବା ସହିତ ଗାଡ଼ିକୁ ଫଟୋ ଉଠାଇଥିଲେ। ତେବେ ଗାଡ଼ିରେ ଥିବା ଡ୍ରାଇଭର ପଞ୍ଚାୟତର ଯୋଗାଣ ସହାୟକ କହିବାରୁ ମାଣ୍ଡିଆ ଟ୍ରକରୁ ଅନଲୋଡ଼ କରୁଥିବା ଡ୍ରାଇଭର ପ୍ରତିକ୍ରିୟା ରଖିଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତି ଜଣ ୩ ପକେଟ୍ ମାଣ୍ଡିଆ ନେଇ ସେଠାରୁ ଚାଲି ଯାଇଥିଲେ। ଗ୍ରାମବାସୀ ଟ୍ରକ୍‌କୁ ଅଟକେ ରଖି କୋକସରା ଥାନା ପୁଲିସକୁ ଖବର ଦେଇଥିଲେ। ଏହାପରେ ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଓ ପୁଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ସହିତ ଡ୍ରାଇଭରଙ୍କୁ ଥାନାରେ ଆଣି ପଚରାଉଚରା ଆରମ୍ଭ କରିଥିଲେ। ଏଥି ସହିତ ୩ ପକେଟ୍ ମାଣ୍ଡିଆକୁ ଜବତ କରିବା ସହ ମାଣ୍ଡିଆ ନେଇ ଯାଇଥିବା ମୁଷାପାଲି ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ମଧ୍ୟ ଥାନାରେ ଆଣି ପଚରାଉଚରା କରୁଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ବିଷୟରେ ମୁଷାପାଲି ଗ୍ରାମ ପଞ୍ଚାୟତ ଯୋଗାଣ ସହାୟିକା ଓ କୋକସରା ବ୍ଲକ ଯୋଗାଣ ନିରିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।




# ରାଶିଫଳ

ଶନିବାର, ୧୩ ସେପ୍ଟେମ୍ବର ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ। ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।




**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ। କୌଣସି ସ୍ଥାନାନ୍ତରଣର ହେବାର ଅଛି ହେଲେ ଭଲ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ଉପଭୋଗ ମନୋରଂଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ।



**ସିଂହ:** ଆପଣଙ୍କର ଅଧ୍ୟକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ଼ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।




**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ। ପ୍ରତିଯୋଗୀଙ୍କ ଇଚ୍ଛା ସଫଳ ହେବ ନାହିଁ।




**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯